# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୮/୨୦୧୮ (୨୦ ପୃଷ୍ଠା) | Bhubaneswar, Monday, October 8/ 2018 | ★★★★★★

୪୪ଶ ଭାଗ ୩୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**‘କଳଙ୍କ’ର ଶୁଟିଂ ଆରମ୍ଭ କଲେ ଆଲିଆ**

ଅଭିନେତ୍ରୀ ଆଲିଆ ଭଟ୍ଟ ରବିବାର ‘କଳଙ୍କ’ର ଶୁଟିଂ ଆରମ୍ଭ କରିଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଏ ସମ୍ପର୍କିତ ଫଟୋଗ୍ରାଫ୍ ଅପଡେଟ୍ କରିଛନ୍ତି। **୦୬**

**୧୬** **ଶିଳାନନ୍ଦଙ୍କ ଡବଲ ଗୋଲରେ ଭାରତ ବିଜୟୀ**

ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରାଙ୍କ ଡବଲ ଗୋଲ ବଳରେ ଭାରତ ସୁଲତାନ ଜୋହର କପ୍ ଜୁନିୟର ହକିରେ ନ୍ୟୁଜିଲାଣ୍ଡକୁ ୭-୧ ଗୋଲରେ ପରାସ୍ତ କରିଛି।



# ଜ୍ଞାନପୀଠ ସିଲେକ୍ସନ ବୋର୍ଡର ଅଧ୍ୟକ୍ଷା ହେଲେ ପ୍ରତିଭା ରାୟ



**ଭୁବନେଶ୍ୱର,୭।୧୦(ବ୍ୟୁରୋ)**

ଓଡ଼ିଆ ସାହିତ୍ୟର ଯୋଗଜନ୍ମା ସାହିତ୍ୟିକା ପଦ୍ମଶ୍ରୀ ଡ. ପ୍ରତିଭା ରାୟ ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର ଚୟନ କମିଟିର ନୂତନ ଅଧ୍ୟକ୍ଷା ଭାବେ ମନୋନୀତ ହୋଇଛନ୍ତି। ରବିବାର ଏ ନେଇ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଭାରତର ପ୍ରମୁଖ ସାହିତ୍ୟ ସଙ୍ଗଠନ ‘ଭାରତୀୟ ଜ୍ଞାନପୀଠ’ ପକ୍ଷରୁ ପ୍ରତିବର୍ଷ ସାହିତ୍ୟ କ୍ଷେତ୍ରରେ ପ୍ରଦାନ କରାଯାଉଥିବା ଏହି ସର୍ବୋଚ୍ଚ ସମ୍ମାନର ଚୟନ ମଣ୍ଡଳୀରେ ଡ. ରାୟ ପୂର୍ବରୁ ସଦସ୍ୟା ରହିଥିଲେ। ହେଲେ ଏବେ ଜ୍ଞାନପୀଠ ସିଲେକ୍ସନ ବୋର୍ଡର ନୂତନ ଅଧ୍ୟକ୍ଷା ଭାବେ ତାଙ୍କୁ ନିଯୁକ୍ତ କରାଯାଇଛି। ଏ ନେଇ ‘ଭାରତୀୟ ଜ୍ଞାନପୀଠ’ର ଅଫିସିଆଲ ୱେବ୍‌ସାଇଟ୍‌ରେ ବିଜ୍ଞପ୍ତି ପ୍ରକାଶ ପାଇଛି।

ଜଗତ୍‌ସିଂହପୁର ଜିଲାର ବାଲିକୁଦା ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ଡ. ରାୟ ଭାରତୀୟ ସାହିତ୍ୟ ଜଗତର ଜଣେ ଆଗଧାଡ଼ିର ଔପନ୍ୟାସିକା। ‘ବର୍ଷା ବସନ୍ତ ବୈଶାଖ’ରୁ ଲେଖକ ଜୀବନ ଆରମ୍ଭ କରିଥିବା ଡ. ରାୟ ଜଣାଶୁଣା କବି ପର୍ଶୁରାମ ଦାସଙ୍କ ଝିଅ। ବହୁଚର୍ଚ୍ଚିତ କାଳଜୟୀ ଓଡ଼ିଆ ଉପନ୍ୟାସ ପୁସ୍ତକ ‘ଯାଜ୍ଞସେନୀ’ ରଚନା କରି ସେ ପ୍ରଥମ ମହିଳା ଭାବେ ୧୯୯୧ ମସିହାରେ ଭାରତୀୟ ଜ୍ଞାନପୀଠ ପ୍ରଦତ୍ତ ‘ମୂର୍ତ୍ତିଦେବୀ ସମ୍ମାନ’ରେ ସମ୍ମାନିତ ହୋଇଥିଲେ। କେବଳ ସେତିକି ନୁହେଁ, ତାଙ୍କ କଲମରୁ ‘ଅରଣ୍ୟ’, ‘ନିଷିଦ୍ଧ ପୃଥିବୀ’, ‘ଅପରିଚିତା’, ‘ପୁଣ୍ୟତୋୟା’, ‘ପରିଚୟ’, ‘ଅୟମାରମ୍ଭ’, ‘ନୀଳତୃଷ୍ଣା’, ‘ଆଦିଭୂମି’, ‘ଆଶାବାଡ଼ି’, ‘ମେଘମେଦୁର’, ‘ସମୁଦ୍ରର ସ୍ୱର’, ‘ଶିଳାପଦ୍ମ’, ‘ଉତ୍ତରମାର୍ଗ’, ‘ଦେହାତୀତ’ ଭଳି ସୃଷ୍ଟି ବହୁ ଲୋକପ୍ରିୟ। ସାହିତ୍ୟ ଜଗତକୁ ସାମଗ୍ରିକ ଅବଦାନ ପାଇଁ ୨୦୧୧ ମସିହାରେ ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର ଲାଭ କରିଥିବା ଏହି ଔପନ୍ୟାସିକା ୨୦୦୭ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ‘ପଦ୍ମଶ୍ରୀ’ ଉପାଧିରେ ସମ୍ମାନିତ ହୋଇଥିଲେ। ଏହାସହ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ସାରଳା ପୁରସ୍କାର, ଓଡ଼ିଶା ଲିଭିଂ ଲିଜେଣ୍ଡ ଆୱାର୍ଡ ଭଳି ଏକାଧିକ ସମ୍ମାନର ସେ ଅଧିକାରିଣୀ। ମୂର୍ତ୍ତିଦେବୀ ପୁରସ୍କାର ଚୟନ ମଣ୍ଡଳୀରେ ସଦସ୍ୟା ଭାବେ କାର୍ଯ୍ୟ କରିଥିବା ଡ. ରାୟ ଜ୍ଞାନପୀଠ ସିଲେକ୍ସନ ବୋର୍ଡର ଅଧ୍ୟକ୍ଷା ଭାବେ ନିଯୁକ୍ତ ହେବା ପରେ ସାହିତ୍ୟିକ ମହଲରେ ଖୁସିର ଲହରି ଖେଳିଯାଇଛି। ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେ ଏବେ କାନାଡାରେ ଥିବା ବେଳେ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପୁରୀ ହିଂସା
# ଆଉ ୧୯ ଗିରଫ

- ମିଳିଲାନି ଜାମିନ, ଜେଲ୍ ଗଲେ
- ଗିରଫ ସଂଖ୍ୟା ୪୨ରେ ପହଞ୍ଚିଲା

**ପୁରୀ ଅଫିସ,୭।୧୦**

ପୁରୀ ହିଂସା ଘଟଣାରେ ଅଭିଯୁକ୍ତଙ୍କ ତାଲିକା ବଢିବାରେ ଲାଗିଛି। ଏଥିସହ ବଢ଼ିଚାଲିଛି ଗିରଫ ସଂଖ୍ୟା। ପୂର୍ବରୁ ପୋଲିସ ୨୩ ଜଣଙ୍କୁ ଗିରଫ କରିଥିବାବେଳେ ରବିବାର ଆଉ ୧୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏମାନଙ୍କ ମଧ୍ୟରେ ସେବାୟତ ପରିବାରର ଦୁଇଜଣ ରହିଛନ୍ତି।

ଧାଡ଼ି ଦର୍ଶନକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ବନ୍ଦ ବେଳେ ହିଂସାକାଣ୍ଡ ଘଟିଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ ସମେତ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ବାସଭବନ ଭଙ୍ଗାରୁଜା ହୋଇଥିଲା। ଏହି ଘଟଣାକୁ ନେଇ ସିଂହଦ୍ୱାର ଥାନାରେ ୯ଟି ଏବଂ ଟାଉନ ଥାନାରେ ୭ଟି ମାମଲା ରୁଜୁ ହୋଇଥିଲା। ଏଥିରେ ଚୋରି, ଡକାୟତି, ହତ୍ୟା ଉଦ୍ୟମ, ମହିଳାଙ୍କୁ ଦୁର୍ବ୍ୟବହାର, ସରକାରୀ ସମ୍ପତ୍ତି ନଷ୍ଟ ଭଳି ୧୫ରୁ ଉର୍ଦ୍ଧ୍ୱ ସଙ୍ଗିନ ଦଫା ଲାଗିଛି। ତେବେ ଟାଉନ ଥାନାର ଏଏସ୍‌ଆଇ ଜିତେନ୍ଦ୍ର କୁମାର ଗୁମାନସିଂଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୧୬୭/୧୮) ରୁଜୁ ହୋଇଥିଲା। ଏଥିରେ ଦାମୋଦର ମହାସୁଆର, ବିନାୟକ ଦାସମହାପାତ୍ର, ସୌରଭ ଚାନ୍ଦ, ଗୋପାଳ ପଣ୍ଡା, ପ୍ରସନ୍ନ ଦାଶ, ମଦନ ମହାସୁଆର, ଭବାନୀ ପ୍ରସାଦ ଦାସମହାପାତ୍ର, ଅକ୍ଷୟ କୁମାର ମହାନ୍ତି, ସୋମନାଥ ଖୁଣ୍ଟିଆଙ୍କ ସମେତ ୫୦ ଜଣଙ୍କ ନାମ ରହିଥିବା ବେଳେ ଆହୁରି ଅନେକ ସାମିଲ ଥିବା ଦର୍ଶାଯାଇଛି। ଏହି ମାମଲାରେ ରବିବାର ୧୧ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାର୍କଣ୍ଡେଶ୍ୱର ସାହିର ସନ୍ଦୀପ ପାଢୀ, ବନମାଳୀପୁରର ସୁକାନ୍ତ ଲାମା, ଚୁଡ଼ଙ୍ଗସାହି ବିଶ୍ୱେଶ୍ୱରୀ ଲେନ୍‌ର ରାଜେନ୍ଦ୍ର ସିଂ, କପିଳେଶ୍ୱରପୁରର ସ୍ମୃତିରଞ୍ଜନ ଦାସ, ପୁରୀ ଖୁଣ୍ଟିଆ ବଗିଚାରେ ରହୁଥିବା ବ୍ରହ୍ମପୁର ବଡ଼ବଜାରର ବିନୋଦ କୁମାର ପଣ୍ଡା, ବନମାଳୀପୁରର ଶଶିକାନ୍ତ ଲାମା, ଚନ୍ଦନପୁର ବାଲିପଡ଼ାର ସତ୍ୟନାରାୟଣ ପାତ୍ର, ଚୁଡ଼ଙ୍ଗସାହିର ଧୀରେନ୍ଦ୍ର ବାରିକ, ଖୁଣ୍ଟିଆ ବଗିଚାରେ ରହୁଥିବା ବ୍ରହ୍ମପୁରର ସନ୍ତୋଷ ବେହେରା, ହାଡ଼ଗୋଡ଼ିଆ ସାହି ରାଧାଗୋବିନ୍ଦ ଲେନ୍‌ରେ ରହୁଥିବା କାହ୍ନା ପାଢୀ ଏବଂ ହାଡ଼ଗୋଡିଆ ଲେନ୍‌ରେ ରହୁଥିବା ସତ୍ୟନାରାୟଣ ନାୟକ।

ସେହିପରି ସିଂହଦ୍ୱାର ଥାନା ପୋଲିସ ୨ଟି କେସ୍‌ରେ ୮ ଜଣଙ୍କୁ ଗିରଫ କରିଛି। ଶ୍ରୀମନ୍ଦିର ସୂଚନା କେନ୍ଦ୍ରର ଉଦ୍‌ଘୋଷକ ମୁକ୍ତିକାନ୍ତ ପ୍ରତିହାରୀଙ୍କ ଅଭିଯୋଗକୁ ଭିତ୍ତିକରି ସିଂହଦ୍ୱାର ଥାନାରେ ୮୫/୧୮ ନଂ. କେସ୍ ରୁଜୁ ହୋଇଛି। ଏହି ମାମଲାରେ ପୋଲିସ ଜଣେ ନାବାଳକଙ୍କୁ ଧରିଛି। ନୀତି ପ୍ରଶାସକଙ୍କ ଅଭିଯୋଗକ୍ରମେ ମାମଲା ନଂ.୮୪/୧୮ରେ ସିଂହଦ୍ୱାର ପୋଲିସ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଣିକର୍ଣ୍ଣିକା ସାହିର ଜଗନ୍ନାଥ ପ୍ରତିହାରୀ, ମଙ୍ଗଳା ଘାଟରେ ରହୁଥିବା ଭଦ୍ରକ ଧାମନଗରର ଗଗନ କୁମାର ଘୋଷ, ମାର୍କଣ୍ଡେଶ୍ୱର ସାହିର ରାକେଶ ସାହୁ, ମାଟିମଣ୍ଡପ ସାହିର ରାମକୃଷ୍ଣ ପ୍ରତିହାରୀ, ବାଲିସାହିର କିଷାନ ବେଜ, କାଳିକାଦେବୀ ସାହିର ଗୋପାଳ ଲାଲ ଓ ଚୁଡ଼ଙ୍ଗ ସାହିରେ ରହୁଥିବା ଗଞ୍ଜାମ ଜିଲା ଜାଗିଲପଦର ଗ୍ରାମର ଶଙ୍କର ପଣ୍ଡା।

# କାର୍ ଧକ୍କାରେ ୨୦ ମୃତ



**ନ୍ୟୁୟର୍କ,୭।୧୦(ପି.ଟି.)**

ଆମେରିକାର ସ୍କୋହାରି କାଉଣ୍ଟିରେ ଶନିବାର ଦୁଇଟି କାର୍ ଧକ୍କା ହେବା ଯୋଗୁ ୨୦ ଜଣ ପ୍ରାଣ ହରାଇଥିବାବେଳେ ଅନେକ ଆହତ ହୋଇଛନ୍ତି। ରାଜଧାନୀ ଆଲ୍‌ବାନୀ ନିକଟସ୍ଥ ପାହାଡ଼ିଆ ଅଞ୍ଚଳରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏ ଗାଡ଼ି ପଥଚାରୀଙ୍କ ଉପରକୁ ମାଡ଼ିଯିବା ଯୋଗୁ ଏତେସଂଖ୍ୟାରେ ପ୍ରାଣହାନି ଘଟିଥିବା ପୋଲିସ ସୂଚନା ଦେଇଛି। ସ୍ଥାନୀୟ ଗଣମାଧ୍ୟମରେ ମଧ୍ୟ ଏ ନେଇ ସୂଚନା ମିଳିଛି।

**ଆଜିର ସମ୍ପାଦକୀୟ**

**୧୧ ଡିସେମ୍ବର**

**ଆଜିର ମନ୍ତବ୍ୟ**

“ଧନୀକଙ୍କ ସଂଖ୍ୟା ବଢ଼ିଲେ ମଧ୍ୟ ସମାଜରେ ଜନମଙ୍ଗଳକାରୀ ମନୋଭାବ ହ୍ରାସ ପାଉଛି।

—ସି. ବିଦ୍ୟାସାଗର ରାଓ, ରାଜ୍ୟପାଳ, ମହାରାଷ୍ଟ୍ର

**କିଛି ତଥ୍ୟ**

୨୦୧୧-୧୨ ଆର୍ଥିକ ବର୍ଷ ପରଠାରୁ ଦେଶର ରପ୍ତାନି ୩୦୦ ବିଲିୟନ ଡଲାର ମଧ୍ୟରେ ରହିଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ଏଥିରେ ୧୦% ବୃଦ୍ଧି ଘଟି ୩୦୩ ବିଲିୟନ ଡଲାର ଛୁଇଁଛି।

– ବାଣିଜ୍ୟ ମନ୍ତ୍ରଣାଳୟ






"ପ୍ରତ୍ୟେକ ରାଜ୍ୟର ନିଜସ୍ୱ ରାଜନୈତିକ ଆଭିମୁଖ୍ୟ ଓ ରଣନୀତି ରହିଛି। କେନ୍ଦ୍ରରେ ଭାଜପା ସରକାରକୁ କ୍ଷମତାଚ୍ୟୁତ କରିବା ଲାଗି ସବୁ ସମଭାବାପନ୍ନ ଦଳ ଏକାଠି ହୋଇ କାର୍ଯ୍ୟ କରିବା ଉଚିତ ବୋଲି ଆମେ ବିଶ୍ୱାସ କରୁ।

- ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା



## ସଂକ୍ଷେପରେ

### ପରଲୋକରେ ନାଗାଲାଣ୍ଡ ଗାନ୍ଧୀ



ଗୁଆହାଟୀ,୭।୧୦(ପି.ଟି.): ନାଗାଲାଣ୍ଡର ବିଶିଷ୍ଟ ଗାନ୍ଧୀବାଦୀ ନେତା ପଦ୍ମଶ୍ରୀ ନଟ୍‌ଓ୍ୱର ଠକ୍କର୍‌ଙ୍କ ରବିବାର ପରଲୋକ ହୋଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ଦୀର୍ଘ ଦିନର ଅସୁସ୍ଥତା ପରେ ଏଠାକାର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ନଟ୍‌ଓ୍ୱରଙ୍କ ପରଲୋକ ହୋଇଥିବା ପରିବାର ସୂତ୍ରରୁ ପ୍ରକାଶ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଏବଂ ଶାନ୍ତି ବାର୍ତ୍ତା ପ୍ରସାର ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଠକ୍କରଙ୍କୁ ନାଗାଲାଣ୍ଡର ଗାନ୍ଧୀ ବୋଲି କୁହାଯାଏ। ରବିବାର ସନ୍ଧ୍ୟାରେ ତାଙ୍କ ମୃତଦେହ ନାଗାଲାଣ୍ଡ ନିଆଯାଇଛି। ଅନ୍ତିମ ଦର୍ଶନ ପରେ ଶେଷକୃତ୍ୟ ସମ୍ପନ୍ନ ହେବ। ମହାରାଷ୍ଟ୍ରରେ ଜନ୍ମିତ ନଟ୍‌ଓ୍ୱର ନାଗାଲାଣ୍ଡକୁ ନିଜର କର୍ମଭୂମି ଭାବେ ବାଛିଥିଲେ। ରାଜ୍ୟର ଚୁଚୁୟିମ୍‌ଲାଣ୍ଡ ସେ ନାଗାଲାଣ୍ଡ ଗାନ୍ଧୀ ଆଶ୍ରମ ପ୍ରତିଷ୍ଠା କରିଥିଲେ।

### ଆରବ ସାଗରରେ ବାତ୍ୟା

ନୂଆଦିଲ୍ଲୀ,୭।୧୦(ପି.ଟି.): ଆରବ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ଗଭୀର ଅବପାତରେ ପରିଣତ ହୋଇଛି। ଖୁବ୍‌ଶୀଘ୍ର ଏହା ଭୟଙ୍କର ବାତ୍ୟାର ରୂପ ନେଇପାରେ। ଏହାର ପ୍ରଭାବରେ ତାମିଲନାଡୁ, କେରଳ, ପଣ୍ଡିଚେରୀ ଏବଂ ଲାକ୍ଷାଦ୍ୱୀପରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ରବିବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ବାତ୍ୟାର ରୂପ ନେବା ପରେ ଏହା ଆରବ ଦେଶ ଓମାନ୍ ଏବଂ ୟେମେନ୍ ଉପକୂଳକୁ ଗତି କରିପାରେ। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ସମୁଦ୍ରର ସ୍ଥିତି ଭୟଙ୍କର ରହିବ। ବାତ୍ୟାକୁ ଦୃଷ୍ଟିରେ ରଖି ତଟରକ୍ଷୀ ବାହିନୀ ପକ୍ଷରୁ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ପାଇଁ ହାଇ ଆଲର୍ଟ ଜାରି କରାଯାଇଛି।

### ବାଣ କାରଖାନାରେ ଅଗ୍ନିକାଣ୍ଡ: ୧ ମୃତ

କୋଲ୍‌କାତା,୭।୧୦(ପି.ଟି.): ପଶ୍ଚିମବଙ୍ଗର ୨୪ ପ୍ରଗଣା ଜିଲାର ସୋନାର୍‌ପୁର ଅଞ୍ଚଳରେ ବାଣ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି। ଏଥିରେ କାରଖାନା ମାଲିକ ମଧ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ତାଙ୍କୁ ଗିରଫ କରାଯାଇଥିବା ସୋନାର୍‌ପୁର ଥାନାଧିକାରୀ ପରେଶ ରୟ ସୂଚନା ଦେଇଛନ୍ତି।

### ହାଇତିରେ ଭୂକମ୍ପ: ୧୨ ମୃତ

ଗ୍ରସ୍-ମୋର୍ନେ,୭।୧୦(ପି.ଟି.): ହାଇତିର ଉତ୍ତର-ପଶ୍ଚିମ ଉପକୂଳରେ ଶନିବାର ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୧୨ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୧୩୦ ଜଣ ଆହତ ହେବା ସହ ବ୍ୟାପକ ମାତ୍ରାରେ ଘରଦ୍ୱାର ନଷ୍ଟ ହୋଇଛି।

## ■ ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ ପରେ ଉତ୍ତର ଭାରତୀୟଙ୍କୁ ଆକ୍ରମଣ

# ଗୁଜରାଟରୁ ଶ୍ରମିକଙ୍କ ଗଣପଳାୟନ

ଅହମ୍ମଦାବାଦ,୭।୧୦



ଅହମ୍ମଦାବାଦ ଚାଣକ୍ୟପୁରୀ ଫ୍ଲାଏଓଭରରୁ ବସ୍‌ରେ ନିଜ ରାଜ୍ୟକୁ ଫେରୁଛନ୍ତି ଉତ୍ତର ଭାରତୀୟ ଶ୍ରମିକ।

ଗୁଜରାଟର ସାବରକାନ୍ଥା ଜିଲାରେ ଗତ ସପ୍ତାହରେ ଜଣେ ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହେବା ପରେ ଉତ୍ତର ଭାରତୀୟଙ୍କ ଉପରେ ସ୍ଥାନୀୟ ଲୋକଙ୍କ ଆକ୍ରମଣ ବଢ଼ିବାରେ ଲାଗିଛି। ଭୟରେ ହିନ୍ଦୀ ଭାଷାଭାଷୀ ଶ୍ରମିକମାନେ ନିଜ ନିଜ ରାଜ୍ୟ ବିହାର, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶକୁ ଗଣପଳାୟନ କରିବାକୁ ବାଧ୍ୟ ହେଉଛନ୍ତି। ପୋଲିସ ଅଦ୍ୟାବଧି ୪୨ଟି ମାମଲା ରୁଜୁ କରି ୩୪୨ ଜଣ ହିଂସାକାରୀଙ୍କୁ ଗିରଫ କରିସାରିଲାଣି। ଅଣଗୁଜରାଟୀ ଲୋକ ରହୁଥିବା ଅଞ୍ଚଳରେ ୧୭ ପ୍ଲାଟୁନ ଏସ୍‌ଆର୍‌ପି ମୁତୟନ କରି କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ସୋସିଆଲ ମିଡିଆରେ ଗୁଜବ ଉତ୍ତେଜନା ବୃଦ୍ଧିର କାରଣ ସାଜିଛି। ସମଗ୍ର ଘଟଣାକ୍ରମକୁ ନେଇ ଗୁଜରାଟର ୬ ଜିଲାରେ ସ୍ଥିତି ସଙ୍ଗିନ ହୋଇଛି।

ସେପ୍ଟେମ୍ବର ୨୮ରେ ସାବରକାନ୍ଥା ଜିଲାର ହିମ୍ମତନଗରରେ ଠାକୁର ସମ୍ପ୍ରଦାୟର ଏକ ୧୪ ମାସର ଝିଅଙ୍କୁ ବଳାତ୍କାର କରାଯାଇଥିଲା। ଅଭିଯୋଗ ପରେ ସେଠାରେ କାମ କରୁଥିବା ବିହାରର ଜଣେ ୧୯ ବର୍ଷୀୟ ଶ୍ରମିକଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣା ପରେ ସାବରକାନ୍ଥା, ମେହସାନା, ଗାନ୍ଧୀନଗର, ଆରାବଲ୍ଲୀ, ପଟନ ଓ ଅହମ୍ମଦାବାଦ ଜିଲାରେ ଅଣଗୁଜରାଟୀ ଶ୍ରମିକଙ୍କୁ ସ୍ଥାନୀୟ ଲୋକେ ଆକ୍ରମଣ କରିବାରେ ଲାଗିଲେ। ବିହାର, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ଲୋକଙ୍କ ବିରୋଧରେ ସୋସିଆଲ ମିଡିଆରେ ମେସେଜ୍ ଜରିଆରେ ଗୁଜବ ସୃଷ୍ଟି ହେବା ପରେ ସ୍ଥାନୀୟ ଲୋକେ ଅଧିକ ଉତ୍ତ୍ୟକ୍ତ ହେବାରେ ଲାଗିଛନ୍ତି। କ୍ଷତ୍ରିୟ ଠାକୁର ସେନା (କେଟିଏସ୍)ର ବିକ୍ଷୋଭ ହିଂସାର ରୂପ ନେଇଛି। ଅନ୍ୟ ରାଜ୍ୟର ଶ୍ରମିକମାନଙ୍କୁ ଗୁଜରାଟରେ କାମ କରିବାକୁ ଦିଆଯିବ ନାହିଁ ବୋଲି କେଟିଏସ୍ ଧମକ ଦେଇଛି। ସେମାନଙ୍କୁ ରାଜ୍ୟରୁ ତୁରନ୍ତ ବାହାର କରାଯାଉ ବୋଲି ଏହି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଫଳରେ ଅନେକ ସ୍ଥାନରେ କାରଖାନା, ବ୍ୟବସାୟିକ ସଂସ୍ଥା ଓ ଜମି ମାଲିକମାନେ ଉତ୍ତର ଭାରତୀୟ ଶ୍ରମିକଙ୍କୁ ନିଜ ରାଜ୍ୟକୁ ଫେରିଯିବାକୁ ବାଧ୍ୟ କରୁଛନ୍ତି। ବସ୍ ଓ ଟ୍ରେନ୍‌ରେ ଫେରିବା ପାଇଁ ଶ୍ରମିକମାନଙ୍କ ଭିଡ଼ ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୪୨ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ ମହାନିର୍ଦ୍ଦେଶକ ଶିବାନନ୍ଦ ଝା ସୂଚନା ଦେଇଛନ୍ତି। ଇତିମଧ୍ୟରେ କେଟିଏସ୍ ଅଧ୍ୟକ୍ଷ ତଥା ବିଧାୟକ ଅଳ୍ପେଶ ଠାକୁର ଶାନ୍ତି ବଜାୟ ପାଇଁ ନିଜ ଲୋକଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ସରକାର ଠାକୁର ସମ୍ପ୍ରଦାୟର ଲୋକଙ୍କ ଉପରୁ ମିଥ୍ୟା ମାମଲା ପ୍ରତ୍ୟାହାର ନ କଲେ ଆସନ୍ତା ୧୧ ତାରିଖରୁ ସଦ୍‌ଭାବନା ଅନଶନ କରିବେ ବୋଲି ଅଳ୍ପେଶ ଚେତାବନୀ ଦେଇଛନ୍ତି।

**୬ ଜିଲାରେ ସଙ୍ଗିନ ସ୍ଥିତି**

- ୨୮ରେ ଠାକୁର ସମ୍ପ୍ରଦାୟର ୧୪ ମାସର ଝିଅଙ୍କୁ ବଳାତ୍କାର କରାଯାଇଥିଲା
- ଅଭିଯୁକ୍ତ ଗିରଫ ହେବା ପରେ ବିହାର, ୟୁପି, ମଧ୍ୟପ୍ରଦେଶର ଶ୍ରମିକଙ୍କୁ ଟାର୍ଗେଟ
- ୪୨ ମାମଲା ରୁଜୁ, ୩୪୨ ହିଂସାକାରୀ ଗିରଫ

## ■ କମେଣ୍ଟ ମରାକୁ ବିରୋଧ ପରେ ବର୍ବରକାଣ୍ଡ

# ସ୍କୁଲ୍‌ରେ ଆକ୍ରମଣ: ୩୬ ଛାତ୍ରୀ ଆହତ

ପାଟନା,୭।୧୦(ପି.ଟି.)

ବିହାରର ସୁପୌଲ୍ ଜିଲାରେ କମେଣ୍ଟ ମରାକୁ ବିରୋଧ କରି ସ୍ଥାନୀୟ ଲୋକଙ୍କ ଆକ୍ରମଣର ଶିକାର ହୋଇଛନ୍ତି ୩୬ ଛାତ୍ରୀ। ଜିଲାର ତ୍ରିବେଣୀଗଞ୍ଜସ୍ଥିତ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟରେ ଶନିବାର କିଛି ଯୁବକ ଛାତ୍ରୀଙ୍କୁ କମେଣ୍ଟ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପାଚେରି ଡେଇଁ ସ୍କୁଲ୍ ଭିତରକୁ ପ୍ରବେଶ କରୁଥିବା ଯୁବକଙ୍କୁ ଅଟକାଇବାବେଳେ ଆତ୍ମରକ୍ଷା ପାଇଁ ଛାତ୍ରୀମାନେ ମାଡ଼ ମାରିଥିଲେ। ଏହାପରେ ଯୁବକ ଗୋଷ୍ଠୀ, ତାଙ୍କ ମାତାପିତା ଏବଂ ସ୍ଥାନୀୟ ଅଞ୍ଚଳର କିଛି ଲୋକ ବାଳିକା ବିଦ୍ୟାଳୟକୁ ଧସେଇ ପଶି ଛାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଅତି ବର୍ବର ଢଙ୍ଗରେ ମାରପିଟ୍ କରିଥିବା ଅଭିଯୋଗ ହୋଇଛି। ଆହତ ୩୬ ଛାତ୍ରୀଙ୍କୁ ଅଞ୍ଚଳର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ବୟସ ୧୦ରୁ ୧୪ ବର୍ଷ ଏବଂ ସେମାନେ ଷଷ୍ଠରୁ ନବମ ଶ୍ରେଣୀରେ ପଢ଼ୁଛନ୍ତି। ଏହି ଘଟଣାରେ ରବିବାର ପୋଲିସ ୪ ଜଣ ଯୁବକଙ୍କୁ ଗିରଫ କରିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୁପୌଲ୍ ଜିଲାପାଳ ବୈଦ୍ୟନାଥ ଯାଦବ ରବିବାର ସୂଚନା ଦେଇଛନ୍ତି। ଯୁବକଙ୍କ କମେଣ୍ଟ ମରାକୁ ବିରୋଧ କରିବା ପରେ ଛାତ୍ରୀଙ୍କୁ ଏଭଳି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଛି କି ବୋଲି ପ୍ରଶ୍ନ କରାଯିବା ପରେ ଏହାର ତଦନ୍ତ ଚାଲିଥିବା ଜିଲାପାଳ କହିଛନ୍ତି। ସୁପୌଲ୍ ଏମ୍‌ପି ରଞ୍ଜିତା ରଞ୍ଜନ ଡାକ୍ତରଖାନାରେ ଆହତ ଛାତ୍ରୀଙ୍କୁ ଭେଟିଛନ୍ତି। ଆବାସିକ ବିଦ୍ୟାଳୟ ପରିସରରେ ଛାତ୍ରୀଙ୍କ ଉପରକୁ ଏଭଳି ବର୍ବର ଆକ୍ରମଣ ଘଟଣାକୁ ଚାରିଆଡୁ ବିରୋଧ କରାଯାଇଛି। ସ୍ଥାନୀୟ ଲୋକେ ରାସ୍ତାରୋକୋ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅନେକ ସାମାଜିକ ସଙ୍ଗଠନ ଏବଂ ରାଜନୈତିକ ଦଳ ବିହାର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ରାଜ୍ୟରେ ବଢ଼ିଚାଲିଥିବା ବଳାତ୍କାର, ହତ୍ୟା, କମେଣ୍ଟ ପାସ୍ ଘଟଣାକୁ ନେଇ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କର ନିନ୍ଦା କରିଛନ୍ତି। ନୀତୀଶଙ୍କ ନେତୃତ୍ୱରେ ରାଜ୍ୟରେ ଆତଙ୍କରାଜ ଚାଲିଛି ବୋଲି ତେଜସ୍ୱୀ ଅଭିଯୋଗ ଆଣିଛନ୍ତି।



ସ୍କୁଲ ପରିସରରେ ମୁତୟନ ପୋଲିସ।

## ଇଣ୍ଡୋନେସିଆ ଭୂକମ୍ପ-ସୁନାମି

# ମୃତ୍ୟୁସଂଖ୍ୟା ୧,୯୪୪

ଜାକର୍ତ୍ତା,୭।୧୦(ଆଇଏଏନ୍‌ଏସ୍)

ଇଣ୍ଡୋନେସିଆରେ ଭୂକମ୍ପ ଏବଂ ସୁନାମି ଜନିତ ମୃତ୍ୟୁସଂଖ୍ୟା ରବିବାର ୧,୯୪୪ରେ ପହଞ୍ଚିଛି। ବର୍ତ୍ତମାନ ୨,୫୪୯ ଜଣ ଲୋକ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏବେ ବି ପାଖାପାଖି ୧୦୦୦ ଲୋକ ଅତଡ଼ା ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। କାରଣ ଭୂକମ୍ପ ପରେ ସେମାନେ ନିଖୋଜ ହୋଇ ଯାଇଛନ୍ତି ବୋଲି ସୁଲେୱାସି ଯୁଗ୍ମ ଟାସ୍କଫୋର୍ସ ମୁଖପାତ୍ର ସୂଚନା ଦେଇଛନ୍ତି। ସୁଲେୱାସି ରାଜଧାନୀ ପାଲୁ, ଡୋଙ୍ଗାଲା, ସିଗି, ପାରିଗି ପର୍ବତାଞ୍ଚଳ ଏବଂ ପାସାଙ୍ଗ କାୟୁ ଅଞ୍ଚଳରେ ଅଧିକ ମୃତଦେହ ଉଦ୍ଧାର ହୋଇଛି। ଗୁରୁବାର ସୁଦ୍ଧା ଉଦ୍ଧାରକାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି। ସେପ୍ଟେମ୍ବର ୨୮ରେ ପାଲୁ ଅଞ୍ଚଳରେ ୭.୫ ତୀବ୍ରତାର ଭୂକମ୍ପ ସଂଘଟିତ ହୋଇଥିଲା। ଏହାଯୋଗୁ ୬୨,୩୫୯ ଲୋକ ବାସହରା ହୋଇଛନ୍ତି।

## ■ ଯୌନ ନିର୍ଯାତନା ଅଭିଯୋଗ ପରେ ଚାରିଆଡୁ ବିରୋଧ

# ଶପଥ ନେଲେ କାଭାନଗ୍

ୱାଶିଂଟନ୍,୭।୧୦(ପି.ଟି.)



ପ୍ରବଳ ବିରୋଧ ସତ୍ତ୍ୱେ ଆମେରିକା ସୁପ୍ରିମକୋର୍ଟର ୧୧୪ତମ ବିଚାରପତି ଭାବେ ଶପଥ ନେଲେ ବହୁ ବିବାଦୀୟ ପ୍ରାର୍ଥୀ ବ୍ରିଟ୍ କାଭାନଗ୍। ଶନିବାର ସନ୍ଧ୍ୟାରେ ସୁପ୍ରିମକୋର୍ଟ କନ୍‌ଫରେନ୍ସ ରୁମ୍‌ରେ ପ୍ରଧାନ ବିଚାରପତି ଜନ୍ ରବର୍ଟ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। କାଭାନଗ୍‌ଙ୍କ ସହ ସ୍ତ୍ରୀ ଆଶ୍‌ଲେ କାଭାନଗ୍ ଉପସ୍ଥିତ ରହି ପାରିବାରିକ ଧର୍ମଗ୍ରନ୍ଥ ଧରି ଶପଥ କରାଇଥିଲେ। ଦୁଇ ଝିଅ ଲିଜା ଏବଂ ମାର୍ଗାରେଟ୍ ଓ ମାତାପିତା ମଧ୍ୟ ଉପସ୍ଥିତ ଥିଲେ। ଶନିବାର ଅପରାହ୍ନରେ ସିନେଟ୍‌ରେ ଅନୁଷ୍ଠିତ ଭୋଟ୍ ବେଳେ ୫୦-୪୮ରେ ସେ ବିଜୟୀ ହୋଇଥିଲେ। ଏହାପରେ ସନ୍ଧ୍ୟାରେ ଶପଥ ସମାରୋହର ଆୟୋଜନ କରାଯାଇଥିଲା। ତେବେ କାଭାନଗ୍‌ଙ୍କ ନିଯୁକ୍ତି ନଭେମ୍ବର ୬ରେ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କୁ ବିଶେଷ ଭାବେ ସହାୟକ ହେବ ବୋଲି କୁହାଯାଉଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୁପ୍ରିମକୋର୍ଟ ବିଚାରପତି ଭାବେ କାଭାନଗ୍‌ଙ୍କ ନାମ ମନୋନୀତ କରିବା ପରେ ଚାରିଆଡୁ ବିରୋଧ ହୋଇଥିଲା। ୪ ଜଣ ମହିଳା କାଭାନଗ୍‌ଙ୍କ ନାମରେ ସିଧାସଳଖ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ପରିଣାମ ସ୍ୱରୂପ କାପିଟଲ୍ ହିଲସ୍‌ରେ ବିକ୍ଷୋଭ ଶୋଭାଯାତ୍ରା ସାଙ୍ଗକୁ ହାଇ ଭୋଲ୍‌ଟେଜ୍ ଡ୍ରାମା ଦେଖିବାକୁ ମିଳିଥିଲା। କାଭାନଗ୍‌ଙ୍କ ନିଯୁକ୍ତିକୁ ଆମେରିକା ସିନେଟ୍‌ରେ ମଧ୍ୟ ବିରୋଧ କରାଯାଇଥିଲା। କିନ୍ତୁ ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରି ଆସିଛନ୍ତି। ମହିଳାଙ୍କ ଅଭିଯୋଗ ପରେ ତାଙ୍କ ବିରୋଧରେ ତଦନ୍ତ କରିବା ଲାଗି ଟ୍ରମ୍ପଙ୍କ ଉପରେ ବିଭିନ୍ନ ମହଲରେ ଚାପ ପଡ଼ିଥିଲା। ଏହାପରେ ଟ୍ରମ୍ପ ଏଫ୍‌ବିଆଇ ସପ୍ଲିମେଣ୍ଟାରୀ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଫ୍‌ବିଆଇ ତଦନ୍ତ ରିପୋର୍ଟ ଷ୍ଟେଟ୍ ସିନେଟ୍ କମିଟି ସମ୍ମୁଖରେ ଗୋପନରେ ଦାଖଲ କରିବା ପରେ କାଭାନଗ୍‌ଙ୍କ ନିଯୁକ୍ତି ପାଇଁ ବାଟ ଫିଟିଥିଲା।

# ଦୁଇ ପୋଲିସଙ୍କୁ ଗୁଳିକରି ହତ୍ୟା

ସିକର,୭।୧୦(ପି.ଟି.)

ରାଜସ୍ଥାନର ସିକରରେ ଦୁର୍ବୃତ୍ତମାନେ ୨ ପୋଲିସ କର୍ମଚାରୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଫତେପୁର ଥାନା ବେସ୍‌ୱାରେ ଶନିବାର ରାତିରେ ପୋଲିସ ଚେକପୋଷ୍ଟରେ ବାରିକେଡ୍ ବନ୍ଧା ଯାଇଥିବାବେଳେ ଦ୍ରୁତ ଗତିରେ ଯାଉଥିବା ଏକ ଏସ୍‌ୟୁଭି ଏହାକୁ ଭାଙ୍ଗି ଚାଲିଯାଇଥିଲା। ପୋଲିସ ଗାଡିଟିକୁ ରୋକିବାକୁ ସଙ୍କେତ ଦେଇଥିଲା। ତେବେ ଏହା ନ ଅଟକିବାରୁ ପୋଲିସ ଇନଚାର୍ଜ ମୁକେଶ କାନୁନ୍‌ଗୋ ଏବଂ କନଷ୍ଟେବଳ ରାମ ପ୍ରକାଶ ପିଛା କରିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ପୋଲିସ ଉପରକୁ ଗୁଳି କରିଥିଲେ। ଏସ୍‌ୟୁଭି ଭିତରେ ଅଜୟ ଚୌଧୁରି ଓ ତାଙ୍କ ୪ ସହଯୋଗୀ ଥିଲେ। ଅଜୟଙ୍କ ବିରୋଧରେ ବହୁ ଆପରାଧିକ ମାମଲା ରହିଛି। ସେମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

## ■ ୨୦୧୯ ଲୋକ ସଭା ନିର୍ବାଚନ

# ସବୁ ବୁଥ୍‌ରେ ଭିଭିପିଏଟି

ନୂଆଦିଲ୍ଲୀ,୭।୧୦(ଆଇଏଏନ୍‌ଏସ୍)





୨୦୧୯ ସାଧାରଣ ନିର୍ବାଚନରେ ଦେଶର ସମସ୍ତ ୧୦.୬ ଲକ୍ଷ ବୁଥ୍ ପାଇଁ ଭୋଟର୍ ଭେରିଫିଏବୁଲ୍ ପେପର୍ ଅଡିଟ୍ ଟ୍ରାଏଲ୍ ମେଶିନ୍ (ଭିଭିପିଏଟି) ବ୍ୟବହାର କରାଯିବ। ଉଚିତ ସମୟରେ ସବୁ ବୁଥ୍‌କୁ ଭିଭିପିଏଟି ଯୋଗାଇ ଦିଆଯିବ ବୋଲି ନିର୍ବାଚନ କମିଶନ (ଇସି) ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଦେଶରେ ଶତପ୍ରତିଶତ ମେଶିନ୍ ଉପଲବ୍ଧ ହୋଇଛି କି ନାହିଁ ତାହା ପ୍ରଥମ ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା ଏବଂ ଜିଲା ନିର୍ବାଚନ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବା ପରେ ସୁନିଶ୍ଚିତ କରାଯିବ। ନିର୍ବାଚନରେ ୨୨.୩ ଲକ୍ଷ ବାଲାଟ୍ ୟୁନିଟ୍, ୧୬.୩ ଲକ୍ଷ କଣ୍ଟ୍ରୋଲ୍ ୟୁନିଟ୍ ଏବଂ ୧୭.୩ ଲକ୍ଷ ଭିଭିପିଏଟି ବ୍ୟବହାର କରାଯିବ। ଭିଭିଏମ୍ ଏବଂ ଭିଭିପିଏଟିର ପ୍ରସ୍ତୁତି ଏବଂ ଯୋଗାଣ ଉପରେ ମଧ୍ୟ ଇସିଙ୍କର ପୂର୍ଣ୍ଣ ନଜର ରହିବ। ସମୟ ସମୟରେ ଏହାର ତଦାରଖ କରାଯିବ ବୋଲି ଇସି ପକ୍ଷରୁ ସୂଚନା ମିଳିଛି।







# ଜମ୍ମୁ-କଶ୍ମୀର ପୌର ନିର୍ବାଚନ ଆଜି

ଜମ୍ମୁ,୭।୧୦

ଜମ୍ମୁ-କଶ୍ମୀର ପ୍ରଥମ ପର୍ଯ୍ୟାୟ ପୌର ନିର୍ବାଚନ ପାଇଁ ରବିବାର ପ୍ରଚାର ଶେଷ ହୋଇଛି। ରାଜ୍ୟର ବିଭିନ୍ନ ଜିଲାର ୪୨୨ଟି ୱାର୍ଡ ପାଇଁ ସୋମବାର ପୌର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଜମ୍ମୁର ୨୪୭ ୱାର୍ଡ, କଶ୍ମୀରର ୧୪୯ ୱାର୍ଡ ଏବଂ ଲଦାଖ୍‌ର ୨୬ ୱାର୍ଡରେ ଭୋଟ ଗ୍ରହଣ ହେବ। ସକାଳ ୭ଟାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଏହାର ୨୪ ଘଣ୍ଟା ପୂର୍ବରୁ ପ୍ରଚାର ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୧୨୮୩ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ବିଭିନ୍ନ ପ୍ରାନ୍ତରେ ଆତଙ୍କବାଦୀ ହିଂସା ଭୟରେ ପ୍ରଚାର ଜୋରଦାର ନ ଥିଲା। ତଥାପି ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ପ୍ରାର୍ଥୀମାନେ କୌଣସି ବାଟ ଛାଡ଼ି ନାହାନ୍ତି। ନ୍ୟାଶନାଲ୍ କନ୍‌ଫରେନ୍ସ ଏବଂ ପିଡିପି ନିର୍ବାଚନ ବର୍ଜନ କରିଥିବାବେଳେ ଭାଜପା, କଂଗ୍ରେସ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଦଳର ପ୍ରାର୍ଥୀମାନେ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି।

# ତିନି ବର୍ଷରେ ମାଓବାଦର ଅନ୍ତ ହେବ

ଲକ୍ଷ୍ନୌ,୭।୧୦(ପି.ଟି.)



ଆଗାମୀ ତିନି ବର୍ଷ ମଧ୍ୟରେ ଦେଶରୁ ମାଓବାଦର ଅନ୍ତ ଘଟିବ ବୋଲି ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍)ର ୨୬ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ସିଆର୍‌ପିଏଫ୍ କ୍ୟାମ୍ପରେ ଉଦ୍‌ବୋଧନ ଦେଇ ରାଜନାଥ କହିଛନ୍ତି, ଦେଶରେ ମାଓବାଦୀ ହିଂସା କରିବାରେ ଲାଗିଛି। ମାଓବାଦ ହିଂସା ପ୍ରଭାବିତ ଜିଲା ସଂଖ୍ୟା ୧୨୬ରୁ ୧୦-୧୨କୁ ହ୍ରାସ ପାଇଛି। ଚଳିତବର୍ଷ ଦେଶରେ ୧୩୧ ମାଓବାଦୀ ଏବଂ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଛି। ୧୨୭୮ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୫୮ ଜଣ ଆତ୍ମସମର୍ପଣ କରିଛନ୍ତି। ଦେଶରୁ ଚରମ ମାଓବାଦ ସମୂଳେ ନାଶ ହୋଇଯାଇଥିବା ଖବର ଖୁବ୍ ଶୀଘ୍ର ଦେଶବାସୀ ପାଇବେ। ଏପରି କି ୨ରୁ ୩ ବର୍ଷ ମଧ୍ୟରେ ଏହି ଖବର ମିଳିପାରେ ବୋଲି ରାଜନାଥ ଆଶାବ୍ୟକ୍ତ କରିଛନ୍ତି। ଏଥିଲାଗି ସିଆର୍‌ପିଏଫ୍‌କୁ ସବୁତକ ଶ୍ରେୟ ଦେଇଛନ୍ତି ରାଜନାଥ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଅକ୍ଟୋବର ୮/୨୦୧୮ | Bhubaneswar, Monday, October 8/ 2018 | ପୃଷ୍ଠା-୧

# ଅବପାତ ରୂପ ନେବ ଲଘୁଚାପ ୧୦ରୁ ୧୩ ବର୍ଷିବ

ଭୁବନେଶ୍ୱର, ୭।୧୦ (ବ୍ୟୁରୋ)

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଗଭୀର ଅବପାତ (ଡିପ୍ ଡିପ୍ରେସନ୍) ହେବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୦ରୁ ୧୩ ତାରିଖ ଯାଏ ରାଜ୍ୟର ଦକ୍ଷିଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୭୨ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ଉପକୂଳ ଦେଇ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ସହିତ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ବର୍ଷିବ। ତେବେ ବର୍ଷାର ମାତ୍ରା ସ୍ୱଳ୍ପରୁ ମଧ୍ୟମ ଧରଣର ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ସମୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ନ ଯିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି।

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
07.10.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 60 | 106 | 116 |
| DKL | 60 | 106 | 116 |
| BDK | 62 | 109 | 119 |
| BLS | 64 | 111 | 121 |
| ANG | 62 | 109 | 119 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers

## ■ ରାଜସ୍ଥାନ,ଏମ୍‌ପି, ଛତିଶଗଡ଼ରେ ଭାଜପା ସ୍ଥିତି ଟଳମଳ

# କଂଗ୍ରେସ ପାଇଁ ସୁଯୋଗ

ନୂଆଦିଲ୍ଲୀ,୭।୧୦

କେନ୍ଦ୍ରରେ କ୍ଷମତାସୀନ ଭାଜପାର ବିଜୟରଥ ପ୍ରାୟ ୬ ମାସ ତଳେ ଅଟକିଯାଇଥିଲା କର୍ନାଟକରେ। ଆଗକୁ ୫ ରାଜ୍ୟରେ ବିଧାନସଭା ନିର୍ବାଚନ। ଏଥିପାଇଁ ନିର୍ବାଚନ କମିଶନଙ୍କ ବିଧିବଦ୍ଧ ଘୋଷଣା ସହ ବିଗୁଲ ବାଜି ସାରିଛି। ମିଜୋରାମରେ କଂଗ୍ରେସ କ୍ଷମତାସୀନ ଥିବାବେଳେ ତେଲେଙ୍ଗାନାରେ ଟିଆର୍‌ଏସ୍ ଶାସନ ଚାଲିଛି। ଏହି ଦୁଇରାଜ୍ୟରେ ଶାସକ ଦଳ କ୍ଷମତାକୁ ଫେରିପାରନ୍ତି ବୋଲି ରାଜନୈତିକ ବିଶ୍ଳେଷକମାନେ ଆକଳନ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ରାଜସ୍ଥାନ, ମଧ୍ୟପ୍ରଦେଶ(ଏମ୍‌ପି) ଓ ଛତିଶଗଡ଼କୁ ନେଇ ଏବେ ଜନମତ ସର୍ବେକ୍ଷଣ ସଂସ୍ଥାଗୁଡ଼ିକ ପୂର୍ବାନୁମାନ ଓ ଅଙ୍କକଷାରେ ବ୍ୟସ୍ତ। ଏହିକ୍ରମରେ ରବିବାର ଏବିପି–ସି ଭୋଟର ପକ୍ଷରୁ ପ୍ରକାଶ ପାଇଛି ଭାଜପା ଶାସିତ ଏହି ୩ ରାଜ୍ୟର ଓପିନିଅନ୍ ପୋଲ୍। ୩ ରାଜ୍ୟର ଭୋଟର ଭାଜପାକୁ ପ୍ରତ୍ୟାଖ୍ୟାନ କରିପାରନ୍ତି ବୋଲି ଏଥିରେ କୁହାଯାଇଛି। ଏହା ସତ ପ୍ରମାଣିତ ହେଲେ ପରବର୍ତ୍ତୀ ୬ ମାସ ମଧ୍ୟରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଗୈରିକ ଦଳକୁ ଫରକ ପଡ଼ିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଲାଣି।

୨୦୦ ଆସନ ବିଶିଷ୍ଟ ରାଜସ୍ଥାନ ବିଧାନସଭା ପାଇଁ ଡିସେମ୍ବର ୭ରେ ଭୋଟଗ୍ରହଣ କରାଯିବ। ଏବିପି–ସି ଭୋଟର ଓପିନିୟନ ପୋଲ୍ ରିପୋର୍ଟ ଅନୁସାରେ, ରାଜସ୍ଥାନର ମତଦାତା ରାଜ୍ୟରେ ୨ ଦଶନ୍ଧି ଧରି ଶାସକ ଦଳକୁ କ୍ଷମତାଚ୍ୟୁତ କରିବା ନେଇ ରହିଥିବା ପରମ୍ପରାକୁ ବଜାୟ ରଖିବେ। ସର୍ଭେ ବେଳେ ପ୍ରାୟ ୫୦% ଭୋଟର କଂଗ୍ରେସ ସପକ୍ଷରେ ମତ ଦେଇଛନ୍ତି। କଂଗ୍ରେସ ୧୪୨ ଆସନ ଦଖଲ କରି ସରକାର ଗଢ଼ିବାରେ ସକ୍ଷମ ହେବ। ଭାଜପାକୁ ୫୬ ଆସନ (୩୪% ଭୋଟ)ରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଅନ୍ୟମାନେ ମାତ୍ର ୨ ଆସନ (୧୬% ଭୋଟ) ପାଇବେ। ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କ ବିପକ୍ଷରେ ସରକାର ବିରୋଧୀ ହାଓ୍ୱା ଏବଂ ପିସିସି ସଭାପତି ସଚିନ ପାଇଲଟଙ୍କ କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତା ଭାଜପା ପାଇଁ ପତନର କାରଣ ହେବ ବୋଲି କୁହାଯାଉଛି।

### କ୍ଷମତାଚ୍ୟୁତ ହୋଇପାରନ୍ତି ୩ ମୁଖ୍ୟମନ୍ତ୍ରୀ



ଶିବରାଜ ସିଂ ଚୌହାନ | ରମଣ ସିଂ | ବସୁନ୍ଧରା ରାଜେ ସିନ୍ଧିଆ

| ଏବିପି–ସି ଭୋଟର ଓପିନିୟନ୍ ପୋଲ୍ | | |
|---|---|---|
| ରାଜସ୍ଥାନ (୨୦୦) | ୨୦୧୩ | ୨୦୧୮ |
| କଂଗ୍ରେସ | ୨୧ | ୧୪୨ |
| ଭାଜପା | ୧୬୩ | ୫୬ |
| ଅନ୍ୟ | ୧୬ | ୨ |
| ଏମ୍‌ପି (୨୩୦) | ୨୦୧୩ | ୨୦୧୮ |
| କଂଗ୍ରେସ | ୫୮ | ୧୨୨ |
| ଭାଜପା | ୧୬୫ | ୧୦୮ |
| ଅନ୍ୟ | ୭ | ୦ |
| ଛତିଶଗଡ଼ (୯୦) | ୨୦୧୩ | ୨୦୧୮ |
| କଂଗ୍ରେସ | ୩୯ | ୪୭ |
| ଭାଜପା | ୪୯ | ୪୦ |
| ଅନ୍ୟ | ୨ | ୩ |

ସେହିପରି ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ୧୫ ବର୍ଷ ପରେ କଂଗ୍ରେସ କ୍ଷମତାକୁ ଫେରିବାକୁ ଯାଉଛି। ଏମ୍‌ପି ବିଧାନସଭାର ୨୩୦ ଆସନରେ ନଭେମ୍ବର ୨୮ରେ ଭୋଟ ହେବ। ଏହି ରାଜ୍ୟରେ କଂଗ୍ରେସ ୧୨୨ ଆସନରେ ସଫଳତା ସହ ସଂଖ୍ୟାଗରିଷ୍ଠତା ହାସଲ କରିବ। ଭାଜପା ପ୍ରାର୍ଥୀମାନେ ୧୦୮ ଆସନ ଦଖଲ କରିପାରିବେ। ଉଭୟ ଦଳଙ୍କ ଭୋଟ ହାର ମଧ୍ୟରେ ମାତ୍ର ୦.୭% ବ୍ୟବଧାନ ରହିବ। ଅନ୍ୟମାନେ ୧୬.୩% ଭୋଟ ପାଇବେ, ହେଲେ ଗୋଟିଏ ବି ଆସନ ଦଖଲ କରିପାରିବେ ନାହିଁ। ଏମ୍‌ପିରେ ପିସିସି ସଭାପତି କମଲନାଥଙ୍କ ରଣନୀତି ଓ ଯୁବନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଲୋକପ୍ରିୟତା ଶିବରାଜ ସିଂ ଚୌହାନ ସରକାରଙ୍କୁ କ୍ଷମତାଚ୍ୟୁତ କରିପାରେ। ଅନୁରୂପ ଭାବେ ଛତିଶଗଡ଼ର ୯୦ ଆସନ ପାଇଁ ଦୁଇଟି ପର୍ଯ୍ୟାୟ (ନଭେମ୍ବର ୧୨ ଓ ୨୦)ରେ ମତଦାନ ହେବ। ଏଠାରେ କଂଗ୍ରେସ ୩୮.୯% ଭୋଟ ସହ ୪୭ ନିର୍ବାଚନମଣ୍ଡଳୀରେ ସଫଳତା ପାଇବ। ଭାଜପା ୩୮.୬% ଭୋଟ ପାଇ ୪୦ ଆସନ ଦଖଲ କରିବ। ଏଠାରେ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କୁ ଟକ୍କର ଦେବା ଭଳି ନେତା ବିରୋଧୀ କଂଗ୍ରେସରେ ଥିବା ପରି ମନେହେଉ ନ ଥିଲେ ହେଁ ତାଙ୍କର ଲୋକପ୍ରିୟତା ହ୍ରାସ ପାଇବାରେ ଲାଗିଛି। ଛୋଟ ଦଳଗୁଡ଼ିକର ଶକ୍ତି ବଢ଼ିଲେ ରମଣଙ୍କୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିପାରେ। ତେବେ ନିର୍ବାଚନ ପୂର୍ବରୁ ଆହୁରି ଅନେକ ସର୍ବେକ୍ଷଣ ସଂସ୍ଥା ଭବିଷ୍ୟବାଣୀ କରିବେ। ମତଦାତାଙ୍କ ମନରେ କ'ଣ ଅଛି ତାହା ଡିସେମ୍ବର ୧୧ରେ ଭୋଟ ଗଣତି ପରେ ହିଁ ସ୍ପଷ୍ଟ ହେବ।

# ଅପମିଶ୍ରିତ ଲୁବ୍ରିକାଣ୍ଟ କାରଖାନା ଠାବ



ଅପମିଶ୍ରିତ ଲୁବ୍ରିକାଣ୍ଟ କାରଖାନାରୁ ଜବତ ସାମଗ୍ରୀ।

କଟକ ଅଫିସ,୭।୧୦

କଟକରେ ପୁଣି ଏକ ଅପମିଶ୍ରଣ କାରବାର ପଦାକୁ ଆସିଛି। ପୂର୍ବରୁ ଜଗତପୁର ଅଞ୍ଚଳରୁ ପୂର୍ବରୁ ଖାଇବା ତେଲ, ପୁଡ଼ି, ସିମେଣ୍ଟ ଭଳି କେତେକ ସାମଗ୍ରୀର ଅପମିଶ୍ରଣ ୟୁନିଟ୍‌କୁ ଠାବ କରାଯାଇଛି। ରବିବାର ଧରାପଡ଼ିଛି ଅପମିଶ୍ରିତ ଲୁବ୍ରିକାଣ୍ଟ (ମୋବିଲ, ଇଞ୍ଜିନ ଅଏଲ) କାରଖାନା। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ପୂର୍ବାହ୍ନରେ ଜଗତପୁର ଥାନା ଅନ୍ତର୍ଗତ ଭୈରୀପୁର ଅଞ୍ଚଳର ୩ ସ୍ଥାନରେ ଚଢାଉ କରି ୨୩ ହଜାର ଲିଟର ଅପମିଶ୍ରିତ ଲୁବ୍ରିକାଣ୍ଟ ଜବତ କରିଛି। ଏହାଛଡ଼ା ଖାଲିଥିବା ଲୁବ୍ରିକାଣ୍ଟ ପ୍ଲାଷ୍ଟିକ୍ କେନ୍, ସିଲିଂ କେପ୍, ପେପର ସିଲ୍ସ ସମେତ କାଷ୍ଟ୍ରୋଲ, ଇଏଲ୍‌ଏଫ୍, ଭିଡୋଲ ସେର୍ଭୋ, ହିରୋ କମ୍ପାନୀର ଷ୍ଟିକର, ହଲୋଗ୍ରାମ ଆଦି ଜବତ ହୋଇଛି। ପୋଲିସ ବାବାଜୀ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ ☞ପୃଷ୍ଠା–୨

# ନିର୍ମାଣାଧୀନ କୋଠାରେ ଦୁର୍ଘଟଣା: ୪ ମୃତ

ନୋଏଡା,୭।୧୦(ପି.ଟି.)



ଉତ୍ତରପ୍ରଦେଶର ନୋଏଡାରେ ରବିବାର ନିର୍ମାଣାଧୀନ କୋଠାରେ ଦୁର୍ଘଟଣା ଘଟି ୪ ଶ୍ରମିକ ପ୍ରାଣ ହରାଇଥିବାବେଳେ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ୧୮ ମହଲା ବିଶିଷ୍ଟ କୋଠାର ଅସ୍ଥାୟୀ ଲୁହା ଫିକ୍ସଚର୍ ଧସି ପଡ଼ିବା ଯୋଗୁ ସେଠାରେ କାର୍ଯ୍ୟରତ ଶ୍ରମିକମାନେ ଏହା ତଳେ ଚାପି ହୋଇ ଯାଇଥିଲେ। ଏକ ବେସରକାରୀ ରିୟଲ୍ ଇଷ୍ଟେଟ୍ ଫାର୍ମ ଦ୍ୱାରା ସେକ୍ଟର ୯୪ରେ ଏହି କୋଠା ନିର୍ମାଣ ଚାଲିଥିଲା। ଅସ୍ଥାୟୀ ଲୁହା ଫିକ୍ସଚର୍‌ରେ ଏକ ଟ୍ରାକ୍ଟର ବାଡ଼େଇ ହେବା ଯୋଗୁ ତାହା ଧସି ପଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ୁଛି ବୋଲି ପୋଲିସ କହିଛି। ☞ପୃଷ୍ଠା–୨

BHUBANESWAR MUNICIPAL CORPORATION BMC
BHUBANESWAR Smart
My Odyssey Centre SMART PAYMENTS ₹
ICICI Bank

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ଏବଂ
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ
ଶ୍ରୀ ଅନୁପ ବାଗ୍‌ଚି
ଉନ୍ମୋଚନ କରିଛନ୍ତି
ଓଡ଼ିଶୀ ସିଟି କାର୍ଡ,
ଭୁବନେଶ୍ୱର ସ୍ମାର୍ଟ ସିଟି ପାଇଁ ଏକ ସାଧାରଣ ଦେୟ ପୈଠ କାର୍ଡ
ପ୍ରଣାଳୀ ଅକ୍ଟୋବର 5, 2018ରେ




ଓଡ଼ିଶୀ ସିଟି କାର୍ଡ ଏଥିପାଇଁ ବ୍ୟବହାର କରାଯାଇପାରିବ:
କ୍ୟାସଲେସ୍ ବସ୍ ଯାତ୍ରା
ପାର୍କିଂ ଦେୟ
କର ପୈଠ
ବିଲ୍ ପୈଠ
କିଣାକିଣି କରିବା
ଇ-କମର୍ସ




ଆଇସିଆଇସିଆଇ ବ୍ୟାଙ୍କ ଓଡ଼ିଶାର ପ୍ରଗତିର ସାଥି ଭାବରେ ଗର୍ବିତ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୮ ଅକ୍ଟୋବର, ୨୦୧୮





ଉତ୍ତରାଖଣ୍ଡ ଉଦାମସିଂ ନଗରସ୍ଥିତ ରୁଦ୍ରପୁରରେ ଜଣେ ଆଇପିଏସ୍ ଅଫିସରଙ୍କ ସ୍ତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଭାଜପା କର୍ମୀ ଚପଲମାଡ଼ ଖାଇଛନ୍ତି। ଏହି ମାମଲାରେ କର୍ମୀଙ୍କୁ ଦଳରୁ ବାହାର କରାଯିବାର ଆଶଙ୍କା ରହିଛି ବୋଲି ଭାଜପା ଜିଲାଧ୍ୟକ୍ଷ ଶିବ ଆରୋରା ସୂଚନା ଦେଇଛନ୍ତି। ଏହି ଘଟଣାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାପରେ ପୋଲିସ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ ଦୁଇପକ୍ଷଙ୍କ ମଧ୍ୟରୁ ମାମଲା ଦାଏର ହୋଇ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନାହିଁ ବୋଲି ପୋଲିସ କହିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ମୋନା
ପରିବାରବର୍ଗ



ଗୁଡ୍ଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



### SALE

Maruti Swift ZDI, VDI, Pajero, A-star, Automatic, Skoda Octavia, Captiva, Passat. 7381091234, 9861194627. D-64344



### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64331

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-8797

1800 sqft. gharabari residential yellowzone plot having 30' road near Patia, Big Bazar, Bhubaneswar Rs. 44,00,000/-. Contact: 9078151122. D-65102

Book 3BHK duplex house at Talabania, Pokhariput, Bhubaneswar. Having land area 1260 sqft. and 1900 construction area, price- 77 lakh, Bank finance available. 7504392698. D-65103

2BHK (1458 sqft.) ready to move semi furnished flat for sale near Lingaraj Temple, Electry Office, Old Town. Mob No.: 7008941861, 7894221170. D-62129

4500 sqft. plot sale at Sahid Nagar, Bhubaneswar. 9439177563. D-8774

Premium 3BHK Vaastu based North/ South facing duplex at Benupur, near Hanspal Chhaka, Bhubaneswar. 9040106942, 9777617166. D-8776

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡ୍‌କୁ ଲାଗି sqft. 480/-ରେ ବିକ୍ରିହେବ। 9438855652, 9090053827. D-64335

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64707

ଭୁବନେଶ୍ୱରର ବାଲିଅନ୍ତା, ବେଣ୍ଣୁପୁର ମେନ୍‌ରୋଡ଼କୁ ଲାଗି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। 9668194157. D-65017



2BHK at Acropolish for family on rent (2km from Sum Hospital). Contact: 9437015037. D-65016



Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Herbal full body massage by smart/ expert therapist. Contact: 8338067247. D-64197

Experience full body massage with us by experts. Enquiry: 7377048581. D-64198

All type of massage and good therapy full body massage Sai herbal spa. 7609005923. D-64205

Opening newly ayurvedic full body massage ladies, gents. 7438851534, 7609923705. D-38536

Saishree ayurvedic full body massage ladies & gents. Contact: 7438896074. D-64615

Newly open herbal full body massage with refreshment well trained therapist. 7381239385. D-64616

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By an affidavit before Notary, Balangir I Abhishek Mishra, R/o,P/o,Dist.- Balangir declare that in Aadhar Card bearing No.- 605532776813 my name has been mentioned as Abhishek Mishra but in Provisional Certificate bearing Roll No.- 1500136z141 my name has been mentioned as Abhisekh Mishra. That both names is one and same person. Henceforth I shall be known as Abhishek Mishra for all purposes. D-8812

### ଦଶମତମ ଜନ୍ମଦିନ ଶୁଭେଚ୍ଛା



(ଗୁଡ୍ଡୁ)
ପ୍ରିତୀ ପ୍ରିୟଙ୍କା ସାହୁ
ଟାଙ୍ଗୀ- କୋଟସାହି, କଟକ

ଆଜି ତୋର ୧୦ତମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୁ ଦୀର୍ଘାୟୁ, ବିଦ୍ୱାନ ଓ ଯଶସ୍ୱୀ ହେବା ସହିତ ତୋର ଚଲାପଥ କୁସୁମିତ ହେଉ। ଆମ୍ଭେ ଏତିକି ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, ମାଇଁ, ବଡବାପା, ବଡବୋଉ, ମଉସା, ମାଉସୀ, ଭାଇ, ଦିଦି, ଆହିଲ ଓ ବାପା- ଅମୂଲ୍ୟ ଓ ମା- ପଦ୍ମିନୀ। ଧ-୮୮୦୦

### Birthday Wish



**Madhusmita Sahoo**
W/o- Sachidananda Maikep
Naugan, Jagasinghpur
I wish that for every extra candel on your cake, you receive an exra reason to Smile "Happy Birthday". Best Wishes from: Family & Relatives. D-8811

### Birthday Wish



**(Mona)**
**Saumyashree Satpathy**
D/o- Rashmita & Sudhansu
Laxmivihar, Sainika School,
Bhubaneswar- 751005
May Lord Jagannath bless you on your 11th "Happy Birthday"
ଶୁଭେଚ୍ଛା ସହ: ଅଜା, ଆଈ, କେଜେବାପା, କେଜେମା ଓ ପରିବାରବର୍ଗ। ଧ-୬୧୫୦୧

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରୋ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ ଡା. ରମେଶ ଚନ୍ଦ୍ର ମିଶ୍ର**
(ଅସ୍ଥିଶଲ୍ୟ ବିଭାଗ)
ଆବିର୍ଭାବ: ୦୫।୦୮।୧୯୫୫
ତିରୋଧାନ: ୦୮।୧୦।୨୦୧୩
ଗ୍ରାମ- ଗିରିଆ, ରାଜକନିକା ନିବାସୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ପତ୍ନୀ- ସୁନନ୍ଦା ପଣ୍ଡା, ପୁତ୍ର- ରୁକୁ, ପୁତ୍ରବଧୂ- ଶତରୂପା (ମୁନି), କନ୍ୟା- ରୁଚି। ଧ-୮୮୧୩


# ସରକାର ଗଢ଼ିବାର ଦମ୍ଭୋକ୍ତି ଦେଖାଇଲେ ଇରାନୀ



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ (ମଝି) ଓ ଦୁଇ ରାଜ୍ୟ ଭାଜପା ନେତା।

- ପରାଜୟର ଗନ୍ଧ ବାରିପାରିଛି ଭାଜପା: ବିଜେଡି
- ଭାଜପା ଶାସିତ ରାଜ୍ୟ କଥା ବୁଝନ୍ତୁ: ନିରଞ୍ଜନ

**ଭୁବନେଶ୍ୱର ୭।୧୦(ବ୍ୟୁରୋ):** ସାଧାରଣ ନିର୍ବାଚନକୁ କମ୍ ସମୟ ରହିଥିବା ବେଳେ ବିଭିନ୍ନ ପର୍ଯ୍ୟାୟରେ କେନ୍ଦ୍ରମନ୍ତ୍ରୀମାନେ ରାଜ୍ୟ ଗସ୍ତରେ ଆସି ଶାସକ ବିଜେଡିକୁ ଟାର୍ଗେଟ କରିବାରେ ଲାଗିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଓଡିଶା ଗସ୍ତରେ ଆସି ଶାସକ ଦଳ ଉପରେ ଭୀଷଣ ବର୍ଷିଥିଲେ। ଏହାର ଗୋଟିଏ ଦିନ ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡିଶା ଆସିଥିଲେ। ସେ ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ବର୍ଷିବାକୁ ଲାଗିଲେ। ଏହି କ୍ରମରେ ଭୁବନେଶ୍ୱରଠାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ଉଦ୍‌ଯାପନୀ ଉତ୍ସବରେ ଯୋଗଦେବାକୁ ଆସିଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ମଧ୍ୟ ଓଡିଶା ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗ ଉଠାଇ ସମାଲୋଚନା କରିଛନ୍ତି। ଆଗାମୀ ନିର୍ବାଚନରେ ଦଳ ପକ୍ଷରୁ ରହିଥିବା ୧୨୦ପ୍ଲସ ଲକ୍ଷ୍ୟ ପୂରଣ କରିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ କରିଛନ୍ତି।

ରବିବାର ସ୍ଥାନୀୟ ଏକ ହୋଟେଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଇରାନୀ କହିଛନ୍ତି ଯେ, ଆସନ୍ତା ନିର୍ବାଚନରେ ଓଡିଶାରେ ଭାଜପା ସରକାର କରିବା ନିଶ୍ଚିତ। ଦଳ ଯେଉଁ ୧୨୦ ଲକ୍ଷ୍ୟ ରଖିଛି ତାହା ହାସଲ କରିବା ସହ ରାଜ୍ୟର ସବୁ ଲୋକ ସଭା ଆସନରେ ମଧ୍ୟ ଭଲ କରିବ ବୋଲି ସେ କହିଛନ୍ତି। ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ ରାଜ୍ୟ ବିକାଶ ନୁହେଁ ବରଂ ମହିଳାମାନଙ୍କୁ ସୁରକ୍ଷା ଦେବାରେ ମଧ୍ୟ ବିଫଳ ହୋଇଛନ୍ତି। ରାଜ୍ୟରେ ୬୦ ପ୍ରତିଶତ ମହିଳା ରକ୍ତହୀନତାର ଶିକାର ହେଉଥିବା ରାଜ୍ୟ ସରକାର ବିଧାନସଭାରେ ସ୍ୱୀକାର କରିଛନ୍ତି। ତେଣୁ ରାଜ୍ୟରେ ମହିଳାଙ୍କ ବିକାଶର ସ୍ଥିତି କିପରି ରହିଛି ଏଥିରୁ ବୁଝାପଡୁଛି। ଦେଶରେ ବୟସ ଅନୁସାରେ ଶାରୀରିକ ଓ ମାନସିକ ବିକାଶ ନ ହେବା କ୍ଷେତ୍ରରେ ଓଡିଶା ଏକ ନମ୍ବର ସ୍ଥାନରେ ଅଧିକାର କରିଛି। ଓଡିଶାରେ ପ୍ରତିଦିନ କେଉଁଠି ନା କେଉଁଠି ଚିକିତ୍ସା ଅଭାବରୁ ମୃତ୍ୟୁ ହେଉଥିବାର ଖବର ମିଳୁଛି। ଏଭଳି ସ୍ଥିତିରେ ଓଡିଶା ମୁଖ୍ୟମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ କାହିଁକି ଲାଗୁ କରୁ ନାହାନ୍ତି ତାହା ଚିନ୍ତାର ବିଷୟ ପାଲଟିଛି। ମୁଖ୍ୟମନ୍ତ୍ରୀ ଜାଣିଶୁଣି ଗରିବ ପରିବାରକୁ ଆୟୁଷ୍ମାନ ଯୋଜନାର ଲାଭରୁ ବଞ୍ଚିତ କରିଛନ୍ତି। କାରଣ ସେ ଏହାକୁ ଏକ ଗରିବ କଲ୍ୟାଣ ଯୋଜନା ଭାବେ ଦେଖିବା ବଦଳରେ ଭୋଟ ହରାଇବାର ନଜରରେ ଦେଖୁଛନ୍ତି ବୋଲି ଇରାନୀ ଅଭିଯୋଗ କରିଛନ୍ତି। ଓଟିଏମ୍ କାରଖାନା ବନ୍ଦ ପଡିଥିବା ପ୍ରସଙ୍ଗରେ ମଧ୍ୟ ସେ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି। ଏହି କାରଖାନାକୁ ପୁଣିଥରେ ଚଲାଇବାକୁ ରାଜ୍ୟ ସରକାର ଉଦ୍ୟମ କରୁନାହାନ୍ତି। ରାଜ୍ୟ ସରକାର ଉଦ୍ୟମ କଲେ କେନ୍ଦ୍ର ସରକାର ସହଯୋଗର ହାତ ବଢାଇବେ। ମାତ୍ର ମୁଖ୍ୟମନ୍ତ୍ରୀ ଏ ପ୍ରସଙ୍ଗରେ ନୀରବ କାହିଁକି ବୋଲି ଇରାନୀ ପ୍ରଶ୍ନ ଉଠାଇଛନ୍ତି। ପେଟ୍ରୋଲ, ଡିଜେଲ ଉପରେ କେନ୍ଦ୍ର ସରକାର ଲିଟର ପିଛା ଅଢେଇ ଟଙ୍କା କମ୍ କରିଛନ୍ତି। ଭାଜପା ଶାସିତ ରାଜ୍ୟଗୁଡିକ ମଧ୍ୟ ତୈଳ ଦର ଲିଟର ପିଛା ଆଉ ଅଢେଇ ଟଙ୍କା କମ୍ କରି ଲୋକମାନଙ୍କୁ ୫ଟଙ୍କାର ରିହାତି ଦେଉଛନ୍ତି। କିନ୍ତୁ ଓଡିଶା ସରକାର ତେଲ ଦର କମାଇବା ପାଇଁ ରାଜି ହେଉନାହାନ୍ତି। ମୁଖ୍ୟମନ୍ତ୍ରୀ ତୈଳ ଦର ହ୍ରାସ କରିବା ଏବଂ ଆୟୁଷ୍ମାନ ଯୋଜନାରୁ ଲୋକମାନଙ୍କୁ ଲାଭ ଦେବାରେ ବିଫଳ ହୋଇଛନ୍ତି। ଭାଜପା ଓଡିଶାରେ ୧୨୦ରୁ ଅଧିକ ଆସନ ହାସଲ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛି ତାକୁ ଦଳୀୟ କାର୍ଯ୍ୟକର୍ତ୍ତାମାନେ ନିଶ୍ଚୟ ପୂରଣ କରିବେ। ଏହାସହ ରାଜ୍ୟର ସବୁ ଲୋକ ସଭା ଆସନରେ ମଧ୍ୟ ଦଳ ପ୍ରଦର୍ଶନ କରିବ ଏବଂ ଅଧିକ ଆସନ ହାତେଇବ ବୋଲି ଇରାନୀ କହିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ଭାଜପା ଓଡିଶାରେ ହତାଶ ଓ ନିରାଶ ଅବସ୍ଥାକୁ ଚାଲିଆସିଛି। ୨୦୧୯ ନିର୍ବାଚନରେ ପରାଜୟର ଗନ୍ଧ ବାରି ପାରିଥିବାରୁ ଦିଲ୍ଲୀରୁ ଆସୁଥିବା କେନ୍ଦ୍ରମନ୍ତ୍ରୀଙ୍କୁ ତଥ୍ୟହୀନ ବକ୍ତବ୍ୟ ଦେବାକୁ ଭାଜପା ରାଜ୍ୟ ନେତୃବୃନ୍ଦ ବାଧ୍ୟ କରୁଛନ୍ତି। ରାଜ୍ୟରେ ମହିଳାମାନେ ନିର୍ଯାତନାର ଶିକାର ହେବା କଥା କେନ୍ଦ୍ରମନ୍ତ୍ରୀ କହିବା ହାସ୍ୟାସ୍ପଦ। ଭାଜପା ଶାସିତ ରାଜ୍ୟ ତଥା ଉତ୍ତରପ୍ରଦେଶ ଓ ହରିୟାଣାରେ ଦୈନିକ ଭାଜପା ନେତାମାନଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆସୁଛି। ଭାଜପା ବିଧାୟକମାନେ ବଳାତ୍କାର ଅଭିଯୋଗରେ ଜେଲ୍ ଯାଇଛନ୍ତି। ବୟନଶିଳ୍ପ ପାଇଁ ରାଜ୍ୟକୁ ୪ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଟଙ୍କାଟିଏ ମଧ୍ୟ ଦେଇ ନାହାନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ରାଜ୍ୟର ନିଜସ୍ୱ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପ୍ରଶଂସା କରିବା ବଦଳରେ ନିନ୍ଦା କରିବା ଦୁର୍ଭାଗ୍ୟର ବିଷୟ। ୪ବର୍ଷରେ କେନ୍ଦ୍ର ସରକାର ପେଟ୍ରୋଲରେ ୧୧୦ ପ୍ରତିଶତ ଉତ୍ପାଦ ଶୁଳ୍କ ଏବଂ ଡିଜେଲ୍‌ରେ ୩୫୦ପ୍ରତିଶତ ଉତ୍ପାଦ ଶୁଳ୍କ ନେଉଥିବା କେନ୍ଦ୍ରମନ୍ତ୍ରୀ ଇରାନୀ କାହିଁକି କହିଲେ ନାହିଁ ବୋଲି ପାତ୍ର ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ନିରଞ୍ଜନ ପଟ୍ଟନାୟକ ଭାଜପାକୁ ଟାର୍ଗେଟ କରି କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ପ୍ରଥମେ ଭାଜପା ଶାସିତ ରାଜ୍ୟର ମହିଳା ସୁରକ୍ଷା କଥା ଚିନ୍ତା କରନ୍ତୁ। ତା'ପରେ ଓଡିଶା କଥା କହିଲେ ଭଲ ହେବ। ଭାଜପା ଶାସିତ ରାଜ୍ୟଗୁଡିକରେ ମହିଳାମାନେ ଅସୁରକ୍ଷିତ, ନିର୍ଯାତିତ ଏବଂ ଉପେକ୍ଷିତ ଅବସ୍ଥାରେ ରହିଛନ୍ତି। ସେସବୁ ସ୍ଥାନରେ ମହିଳାଙ୍କୁ ସୁରକ୍ଷା ଦେଇପାରୁ ନାହାନ୍ତି, ଓଡିଶାରେ କାହିଁକି ଆଶା ଦେଖାଉଛନ୍ତି ବୋଲି ନିରଞ୍ଜନ କହିଛନ୍ତି।

# ପାଣିରେ ବୁଡ଼ି ୫ ମୃତ, ୨ ଗୁରୁତର

**ତାଳଚେର/ଛେଣ୍ଡିପଦା/କାମାକ୍ଷାନଗର/ନବରଙ୍ଗପୁର, ୭।୧୦ (ନି.ପ୍ର./ଡି.ଏନ୍.ଏ./ବି.ପ୍ର.)**

ଅନୁଗୋଳ, ଢେଙ୍କାନାଳ ଏବଂ ନବରଙ୍ଗପୁର ଜିଲାରେ ରବିବାର ପାଣିରେ ବୁଡ଼ିଯାଇ ୫ଜଣଙ୍କ ଜୀବନ ଯାଇଛି। ଏଥିରେ ୨ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ତାଳଚେର ବ୍ଲକ କଣ୍ଢାଳ ଗ୍ରାମର ୫ମ ଶ୍ରେଣୀ ଛାତ୍ରୀ ପାୟଲ ସାହୁ (୧୦), ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା କୁଶକିଲା ମାଟିଗାଡ଼ିଆ ସାହିର ଚାଷୀ ସ୍ୱପ୍ନେଶ୍ୱର ସାହୁ (୫୫), କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମର ପୁନିଆ ବେହେରା (୭୮) ଏବଂ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଚିର୍ମା ପଞ୍ଚାୟତର ନିଶିକାନ୍ତ ବିଷୋୟୀ (୬), ତୁଷାରକାନ୍ତ ବିଷୋୟୀ (୧୪)।

ଚିନ୍ତାମଣି ସାହୁଙ୍କ କନ୍ୟା ପାୟଲ ଓ ନିର୍ମଳ ସାହୁଙ୍କ ଝିଅ ନନ୍ଦିନୀ ଅନ୍ୟ ଜଣଙ୍କ ସହ ରବିବାର ପୂର୍ବାହ୍ନ ୧୦ଟାରେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ପାୟଲ ଓ ନନ୍ଦିନୀ ପାଣିରେ ବୁଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର ପରେ ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପାୟଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ନନ୍ଦିନୀଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ସ୍ୱପ୍ନେଶ୍ୱର ଏବଂ ପୁନିଆ ବୁଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ଚିର୍ମା ଗାଁର ସନ୍ତୋଷ ବିଷୋୟୀଙ୍କ ପୁଅ ନିଶିକାନ୍ତ, ଲକ୍ଷ୍ମଣ ବିଷୋୟୀଙ୍କ ପୁଅ ତୁଷାରକାନ୍ତ ଏବଂ ରାଜକିଶୋର ବିଷୋୟୀଙ୍କ ପୁଅ ନବକିଶୋର ସାଇକେଲ ଧୋଇବାକୁ ମୋରମ ଖାଦାନକୁ ଯାଇଥିଲେ। ଅସାବଧାନତାରୁ ସାଇକେଲ ଖାଦାନରେ ପଡ଼ିଯାଇଥିଲା। ସାଇକେଲ ବାହାର କରିବାକୁ ୩ଜଣ ପାଣିରେ ପଶିଥିବାବେଳେ ଅଧିକ ଗଭୀର ଥିବାରୁ କେହି ଉପରକୁ ବାହାରି ପାରି ନ ଥିଲେ। ଏ ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆସଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ନ ଥିବାରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ କାର ଯୋଗେ ସମସ୍ତଙ୍କୁ ଜିଲା ଚିକିତ୍ସାଳୟକୁ ଅଣାଯାଇଥିବାବେଳେ ଅଧା ବାଟରେ ନିଶିକାନ୍ତ ଓ ତୁଷାରକାନ୍ତଙ୍କ ମୃତ୍ୟୁ ଘଟିଥିଲା। ରାଜକିଶୋର ଚିକିତ୍ସାଧୀନ ଅଛନ୍ତି। ତୁଷାରକାନ୍ତଙ୍କ ଘର ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟ ଗାଁରେ। ସେ ମାମୁ ଘରେ ରହି ୯ମ ଶ୍ରେଣୀରେ ପଢୁଥିଲେ।

ପ୍ରଥମ ପୃଷ୍ଠାରୁ...

## ନିର୍ମାଣାଧୀନ କୋଠାରେ...

ଟ୍ରାକ୍ଟରରେ ଓଜନିଆ ନିର୍ମାଣ ସାମଗ୍ରୀ ଭର୍ତ୍ତି ହୋଇଥିବା ଯୋଗୁ ଏହାର ମାଡ଼ରେ ଲୁହା ଶଟରିଂ ଧସି ପଡ଼ିଥିଲା। ଫଳରେ ଶଟରିଂ ତଳେ ୯ ଶ୍ରମିକ ଚାପି ହୋଇ ରହି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୫ଜଣଙ୍କ ଚିକିତ୍ସା ସ୍ଥାନୀୟ ଡାକ୍ତରଖାନାରେ ଚାଲିଛି। ପୋଲିସ ଏକ ମାମଲା ଦାଏର କରି ତଦନ୍ତ ଆରମ୍ଭ କରିଥିବା ଗୌତମବୁଦ୍ଧ ନଗର ଏସ୍‌ଏସ୍‌ପି ଅଜୟ ପାଲ୍ ଶର୍ମା ସୂଚନା ଦେଇଛନ୍ତି। ମୃତକଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପା ରାଶି ଯୋଗାଇ ଦେବା ଲାଗି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ସେଠାରେ କାର୍ଯ୍ୟରତ ଶ୍ରମିକମାନେ ଅତ୍ୟନ୍ତ ଅସୁରକ୍ଷିତ ଢଙ୍ଗରେ କାର୍ଯ୍ୟ କରୁଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଲୁହା ଶଟରିଂରେ ବ୍ୟବହୃତ ପିନ୍‌ଗୁଡ଼ିକ ଠିକ୍ ଭାବେ ଲାଗି ନ ଥିବାରୁ ତାହା ଦୁର୍ବଳ ଥିଲା। ଫଳରେ ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି ବୋଲି ନୋଏଡା ମାଜିଷ୍ଟ୍ରେଟ୍ ଶାଲେନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି। କିନ୍ତୁ ତଦନ୍ତ ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

## ଅପମିଶ୍ରିତ ଲୁବ୍ରିକାଣ୍ଟ...

କରିଛି। ବାବାଜୀ ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବାବେଳେ ତାଙ୍କ ଅନ୍ୟ ସହଯୋଗୀଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଥିବା ଥାନାଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି। ଅଭିଯୁକ୍ତମାନେ ବିଭିନ୍ନ ନାମୀ କମ୍ପାନୀର ଷ୍ଟିକର ଓ ପ୍ଲାଷ୍ଟିକ୍ କେନ୍‌କୁ ନକଲ କରି ସେଥିରେ ଅପମିଶ୍ରିତ ଲୁବ୍ରିକାଣ୍ଟ ପୂରାଇ ବଜାରକୁ ବିକ୍ରି ପାଇଁ ଛାଡୁଥିଲେ। ଏହି କାରବାରରେ ବାହାର ରାଜ୍ୟର ଲିଙ୍କ୍ ସମ୍ପର୍କରେ ପୋଲିସ ତଦନ୍ତ କରୁଛି। ପୂର୍ବରୁ ଜଗତପୁରର ବିଭିନ୍ନ ଅପମିଶ୍ରିତ ସାମଗ୍ରୀ ତିଆରି କାରଖାନାରେ ପୋଲିସ ଚଢାଉ କରି ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରିଛି। ତଥାପି ନିୟମିତ ବ୍ୟବଧାନରେ ଧରାପଡୁଛି ଏହି ନକଲି ଓ ଅପମିଶ୍ରଣ କାରବାର। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ସେହିପରି ଅପମିଶ୍ରଣକାରୀଙ୍କଠାରୁ କେଉଁମାନେ ସାମଗ୍ରୀ କ୍ରୟ କରି ସାଧାରଣ ଲୋକଙ୍କୁ ବିକୁଛନ୍ତି, ସେମାନଙ୍କୁ ଠାବ କରାଯିବ ବୋଲି ଡିସିପି କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରବିଙ୍କ ସହ ଚନ୍ଦ୍ରଙ୍କ ସଂଯୋଗ ଷଷ୍ଠ ଭାବରେ ହେତୁ ଘରୋଇ ଆଲୋଚନା କିମ୍ବା ଜମିଜମା କାରବାରକୁ ନେଇ ମତାନ୍ତର ଉପୁଜିବ। କୃତ୍ତିକା ନକ୍ଷତ୍ର ମନରେ ଅସ୍ଥିରତା ଲାଗି ରହିବା କାରଣରୁ ଅନ୍ୟମାନଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ଆନୁଷ୍ଠାନିକ କାମ,ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ** ସକାଳୁ ସକାଳୁ ପୂର୍ବ ସ୍ଥିରୀକୃତ କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। କୌଣସି ବନ୍ଧୁ କିମ୍ବା ଗୁରୁଜନଙ୍କ ଅନୁପସ୍ଥିତି ମନରେ ଗଭୀର ଆଘାତ ଆଣିଦେଇପାରେ। ଘର ସକାଶେ,ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ। ଦ୍ୱିଜା ନକ୍ଷତ୍ର କ୍ରୀଡ଼ା,କଳା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା କାରଣରୁ ଖୁସୀ ରହିପାରନ୍ତି।

**ମିଥୁନ** ଚତୁର୍ଥସ୍ଥ ଚନ୍ଦ୍ର ହେତୁ ପରିବାରରେ ବନ୍ଧୁମିଳନ, ଆନୁଷ୍ଠାନିକ କାମରେ ଜନ ସମର୍ଥନ ପାଇବା ସହ ପାରିବାରିକ ଜୀବନ ମଧ୍ୟ ସୁଖପ୍ରଦ ରହିବ। ଅଫିସରେ କିଛି କଡ଼ା ଭାଷା ପ୍ରୟୋଗ କଲେ ବ୍ୟକ୍ତିଗତ ଜୀବନ ପାଇଁ ଶତ୍ରୁତା ଅର୍ଜନ କରିବେ। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବାର ସୂଚନା ରହିଛି।

**କର୍କଟ** ଚନ୍ଦ୍ରଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟିଜନିତ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷପୂର୍ଣ୍ଣ ସ୍ଥିତି ଲାଗି ରହିଲେ ମଧ୍ୟ ଆପଣ କଦାପି ପଛକୁ ଫେରିବେ ନାହିଁ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ସାମୟିକ ଖୁସୀ ହେବେ। ଶିଳ୍ପ,ସାମ୍ବାଦିକତା, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ।

**ସିଂହ** ରବି ଜନିତ ଶାରୀରିକ ଦୁର୍ବଳତା ଅନୁଭବ କଲେ ମଧ୍ୟ ମଙ୍ଗଳ ପ୍ରଭାବରୁ ଦୃଢ଼ ମନୋବଳ କାର୍ଯ୍ୟହାସଲରେ ସହାୟକ ହେବ। ବନ୍ଧୁଙ୍କ ପରାମର୍ଶରେ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। କର୍ମକ୍ଷେତ୍ରରେ ଅପରାହ୍ନ ସମୟରେ କାରଣ ନ ଥାଇ ମଧ୍ୟ ସମାଲୋଚିତ ହୋଇପାରନ୍ତି।

**କନ୍ୟା** ପାରିବାରିକ ଜୀବନରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଆଜିର କାମ ସକାଶେ ତାହାର କୌଣସି କୁପ୍ରଭାବ ପଡ଼ିବ ନାହିଁ। ରାହୁଙ୍କ କୁପ୍ରଭାବରୁ ଭ୍ରାତୃବର୍ଗରେ କିମ୍ବା ସହକର୍ମୀଙ୍କ ସହ ଭୁଲ୍ ବୁଝାମଣାଜନିତ ମନାନ୍ତର ଘଟିପାରେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାରେ ପଡୋଶୀ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି।

**ତୁଳା** ରାଶିରେ ତିନୋଟିଗ୍ରହ ଏବଂ ଦ୍ୱାଦଶ ଚନ୍ଦ୍ର ମନ ରାଜ୍ୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିବ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ ବିଭିନ୍ନ ଦୁର୍ଭାବନା ମନରେ ବସା ବାନ୍ଧିପାରେ। ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟାର ହେତୁ ସ୍ୱରୂପ ହୋଇପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** ଆପଣ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ କିନ୍ତୁ ତରବରିଆ ପଦକ୍ଷେପ ନେଲେ ଓଲଟା ହେବ। ଲେଖାପଢ଼ାରୁ, କଳା, ସାହିତ୍ୟ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। କର୍ମକ୍ଷେତ୍ରର ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ।

**ଧନୁ** ପାପଗ୍ରହ ରାଶିରେ ଥିବାରୁ କର୍ମକ୍ଷେତ୍ରରେ ସାଧାରଣ କଥାରେ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରିବା ଠିକ୍ ହେବନାହିଁ। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଶିଳ୍ପ,ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ। ପରିବାରରେ ଅଯଥା ଅଶାନ୍ତି ବାତାବରଣ ସୃଷ୍ଟି ହେବାର ସମ୍ଭାବନା ରହିଛି।

**ମକର** ରାଶିରେ କେତୁ ଏବଂ ଚନ୍ଦ୍ର ସହ ରବିଙ୍କ ସ୍ଥିତି କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବା ସହ ଟେନ୍ସନ ଲାଗି ରହିବ। ସାମାଜିକ ସ୍ତରରେ ଉଚ୍ଚ ବର୍ଗର ବ୍ୟକ୍ତି ବିଶେଷଙ୍କ ଠାରୁ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। ଦୀର୍ଘଦିନର ବନ୍ଧୁତାରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ସୂଚନା ରହିଛି। ସାଧାରଣକଥାକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ଓ ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାଦ୍ୱାରା ଲାଭ ବଦଳରେ କ୍ଷତି ହିଁ ହେବ। ଜମିଜମା, ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହେବ। ଚିନ୍ତା କରିଥିବା ଯୋଜନା ବିଗିଡି ଯିବାରୁ ମନ ଭଲ ରହିବ ନାହିଁ।

**ମୀନ** ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ରହିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ଯାହା ଚିନ୍ତା କରୁଛନ୍ତି ସେହି ସମ୍ବନ୍ଧୀୟ ଆଶଙ୍କାରେ ବିବ୍ରତ ହୁଅନ୍ତୁ ନାହିଁ। ତଥାପି ପୂର୍ବଭାଦ୍ରପଦ୍ ନକ୍ଷତ୍ର ବନ୍ଧୁମାନଙ୍କ ଗହଣରେ ସାଧାରଣ କଥାରେ ଆପଣ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ସଭାସମିତିରେ ସମ୍ମାନ ଲାଭ କରିବେ।

ଆଜି ମହାଳୟା ଶ୍ରାଦ୍ଧ, ଦିବା ଘ୧୧।୨୪ମି. ପର୍ଯ୍ୟନ୍ତ ଚତୁର୍ଦ୍ଦଶୀ ତିଥି, ପିତୃପକ୍ଷ ସମାପ୍ତି, ଫୁଲେରୀ ଓଷା, ବଜ୍ରକାଳିକା ପୂଜା, ଅକ୍ଟୋବର ୮ ତାରିଖ, ସୋମବାର ଭାରତୀୟ ବାୟୁସେନା ଦିବସ, ରାଶି ନକ୍ଷତ୍ର- ଉତ୍ତରାଫାଲ୍‌ଗୁନୀ/କନ୍ୟା, ଦିବା ଘ୨।୦୦ମି. ଗତେ ହସ୍ତାନକ୍ଷତ୍ର, ବୃଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ସକାଳ ଘ୭।୧୧ମି. ମଧ୍ୟେ ଘ୧।୦୦ମି. ଗତେ, ଘ୨।୨୮ମି. ମଧ୍ୟେ ଘ୩।୫୬ମି. ଗତେ, ଘ୫।୨୪ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୩୯ମି. ଗତେ ଘ୧୦।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୧୧ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।

## ■ ଜୀ ସାର୍ଥକର ନୂଆ ମେଗା ଧାରାବାହିକ

# ‘ରହିଛି ରହିବି ତୋ’ରି ପାଇଁ’

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

**ଆଜିଠୁ ପ୍ରସାରଣ**

ମନୋରଞ୍ଜନର ଜୟଯାତ୍ରାକୁ ଆଗକୁ ବଢ଼ାଇ ଓଡ଼ିଶାର ଅଗ୍ରଣୀ ଟିଭି ଚ୍ୟାନେଲ୍ ‘ଜୀ ସାର୍ଥକ’ ନେଇ ଆସିଛି ନୂଆ ମେଗା ଧାରାବାହିକ ‘ରହିଛି ରହିବି ତୋ’ରି ପାଇଁ’। ଅକ୍ଟୋବର ୮ରୁ ପ୍ରତି ସପ୍ତାହରେ ଏହା ସୋମବାରଠାରୁ ଶନିବାର ରାତି ୮ଟାରେ ପ୍ରସାରିତ ହେବ। ଓଡ଼ିଆ ପରିବାରର ପୂଜ୍ୟ ଆରାଧ୍ୟ ହେଉଛନ୍ତି ଶ୍ରୀଜଗନ୍ନାଥ, ଯାହାଙ୍କ କରୁଣା ଅନନ୍ୟ। ‘ରହିଛି ରହିବି ତୋ’ରି ପାଇଁ’ର କାହାଣୀ ହେଉଛି ଜ୍ୟୋତି ନାମ୍ନୀ ଏକ ଚରିତ୍ର ଉପରେ ପର୍ଯ୍ୟବସିତ, ଯିଏକି ପ୍ରଭୁ ଜଗନ୍ନାଥଙ୍କ ଉପରେ ଅସୀମ ଭରସା ରଖିଛନ୍ତି। ସମୟଚକ୍ରରେ ଜ୍ୟୋତିଙ୍କୁ କିପରି ଅଗ୍ନିପରୀକ୍ଷା ଦେବାକୁ ହୁଏ ଏବଂ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଥିବା ତାଙ୍କ ଭକ୍ତି କିପରି ତାଙ୍କୁ ରାସ୍ତା ଦେଖାଏ, ତାହା ହେଉଛି ଧାରାବାହିକର ମୂଳକଥା। ସତ୍ୟ, ଧର୍ମ, ନ୍ୟାୟ, କର୍ତ୍ତବ୍ୟ ଓ ଭକ୍ତିର ଏ ନିଆରା କାହାଣୀରେ ଦର୍ଶକମାନେ ସାଉଁଟିବେ ଓଡ଼ିଆ ମୌଳିକତାର ଛବି। ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ମନୋଜ ପଣ୍ଡା, ଦେବୁ ପଟ୍ଟନାୟକ, ସୋଫିଆ ଆଲମ୍, ପ୍ରିୟଙ୍କା ମହାପାତ୍ର, ଚନ୍ଦନ ମହାନ୍ତି, ସୁନନ୍ଦା, ସବିତା, ସାପ୍ଲିନ୍, ସନ୍ତୋଷ, ଇତିଶ୍ରୀ ଓ ସାଇରାଜ। ବିଶିଷ୍ଟ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ପ୍ରଯୋଜନା ଦାୟିତ୍ୱ ତୁଲାଇଥିବା ବେଳେ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ପ୍ରସିଦ୍ଧ ନିର୍ଦ୍ଦେଶକ ହରିଶ୍ ମହାନ୍ତି।

କାହାଣୀ ଓ ଚିରତ୍ରସମୂହ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହେବ ଏବଂ ଏହା ଜୀ ସାର୍ଥକର ମନୋରଞ୍ଜନର ଧାରାକୁ ତ୍ୱରାନ୍ୱିତ କରିବ ବୋଲି ଚ୍ୟାନେଲ୍ କର୍ତ୍ତୃପକ୍ଷ ଆଶା ପ୍ରକାଶ କରିଛନ୍ତି।




## ■ ମନ୍ତ୍ରୀଙ୍କ ଘରେ ଭଙ୍ଗାରୁଜା ଘଟଣା

# ୫ ପୋଲିସ କର୍ମଚାରୀ ନିଲମ୍ବିତ

ପୁରୀ ଅଫିସ, ୭।୧୦

ପୁରୀ ହିଂସାରେ କ୍ଷତାକ୍ତ ହେଲେ ପତିତପାବନ। ସିଂହଦ୍ୱାର ସିଂହର ନାକ ଫାଟିଲା। ଏପରିକି ପୋଲିସ କର୍ମଚାରୀ ଜୋତା ପିନ୍ଧି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିବା ଅଭିଯୋଗ ଆସିଲା। ଜଗତରନାଥ କାଳିଆ ଠାକୁରଙ୍କୁ ଅସମ୍ମାନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ରାଜସ୍ୱ ମନ୍ତ୍ରୀଙ୍କ ଘରେ ଭଙ୍ଗାରୁଜା ଘଟଣାକୁ ଗୁରୁତର ସହ ନେଇଛି ପୋଲିସ। ଘଟଣା ଦିନ ମନ୍ତ୍ରୀଙ୍କ ବାସଭବନରେ ଡ୍ୟୁଟିରେ ଥିବା ହାବିଲଦାର ବିଶ୍ୱନାଥ ମିଶ୍ର, କନ୍‌ଷ୍ଟେବଲ ସତ୍ୟବାନ ସ୍ୱାଇଁ, ନାଗାର୍ଜୁନ ପରିଡ଼ା, ସୁମନ ଗୋଛାୟତ ଓ ପପିନା ବେହେରାଙ୍କୁ ଏସ୍‌ପି କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସିସିଟିଭି ଫୁଟେଜକୁ ଆଧାର କରି ଏମାନେ କାର୍ଯ୍ୟରେ ଅବହେଳା କରିଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଇଛି। ଘଟଣା ଦିନ ଆନ୍ଦୋଳନକାରୀ ବଡ଼ଦାଣ୍ଡରୁ ଯାଇ ମନ୍ତ୍ରୀଙ୍କ ବାସଭବନ ନିକଟରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ଏହି ଘଟଣାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଚାଲିଛି।




## Declaration

Shri Naresh Singhania aged 70 years S/o Late Shri Birdichand Singhania residing at Geeta Nagar, Raipur (C.G.) and Shri Arun Singhania aged 62 years S/o Late Shri Birdichand Singhania joint owner of Sky Automobiles an authorized Dealership of Maruti Suzuki residing at Geeta Nagar, Raipur, (C.G.) hereby solemnly declare and affirm that :-

1) The families of Mr. Naresh Singhania and Mr. Arun Singhania are totally separate personally and professionally and have independent residences.
2) There is no business relationship of whatsoever nature between Mr. Arun Singhania and Mr. Naresh Singhania.

**Naresh Singhania** **Arun Singhania**



ପ୍ରଭୁ ! ଆପଣଙ୍କର ଦିବ୍ୟଶାନ୍ତି– ଦିବ୍ୟମୁକ୍ତି ଓ ଦିବ୍ୟ ଐକ୍ୟ ହିଁ କେବଳ ଏ ବିଶ୍ୱର ଅନ୍ଧ ହିଂସା, ଛଳନା ଏବଂ ମିଥ୍ୟାଚାର ଉପରେ ବିଜୟ ଲାଭ କରିବ।
–ଶ୍ରୀମା



# ୧୧ ଡିସେମ୍ବର

ନିର୍ଦ୍ଧାରିତ ସମୟ ପୂର୍ବରୁ ସାଧାରଣ ନିର୍ବାଚନ ହେବା ନେଇ ଗତ କିଛି ମାସ ଧରି ଆଲୋଚନା ଚାଲିଥିଲା। କୁହାଯାଉଥିଲା ୨୦୧୮ ଶେଷ ଆଡ଼କୁ ୫ ରାଜ୍ୟର ବିଧାନସଭା ନିର୍ବାଚନ ସହ ଲୋକ ସଭା ନିର୍ବାଚନ ହୋଇପାରେ। କିନ୍ତୁ ୨୦୧୮ ଅକ୍ଟୋବର ୬ରେ ନିର୍ବାଚନ କମିଶନ (ଇସି) ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲେଙ୍ଗାନା ଏବଂ ମିଜୋରାମ ବିଧାନସଭା ନିର୍ବାଚନ ସକାଶେ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ନଭେମ୍ବର ୧୨ରୁ ଡିସେମ୍ବର ୭ ମଧ୍ୟରେ ଏସବୁ ରାଜ୍ୟରେ ମତଦାନ ପ୍ରକ୍ରିୟା ଶେଷ ହେବ ଏବଂ ଡିସେମ୍ବର ୧୧ରେ ଭୋଟ ଗଣତି କରାଯିବ। ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ୨୦୧୯ ସାଧାରଣ ନିର୍ବାଚନ ପାଇଁ ସେମି ଫାଇନାଲ ସଦୃଶ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଲେଣି। ତେବେ ନିର୍ବାଚନ ତାରିଖ ଘୋଷଣା ଲାଗି ଇସିଙ୍କ ଖବରଦାତା ସମ୍ମିଳନୀ ୩ ଘଣ୍ଟା ବିଳମ୍ବରେ ହୋଇଥିବାରୁ ଏହା ପଛରେ ଭାଜପାର ହାତ ରହିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଅଜମେରଠାରେ ଏକ ରାଲିରେ ଯୋଗ ଦେଇ ଭୋଟରଙ୍କୁ ପ୍ରଲୋଭିତ କରିଥିବା ବିରୋଧୀ କହୁଛନ୍ତି। ଉଲ୍ଲେଖଯୋଗ୍ୟ, ସେଠାରେ ରାଜ୍ୟର ୧୨ ଲକ୍ଷ କୃଷକଙ୍କୁ ବିନାମୂଲ୍ୟରେ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଥିଲା।

ଇତିମଧ୍ୟରେ ଏବିପି ସି–ଭୋଟର ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ଭାଜପା ଶାସିତ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ସରକାର ବିରୋଧୀ ପବନ ବହିବା ଯୋଗୁ ପରିବର୍ତ୍ତନର ସଙ୍କେତ ମିଳିଲାଣି। ସେହିସବୁ ରାଜ୍ୟରେ କଂଗ୍ରେସ ବାଜିମାରି ନେବ ବୋଲି ଏହି ଓପିନିଅନ୍ ପୋଲ୍‌ରେ କୁହାଯାଇଛି। ଏମିତି ଦେଖିଲେ ମଧ୍ୟପ୍ରଦେଶରେ ଶିବରାଜ ସିଂ ଚୌହାନ ସରକାରଙ୍କ ବିରୋଧରେ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ବିଶେଷକରି ଚାଷୀମାନେ ଅତିଷ୍ଠ ହୋଇପଡ଼ିଛନ୍ତି। କ୍ରମାଗତ ୩ ଥର ମୁଖ୍ୟମନ୍ତ୍ରୀ ରହିଆସିଥିବା ଶିବରାଜଙ୍କ ପାଇଁ ଦୀର୍ଘ ଶାସନ କାଳ ହେବ ବୋଲି କୁହାଯାଉଛି। ସେଠାରେ କଂଗ୍ରେସର ଚେହେରା ଭାବେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଲୋକପ୍ରିୟତା ଥିବା ବେଳେ ପିସିସି ସଭାପତି କମଲନାଥଙ୍କ ଦୀର୍ଘ ବର୍ଷର ରାଜନୈତିକ ଅନୁଭବ ଭାଜପାକୁ ଝଟକା ଦେଇପାରେ। ସେହିପରି ରାଜସ୍ଥାନରେ ଯୁବନେତା ସଚିନ ପାଇଲଟଙ୍କ ନେତୃତ୍ୱ ଏବଂ ପୁରୁଖା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଗୋଟିଚାଳନା କଂଗ୍ରେସକୁ କ୍ଷମତାକୁ ଆଣିପାରେ ବୋଲି କୁହାଯାଉଛି। ଛତିଶଗଡ଼ରେ ରମଣ ସିଂ ୩ ଥର ମୁଖ୍ୟମନ୍ତ୍ରୀ ରହି ସାରିଲେଣି। ଯଦିଓ ତାଙ୍କ ସମକକ୍ଷ ଚେହେରା ବର୍ତ୍ତମାନ ପାଇଁ କେହି ଉଭା ହୋଇଥିବା ଭଳି ଦେଖାଯାଉ ନାହାନ୍ତି, ତଥାପି ସରକାର ବିରୋଧୀ ମତ ଯୋଗୁ ସେ ଗାଦି ହରାଇପାରନ୍ତି ବୋଲି ଆଲୋଚନା ହେଉଛି। ମିଜୋରାମ କଥା ଦେଖିଲେ କଂଗ୍ରେସ ସେଠାରେ ଶାସନ କରୁଛି। ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ଲାଲଥାନ୍‌ହ୍ୱାଲାଙ୍କ ସରକାର ପ୍ରତି ବିପଦ ହେବ ବୋଲି କୁହାଯାଉଛି। ଉପରଲିଖିତ ୪ ରାଜ୍ୟର ନିର୍ବାଚନ ନିର୍ଦ୍ଧାରିତ ସମୟରେ ହେବାକୁ ଯାଉଥିବା ବେଳେ ତେଲେଙ୍ଗାନାର କାମଚଳା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଯଥେଷ୍ଟ ପୂର୍ବରୁ ବିଧାନସଭା ଭଙ୍ଗ କରି ଦେଇଛନ୍ତି। ସାଧାରଣ ନିର୍ବାଚନ ସହ ରାଜ୍ୟର ଏକସଙ୍ଗେ ଭୋଟ ହେଲେ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଆସନ ହରାଇପାରେ ବୋଲି ଆଶଙ୍କା କରି ଏଭଳି କରିଥିବା ସେତେବେଳେ ଆଲୋଚନା ହୋଇଥିଲା। ୨୦୧୪ରେ ନୂଆ ରାଜ୍ୟର ମାନ୍ୟତା ପାଇଥିଲା ତେଲେଙ୍ଗାନା। କେସିଆର୍ ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କ ସମ୍ପର୍କୀୟମାନଙ୍କୁ ମନ୍ତ୍ରୀ, ବିଧାୟକ, ସାଂସଦ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ ବସାଇଥିବାରୁ ତାଙ୍କ ନାମରେ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ ରହିଛି। ଏହାସତ୍ତ୍ୱେ ସେଠାରେ ଭାଜପା ଓ କଂଗ୍ରେସର ସ୍ଥିତି ଭଲ ନ ଥିବାରୁ ଏବେଠାରୁ ଆକଳନ କରିବା କଷ୍ଟକର।

ଦେଖିବାକୁ ଗଲେ କର୍ନାଟକ ନିର୍ବାଚନ ସମୟରୁ ଭାଜପାର ବିଜୟରଥ ଉପରେ ରୋକୋ ଲାଗିଗଲାଣି। ଏଥିସହିତ ରାଜସ୍ଥାନ ଓ ଉତ୍ତରପ୍ରଦେଶରେ ହୋଇଥିବା ବିଭିନ୍ନ ଉପନିର୍ବାଚନରେ ଭାଜପାର ପରାଜୟ ସ୍ପଷ୍ଟ ସଙ୍କେତ ଦେଇସାରିଛି। ନିର୍ବାଚନ ହେବାକୁ ଥିବା ମିଜୋରାମ ବ୍ୟତୀତ ଅନ୍ୟ ୪ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଓ ତେଲେଙ୍ଗାନା ଭାରତର କେନ୍ଦ୍ରାଞ୍ଚଳରେ ଅବସ୍ଥିତ। ତେଲେଙ୍ଗାନାକୁ ଛାଡ଼ିଦେଲେ ବାକି ୩ଟି ହେଉଛି ଗୁରୁତ୍ୱପୂର୍ଣ୍ଣ ହିନ୍ଦୀ ଭାଷାଭାଷୀ ରାଜ୍ୟ। ଏହାବ୍ୟତୀତ ମିଜୋରାମକୁ ଉତ୍ତର ପୂର୍ବାଞ୍ଚଳର ଏକ ଦୃଷ୍ଟାନ୍ତ ଭାବେ ଦେଖାଯାଇପାରେ। ତେଣୁ ଏହିସବୁ ନିର୍ବାଚନର ଫଳାଫଳ ୧୧ ଡିସେମ୍ବର ୨୦୧୮ରେ ପ୍ରକାଶ ପାଇବା ପରେ ତାହାର ପ୍ରଭାବ ୨୦୧୯ ପାର୍ଲାମେଣ୍ଟ ନିର୍ବାଚନ ଉପରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଏବେ ନିର୍ବାଚନୀ ଫଳାଫଳକୁ ଅପେକ୍ଷା।



# ସ୍ୱାସ୍ଥ୍ୟ ବୀମାର ଭିତିରି କଥା

ସବ୍ୟସାଚୀ ଅମିତାଭ

ସରକାରଙ୍କୁ ଘାରିଛି ଗରିବ ଲୋକଙ୍କ ଚିକିତ୍ସା ଚିନ୍ତା। ଟଙ୍କା ପାଇଁ ଯେପରି ଗରିବ ଲୋକଙ୍କ ଚିକିତ୍ସା ନ ଅଟକିଯାଏ, ସେଥିପାଇଁ ଗତ ଅଗଷ୍ଟ ୧୫ ତାରିଖରୁ ସାରା ରାଜ୍ୟରେ ଲାଗୁ ହୋଇଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ରାଜ୍ୟ ସରକାରଙ୍କ ବହୁଚର୍ଚ୍ଚିତ ଏହି ସ୍କିମ୍‌ରେ ଗୋଟିଏ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଓ ମହିଳାଙ୍କ ପାଇଁ ଅତିରିକ୍ତ ୨ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମିଳିବ। ମୋଟାମୋଟି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୭୧ ଲକ୍ଷ ପରିବାର ଅର୍ଥାତ୍ ସାଢ଼େ ତିନି କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ମିଳିପାରିବ ବୋଲି ସରକାର ଦର୍ଶାଉଛନ୍ତି। ଏହାଛଡ଼ା ଆଉ ଗୋଟିଏ ବଡ଼ ଦିଗ ହେଲା– କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ପ୍ରତ୍ୟାଖ୍ୟାନ କରି ଓଡ଼ିଶା ସରକାର ନିଜସ୍ୱ ପାଣ୍ଠିରେ ଏହି ସ୍କିମ୍ ପ୍ରଚଳନ କରିଛନ୍ତି। ତେବେ ଏହି ସ୍କିମ୍‌ର ତିନୋଟି ଦିଗ ଯାହା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ, ତା’ ଉପରେ ସବିଶେଷ ଆଲୋଚନା ହେବା ଦରକାର। ସେଗୁଡ଼ିକ ହେଉଛି– ୧. ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କିପରି ଅନ୍ୟ ସ୍ୱାସ୍ଥ୍ୟ ବୀମାଠାରୁ ଅଲଗା, ୨. ଏହା ସାଧାରଣ ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇଦେବାରେ ସଫଳ ହୋଇପାରିବ କି ନାହିଁ ଓ ୩. ଏହି ସ୍କିମ୍‌ର ସଫଳତା ପାଇଁ ପ୍ରୟୋଗାତ୍ମକ ଦିଗଗୁଡ଼ିକ କିପରି ରହିବା ଦରକାର।

କେନ୍ଦ୍ର ସରକାର ଲାଗୁ କରିବାକୁ ଯାଉଥିବା ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହେଉଥିବା ରାଜ୍ୟମାନଙ୍କ ପାଇଁ ତିନୋଟି ସମ୍ଭାବନା ରଖାଯାଇଛି। ସେଗୁଡ଼ିକ ହେଲା– ୧. ଥାର୍ଡ ପାର୍ଟି ବା ତୃତୀୟ ପକ୍ଷ ଆଡ୍‌ମିନିଷ୍ଟ୍ରେଶନ୍ (ଟିପିଏ), ୨. ଟ୍ରଷ୍ଟ ମଡେଲ୍ ଓ ୩. ଥାର୍ଡ ପାର୍ଟି–ଟ୍ରଷ୍ଟର ମିଳିତ ମଡେଲ୍। ଏହି ତିନୋଟି ବାଟ ଦେଇ ଆୟୁଷ୍ମାନ ଭାରତ ସ୍କିମ୍ ଚଳାଇବାକୁ ଯୋଜନା ରଖାଯାଇଛି। ତେବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଟି ହେଉଛି ଏକ ଟ୍ରଷ୍ଟ, ଯାହା ହିତାଧିକାରୀଙ୍କ ଡାକ୍ତରଖାନାଜନିତ ଖର୍ଚ୍ଚକୁ ଭରଣା କରିବ। ଏଥିରେ ଉପଭୋକ୍ତାମାନେ ଇନ୍ସ୍ୟୁରାନ୍ସ କମ୍ପାନୀମାନଙ୍କୁ କୌଣସି ପ୍ରକାର ପ୍ରିମିୟମ୍ ଦେବେ ନାହିଁ। ତେବେ ଏହି ସ୍କିମ୍‌ର ଭଲ ଦିଗଟି ହେଲା, କ୍ଲେମ୍ ସେଟ୍‌ଲମେଣ୍ଟ ଓ ପ୍ରିମିୟମ୍ ପାଉଣାକୁ ଅଲଗା କରାଯାଇଥିବାରୁ ଇନ୍ସ୍ୟୁରାନ୍ସ କମ୍ପାନୀମାନେ କୌଣସି ବାଟରେ ଫାଇଦା ନେବାର ସୁଯୋଗ ନାହିଁ। ଏହାଦ୍ୱାରା ଓଡ଼ିଶା ସରକାର ବି ଅତିରିକ୍ତ ବ୍ୟୟରୁ ରକ୍ଷା ପାଇବେ। ଏହାର ଦ୍ୱିତୀୟ ସକାରାତ୍ମକ ଦିଗଟି ହେଲା– ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଟି ଏକ ଟ୍ରଷ୍ଟ ହୋଇଥିବାରୁ ଥାର୍ଡ ପାର୍ଟି ଆଡ୍‌ମିନିଷ୍ଟ୍ରେଶନ (ଟିପିଏ) ତୁଳନାରେ ପ୍ରଶାସନିକ ଖର୍ଚ୍ଚ କମ୍ ହେବ। ପରୋକ୍ଷରେ କହିବାକୁ ଗଲେ, ଏହି ବ୍ୟବସ୍ଥାରେ ସରକାରଙ୍କ ପରୋକ୍ଷ ରାଜସ୍ୱ ହାନିକୁ ରୋକାଯାଇପାରିବ।

ଏହା ସତ ଯେ, ଟ୍ରଷ୍ଟ ମଡେଲରେ ସରକାରଙ୍କ ଅର୍ଥ ସଞ୍ଚିତ ହୋଇପାରିବ। ତେବେ ଏହି ସ୍କିମ୍ ପ୍ରଚଳନ କ୍ଷେତ୍ରରେ ଚିନ୍ତାଜନକ ଦିଗଗୁଡ଼ିକ ହେଲା, ଯୋଜନାର ରୂପାୟନ ପାଇଁ ଲୋକବଳ ଅଭାବ, ପ୍ରଶାସନିକ କ୍ଷେତ୍ରରେ ପାରଦର୍ଶିତାର ଅଭାବ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଦୁର୍ବଳ ଭିତ୍ତିଭୂମି ତଥା ବାହ୍ୟ ଓ ଅଯଥା ରାଜନୈତିକ ହସ୍ତକ୍ଷେପ। ଏହି ଦିଗଗୁଡ଼ିକ ପ୍ରତି ବର୍ତ୍ତମାନଠାରୁ ସରକାରଙ୍କୁ ଚିନ୍ତା କରିବାକୁ ପଡିବ। ସେହିପରି ଯୋଜନାଟି କିପରି ଠିକ୍ ଭାବେ କାମ କରିପାରିବ ସେଥିପାଇଁ ସରକାରଙ୍କୁ ଟ୍ରଷ୍ଟର ରୂପରେଖକୁ ଭଲଭାବେ ନିର୍ଦ୍ଧାରଣ କରିବାକୁ ପଡିବ। ବିଶେଷଜ୍ଞମାନଙ୍କ ପରାମର୍ଶ ଆଧାରରେ ସରକାର ଯୋଜନାର ବିଭିନ୍ନ ପ୍ୟାକେଜ, ଏହାର ଦର ଓ ଘରୋଇ ହସ୍‌ପିଟାଲଗୁଡ଼ିକର ଏମ୍‌ପ୍ୟାନେଲମେଣ୍ଟ ପାଇଁ ମାନଦଣ୍ଡ ସ୍ଥିର କରିବା ଆବଶ୍ୟକ। ସେହିପରି ଟ୍ରଷ୍ଟ ପାଇଁ ଆଉ ଗୋଟିଏ କଠିନ କାମ ରହିବ, ପ୍ରଶାସନିକ ଢାଞ୍ଚାରେ ପାରଦର୍ଶିତା ଲାଗି ପାଇଁ ପରିବର୍ତ୍ତନ ଓ ସଂସ୍କାର ଆଣିବା। ଆମ ବ୍ୟବସ୍ଥାରେ ଉତ୍ତରଦାୟିତ୍ୱର ଅଭାବଟି ସବୁବେଳେ ପରିଲକ୍ଷିତ ହେଉଥିବା ବେଳେ ବୈଷୟିକ ଦୃଷ୍ଟିକୋଣରୁ ମଧ୍ୟ ଆମେ ପଛୁଆ। ଆମର ସରକାରୀ ଆଇଟି ସିଷ୍ଟମ୍ ଦୁର୍ବଳ। ଏ ସବୁ ଦିଗ ପ୍ରତି ସରକାରଙ୍କୁ ଚିନ୍ତା କରିବାକୁ ପଡିବ। ନଚେତ୍ ଏହି ବହୁମୁଖୀ ସ୍ୱାସ୍ଥ୍ୟ ବୀମା ଯୋଜନା ବାସ୍ତବ କ୍ଷେତ୍ରରେ ସଫଳତା ପାଇବା କଷ୍ଟକର ହୋଇପଡିବ।

ପୂର୍ବରୁ ରାଜ୍ୟରେ ସ୍ୱାସ୍ଥ୍ୟ ସହାୟତା କ୍ଷେତ୍ରରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା, ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ତଥା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ମୁଖ୍ୟତଃ ପ୍ରମୁଖ ଭୂମିକା ନେଇଆସୁଛି। ତେବେ ପରିସଂଖ୍ୟାନକୁ ଦେଖିଲେ ଜଣାପଡ଼େ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସେବା ଯୋଜନା ସବୁ ଜିଲାରେ ଠିକ୍ ଭାବେ କାମ କରୁନି। ସମାନ ଅବସ୍ଥା ବିଜୁ କୃଷକ କଲ୍ୟାଣ ଯୋଜନାର। ଏପଟେ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ସହାୟତା ପାଇବା ପାଇଁ ଥିବା ପ୍ରକ୍ରିୟାର ଜଟିଳତା ତଥା ବିଳମ୍ବ କାରଣରୁ ହିତାଧିକାରୀ ଅନେକ ସମସ୍ୟା ଭୋଗିଥାନ୍ତି। ତେଣୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପ୍ରଚଳନ ବେଳେ ବି ଏସବୁ ପ୍ରକ୍ରିୟାଗତ ଜଟିଳତା ସାମ୍ନାକୁ ଆସିପାରେ। ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ ଟ୍ରଷ୍ଟକୁ ବାଟ ଖୋଜି ବାହାର କରିବାକୁ ପଡିବ। ଆନ୍ଧ୍ରପ୍ରଦେଶ ଅବା କର୍ନାଟକ ଢାଞ୍ଚାରେ ଅତ୍ୟାଧୁନିକ ଡିଜିଟାଲ ପ୍ଲାଟ୍‌ଫର୍ମ ବିକାଶ କରାଯାଇପାରିଲେ ଟ୍ରଷ୍ଟ ପାଇଁ ପୂରା ପ୍ରକ୍ରିୟାଟି ସୁବିଧାଜନକ ହୋଇପାରନ୍ତା।

ସେହିପରି ଏହି ଯୋଜନା ପ୍ରଣୟନ ବେଳେ ଆର୍ଥିକ ଦିଗଟି ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମୟରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା ଓ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ଜରିଆରେ ହେଉଥିବା ଖର୍ଚ୍ଚ ସେତେ ବିଶାଳ ନୁହେଁ। ସେହିପରି ଯଦି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର କ୍ଲେମ୍ ଅନୁପାତକୁ ବିଚାର କରାଯାଏ, ଏହା ୬୫ରୁ ୬୮ ପ୍ରତିଶତ ଭିତରେ ରହିଛି। ତେଣୁ ଢାଞ୍ଚାଗତ ସୁଧାର ନ ଅଣାଗଲେ ଏହି ଅନୁପାତ ହାର ବି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଦୋହରିପାରେ। ରାଜନୈତିକ ଫାଇଦା ପାଇଁ ନୂଆ ଯୋଜନାଟି ଘୋଷଣା କରିଦେବା ବଡ଼ କଥା ନୁହେଁ, ବଡ଼ କଥା ହେଉଛି ଏହାକୁ କିପରି ଠିକ୍ ଭାବେ ରୂପାୟନ କରାଯିବ। ଆଉ ଗୋଟିଏ ପ୍ରଶ୍ନ ହେଲା– ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟର ସ୍ୱାସ୍ଥ୍ୟ ସହାୟତା କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟାକୁ ସମାଧାନ କରିବାରେ ସକ୍ଷମ ହୋଇପାରିବ ତ? ବର୍ତ୍ତମାନ ସମୟରେ ଓଡିଶା ଏହାର ମୋଟ ଘରୋଇ ଉତ୍ପାଦ ବା ଜିଡିପିର ୪.୫ ପ୍ରତିଶତ ସ୍ୱାସ୍ଥ୍ୟସେବା ଉପରେ ଖର୍ଚ୍ଚ କରୁଛି, ଯାହା ଭିତରେ ସରକାରୀ ଯୋଗଦାନ ହେଉଛି ମାତ୍ର ୧.୦୫ ପ୍ରତିଶତ। ଏହା ସହ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ବିକାଶ ଆଖିଦୃଶିଆ ନୁହେଁ। ରାଜ୍ୟର ଅଧିକାଂଶ ଡାକ୍ତରଖାନାରେ ଚିକିତ୍ସା ଯନ୍ତ୍ରପାତି ନାହିଁ, ଆବଶ୍ୟକ ଡାକ୍ତର ନାହାନ୍ତି, ସ୍ପେଶାଲିଷ୍ଟଙ୍କ ଅଭାବ ରହିଛି। କେବିକେ ଅଞ୍ଚଳରେ ଚାକିରି କରିବା ପାଇଁ ଡାକ୍ତର ମିଳୁନାହାନ୍ତି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳର ସ୍ଥିତି ସଙ୍ଗିନ କହିଲେ ଭୁଲ୍ ହେବନି। ଆଉ ଏହି ବୀମା ଯୋଜନାଭୁକ୍ତ ହିତାଧିକାରୀଙ୍କ ଭିତରୁ ଅଧିକାଂଶ ଗ୍ରାମାଞ୍ଚଳ ବାସିନ୍ଦା। ଏପରି ସ୍ଥିତିରେ ସେମାନେ ଚିକିତ୍ସା ସେବାର ସୁବିଧା ଓ ସହାୟତା କିପରି ପାଇବେ ତା’ ବି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ପୂର୍ବରୁ ସରକାର ଚିକିତ୍ସା ସେବାରେ ସହାୟତା ପାଇଁ ନିରାମୟ, ନିଦାନ ଓ ସହାୟ ପରି ବ୍ୟବସ୍ଥା ପ୍ରଚଳନ କରିଥିଲେ ବି ଏଥିରେ ଶତ ପ୍ରତିଶତ ସଫଳତା ମିଳିପାରିନି। ତେଣୁ ହିତାଧିକାରୀଙ୍କୁ ଚିକିତ୍ସା ସହାୟତା ଦେବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜବୁତ କରିବା ପାଇଁ ସରକାରଙ୍କୁ କଠିନ ପରିଶ୍ରମ କରିବାକୁ ପଡିବ। ମୋଟାମୋଟି ଭାବେ ହିତାଧିକାରୀ ଚୟନରେ ପାରଦର୍ଶିତା, ବିକଶିତ ଡିଜିଟାଲ ପ୍ଲାଟ୍‌ଫର୍ମ ଓ ଆର୍ଥିକ ଅନଗ୍ରସର ଲୋକଙ୍କୁ ଚିକିତ୍ସା ପରି ମୌଳିକ ସେବା ଶତପ୍ରତିଶତ ଯୋଗାଇଦେବା ମାନସିକତା ସୃଷ୍ଟି ହେଲେ ଯୋଜନାଟି ସଫଳ ହୋଇପାରିବ।

ଗଡ଼ଅଣ୍ଠିଆ, ନିମାପଡ଼ା, ପୁରୀ,
ମୋ– ୯୪୩୮୨୯୬୫୧୯



# ପ୍ୟାରିସ୍ ନୀତି ଓ ମାନବାଧିକାର

ପ୍ରଦୀପ୍ତ ନାୟକ

ଏକବିଂଶ ଶତାବ୍ଦୀରେ ସବୁଠାରୁ ଚର୍ଚ୍ଚିତ ଶବ୍ଦ ହେଉଛି ମାନବାଧିକାର। ୧୯୪୮ ମସିହା ଡିସେମ୍ବର ୧୦ରେ ଜାତିସଂଘର ବିଶ୍ୱ ଘୋଷଣାନାମା ଅନୁସାରେ ମାନବାଧିକାର ସମସ୍ତ ବ୍ୟକ୍ତିଙ୍କର, ସବୁ ସ୍ଥାନରେ, ସବୁ ସମୟରେ, ସମାନ ଭାବରେ ଉପଲବ୍ଧ। ଏହି ଘୋଷଣାନାମାକୁ ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ଗ୍ରହଣ କରିଛନ୍ତି। ମାତ୍ର ଆମ ସମାଜର କିଛି ବ୍ୟକ୍ତି ଏଥିରେ ସହମତ ନୁହନ୍ତି। ସେଥିପାଇଁ ପ୍ରତ୍ୟେକଙ୍କର ମାନବାଧିକାର ସୁରକ୍ଷା ନିମନ୍ତେ କାର୍ଯ୍ୟରତ ଲେଖକ, ସାମ୍ବାଦିକ, ଶିକ୍ଷାବିତ୍, ମାନବାଧିକାର କର୍ମୀ, ରାଜନୈତିକ କର୍ମୀ, ଛାତ୍ରନେତାମାନଙ୍କୁ ଦେଶଦ୍ରୋହୀ, ଆତଙ୍କବାଦୀ, ନକ୍ସଲ ଇତ୍ୟାଦି ଆଖ୍ୟା ଦିଆଯାଉଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅଧିକାଂଶ ରାଷ୍ଟ୍ରରେ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା ହୋଇଛି। ଗଣତନ୍ତ୍ରର ମୂଳମନ୍ତ୍ର ହେଲା ବ୍ୟକ୍ତି ସ୍ୱାଧୀନତା ଏବଂ ସ୍ୱାତନ୍ତ୍ର୍ୟ, ଯାହା ମାନବାଧିକାରର ପରିଭାଷା।

ଆଧୁନିକ ବିଶ୍ୱରେ ଭାରତ ସମେତ ଅନ୍ୟାନ୍ୟ ରାଷ୍ଟ୍ରରେ ଆଇନର ଶାସନ ଚାଲିଛି। ଯେଉଁ ଆଇନ ପ୍ରତ୍ୟେକ ନାଗରିକଙ୍କୁ ଦୃଢ଼ମତ ସାବ୍ୟସ୍ତ କରିବାର ଅଧିକାର ଦେଇଛି। ଏହି ମତ ତା’ର ଅନ୍ତର୍ନିହିତ ଗୁଣାବଳୀର ପରିଚୟ ହୋଇପାରେ ଅଥବା ମର୍ଯ୍ୟାଦାବନ୍ତ ଜୀବନଯାପନ କରିବା ନିମନ୍ତେ ଉଦ୍ଦିଷ୍ଟ ହୋଇପାରେ। ଭାରତ ସମେତ ଅନ୍ୟାନ୍ୟ ଦେଶର ସମ୍ବିଧାନ ଓ ବିଧିବ୍ୟବସ୍ଥାରେ ଏହି ଅଧିକାର ସବୁ ଉଲ୍ଲେଖ ରହିଛି। ମାତ୍ର ଅନେକ ସମୟରେ ଦେଖାଯାଏ, ନାଗରିକର ଏହିସବୁ ଅଧିକାରଗୁଡ଼ିକ ଉଲ୍ଲଂଘନ ହେଉଛି। ଜାତିସଂଘ ସାଧାରଣ ପରିଷଦରେ ରାଷ୍ଟ୍ରନାୟକମାନେ ବାରମ୍ବାର ଚିନ୍ତାପ୍ରକଟ କରିବା ପରେ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ସହରରେ ୧୯୯୧ ମସିହାରେ ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ତରଫରୁ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଆହୂତ ହୋଇଥିଲା। ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର, ଜାତୀୟ ଓ ଆଞ୍ଚଳିକ ସ୍ତରରେ ମାନବାଧିକାର ଉଲ୍ଲଂଘନ ବନ୍ଦ କରିବା ନିମନ୍ତେ ଏବଂ ଏହାର ସୁରକ୍ଷା ଓ ବିକାଶ ନିମନ୍ତେ ‘ମାନବାଧିକାର ଅନୁଷ୍ଠାନ’ ଗଠନ କରିବାକୁ ଏହି ସମ୍ମିଳନୀରେ ସ୍ଥିର କରାଯାଇଥିଲା।

ସମ୍ମିଳନୀରେ ଏହି ଅନୁଷ୍ଠାନଗୁଡ଼ିକ କିପରି ଗଠିତ ହେବ, ଏହାର କାର୍ଯ୍ୟାବଳୀ କ’ଣ ହେବ, ଅନୁଷ୍ଠାନର ସଦସ୍ୟମାନେ କିପରି ନିଯୁକ୍ତ ହେବେ, ଏହାର ନିରପେକ୍ଷତା କିପରି ବଜାୟ ରହିବ, ସେଥିନିମନ୍ତେ ଏକ ଚିଠା ନିୟମାବଳୀ ପ୍ରସ୍ତୁତ କରାଯାଇଥିଲା। ଏହି ଚିଠା ନିୟମ ୧୯୯୩ ମସିହାରେ ଭିଏନାଠାରେ ଜାତିସଂଘର ସାଧାରଣ ପରିଷଦ ଅଧିବେଶନରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏହି ଚିଠା ନିୟମକୁ ଐତିହାସିକ ‘ପ୍ୟାରିସ୍ ପ୍ରିନ୍ସିପୁଲ୍‌ସ’ କୁହାଯାଏ। ଭାରତ ଏକ ଅଗ୍ରଗଣ୍ୟ ସମର୍ଥନକାରୀ ରାଷ୍ଟ୍ର ଭାବରେ ସମଗ୍ର ବିଶ୍ୱରେ ପରିଚିତ। ଭାରତର ପ୍ରତିନିଧି ୧୯୯୩ର ମାନବାଧିକାର ବିଶ୍ୱ ସମ୍ମିଳନୀ ‘ଭିଏନା କଂଗ୍ରେସ’ରୁ ଫେରିବା ପରେ, ତତ୍‌କ୍ଷଣାତ୍ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ‘ପ୍ରୋଟେକ୍ସନ ଅଫ୍ ହ୍ୟୁମ୍ୟାନ୍ ରାଇଟ୍‌ସ ଆକ୍ଟ’ ପାସ୍ କରି ୧୯୯୩ରୁ ଦେଶରେ କାର୍ଯ୍ୟକାରୀ କରିଥିଲେ। ଫଳସ୍ୱରୂପ ସେହିବର୍ଷ ଆମ ଦେଶରେ ଜାତୀୟ ମାନବାଧିକାର କମିଶନ ଗଠିତ ହୋଇ କାର୍ଯ୍ୟ ଆରମ୍ଭ କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ରାଜ୍ୟରେ ରାଜ୍ୟ ମାନବାଧିକାର କମିଶନ ଗଠିତ ହୋଇଥିଲା।

୧୯୯୧ର ପ୍ୟାରିସ୍ ନିୟମାବଳୀ ଆଧାରରେ ଗଠିତ ଆମ ମାନବାଧିକାର କମିଶନ ଏକ ନିରପେକ୍ଷ ଅନୁଷ୍ଠାନ। ଆଇନ ଅନୁସାରେ ଏହାର ଦୈନନ୍ଦିନ ଖର୍ଚ୍ଚ ନିମନ୍ତେ ସରକାରଙ୍କଠାରୁ ଅର୍ଥ ଲାଭ କରେ। ଏହା ଦେଶର ନାଗରିକ ଏବଂ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରି ପ୍ରତ୍ୟେକ ମାମଲାର ନ୍ୟାୟ ବିଚାର କରି ନାଗରିକର ଅଧିକାରକୁ ସୁରକ୍ଷିତ ରଖିବା ନିମନ୍ତେ ସରକାରୀ ବିଭାଗଗୁଡ଼ିକୁ ଉପଦେଶ ଦିଏ ଏବଂ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୂଲ୍ୟବୋଧଯୁକ୍ତ ଚାପ ସୃଷ୍ଟି କରେ। କୋର୍ଟ କଚେରିରେ ଲୋକେ ଅତ୍ୟଧିକ ଖର୍ଚ୍ଚାନ୍ତ ହେଉଥିଲା ବେଳେ ଏଠାରେ ବିନା ଖର୍ଚ୍ଚରେ ମାମଲା ବିଚାର ହୁଏ। ଯଥାର୍ଥରେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ ମୁଖ୍ୟ ନ୍ୟାଭି ପିଲାଇ ଏହାର ବିଂଶତିତମ ଅଧିବେଶନରେ କହିଛନ୍ତି ଯେ, ମାନବାଧିକାର ଅନୁଷ୍ଠାନଗୁଡ଼ିକ ତାହାର ଉପାଦେୟତା, ନିରପେକ୍ଷତା ଓ ଆଇନସିଦ୍ଧ ମର୍ଯ୍ୟାଦା ରକ୍ଷା ନିମନ୍ତେ ପ୍ୟାରିସ୍ ନିୟମାବଳୀ ଯଥେଷ୍ଟ ସୁଯୋଗ ସୃଷ୍ଟି କରିଛି। ଏହି ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଦକ୍ଷତା, ସାଧାରଣ ଜନତାଙ୍କ ପ୍ରତି ଉତ୍ତରଦାୟିତ୍ୱ ପାଳନ କରିବାରେ କେତେଦୂର ସକ୍ଷମ ହୋଇଛନ୍ତି ତାହା ଆନ୍ତର୍ଜାତିକ ଯୋଗାଯୋଗ କମିଟି (ଆଇସିସି) ଓ ବିଭିନ୍ନ ସବ୍ କମିଟି ଦ୍ୱାରା ପର୍ଯ୍ୟାଲୋଚନ କରାଯାଏ। ଏଥିରେ ମାନବାଧିକାର ଅନୁଷ୍ଠାନଗୁଡ଼ିକର ପ୍ରତିନିଧି ଯୋଗଦାନ କରନ୍ତି। ଏହି ବୈଠକରେ ସେମାନଙ୍କର ନିରପେକ୍ଷ କାର୍ଯ୍ୟ ଦକ୍ଷତାକୁ ବିଚାର ଆଲୋଚନା କରାଯାଇ ସେମାନଙ୍କୁ ଆକ୍ରିଡ଼ିଏଶନ ସାର୍ଟିଫିକେଟ ପ୍ରଦାନ କରାଯାଏ। ଏହା ସମ୍ପୃକ୍ତ ଦେଶର ଆନ୍ତର୍ଜାତିକ କ୍ଷେତ୍ରରେ ମର୍ଯ୍ୟାଦାର ପ୍ରଶ୍ନ ହୋଇଥିବାରୁ ମାନବାଧିକାର ଅନୁଷ୍ଠାନଗୁଡ଼ିକ ତଦନୁଯାୟୀ ସମ୍ପୂର୍ଣ୍ଣ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବା ବିଚାର୍ଯ୍ୟ।

ଆମ ଦେଶରେ ଜାତୀୟ ମାନବାଧିକାର କମିଶନ ହୁଅନ୍ତୁ କିମ୍ବା ରାଜ୍ୟ କମିଶନ ନିରପେକ୍ଷ ଭାବରେ ସାଧାରଣ ଜନତାଙ୍କ ଅଧିକାର ସୁରକ୍ଷା କ୍ଷେତ୍ରରେ ଆଶାନୁରୂପ ପଦକ୍ଷେପ ନେଉନାହାନ୍ତି। ଏହି ଅନୁଷ୍ଠାନଗୁଡ଼ିକୁ ଆମ ସରକାରମାନେ ସଖୀ କଣ୍ଢେଇ ଭାବରେ ପରିଚାଳିତ କରୁଛନ୍ତି। କେବଳ ଅବସରପ୍ରାପ୍ତ ବିଚାରପତି ଓ ବ୍ୟୁରୋକ୍ରାଟ୍‌ମାନଙ୍କୁ ଏଗୁଡ଼ିକର ଅଧ୍ୟକ୍ଷ ଓ ସଭ୍ୟ ଭାବରେ ନିଯୁକ୍ତ କରାଯାଏ। ଆଜି ପର୍ଯ୍ୟନ୍ତ ମାନବାଧିକାର ପ୍ରତି ନିଷ୍ଠା ଓ କାର୍ଯ୍ୟଦକ୍ଷତା ଥିବା ଜଣେ ହେଲେ ମାନବାଧିକାର କର୍ମୀଙ୍କୁ ଏଥିରେ ସରକାର ନିଯୁକ୍ତ କରିନାହାନ୍ତି। ଯେତିକି କର୍ମଚାରୀ ଓ ପାଣ୍ଠି ଆବଶ୍ୟକ, ସରକାର ଦେଉନାହାନ୍ତି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର କମିଶନଗୁଡ଼ିକରେ ଦୀର୍ଘଦିନ ହେଲା କୌଣସି ଅଧ୍ୟକ୍ଷ କିମ୍ବା ସଭ୍ୟଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ଏହି କମିଶନଗୁଡ଼ିକ ମୃତବତ୍ ପଡ଼ିରହିଛି।

ଟିକରପଡ଼ା, କାକଟପୁର, ପୁରୀ,
ମୋ–୯୪୩୭୦୫୩୩୨୯

## ଏଇ ଭାରତରେ

ଜନ୍ମ ହେବା ପୂର୍ବରୁ ଯେଉଁ ଗର୍ଭସ୍ଥ ଭ୍ରୂଣକୁ ନଷ୍ଟ କରିବାକୁ ଉଦ୍ୟମ ହୋଇଥିଲା, ସେ ଆଜି ବାଲ୍ୟ ବିବାହ ବିରୋଧରେ ଜଣେ ସଂଗ୍ରାମୀ ସାଜିଛନ୍ତି। ରାଜସ୍ଥାନର ଏହି ଚର୍ଚ୍ଚିତା ତରୁଣୀ ହେଉଛନ୍ତି କ୍ରିତି ଭାରତୀ। ସେ ମା’ ଗର୍ଭରେ ପରିପକ୍ୱ ନ ହେବା ପୂର୍ବରୁ ୭ ମାସରେ ଜନ୍ମ ହୋଇଥିଲେ। ତାଙ୍କ ପିତା କନ୍ୟା ଚାହୁଁ ନ ଥିବାରୁ ଗର୍ଭପାତ କରାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଗର୍ଭପାତ କରାଇବା ମା’ ଜୀବନ ପାଇଁ ବିପଦପୂର୍ଣ୍ଣ ଥିବାରୁ ବାଧ୍ୟବଶତଃ ସେ ଜନ୍ମ ହୋଇଥିଲେ। ତେଣୁ ପରିବାର ଲୋକେ ତାଙ୍କୁ ଏକ ଅଭିଶାପ ବୋଲି ବିବେଚନା କରିଥିଲେ। ଏଥିପାଇଁ ପରିବାର ସଦସ୍ୟଙ୍କ ଦ୍ୱାରା ସେ ମାନସିକ ଯନ୍ତ୍ରଣା ପାଇଆସୁଥିଲେ। ପରିବାର ସଦସ୍ୟଙ୍କ ଇଚ୍ଛା ବିରୋଧରେ ସେ ଜନ୍ମ ହୋଇଥିବାରୁ ଶୈଶବରୁ ନିର୍ଯାତିତ ହୋଇ ଆସୁଥିଲେ। ତାଙ୍କୁ ୧୦ବର୍ଷ ବୟସ ହୋଇଥିବା ବେଳେ ଜଣେ ଆତ୍ମୀୟ ତାଙ୍କୁ ସ୍ଲୋ ପଏଜନ୍ ଦେବାରୁ ସେ ବଞ୍ଚିଯାଇଥିଲେ ସତ, କିନ୍ତୁ ତାଙ୍କର ସର୍ବାଙ୍ଗ ଅଚଳ ହୋଇପଡିଥିଲା। ଏହି ପରିସ୍ଥିତିରେ ତାଙ୍କ ମା’ ରେକି ଚିକିତ୍ସା କରାଇବାରୁ ୧୨ବର୍ଷ ବୟସରେ ସେ ଆପେ ଆପେ ଛିଡାହେବା ସହିତ ଚାଲିବା ଆରମ୍ଭ କରିଥିଲେ। ଦୈନିକ ୧୫ରୁ ୧୬ଘଣ୍ଟା ପାଠ ପଢ଼ି ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଏହାପରେ ଦ୍ୱାଦଶ, ଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍ ଏବଂ ଜୋଧପୁରସ୍ଥିତ ଜୟ ନାରାୟଣ ବ୍ୟାସ ୟୁନିଭର୍ସିଟିରୁ ସାଇକୋଲୋଜିରେ ଡକ୍ଟରେଟ୍ ହାସଲ କରିଛନ୍ତି। ଡକ୍ଟରେଟ୍ ପାଇବା ପରେ ସେ ଏକ ମିଶନ୍ ଆରମ୍ଭ କରିଛନ୍ତି। ଅପବାଦର ଶିକାର ପିଲା ଏବଂ ମହିଳାଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବା ସହିତ ରାଜସ୍ଥାନକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ସେ ସ୍ୱପ୍ନ ଦେଖିଛନ୍ତି। ବାସ୍ତବରେ କ୍ରିତି ଭାରତୀଙ୍କ ଜୀବନ ସଂଗ୍ରାମର କାହାଣୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଅକ୍ଟୋବର ୧୯୯୩

- ଆଫ୍ରିକୀୟ–ଆମେରିକୀୟ ମହିଳା ଲେଖିକା ଟୋନି ମୋରସନଙ୍କୁ ୧୯୯୩ ବର୍ଷ ଲାଗି ସାହିତ୍ୟ ପୁରସ୍କାର ପାଇଁ ନୋବେଲ ପୁରସ୍କାର ପ୍ରଦାନ।
- ଭାରତର ଓପନିଂ ବ୍ୟାଟସମ୍ୟାନ ତଥା ପୂର୍ବତନ ଅଧିନାୟକ କ୍ରିଷ୍ଣାମାଚାରୀ ଶ୍ରୀକାନ୍ତଙ୍କ ଟେଷ୍ଟ ଓ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ଘୋଷଣା।

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୩୦– ଇଣ୍ଡୋନେସିଆରେ ଭୟଙ୍କର ଭୂମିକମ୍ପ ଯୋଗୁ ମୃତ୍ୟୁସଂଖ୍ୟା ୮୩୨ ଟପିଥିବା ବେଳେ ଆହୁରି ଶତାଧିକ ବ୍ୟକ୍ତି ମାଟିତଳେ ଚାପି ହୋଇ ରହିଛନ୍ତି।

ଅକ୍ଟୋବର ୧– ଭାରତର ୪୫ତମ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ଅବସର ଗ୍ରହଣ।

୨– ଇଣ୍ଡୋନେସିଆରେ ଭୂକମ୍ପ–ସୁନାମିଜନିତ ମୃତ୍ୟୁସଂଖ୍ୟା ୧୨୩୪ ଟପିଲା।

୩– ଆମେରିକୀୟ ବୈଜ୍ଞାନିକ ଫ୍ରାନ୍ସେସ୍ ଏଚ୍. ଆର୍ନୋଲ୍‌ଡ, ଜର୍ଜ ପି. ସ୍ମିଥ୍ ଏବଂ ବ୍ରିଟିଶ୍ ଗବେଷକ ଗ୍ରେଗୋରୀ ୱିଣ୍ଟରଙ୍କୁ ରସାୟନ ଶାସ୍ତ୍ରରେ ନୋବେଲ ପୁରସ୍କାର ଘୋଷଣା।

* ଭାରତର ୪୬ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କଲେ ଜଷ୍ଟିସ୍ ରଞ୍ଜନ ଗୋଗୋଇ।

୪– ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦୁଇଦିନିଆ ଭାରତ ଗସ୍ତରେ ଆସିଛନ୍ତି। ଏହି ଅବସରରେ ଏସ୍–୪୦୦ କ୍ଷେପଣାସ୍ତ୍ର କ୍ରୟ ନେଇ ରାଜିନାମା ସ୍ୱାକ୍ଷରିତ ହେବ।

୫– ଯୁଦ୍ଧବେଳେ ଯୌନହିଂସା ବିରୋଧରେ ସଫଳ ସଂଗ୍ରାମ ପାଇଁ ଇରାକର ମାନବାଧିକାର କର୍ମୀ ନାଦିଆ ମୁରାଦ ଓ କଙ୍ଗୋର ଡାକ୍ତର ଡେନିସ୍ ମୁକ୍‌ୱେଗେ ନୋବେଲ ଶାନ୍ତି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ଚିରନ୍ତନୀ

ମଣାଣିରୁ ନିଭି ଆସେ ଜୁଇ
ନିଭେ ଯଥା ମନୁଁ ଶୋକଭୟ
ତରଳାଇ ଶୀତର ତୁଷାର
ଆଜି ଏଥି ରଚ ଅଭିସାର
କିଏ ତୁମେ ଚିର ନିର୍ଦ୍ଦୟ
ବୁହାଇଲ ମନ୍ଦ ମଳୟ !
(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | 9 | | | | | E | C | 8 | | 6 | | |
| 4 | 6 | B | | | | D | 7 | | | | | | | |
| | 0 | | 3 | | | | 8 | | 6 | | | A | | 9 |
| | 8 | | | 6 | | 3 | | 2 | | | 4 | | | B |
| 2 | | E | | | | | | | 0 | | | | 1 | |
| 8 | 2 | C | | | A | | 0 | | | | | E | | 3 |
| E | | | | | 3 | | 1 | | 2 | 5 | | | 9 | |
| | 7 | | | 8 | 0 | | | | | | | | | 5 |
| | | | 5 | | | | | D | | | | | 7 | C |
| | | 9 | 2 | E | B | A | | 7 | | | C | | 0 | |
| | B | | 8 | | | | 6 | | | | 7 | 0 | | |
| | | 3 | C | | | | | | | | | | | |
| A | | | | | 1 | E | | 0 | | | 3 | | | 4 |
| 1 | | | | 7 | | | | | D | | | | A | |
| 6 | E | | | D | | C | 3 | 9 | 5 | | | | 8 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | 5 | 7 | E | 6 | B | 0 | 4 | 8 | 2 | A | 3 | 1 | D |
| 7 | 1 | E | 5 | B | D | A | C | 6 | 9 | 0 | 3 | 4 | 8 | 2 |
| 2 | D | 4 | 0 | 8 | C | 9 | 3 | 5 | 6 | 7 | 1 | B | E | A |
| A | 6 | B | 3 | 1 | 2 | 8 | 7 | E | D | C | 4 | 5 | 0 | 9 |
| 3 | 0 | 8 | 4 | A | 9 | D | 2 | 1 | B | E | 5 | 7 | 6 | C |
| C | B | 6 | A | D | 5 | 1 | 4 | 9 | E | 8 | 2 | 0 | 7 | 3 |
| 0 | 7 | A | 2 | 3 | 8 | 5 | D | B | 1 | 6 | C | 9 | 4 | E |
| 1 | E | 9 | C | 0 | 4 | 6 | A | 7 | 3 | 5 | D | 2 | B | 8 |
| 4 | 5 | 2 | E | 6 | B | C | 8 | 3 | 7 | 9 | 0 | D | A | 1 |
| 8 | 3 | D | 1 | 9 | 7 | 2 | E | 0 | 4 | A | B | 6 | C | 5 |
| E | 4 | C | D | 5 | 1 | 3 | 6 | 8 | 2 | B | 7 | A | 9 | 0 |
| D | A | 0 | B | 7 | E | 4 | 1 | 2 | C | 3 | 9 | 8 | 5 | 6 |
| 6 | 2 | 7 | 8 | 4 | A | 0 | 9 | D | 5 | 1 | E | C | 3 | B |
| B | 9 | 3 | 6 | 2 | 0 | E | 5 | C | A | 4 | 8 | 1 | D | 7 |
| 5 | 8 | 1 | 9 | C | 3 | 7 | B | A | 0 | D | 6 | E | 2 | 4 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ଗ୍ୟାସ୍ ଦର କମାନ୍ତୁ

ମହାଶୟ,

ଗାଁଠାରୁ ଆରମ୍ଭ କରି ସହରାଞ୍ଚଳ ଯାଏଁ ଲୋକେ ରୋଷେଇ କରିବା ପାଇଁ କାଠ, ଘଷି, କତା ବା ଷ୍ଟୋଭ ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ସମସ୍ତେ ଗ୍ୟାସ୍‌ରେ ରୋଷେଇ କରୁଛନ୍ତି। ଖାଲି ଘର ନୁହେଁ ଚା ଦୋକାନ, ହୋଟେଲ, ହଷ୍ଟେଲରେ ମଧ୍ୟ ଗ୍ୟାସ୍ ଚୁଲା ବ୍ୟବହାର ହେଉଛି। ବାହାଘର, ବ୍ରତଘରମାନଙ୍କରେ ମଧ୍ୟ ଗ୍ୟାସ୍ ଚୁଲାର ବ୍ୟବହାର ହେଉଛି। ବର୍ତ୍ତମାନ ଗ୍ୟାସ୍ ସିଲିଣ୍ଡର ଦର ସରକାର ବହୁତ ବଢ଼ାଇ ଦେଇଛନ୍ତି। ଏହାଦ୍ୱାରା ଉପଭୋକ୍ତାମାନେ ଘୋର ଅସନ୍ତୋଷ ପ୍ରକାଶ କରୁଛନ୍ତି। କେନ୍ଦ୍ର ସରକାରଙ୍କୁ ଅନୁରୋଧ ଖାଉଟିମାନଙ୍କ କଲ୍ୟାଣ ଦୃଷ୍ଟିରୁ ଗ୍ୟାସ୍ ଦର ଯଥାସମ୍ଭବ କମାନ୍ତୁ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଦୁଇଟି ଫାଟକ ହେଉ

ବେତନଟୀ ବଜାର, ଷ୍ଟେଶନ ଓ କଙ୍କାକାଳିଆ ଛକ ମଧ୍ୟରେ ଦୁଇଟି ରେଳ ଫାଟକ ମୟୂରଭଞ୍ଜ ମହାରାଜାଙ୍କ ଅମଳରୁ ଥିଲା। ମାତ୍ର ଷ୍ଟେଶନ ପ୍ଲାଟଫର୍ମ ସମ୍ପ୍ରସାରଣ ଫଳରେ ବସ୍‌ଷ୍ଟାଣ୍ଡ ଓ ଆନନ୍ଦବଜାର ସଂଯୋଗ ରାସ୍ତା ବନ୍ଦ କରିଦେବା ଯୋଗୁ ଚଣ୍ଡୀମନ୍ଦିର ଓ କଙ୍କାକାଳିଆ ଛକ ମଧ୍ୟରେ ଗୋଟିଏ ଫାଟକ ରହିଲା। ଦୈନିକ ଟ୍ରେନ ଯିବାଆସିବା ପୂର୍ବରୁ ୧୫ ମିନିଟ ଏହିପରି ୮/୧୦ ଥର ବନ୍ଦ ହେବା ଦ୍ୱାରା ରାସ୍ତା ଜାମ୍ ହୋଇଯାଉଛି। ସ୍କୁଲ, କଲେଜ ପିଲାମାନେ ଏହି ଭିଡରେ ଫସି ରହୁଛନ୍ତି। ବେଳେ ବେଳେ ଠେଲାପେଲାରେ ଦୁର୍ଘଟଣା ଘଟୁଛି। ବସଷ୍ଟାଣ୍ଡ ଓ ରେଲୱେ ଷ୍ଟେଶନକୁ ଯିବାକୁ ହେଲେ ଦେଢ କିଲୋମିଟର ବୁଲି ଯିବାକୁ ପଡୁଛି। ତେଣୁ ପୂର୍ବ ପରି ଦୁଇଟି ଗେଟ୍ କଲେ ସମସ୍ତେ ଉପକୃତ ହେବେ।

ଡ. ଆଶିଷ ବାନାର୍ଜୀ, ବେତନଟୀ, ମୟୂରଭଞ୍ଜ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"ମାଇକ୍ରୋ-ବ୍ଲଗିଂ ସାଇଟ୍ 'ଟୁଇଟର' ନକାରାତ୍ମକ। ଏଥିରୁ କିଛିଦିନ ଦୂରେଇ ରହିବାକୁ ଚାହେଁ

-ସୋନମ କପୁର, ବଲିଉଡ୍ ଅଭିନେତ୍ରୀ

# ଚନ୍ଦ୍ର ଆଗ୍ନେୟଗିରିର ନାମକରଣ

ୱାଶିଂଟନ୍

ଦି ଇଣ୍ଟରନ୍ୟାଶନାଲ୍ ଆଷ୍ଟ୍ରୋନୋମିକାଲ୍ ୟୁନିୟନ୍ (ଆଇଏୟୁ) ଚନ୍ଦ୍ରରେ ଥିବା ୨ଟି ଆଗ୍ନେୟଗିରିର ନାମକରଣ କରିଛି। ନାସାର ଆପୋଲୋ ୮ ସ୍ପେସ୍‌କ୍ରାଫ୍ଟ ସମ୍ମାନାର୍ଥେ ଏଗୁଡିକର ନାମକରଣ କରାଯାଇଛି। ଦୀର୍ଘ ୫୦ବର୍ଷ ତଳେ ପ୍ରଥମ ଥର ପାଇଁ ଉକ୍ତ ସ୍ପେସ୍‌କ୍ରାଫ୍ଟ ୩ ମହାକାଶଚାରୀଙ୍କୁ ନେଇ ଚନ୍ଦ୍ରର କକ୍ଷପଥକୁ ଯାଇଥିଲା। '୮ ହୋମୱାର୍ଡ' ଏବଂ 'ଆଣ୍ଡର୍ସ ୟାର୍ଥରାଇଜ୍' ଭାବରେ ନାମିତ ଦୁଇଟି ଆଗ୍ନେୟଗିରି ୟାର୍ଥରାଇଜ୍ କଲର ଫଟୋଗ୍ରାଫ୍‌ରେ ଦୃଶ୍ୟମାନ ହେଉଛି। ଆପୋଲୋ ୮ ମହାକାଶଚାରୀ ୱିଲିୟମ୍ ଆଣ୍ଡର୍ସଙ୍କ ଦ୍ୱାରା ଏହି ଫଟୋ ଉତ୍ତୋଳନ କରାଯାଇଥିଲା। ଆପୋଲୋ ୮ ଦ୍ୱାରା ଉଠାଯାଇଥିବା ଚନ୍ଦ୍ରପୃଷ୍ଠର ଅନେକ ଫଟୋ ମଧ୍ୟରୁ ଏହି ଦୁଇଟି ଅତି ଉଜ୍ଜ୍ୱଳ। କାରଣ ଚନ୍ଦ୍ରର ଏହି ପାର୍ଶ୍ୱ ସବୁବେଳେ ପୃଥିବୀ ଆଡକୁ ମୁହଁକରି ରହିଥାଏ। ଚନ୍ଦ୍ରର ଚତୁର୍ଦ୍ଦିଗରେ ଘୂରିବା ବେଳେ ଆପୋଲୋ ୮ ମହାକାଶଚାରୀମାନେ ସ୍ପଷ୍ଟ ଭାବରେ ଏହାକୁ ଦେଖିବାକୁ ପାଇଥିଲେ। ଆଣ୍ଡର୍ସ, ମିଶନ କମାଣ୍ଡର ଫ୍ରାଙ୍କ ବୋରମ୍ୟାନ୍ ଏବଂ ଜେମ୍ସ ଲଭେଲ ପ୍ରଥମ କରି ଚନ୍ଦ୍ରର କକ୍ଷପଥରେ ପହଞ୍ଚିପାରିଥିଲେ। ସେଦିନ ଥିଲା ୧୯୬୮ ଡିସେମ୍ବର ୨୧। ଚନ୍ଦ୍ରକୁ ୧୦ଥର ପରିକ୍ରମା କରି ଏମାନେ ଅନେକ ଫଟୋ ପୃଥିବୀକୁ ପଠାଇଥିଲେ ଏବଂ ଟେଲିଭିଜନ୍‌ରେ ଏହା ପ୍ରସାରିତ ହୋଇଥିଲା। ଏହାପରେ ମହାକାଶଚାରୀମାନେ ପୃଥିବୀକୁ ଫେରିଆସିଥିଲେ। ଏହାର ସାଢ଼େ ୬ମାସ ପରେ ୧୯୬୯ ଜୁଲାଇ ୨୦ରେ ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଚନ୍ଦ୍ରପୃଷ୍ଠରେ ପାଦ ଦେଇ 'ମାନବ ଜଗତ ପାଇଁ ଏହା ଏକ ବୃହତ୍ ପଦପାତ' ବୋଲି ଘୋଷଣା କରିଥିଲେ।




## 'ସ୍ୱତନ୍ତ୍ର ଶୁଟ୍'ରେ ଉଡ଼ିବ ମଣିଷ

**ଲଣ୍ଡନ:** ଜେଟ୍ ଇଞ୍ଜିନ୍ ଚାଳିତ ଏକ ସ୍ୱତନ୍ତ୍ର ଶୁଟ୍ ପିନ୍ଧି ମଣିଷ ଆକାଶରେ ଉଡ଼ିପାରିବ। ଆସନ୍ତା ବର୍ଷ ରେସିଂ ସିରିଜ୍‌ର ଏଭଳି ଅନେକ ଶୁଟ୍ ପ୍ରସ୍ତୁତ ହେବାକୁ ଯାଉଛି। ବିଭିନ୍ନ କ୍ରୀଡାରେ ଦକ୍ଷତା ହାସଲ କରିଥିବା ମହିଳା ଓ ପୁରୁଷ ଏହାକୁ ପିନ୍ଧି ଆକାଶରେ ଉଡିବାର ମଜା ଉଠାଇପାରିବେ। ଏହି ଶୁଟ୍ ପିନ୍ଧି ଉଡିବା ସମୟରେ ଦିଗ ପରିବର୍ତ୍ତନ କରାଯାଇପାରିବ। ଉକ୍ତ ଜେଟ୍ ଶୁଟ୍‌ର କ୍ଷମତା ୧,୦୦୦ ହର୍ସ ପାୱାର। ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବୋଲି ଏହାର ଉଦ୍ଭାବକ ରିଚାର୍ଡ ବ୍ରାଉନିଙ୍ଗ୍ ପ୍ରକାଶ କରିଛନ୍ତି। ଏହି ଶୁଟ୍ ଧାରଣ କରିଥିବା ବ୍ୟକ୍ତି ଘଣ୍ଟା ପ୍ରତି ୩୨ ମାଇଲ୍ (୫୧କିଲୋମିଟର) ବେଗରେ ଗତି କରିପାରିବେ। ସମ୍ପୃକ୍ତ ବ୍ୟକ୍ତିର ହାତ ଓ ପିଠିରେ ୫ଟି କ୍ଷୁଦ୍ର ଆକୃତିର ଜେଟ୍ ଇଞ୍ଜିନ୍ ଖଞ୍ଜିଦେଲେ ସେ ଉଡିବାକୁ ସମର୍ଥ ହୋଇପାରିବେ। ଜଣେ ବ୍ୟବସାୟୀ ଭାବରେ ପରିଚିତ ବ୍ରାଉନ୍ ୩ବର୍ଷ ତଳେ ତାଙ୍କ ଗ୍ୟାରେଜରେ ସାଥୀଙ୍କ ସହିତ ପ୍ରଥମ କରି ଏଭଳି ଏକ ଶୁଟ୍ ତିଆରି କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଇକ ହୋଇ ଚରଣ ଫାଟୁଆ,**
**ବଳଦ ହୋଇ ଚାଲଇ ମଠୁଆ,**
**ଗାୟକ ହୋଇ ଗଳାଟି ମୋଟିଆ,**
**କହେ ଦନାଇ ଏ ଛଟପଟିଆ ।**

ପଦାତିକ ତଥା ପିଆଦା ଶ୍ରେଣୀର ବ୍ୟକ୍ତିଙ୍କ କ୍ଷେତ୍ରରେ ପାଦ ଫାଟିବା ତାଙ୍କ ବୃତ୍ତି ପକ୍ଷେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ବଳଦ ମଠୁଆ ହେଲେ ଚାଷକାମ ଭଲ ବା ଠିକ୍ ସେ ହୋଇପାରି ନ ଥାଏ। ସେହିପରି ଯିଏ ଗୀତ ଗାଏ ତା'ର ଗଳା ବା କଣ୍ଠ ମୋଟା ହୋଇଥିଲେ ତାଙ୍କ ଗୀତ ଶ୍ରୁତିମଧୁର ଲାଗି ନ ଥାଏ। ଏପରି ଅବସ୍ଥା ନିଜ ନିଜର ବୃତ୍ତିକୁ ସଠିକ୍ ଢଙ୍ଗରେ ତୁଲାଇବା ଦିଗରେ ଅନ୍ତରାୟ ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପଳାଶ ଫୁଲ**
**ଉପରେ ସୁନ୍ଦର ଭିତରେ ପୋଲା।**

ପଳାଶ ଫୁଲ ଦେଖିବାକୁ ଖୁବ୍ ସୁନ୍ଦର । କିନ୍ତୁ ଏହା ବାସହୀନ ହୋଇଥିବା ଦୃଷ୍ଟିରୁ ଏହି ଫୁଲ ପ୍ରତି ମନରେ ସେତେଟା ଆଗ୍ରହଭାବ ସୃଷ୍ଟି ହୋଇପାରି ନ ଥାଏ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ । ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଗୁଣ ଯଦି ସେତେ ଭଲ ବା ଉତ୍କୃଷ୍ଟ ହୋଇ ନ ଥାଏ ତା'ହେଲେ ସେ ବ୍ୟକ୍ତି ସେତେ ଆଦର ସମ୍ମାନ ବା ଖ୍ୟାତି ଲାଭ କରିପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୯ | ୨୩.୮ |
| ଚାନ୍ଦବାଲି | ୩୪.୪ | ୨୫.୬ |
| କଟକ | ୩୪.୨ | ୨୪.୫ |
| ପାରାଦ୍ୱୀପ | ୩୪.୪ | ୨୬.୦ |
| ଭୁବନେଶ୍ୱର | ୩୫.୦ | ୨୪.୦ |
| ଗୋପାଳପୁର | ୩୬.୮ | ୨୪.୫ |
| ପୁରୀ | ୩୪.୬ | ୨୬.୫ |
| ଅନୁଗୋଳ | ୩୫.୧ | ୨୧.୦ |
| ବାରିପଦା | ୩୪.୬ | ୨୩.୦ |
| ଝାରସୁଗୁଡ଼ା | ୩୪.୮ | ୨୩.୨ |
| କେନ୍ଦୁଝର | ୩୨.୫ | ୨୦.୬ |
| ସମ୍ବଲପୁର | ୩୫.୮ | ୨୧.୬ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୫.୩ | ୨୨.୩ |
| ତାଳଚେର | --- | ୨୨.୩ |
| ଭବାନୀପାଟଣା | --- | ୨୨.୦ |
| ବଲାଙ୍ଗୀର | ୩୫.୦ | ୨୩.୫ |
| କୋରାପୁଟ | ୩୧.୦ | ୧୭.୪ |
| ଫୁଲବାଣୀ | ୩୨.୫ | ୧୭.୫ |
| ଟିଟିଲାଗଡ଼ | ୩୪.୦ | ୨୨.୦ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୫.୨ | ୨୨.୨ |
| ଦାରିଙ୍ଗିବାଡ଼ି | ୨୯.୩ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ
### ଅକ୍ଟୋବର ୮ର ପ୍ରମୁଖ ଘଟଣା

୧୯୩୨ ଅକ୍ଟୋବର ୮ରେ ଭାରତୀୟ ବାୟୁସେନା(ଆଇଏଏଫ୍) ପ୍ରତିଷ୍ଠା ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହାର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ଏହାର ନାମ ରୟାଲ ଇଣ୍ଡିଆନ୍ ଏୟାରଫୋର୍ସକୁ ପରିବର୍ତ୍ତନ କରାଯାଇ ଇଣ୍ଡିଆନ୍ ଏୟାରଫୋର୍ସ ରଖାଯାଇଥିଲା।୧୯୫୦ରେ ଆଇଏଏଫ୍ ପଡୋଶୀ ରାଷ୍ଟ୍ର ପାକିସ୍ତାନ ଏବଂ ଚାଇନା ସହିତ ୪ଟି ଯୁଦ୍ଧ ଲଢିଥିଲା।

୨୦୦୫ ଅକ୍ଟୋବର ୮ରେ ଭାରତର ଜମ୍ମୁ-କଶ୍ମୀର ଏବଂ ପାକିସ୍ତାନ ଅଧିକୃତ କଶ୍ମୀରରେ ଏକ ଶକ୍ତିଶାଳୀ ଭୂକମ୍ପ ସୃଷ୍ଟି ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୬ ଥିଲା। ଭୂକମ୍ପରେ ୮୬ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଏହାର ଉତ୍ପତ୍ତିସ୍ଥଳ ଥିଲା ପାକିସ୍ତାନର ମୁଜାଫରାବାଦ।

## 'କଳଙ୍କ'ର ଶୁଟିଂ ଆରମ୍ଭ କଲେ ଆଲିଆ



**ମୁମ୍ବାଇ:** ଅଭିନେତ୍ରୀ ଆଲିଆ ଭଟ୍ଟ ରବିବାର 'କଳଙ୍କ' ଇନ୍ କାରଗିଲ୍‌ରେ ଶୁଟିଂ ଆରମ୍ଭ କରିଛନ୍ତି। ୨୫ ବର୍ଷ ବୟସ୍କା ଆଲିଆ ଇନ୍‌ଷ୍ଟାଗ୍ରାମରେ ନିଜର ଫଟୋଗ୍ରାଫ୍ ଅପଡେଟ୍ କରିଛନ୍ତି। ଏକ ଏୟାରପୋର୍ଟ ଶଟଲ୍ ବସ୍‌ରେ ନିଜ ଟିମ୍ ସହିତ ସେ ପୋଜ୍ ଦେଉଥିବା ଦେଖିବାକୁ ମିଳୁଛି। 'ରାଜି'ରେ ଅଭିନୟ କରିଥିବା ଏହି ଅଭିନେତ୍ରୀ ନିଜର ଫଟୋଗ୍ରାଫ୍ ତଳେ 'କାରଗିଲ୍ କଲିଙ୍ଗ୍' ବୋଲି ଉଲ୍ଲେଖ କରିଛନ୍ତି। ଅଭିଷେକ ବର୍ମନ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ମାଧୁରୀ ଦୀକ୍ଷିତ୍, ସଞ୍ଜୟ ଦତ୍ତ, ବରୁଣ ଧାବନ୍, ଆଦିତ୍ୟ ରଏ କପୁର ଏବଂ ସୋନାକ୍ଷୀ ସିହ୍ନା। ରିପୋର୍ଟ ଅନୁଯାୟୀ, ଆଲିଆ ଏବଂ ବରୁଣଙ୍କୁ ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ସିକ୍ୱେନ୍ସର ଶୁଟିଂ ହେବାର ଅଛି। ତେଣୁ ସେମାନେ କାରଗିଲରେ ୭ ଦିନ ରହଣି କରିବେ। ପୂର୍ବରୁ ଆଲିଆ ଏକ ସାକ୍ଷାତ୍‌କାରରେ କହିଥିଲେ, ଉକ୍ତ ଫିଲ୍ମକୁ ନେଇ ସେ ବେଶ୍ ଉତ୍ସାହିତ। ସାମଗ୍ରିକ ଭାବରେ ଦେଖିବାକୁ ଗଲେ ଏହି ଫିଲ୍ମ ବାସ୍ତବରେ ସ୍ୱତନ୍ତ୍ର। ୨୦୧୯ ଏପ୍ରିଲ ୧୯ରେ ଏହା ରିଲିଜ୍ ହେବାର ଅଛି।


# CLASSIFIED DISPLAY

ALL EDITION-B/W (Every Day) — For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । ସୁଧ 2%, ରିହାତି 50% । ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LIMITED
(Regd. No. - U6519TN1988 LC008555)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, କୃଷି ଏବଂ ସମସ୍ତ ଋଣ ଘରେ ବସି ପାଆନ୍ତୁ ମାତ୍ର 3ରୁ 4 ଦିନରେ 2% ସୁଧ 40% ରିହାତି।
H-33, ARODA, GREATER NOIDA
CALL NOW
7830746256
8859690149

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

TOWER VISION
(GOVT. APPROVED)
ଭାରତର ନଂ.1 କମ୍ପାନୀ
କମ୍ପାନୀ ଦ୍ୱାରା ସବୁ କମ୍ପାନୀର 3G/4G ଉପକରଣ ଲଗାନ୍ତୁ । ଅଗ୍ରିମ 60 ଲକ୍ଷ, ଭଡ଼ା 40,000/-, ଅନ୍ୟାନ୍ୟ ଲାଭ 20,000/- ପାଆନ୍ତୁ ନିଜ ଜମି, ଛାତ, ପ୍ଲଟ୍‌କୁ ଭଡ଼ାରେ ଦେଇ + ବାଇକ୍ + ବୀମା (ଏଜେଣ୍ଟ ଆମନ୍ତ୍ରିତ)
08818956614
09753490869
ରାମ ନଗର ନାରନୋର, ହରିୟାଣା

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
ଆବଶ୍ୟକତା ଅଛି ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ କମ୍ପାନୀକୁ ଓଡ଼ିଶାରେ ଏଜେଣ୍ଟ, ଡିଲର ପଏଣ୍ଟ, ମାଇକ୍ରୋ ଫାଇନାନ୍ସ, ଫିଲଡ୍ ଅଫିସରମାନଙ୍କର, Fixed Salary- 25,000 to 35,000 + କମିଶନ, ଲୋନ, ପର୍ସନାଲ ଲୋନ, ଲୋନ୍ ଏଗ୍ରେଷ୍ଟ ପ୍ରପର୍ଟି ସଂପର୍କ କରନ୍ତୁ।
D2/A, Ambedkar Bhawan Near Paribartan Square, Lucknow, Delhi
9958114799
9667313428

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
8979448754
8979448494

INDIA'S NO.1 Govt. Approved SLT Company
ଦ୍ୱାରା ଖାଲି ଜମି, ଛାତ, ପ୍ଲଟରେ ସବୁ କମ୍ପାନୀର ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ - 55 ଲକ୍ଷ, ଭଡ଼ା - 65000/- + ଅନ୍ୟାନ୍ୟ ସୁବିଧା + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ + ବୀମା ମାଗଣା। (ଦ୍ରଷ୍ଟବ୍ୟ- ସରକାରଙ୍କ ଦ୍ୱାରା 780 ଡିଜିଟାଲ ଉପକରଣ ଲଗାଇବାର ଅନୁମତି)
8750226673
9667741675
T-51, Gali No.8, Gautampuri, Delhi-110053

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ୍, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ 2ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ମହାରାଷ୍ଟ୍ର ସରକାର ଏକ ନୂଆ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ଅନ୍ତର୍ଗତ ମୁକ୍ତାକାଶ କାରାଗାରରେ ରହୁଥିବା ମହିଳା କଏଦୀ ସେମାନଙ୍କ ପରିବାର ସଦସ୍ୟଙ୍କ ପାଖକୁ ୫ ମିନିଟ୍ ପାଇଁ ଭିଡିଓ କଲିଂ କରିପାରିବେ। ଏଥିପାଇଁ ସେମାନଙ୍କୁ ୫ ଟଙ୍କା ଦେବାକୁ ପଡ଼ିବ। ପରୀକ୍ଷାମୂଳକ ଭାବେ ଏହାକୁ ପୁଣେର ୟେରୱାଡ଼ା କେନ୍ଦ୍ରୀୟ କାରାଗାରରେ ଲାଗୁ କରାଯିବ। ପରବର୍ତ୍ତୀ ସମୟରେ ଏହା ଅନ୍ୟ କାରାଗାରରେ ପ୍ରଣୟନ କରାଯିବାର ଯୋଜନା ରହିଛି।






## ସଂକ୍ଷେପରେ

### 'ପୁରୀରୁ ପ୍ରଧାନମନ୍ତ୍ରୀ ଲଢ଼ିବା ପ୍ରସଙ୍ଗ ଏକ ଚର୍ଚ୍ଚା ମାତ୍ର'

ଭୁବନେଶ୍ୱର, ୭।୧୦(ବ୍ୟୁରୋ): ଆସନ୍ତା ସାଧାରଣ ନିର୍ବାଚନରେ ପୁରୀ ଲୋକସଭା ନିର୍ବାଚନମଣ୍ଡଳୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାର୍ଥୀ ହେବା ପ୍ରସଙ୍ଗ କିଛିଦିନ ହେବ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ହେଲେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଭାଜପାର ଦୁଇଦିନିଆ କାର୍ଯ୍ୟକାରିଣୀରେ ନିର୍ଦ୍ଦିଷ୍ଟ ଭାବେ ସେ ପ୍ରସଙ୍ଗରେ ଆଲୋଚନା ହୋଇ ନ ଥିବା ଜଣାପଡିଛି। ଏଣୁ ମୋଦି ପୁରୀରୁ ପ୍ରାର୍ଥୀ ହେବା ପ୍ରସଙ୍ଗ ଏକ ରାଜନୈତିକ ଚର୍ଚ୍ଚା ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି। ବନାରସ ଭଳି ପୁରୀ ଏକ ଧାର୍ମିକ ପୀଠ ହୋଇଥିବାରୁ ମୋଦି ଏଠାରୁ ପ୍ରାର୍ଥୀହେବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏହି ପ୍ରସଙ୍ଗରେ ସାଧାରଣରେ କିଭଳି ପ୍ରତିକ୍ରିୟା ପ୍ରକାଶ ପାଉଛି, ତାହା ଜାଣିବା ପାଇଁ ଦଳର ଆଇଟି ସେଲରୁ ଏପ୍ରକାର ଗୁଜବ ସୃଷ୍ଟି କରାଯାଇଥିବା ଜନୈକ ନେତା ନିଜ ନାମ ଗୋପନ ରଖି କହିଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ମୋଦି ନିଜେ ଏବଂ ସଂସଦୀୟ ଦଳ ଚାହିଁଲେ ପୁରୀରୁ ଛିଡ଼ା ହେବା ପ୍ରସଙ୍ଗ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେ କହିଛନ୍ତି। ଶନିବାର ରାଜ୍ୟ ପଦାଧିକାରୀମାନଙ୍କ ବୈଠକ ଏବଂ ରବିବାର କାର୍ଯ୍ୟକାରିଣୀରେ କେବଳ ଭବିଷ୍ୟତର ରୋଡ୍ ମ୍ୟାପ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ପୂର୍ବରୁ ଓଡ଼ିଶାର ବ୍ରହ୍ମପୁର ଲୋକସଭା ଆସନରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି ନରସିଂହ ରାଓ ପ୍ରାର୍ଥୀ ହୋଇ ଭଲ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ହେଲେ ପ୍ରଧାନମନ୍ତ୍ରୀ ଭାବେ ପୁନଃ ଅବସ୍ଥାପିତ ହୋଇ ନ ଥିଲେ। ସେହିପରି ୧୯୯୬ ପୂର୍ବରୁ ଉକ୍ତ ଆସନରେ କଂଗ୍ରେସ ଲଗାତର ଜିତି ଆସୁଥିଲା। ମୋଦିଙ୍କ ପ୍ରାର୍ଥିତ୍ୱ ନେଇ ଚର୍ଚ୍ଚାରେ ଥିବା ପୁରୀ ଲୋକ ସଭା ଆସନ ବିଜେଡି ୧୯୯୮ରୁ ଲଗାତର ଭାବେ ଜିତି ଆସୁଛି। ୨୦୦୯ ଏବଂ ୨୦୧୪ରେ ଭାଜପା ଏଠାରେ ଯଥାକ୍ରମେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଏବଂ ଅଶୋକ ସାହୁଙ୍କୁ ପ୍ରାର୍ଥୀ କରିଥିଲା। ହେଲେ ଉଭୟ ଥର ଭାଜପା ତୃତୀୟ ସ୍ଥାନରେ ରହିଥିଲା।

■ ଶେଷ ହେଲା ଭାଜପାର ଦୁଇଦିନିଆ କାର୍ଯ୍ୟକାରିଣୀ

# ଦୁର୍ନୀତିକୁ ପ୍ରସଙ୍ଗ କରିବ ଭାଜପା

ଭୁବନେଶ୍ୱର ୭।୧୦(ବ୍ୟୁରୋ)

ଭାଜପାର ଦୁଇ ଦିନିଆ କାର୍ଯ୍ୟକାରିଣୀ ବୈଠକ ରବିବାର ଶେଷ ହୋଇଛି। ଭାଜପା ଆସନ୍ତା ନିର୍ବାଚନରେ କିଭଳି ମିଶନ ୧୨୦କୁ ସଫଳ କରିବ ସେ ନେଇ କାର୍ଯ୍ୟକାରିଣୀରେ ବ୍ୟାପକ ଆଲୋଚନା କରାଯାଇଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଦଳ ପକ୍ଷରୁ ରବିବାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଲୋକମାନଙ୍କ ନିକଟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତିକୁ ପହଞ୍ଚାଇବା ପାଇଁ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। ଶାସକ ବିଜେଡିକୁ ଶାସନ ଗାଦିରୁ ହଟାଇବା ପାଇଁ କାର୍ଯ୍ୟକାରିଣୀ ସଦସ୍ୟମାନେ ସଂକଳ୍ପ ନେଇଥିବା ଜଣାପଡିଛି। ଏହି ଅବସରରେ ଦଳ ପକ୍ଷରୁ ୧୫ଟି ରାଜନୈତିକ ପ୍ରସ୍ତାବ ପାରିତ ହୋଇଥିବା ଜଣାପଡିଛି। ବିଭିନ୍ନ ଦୁର୍ନୀତି ପ୍ରସଙ୍ଗକୁ ନେଇ ଭାଜପା କାର୍ଯ୍ୟକର୍ତ୍ତାମାନେ ଖୁବ୍‌ଶୀଘ୍ର ତୃଣମୂଳସ୍ତରକୁ ଯିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ଆଗାମୀ ଦିନରେ ଭାଜପା ନେତାମାନେ ଶାସକ ବିଜେଡି ବିରୋଧରେ କେଉଁସବୁ ଦୁର୍ନୀତି ପ୍ରସଙ୍ଗ ଉଠାଇବେ ସେ ନେଇ ଆଲୋଚନା କରିଛନ୍ତି। ସୂଚନା ମୁତାବକ, ଖଣି ଓ ଚିଟଫଣ୍ଡ ଦୁର୍ନୀତିକୁ ପୁଣିଥରେ ଭାଜପା ଜୋର୍‌ଦାର ଭାବେ ଉଠାଇବ। ସାଧାରଣ ଲୋକମାନଙ୍କ ନିକଟତର ହେବା ପାଇଁ ଏହି ପ୍ରସଙ୍ଗକୁ ଗାଁ ଗହଳିରେ ଗୁରୁତ୍ୱ ଦେବ। ଅନ୍ୟପଟେ ନିକଟରେ ବରିଷ୍ଠ ନେତା ଦାମୋଦର ରାଉତ ଉଠାଇଥିବା ସମବାୟ, ଚାରା ଓ ଓମ୍‌ଫେଡ ଦୁର୍ନୀତି ପ୍ରସଙ୍ଗକୁ ମଧ୍ୟ ଦଳ ପକ୍ଷରୁ ଜୋରଦାର କରାଯିବା ପାଇଁ ସ୍ଥିର ହୋଇଛି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ନେଇ ମଧ୍ୟ ରାଜ୍ୟ ସରକାରଙ୍କୁ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ, ସଭା କରି ଦଳୀୟ ନେତା ପ୍ରଶ୍ନ କରିବାର ଯୋଜନା କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ ଏବଂ ବିଜୁ ଯୁବ ବାହିନୀ ଭଳି ଦଳୀୟ ସ୍ୱାର୍ଥ ସମ୍ବଳିତ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କ ନିକଟକୁ ଭାଜପା ନେତାମାନେ ପ୍ରଚାର କରିବାର କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି। ସେହିପରି ବିଜେଡିର ଏସ୍‌ଏସ୍‌ଜି ଗଠନ ଏବଂ ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ମୁଖ୍ୟ ପ୍ରସଙ୍ଗ, ପେଟ୍ରୋଲ ଦର କେନ୍ଦ୍ର ସରକାର କମାଇ ସାରିଲା ପରେ ମଧ୍ୟ ରାଜ୍ୟ ସରକାର ନ କମାଇବା ଗରିବ ଲୋକଙ୍କୁ ପ୍ରତାରଣା ସଦୃଶ। ରାଜ୍ୟ କାର୍ଯ୍ୟକାରିଣୀରେ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ ଓରାମଙ୍କ ସମେତ, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ ଓ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକାରିଣୀ ବୈଠକକୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରିଣୀ ଶେଷରେ ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ ଏକ ଖବରଦାତା ସମ୍ମିଳନୀରେ, ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତିପ୍ରସଙ୍ଗରେ ଭାଜପା ନିର୍ବାଚନ ଲଢ଼ିବାକୁ ଯୋଜନା କରିଥିବା କହିଛନ୍ତି। ଏହାସହ ଆଗାମୀ ନିର୍ବାଚନ ପୂର୍ବରୁ ଦଳୀୟ ଟିକେଟ ବଣ୍ଟନକୁ ନେଇ ମଧ୍ୟ ଖୁବ୍‌ଶୀଘ୍ର କାର୍ଯ୍ୟକ୍ରମ ଆରମ୍ଭ ହେବା ସମ୍ପର୍କରେ କାର୍ଯ୍ୟକାରିଣୀରେ ଆଲୋଚନା ହୋଇଥିବା ଜଣାପଡିଛି।

ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାସ କହିଛନ୍ତି ଯେ, ଭାଜପାର ସେଭଳି କୌଣସି କାର୍ଯ୍ୟକ୍ରମ ନାହିଁ, ଯାହାଦ୍ୱାରା ସେମାନେ ଲୋକମାନଙ୍କ ଆସ୍ଥାଭାଜନ ହୋଇପାରିବେ। ମୁଖ୍ୟମନ୍ତ୍ରୀଙ୍କ ୪ର୍ଥ ପାଳି ପରଠାରୁ ଭାଜପା ନେତାମାନେ ମିଛର ସୌଦାଗର ହିସାବରେ ଅନେକ ଦୁର୍ନୀତି କଥା ଉଠାଉଛନ୍ତି। ନବୀନ ପଟ୍ଟନାୟକଙ୍କ ଉପରେ ଲୋକମାନଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ମହିଳାମାନଙ୍କ ସୁରକ୍ଷାଠାରୁ ଆରମ୍ଭ କରି ଲୋକମାନଙ୍କ ପାଇଁ ବହୁ ଜନକଲ୍ୟାଣକାରୀ ଯୋଜନା ରାଜ୍ୟ ସରକାର କରିଛନ୍ତି। ଆସନ୍ତା ନିର୍ବାଚନରେ ମଧ୍ୟ ଲୋକେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବେ ବୋଲି ସମୀର କହିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକକୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ଅରୁଣ ସିଂ, କନକ ବର୍ଦ୍ଧନ ସିଂଦେଓ ଏବଂ ଗିରିଧର ଗମାଙ୍ଗ।

## ତେଲ ଦର ବୃଦ୍ଧି ଧାରା ଜାରି

ନୂଆଦିଲ୍ଲୀ,୭।୧୦

ସରକାର ପେଟ୍ରୋଲ୍ ଡିଜେଲ୍ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିବା ପରେ ଏହାର ମୂଲ୍ୟରେ ପୁଣି ଥରେ ବୃଦ୍ଧି ଘଟିଛି। ଇନ୍ଧନ ଦର ବୃଦ୍ଧି ଘଟିବା ପରେ ଏହା ପୁଣି ଥରେ ତିନି ସପ୍ତାହର ରେକର୍ଡ ସ୍ତରରେ ରହିଛି। ଅକ୍ଟୋବର ୫ରେ ପେଟ୍ରୋଲ ଡିଜେଲ ଦର ୨.୫୦ ଟଙ୍କା ହ୍ରାସ ହୋଇଥିଲା। ଉତ୍ପାଦ ଶୁଳ୍କ ୧.୫୦ ଟଙ୍କା ହ୍ରାସ ହେବା ପରେ ଇନ୍ଧନ ଦରରେ ଉକ୍ତ ମୂଲ୍ୟ ହ୍ରାସ ହୋଇଥିଲା। ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଲିଟର ପିଛା ୧ ଟଙ୍କାର ସବ୍‌ସିଡି ପ୍ରଦାନ କରିଥିଲେ। ଭାଜପା ଶାସିତ ରାଜ୍ୟଗୁଡ଼ିକ ଭାଟ୍ ହ୍ରାସ କରିବା ଦ୍ୱାରା ଇନ୍ଧନ ଉପରୁ ଅଧିକ ମୂଲ୍ୟ ହ୍ରାସ ହୋଇଥିବା ଦେଖାଯାଇଥିଲା। ଅକ୍ଟୋବର ୬ରେ ପେଟ୍ରୋଲ୍ ଦର ୧୮ ପଇସା ବୃଦ୍ଧି ହୋଇଥିବାବେଳେ ରବିବାର ୧୪ ପଇସା ବଢ଼ିଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ସୂଚନା ଦେଇଛନ୍ତି। ଦିଲ୍ଲୀରେ ଅକ୍ଟୋବର ୫ରେ ପେଟ୍ରୋଲ ଦର ୮୧.୫୦ ଟଙ୍କା ଥିବାବେଳେ ଏହା ରବିବାର ୮୧.୮୨ ଟଙ୍କାକୁ ବୃଦ୍ଧି ଘଟିଛି। ସେହିଭଳି ଏଠାରେ ଡିଜେଲ ଦରରେ ଦୁଇ ଦିନ ମଧ୍ୟରେ ୨୯ ପଇସା ବୃଦ୍ଧି ଘଟିଛି। ଡିଜେଲ ଦର ୭୨.୯୫ ଟଙ୍କାରୁ ୭୩.୫୩ ଟଙ୍କା ଛୁଇଁଛି।

## ନୂଆଁଖାଇ ଭେଟଘାଟରେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

ନୂଆଁଖାଇ ଏକ ଆନନ୍ଦର ପର୍ବ। ନୂଆ ଆଶାର ପର୍ବ। ଏହି ପର୍ବ ଏବେ ସାରା ଦେଶରେ ପାଳନ ହେଉଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ସ୍ଥାନୀୟ ଉତ୍କଳମଣ୍ଡଳରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗଦେଇ ପଶ୍ଚିମଓଡିଶାର ଆରାଧ୍ୟ ଦେବୀ ସମଲେଶ୍ୱରୀ, ପାଟଣେଶ୍ୱରୀ, ସୁରେଶ୍ୱରୀ, ରାମଚଣ୍ଡୀ ଓ ବିନ୍ଧ୍ୟବାସିନୀଙ୍କୁ କୋଟି କୋଟି ପ୍ରଣାମ କରି ନିଜର ବକ୍ତବ୍ୟ ଆରମ୍ଭ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି ଯେ, ଏହା ବହୁତ ଆନନ୍ଦର ବିଷୟ । ନୂଆଁଖାଇ ଏବେ ଭୁବନେଶ୍ୱରଠାରୁ ଆରମ୍ଭ ହୋଇ ବମ୍ବେ, ଦିଲ୍ଲୀରେ ମଧ୍ୟ ଲୋକେ ପାଳନ କରୁଛନ୍ତି । ଯେଉଁ ବନ୍ଧୁମାନଙ୍କ ଉଦ୍ୟମରେ ଏପରି କାର୍ଯ୍ୟକ୍ରମ ହେଉଛି ସେମାନଙ୍କୁ ବହୁ ଧନ୍ୟବାଦ।

# ଏପଟେ ଜନଜାଗରଣ ଯାତ୍ରା, ସେପଟେ ଦଳ ଛାଡୁଛନ୍ତି ନେତା

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

**କଂଗ୍ରେସ ରାଜନୀତି**

■ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ନେଇ ମତଭେଦ

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଜନଜାଗରଣ ଯାତ୍ରା ଆରମ୍ଭ ହୋଇଛି। ପ୍ରଥମ ଦଫାରେ ବାଲେଶ୍ୱର ଜିଲାରେ ଜାଗରଣ ଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇସାରିଛି। ହେଲେ ବହୁ ଆଡ଼ମ୍ବର ଲଘୁକ୍ରିୟା ନୀତିର ବରିଷ୍ଠ ନେତା ପଦ୍ମଲୋଚନ ପଣ୍ଡା ଏବଂ ଶୁଭଙ୍କର ମହାପାତ୍ର ରବିବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଦଳ ଉଭୟ କେନ୍ଦ୍ର-ରାଜ୍ୟରେ ଗ୍ରହଣୀୟତା ହରାଇଛି, ଏଥିସହ ରାଜ୍ୟରେ ପ୍ରବଳ ଗୋଷ୍ଠୀ କନ୍ଦଳକୁ ଉଭୟ ନେତା ଦାୟୀ କରିଛନ୍ତି। କଂଗ୍ରେସ ଛାଡ଼ିଥିବା ଉଭୟ ନେତା ଆସନ୍ତା ୧୧ରେ ଭାଜପାରେ ମିଶୁଥିବା ଶୁଣିବାକୁ ମିଳୁଛି।

ସେହିପରି ଜନଜାଗରଣ ଯାତ୍ରା ସମୟରେ ବର୍ତ୍ତମାନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ହିଁ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି କେତେକ ନେତା ଘୋଷଣା କରିଛନ୍ତି। ଏହାକୁ ନେଇ ଦଳରେ ବିବାଦ ଦେଖାଯିବ ବୋଲି କେତେକ ଆଶଙ୍କା କଲେଣି। ନିକଟରେ କୋରାପୁଟର ବିଧାୟକ କୃଷ୍ଣଚନ୍ଦ୍ର ଶଗରିଆ ପିସିସି ନେତୃତ୍ୱ ଉପରେ ବର୍ଷିବା ସହ ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଛନ୍ତି। ତେଣୁ ପିସିସି ସମନ୍ୱୟ କମିଟି, ନିର୍ବାଚନ କମିଟି, ଇସ୍ତାହାର କମିଟି ସର୍ବୋପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅନୁମୋଦନ ବିନା ନିରଞ୍ଜନଙ୍କ ନାଁ ଘୋଷଣା ନୂଆ ବିବାଦର ସୂତ୍ରପାତ କରିବ। ଏନେଇ ବିଧାୟକ କୃଷ୍ଣ ଶଗରିଆ କହିଛନ୍ତି ଯେ, ମଞ୍ଚ ଉପରେ ଛିଡ଼ାହୋଇ କୌଣସି ନେତା କାହା ନାଁ ଘୋଷଣା କରିଦେଲେ, ସେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇ ଯାଏନା। ପ୍ରଥମେ ନିର୍ବାଚନ ହେଉ, ବିଧାୟକମାନେ ନିର୍ବାଚିତ ହେବା ପରେ ନିଜ ନେତା ବାଛିବେ। ଯଦି ପୂର୍ବରୁ କାହାକୁ ପ୍ରାର୍ଥୀ ଘୋଷଣା କରାଯାଉଛି, ତେବେ ଦଳର ଉପଯୁକ୍ତ ଫୋରମ୍ ସହ ହାଇକମାଣ୍ଡଙ୍କ ସୁଚିନ୍ତିତ ମତାମତ ନିଆଯିବା ଉଚିତ। ସେହିପରି ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଭଳି ରାଜ୍ୟରେ କଂଗ୍ରେସସ୍ଥିତ ବହୁତ ଭଲ ରହିଛି, ସେଠି ସମସ୍ତେ ଏକହୋଇ ନିର୍ବାଚନ ଲଢୁଛନ୍ତି। ସେଠାରେ ଦଳ କ୍ଷମତାକୁ ଆସିବାର ସମ୍ଭାବନା ଥାଇ ସୁଦ୍ଧା କୌଣସି ନିର୍ଦ୍ଦିଷ୍ଟ ନେତା ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯାଇନାହିଁ। ଏଣୁ ଓଡ଼ିଶାରେ ଏପରି ମନଇଚ୍ଛା ଘୋଷଣା ଦଳକୁ କ୍ଷତିଗ୍ରସ୍ତ କରିପାରେ ବୋଲି କୃଷ୍ଣ କହିଛନ୍ତି।

ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ବିଧାନସଭା ପ୍ରାର୍ଥିତ୍ୱ ନେଇ ଛକାପଞ୍ଝା ଲାଗି ରହିଛି। ଯାହାକୁ ନେଇ ପ୍ରତି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଭୋଟ ବିଭାଜନ ହୋଇପାରେ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ବାଲେଶ୍ୱର ସଦରରେ ଅରୁଣ ଦେଙ୍କ ସହ କିଛି ସମର୍ଥକ ଥିବାବେଳେ ମାନସ ଦାସପଟ୍ଟନାୟକ ନିଜର ନୂଆ ଗୋଷ୍ଠୀ ତିଆରି କରୁଛନ୍ତି। ମାନସ ପୂର୍ବ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇ କଂଗ୍ରେସ ଭୋଟ ବିଭାଜନର କାରଣ ହୋଇଥିଲେ। ଭୋଗରାଇ ସତ୍ୟଶିବ ଦାସ ପୂର୍ବରୁ ପ୍ରାର୍ଥୀ ହୋଇଥିଲେ, ହେଲେ ଶରତରାଜ ସେଠାରୁ ଲଢ଼ିବା ପାଇଁ ଇଚ୍ଛୁକ ଥିବା ତାଙ୍କ ନିକଟତମ ମହଲରୁ ପ୍ରକାଶ। ସେହିପରି ଜଳେଶ୍ୱରରୁ ଦେବୀ ଚାନ୍ଦ ୨୦୦୯ରେ ବିଧାୟକ ହୋଇଥିବାବେଳେ ୨୦୧୪ରେ ପରାସ୍ତ ହୋଇଥିଲେ। ନିକଟରେ କଂଗ୍ରେସରେ ମିଶିଥିବା ସୁଦର୍ଶନ ଦାସ ସେଠାରୁ ଦଳୀୟ ପ୍ରାର୍ଥୀ ହେବା ପାଇଁ ଅଣ୍ଟା ଭିଡୁଥିବା ଜଣାପଡ଼ିଛି। ନୀଳଗିରି, ରେମୁଣାରେ କଂଗ୍ରେସ ଅପେକ୍ଷା ବିଜେଡି, ଭାଜପା ଅଧିକ ସକ୍ରିୟ ଅଛନ୍ତି। ତେଣୁ ସେଠାରେ ଯଦି ଏପରି ଗୋଷ୍ଠୀ ସୃଷ୍ଟି ହୁଏ, ତେବେ ଦଳ ବାଲେଶ୍ୱର ଲୋକସଭା ଏବଂ ଜିଲାରେ ବହୁଳ ଭାବରେ କ୍ଷତିଗ୍ରସ୍ତ ହେବ ବୋଲି କୁହାଯାଉଛି।

ବାଲେଶ୍ୱର କଂଗ୍ରେସ ରାଜନୀତି ଉପରେ ମତାମତ ଦେଇ ଜିଲା ସଭାପତି ଶରତ ରାଜ କହିଛନ୍ତି ଯେ, ଦଳ ଛାଡ଼ିଥିବା ନେତା ବହୁ ପୂର୍ବରୁ ଭାଜପାକୁ ଯିବା ପାଇଁ ମନସ୍ଥ କରିଥିଲେ। ତେଣୁ ତାଙ୍କର କୌଣସି ପ୍ରଭାବ ପଡ଼ିବ ନାହିଁ। ହେଲେ ବାଲେଶ୍ୱରରୁ ଆରମ୍ଭ ହୋଇଥିବା ଜନଜାଗରଣ ସଭାର ପ୍ରଭାବ ସାରା ଓଡ଼ିଶାରେ ପଡ଼ିବ ବୋଲି ଶରତ ରାଜ କହିଛନ୍ତି।

■ ଚକଡ଼ା ପୋକ ଅନୁଧାନ କଲେ ୪ଜଣିଆ କେନ୍ଦ୍ରୀୟ ଟିମ୍

# ଚାଷୀ ସଚେତନତା ଉପରେ ଗୁରୁତ୍ୱ

ବଲାଙ୍ଗୀର ଅଫିସ, ୭।୧୦



କେନ୍ଦ୍ରୀୟ ଟିମ୍ ଚକଡ଼ା ପୋକ ପ୍ରଭାବିତ ଧାନ ଫସଲ ଅନୁଧାନ କରୁଛନ୍ତି।

ବଲାଙ୍ଗୀର ଜିଲାରେ ଚକଡା ପୋକ ପ୍ରାଦୁର୍ଭାବ ଯୋଗୁଁ ଶହଶହ ଏକର ଫସଲ ନଷ୍ଟ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ରବିବାର ଏକ ୪ଜଣିଆ କେନ୍ଦ୍ରୀୟ ଟିମ୍ ଜିଲାର ବିଭିନ୍ନ ପଞ୍ଚାୟତ ଅନ୍ତର୍ଗତ ଚକଡା ପୋକ ପ୍ରାଦୁର୍ଭାବ ଧାନଖେତ ପରିଦର୍ଶନ କରିଛନ୍ତି। ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ତଥା ପ୍ଲାଣ୍ଟ ପ୍ରୋଟେକସନ୍ ନିର୍ଦ୍ଦେଶାଳୟ ଅନ୍ତର୍ଗତ ସେଣ୍ଟ୍ରାଲ ଇଣ୍ଟିଗ୍ରେଟେଡ୍ ପେଷ୍ଟ ମ୍ୟାନେଜମେଣ୍ଟ ସେଣ୍ଟରରୁ ଆସିଥିବା ୪ଜଣିଆ କେନ୍ଦ୍ରୀୟ ପ୍ରତିନିଧି ଦଳ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି, ମାଧିଆପାଲି, କୁଡାସିଂହା, ସାହାଜବାହାଲ ଓ ଭୁତିଆରବାହାଲ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ଚକଡା ପୋକ ପ୍ରାଦୁର୍ଭାବ ଅଞ୍ଚଳ ପରିଦର୍ଶନ କରିଥିଲେ । ସେଣ୍ଟ୍ରାଲ ଇଣ୍ଟିଗ୍ରେଟେଡ୍ ପେଷ୍ଟ ମ୍ୟାନେଜମେଣ୍ଟ ସେଣ୍ଟରର ପ୍ଲାଣ୍ଟ ପ୍ରୋଟେକ୍‌ସନ୍ ଅଫିସର ରାହୁଲ ମିଶ୍ର ଓ ଏମ୍ ୱାଇ ପଠାନ୍‌ଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ ପ୍ଲାଣ୍ଟ ପ୍ରୋଟେକ୍‌ସନ୍ ଅଫିସର ବି.ମଦାକ୍ ଓ ଆର.ସି. ହାଁସଦା ପ୍ରଥମେ ଜିଲା କୃଷି କାର୍ଯ୍ୟାଳୟରେ କୃଷି ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ସିନ୍ଦୂରବାହାଲ, ରିନ୍‌ବଚନ, କୁଡାସିଂହା, ନୂଆପଡା, ଭୁତିଆରବାହାଲ, ସାହାଜବାହାଲ ଗ୍ରାମ ପରିଦର୍ଶନରେ ଯାଇଥିଲେ। ଚକଡା ପୋକ ଲାଗିଥିବା ଧାନ କିଆରି ବୁଲି ଦେଖିବା ସହ ଏହାର କେତେ ମାତ୍ରାରେ ଚକଡା ପୋକ ଲାଗିଛି ଓ କେତେ ପରିମାଣର ଧାନ ଫସଲ ନଷ୍ଟ ହୋଇଛି ଏହା ଅନୁଧାନ କରିଥିଲେ। ଠିକଣା ସମୟରେ କୀଟନାଶକ ପ୍ରୟୋଗ ନ ହେବା କାରଣରୁ ଏହି ଅଞ୍ଚଳରେ ଚକଡା ପ୍ରାଦୁର୍ଭାବ ପୋକ ଦେଖାଦେଇଥିବା କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ ବିଭିନ୍ନ ଗାଁ ଚାଷୀଙ୍କୁ କହିଥିଲେ । ଚାଷୀଙ୍କ ସହ ଆଲୋଚନା ବେଳେ ଅଧିକ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। କୃଷି ଅଧିକାରୀମାନେ ଚାଷୀଙ୍କୁ ଠିକଣା ସମୟରେ କୀଟନାଶକ ଓ ସାର ପ୍ରୟୋଗ ଉପରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଯେତିକି ଚକଡା ଲାଗିଛି ତାହାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଟିମ୍ ସଦସ୍ୟମାନେ କହିଥିଲେ। ଏହି ପରିଦର୍ଶନ ସମୟରେ କେନ୍ଦ୍ରୀୟ ଟିମ୍ ସହ ଜିଲା କୃଷି ବିଭାଗର ସହକାରୀ କୃଷି ଅଧିକାରୀ ସୁଧାକର ନନ୍ଦ, ହରେକୃଷ୍ଣ ପଣ୍ଡା, ସ୍ୱତିକ କୁମାର ପଣ୍ଡା, ସୂର୍ଯ୍ୟ କୁମାର ଦାଶଙ୍କ ସହ ଭିଏଡବ୍ଲ୍ୟୁ ଓ କୃଷି କର୍ମଚାରୀ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ଟିମ୍ ପରିଦର୍ଶନ ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି ।

■ ଭଦ୍ରକରେ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା

# ୨ ମୃତ, ୧୫ ଆହତ

ଭଦ୍ରକ ଅଫିସ, ୭।୧୦

ଉତ୍ତରପ୍ରଦେଶରୁ ୬୦ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କୁ ନେଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀକୁ ଆସୁଥିବା ବସ୍ ଭଦ୍ରକ ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥର ଏକ ବାଉଁଶ ବୋଝେଇ ଟ୍ରକ ପଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବସ୍‌ର ଡ୍ରାଇଭରଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଶନିବାର ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ୧୫ ଆହତଙ୍କୁ ଭଦ୍ରକ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପରେ ୨ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏଠାରେ ଚିକିତ୍ସାଧୀନ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଜିଲା ପ୍ରଶାସନ ଆହତ ଯାତ୍ରୀଙ୍କ ଚିକିତ୍ସା ଓ ଖାଦ୍ୟପେୟ ବ୍ୟବସ୍ଥା ତଦାରଖ କରି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଥିବା ୧୦ଜଣଙ୍କୁ ଟ୍ରେନ୍ ଯୋଗେ ପୁରୀ ପଠାଇଛି। ଅନ୍ୟ ୯ ଜଣ ଯାତ୍ରୀ ମଧ୍ୟାହ୍ନରେ ଟ୍ରେନ ଯୋଗେ ଲକ୍ଷ୍ନୌ ଫେରିଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ୩୫ ତୀର୍ଥଯାତ୍ରୀ ଦୁର୍ଘଟଣା ଘଟିଥିବା ସ୍ଥାନ ନିକଟସ୍ଥ ଏକ ମନ୍ଦିର ପରିସରରେ ଅଟକି ରହିଛନ୍ତି। ୨ ମୃତଦେହକୁ ମଧ୍ୟାହ୍ନରୁ ବ୍ୟବଚ୍ଛେଦ କରାଯାଇ ଡାକ୍ତରଖାନା ଶବାଗାର ପରିସରରେ ରଖାଯାଇଛି। ସେମାନଙ୍କ ପରିବାର ଲୋକେ ପହଞ୍ଚି ନ ଥିବାରୁ ମୃତଦେହ ହସ୍ତାନ୍ତର କରାଯାଇ ନାହିଁ।

ଉତ୍ତରପ୍ରଦେଶ ବାରାବାଙ୍କି ଜିଲାର ଏହି ତୀର୍ଥଯାତ୍ରୀ ଦଳ 'ଅମିତ' ନାମକ ଏକ ତୀର୍ଥଯାତ୍ରୀ ବସ୍(ୟୁପି- ୬୨ ଏଟି ୫୭୮୭)ରେ ଆସି ଗୟା ବୁଲିବା ପରେ ୧୬ ନମ୍ବର ଜାତୀୟ ରାଜପଥ ଦେଇ ପୁରୀ ଆସୁଥିଲେ। ଶନିବାର ବିଳମ୍ବିତ ରାତିରେ ଭଦ୍ରକ ସହର ଉପକଣ୍ଠ ଚରମ୍ପା ନିକଟସ୍ଥ ଲକ୍ଷ୍ମୀନାରାୟଣ ମନ୍ଦିର ସାମ୍ନା ରାସ୍ତାକଡ଼ରେ ପୂର୍ବରୁ ଅଟକିଥିବା ଏକ ବାଉଁଶ ବୋଝେଇ ଟ୍ରକର ପଛ ପଟେ ବସ୍ ପିଟିହୋଇ ଯାଇଥିଲା। ସେତେବେଳେ ଅଧିକାଂଶ ଯାତ୍ରୀ ନିଦରେ ଶୋଇପଡ଼ିଥିଲେ। ଦୁର୍ଘଟଣା ପରେ ଆହତ ଯାତ୍ରୀଙ୍କ ଚିତ୍କାର କରୁଣ ପରିବେଶ ସୃଷ୍ଟି କରିଥିଲା। ବସ୍‌ର ସମ୍ମୁଖ ଭାଗ ଚୂର୍ମାର ହୋଇଯାଇଥଲା। ଡ୍ରାଇଭରଙ୍କ ସହ ତାଙ୍କ ପଛରେ ବସିଥିବା ଜଣେ ତୀର୍ଥଯାତ୍ରୀ ଚାପିହୋଇ ମୃତ୍ୟୁବରଣ କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ଦମକଳ ବାହିନୀ କଟର ସାହାଯ୍ୟରେ ବସ୍ କ୍ୟାବିନର କିଛି ଅଂଶ କାଟି ୨ ମୃତ ଯାତ୍ରୀଙ୍କୁ ବାହାରକୁ ଆଣିଥିଲେ। ଆହତ ଓ ମୃତକଙ୍କୁ ୧୦୮ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଯୋଗେ ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା। ଡାକ୍ତର ସେଠାରେ ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏହି ମୃତକଦ୍ୱୟ ହେଲେ ଉତ୍ତରପ୍ରଦେଶର ଡ୍ରାଇଭର ରାମସାଗର ଯାଦବ ଏବଂ ତଣ୍ଡାସୁଫି ଅଞ୍ଚଳର ଶିବନାରାୟଣ। ଅଳ୍ପକେ ରକ୍ଷା ପାଇଥିବା ଅନ୍ୟ ଯାତ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଅଟକି ରହିଥିଲେ। ସ୍ଥାନୀୟ ଯୁବକ, ଟ୍ରକ ମାଲିକ ସଂଘ ଓ ପ୍ରଶାସନ ସହାୟତାରେ ସେମାନଙ୍କୁ ଖାଦ୍ୟପେୟ ଯୋଗାଇ ଦିଆଯାଇଥିଲା। ଉପଜିଲାପାଳ ସୁଚାରୁ ବଳ, ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା, ଏସ୍‌ଡିପିଓ ଜଳନ୍ଧର ଜାଲି ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ।



ଦୁର୍ଘଟଣାଗ୍ରସ୍ତ ବାଉଁଶ ବୋଝେଇ ଟ୍ରକ୍ ଓ ବସ୍।

■ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ୟୁପିରୁ ଆସୁଥିଲେ
■ ବାଉଁଶ ବୋଝେଇ ଟ୍ରକ ପଛରେ ପିଟି ହେଲା ବସ୍
■ କଟରରେ କାଟି ଉଦ୍ଧାର କରାଗଲା ୨ ମୃତଦେହ



ଯୋଗ୍ୟ ଲୋକର କାମ ବହୁ ସମୟ ପରେ ଯାଇ ଆଦୃତ ହୋଇଥାଏ।
- ଆଲବର୍ଟ ଆଇନଷ୍ଟାଇନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କଟନଫାବ୍-୨୦୧୮, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ଜାତୀୟ ଆଦିବାସୀ କଳା, ସଂସ୍କୃତି, ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ 'ପରିଚୟ', ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟାରୁ ଆରମ୍ଭ। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୭ଟା।
- ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଅଖିଳ ବିଶ୍ୱ ଗାୟିତ୍ରୀ ପରିବାର ଓ ଦିବ୍ୟ ଭାରତ ଯୁବ ସଙ୍ଗଠନ ପକ୍ଷରୁ ନବରାତ୍ରୀ ଶିବିର, ୟୁନିଟ୍-୯ ଶକ୍ତିପୀଠ, ସନ୍ଧ୍ୟା ୬ଟା।
- ଆଇଟ୍ୟୁନ୍ସ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ମିଲେ ସୁର୍ ମେରା ତୁମ୍ହାରା', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଲାବଣ୍ୟ ଥିଏଟର ପକ୍ଷରୁ ନାଟକ 'ଖଳନାୟିକା: ଏକ ଆତ୍ମକଥା' ପରିବେଷଣ, ଭଞ୍ଜ କଳାମଣ୍ଡପ, ରାତି ୭ଟା।

**କଟକ**

- କାହ୍ନୁଚରଣ ନାୟକଙ୍କ ୫ମ ସ୍ମୃତି ସନ୍ଧ୍ୟା ଅବସରରେ ସ୍ମାରକୀ ବକ୍ତୃତା ଓ ସମ୍ମାନ ପ୍ରଦାନ ସମାରୋହ, ଗାନ୍ଧୀଭବନ, ବାଖରାବାଦ, ସନ୍ଧ୍ୟା ୬ଟା।

**ପୁରୀ**

- ଓସୁ ପକ୍ଷରୁ ବେଳାଭୂମି ସଫେଇ, ସ୍ୱର୍ଗଦ୍ୱାର, ସକାଳ ୭ଟା।
- ମିଶନ ଓଡ଼ିଶା ପକ୍ଷରୁ ଶୋଭାଯାତ୍ରା, ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ, ସକାଳ ୮ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଗିରଫଦାରିକୁ ନେଇ ବଢୁଛି ଅସନ୍ତୋଷ



## ପୁରୀ ହିଂସା

- ରହିଛି ବହୁ ଅସମାହିତ ପ୍ରଶ୍ନ
- ଷଡ଼ଯନ୍ତ୍ରକାରୀଙ୍କୁ ବାନ୍ଧିବାରେ ପୋଲିସ ବିଫଳ

**ପୁରୀ ଅଫିସ, ୭।୧୦**

ପୁରୀ ହିଂସା ଥିଲା ଯୋଜନାବଦ୍ଧ। ଏହା ପଛରେ ରହିଥିଲା ଷଡ଼ଯନ୍ତ୍ର। ପୋଲିସ ଏହା କହୁଥିବାବେଳେ ଏଯାଏ ଜଣେ ବି ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିପାରି ନାହିଁ। ଅନ୍ୟପକ୍ଷରେ ପୁରୀ ହିଂସାକୁ ନେଇ ଉଠିଛି ଅନେକ ଅସମାହିତ ପ୍ରଶ୍ନ। ହିଂସା ପୂର୍ବରୁ ପ୍ରଶାସନ, ପୋଲିସ ଚାହିଁଥିଲେ ଏହାକୁ ଟାଳି ପାରିଥାନ୍ତେ। କିନ୍ତୁ ପ୍ରଶାସନିକ ନିଷ୍କ୍ରିୟତା ହିଂସାର ଅନ୍ୟତମ କାରଣ ବୋଲି ଚର୍ଚ୍ଚା ହେଉଛି। ସେପଟେ ବର୍ତ୍ତମାନ ଚାଲିଥିବା ଗିରଫଦାରିକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି।

ଅକ୍ଟୋବର ପହିଲାରୁ ଆରମ୍ଭ ହୋଇଥିଲା ଧାଡ଼ି ଦର୍ଶନ ବ୍ୟବସ୍ଥା। ପ୍ରଥମ ଦିନରୁ ହିଁ ଘଟିଥିଲା ବିଭ୍ରାଟ। ସେହିଦିନ ଜଗନ୍ନାଥ ସେନା ୩ରେ ପୁରୀ ବନ୍ଦ କରିବ ବୋଲି ଡାକରା ଦେଇଥିଲା। ଏହାକୁ ବିଭିନ୍ନ ସଂଗଠନ ସମର୍ଥନ କରିଥିଲେ। ଯଦିଓ ୮ ଦଫା ଦାବି ନେଇ ଜଗନ୍ନାଥ ସେନା ବନ୍ଦ ଡାକରା ଦେଇଥିଲା, ପ୍ରମୁଖ ଦାବି ଥିଲା ଧାଡ଼ି ଦର୍ଶନ ବନ୍ଦ କରିବା। ପୁରୀ ବନ୍ଦ ପୂର୍ବରୁ ଯଦି ଜିଲା ପ୍ରଶାସନ କିମ୍ବା ଶ୍ରୀମନ୍ଦିର ପ୍ରଶାସନ ଜଗନ୍ନାଥ ସେନାକୁ ଡାକି ଆଲୋଚନା କରିଥାନ୍ତେ ଏତେବଡ ଘଟଣା ଘଟି ନ ଥାନ୍ତା ବୋଲି ଚର୍ଚ୍ଚା ହେଉଛି। ପୁରୀ ବନ୍ଦ ସମ୍ପର୍କରେ ଗୋଇନ୍ଦା ବିଭାଗ ପୋଲିସକୁ ଅବଗତ କରାଇଥିଲା। ଯଦିଓ ମନ୍ତ୍ରୀଙ୍କ ଘରେ ଭଙ୍ଗାରୁଜା ଏବଂ ଏମିତି ହିଂସା ହେବ ବୋଲି ଜଣାଇ ନ ଥିଲା, କିନ୍ତୁ ଶ୍ରୀମନ୍ଦିରରେ ବ୍ୟାରିକେଡ ଭଙ୍ଗାରୁଜା ହେବ ବୋଲି ଅବଗତ କରାଇଥିବା ଜଣାପଡିଛି। ତେବେ ଗୋଇନ୍ଦା ରିପୋର୍ଟକୁ ହାଲ୍କା ଭାବେ ନେଇଥିଲା ପୋଲିସ। ଏପରି କି ପୁରୀ ବନ୍ଦ ଦିନ ସକାଳୁ ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କୁ ତାଙ୍କ ଘରୁ ଉଠାଇ ନେଇଥିଲା ପୋଲିସ। ସାଧାରଣତଃ ବନ୍ଦ ଡାକରା ଦିଆଗଲେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଏ। କିନ୍ତୁ ପୁରୀ ପୋଲିସ ବନ୍ଦକୁ ମୁକାବିଲା କରିବା ଲାଗି ବ୍ୟାପକ ପୋଲିସ ମୁତୟନ କରି ନ ଥିଲା। ଯେତେବେଳେ ଆନ୍ଦୋଳନକାରୀ ଗୋଟିକ ପରେ ଗୋଟିଏ ହିଂସା ଘଟାଇ ଚାଲିଥିଲେ ସେତେବେଳେ ପୋଲିସ ଅପ୍ରସ୍ତୁତ ଥିବା ସମ୍ପୂର୍ଣ୍ଣ ଭାବେ ବାରି ହୋଇପଡୁଥିଲା। ତେଣୁ ହିଂସା ପାଇଁ ପୋଲିସ ଦାୟୀ ବୋଲି କୁହଯାଇପାରେ।

ଅନ୍ୟପକ୍ଷରେ ହିଂସା ଦିନ ଜିଲାପାଳ ଶାନ୍ତି କମିଟି ବୈଠକ ଡାକିଥିଲେ। ଶାନ୍ତି କମିଟି ବୈଠକ କେଉଁ ଆଧାରରେ ଡକାଯାଇଥିଲା, କମିଟିକୁ କିଏ ଚୟନ କରିଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଯେଉଁମାନେ ଶାନ୍ତି କମିଟି ବୈଠକରେ ବସିଥିଲେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ନାଁ ମାମଲାରେ ରହିଛି। ତେଣୁ ସେମାନଙ୍କୁ କିପରି ଶାନ୍ତି କମିଟିରେ ନିଆଗଲା ତାହା ବି ପ୍ରଶ୍ନବାଚୀ ଛିଡା କରିଛି। ଶାନ୍ତିପୂର୍ଣ୍ଣ ଭାବେ ଦିଆଯାଇଥିବା ବନ୍ଦ ଡାକରାରେ ବହୁ ଅସାମାଜିକଙ୍କୁ ଦେଖିବାକୁ ମିଳିଥିଲା। ସେମାନେ ଏଥିରେ ସାମିଲ ହେଲେ କିପରି?

ଅନ୍ୟପଟେ ହିଂସାକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ କାଦୁଅଫିଙ୍ଗା ରାଜନୀତି ଆରମ୍ଭ ହୋଇଛି। ହିଂସାରୁ ରାଜନୈତିକ ଦଳ ଫାଇଦା ହାସଲ କରିବାକୁ ପଛାଇ ନାହାନ୍ତି। ପତିତପାବନ କ୍ଷତାକ୍ତ ହୋଇଥିଲେ ହେଁ ଦୁଇ ପ୍ରମୁଖ ରାଜନୈତିକ ଦଳର ସ୍ୱର ଶାଣିତ ହେଉନି। ଏଠାରେ ନୀଳାଦ୍ରି ବିଜେ ବିଶୃଙ୍ଖଳାକୁ ଏକ ଉଦାହରଣ ଭାବେ ନିଆଯାଇପାରେ। ଏହି ସମୟରେ ପୋଲିସ ପକ୍ଷରୁ ଏକାଧିକ ମାମଲା ରୁଜୁ ହେଲା। ପୋଲିସ ସିସିଟିଭି ଫୁଟେଜ ମାଧ୍ୟମରେ ୨୦ରୁ ଊର୍ଦ୍ଧ୍ୱ ସେବାୟତଙ୍କୁ ଗିରଫ କଲା। ସେଥିମଧ୍ୟରେ ଅଧିକାଂଶ ନିର୍ଦ୍ଦୋଷ ବୋଲି ପରବର୍ତ୍ତୀ ସମୟରେ ଅଭିଯୋଗ ଆସିଲା। ଏହାକୁ ନେଇ ଅସନ୍ତୋଷ କୁହୁଳିଲା। କିନ୍ତୁ ଯେଉଁ ୯ ଜଣଙ୍କୁ ପୋଲିସ ପ୍ରମୁଖ ଅଭିଯୁକ୍ତ ଦର୍ଶାଇ ପଳାତକ ଘୋଷଣା କରିଥିଲା, ସେମାନଙ୍କୁ ଶେଷ ପର୍ଯ୍ୟନ୍ତ ଗିରଫ କରିପାରି ନ ଥିଲା। ୨ ମାସ ଆତ୍ମଗୋପନ କରିବା ପରେ ସେମାନେ ହାଇକୋର୍ଟରୁ ଜାମିନ ପାଇ ଫେରିଥିଲେ। ପୁରୀ ହିଂସା କ୍ଷେତ୍ରରେ ବର୍ତ୍ତମାନ ଅନୁରୂପ ସ୍ଥିତି ଉପୁଜିବାକୁ ଯାଉଛି। ସିସିଟିଭି ଆଧାରରେ ଗିରଫ କରୁଥିବା କହୁଥିବା ବେଳେ ଏହାକୁ ନେଇ ମଧ୍ୟ ଅସନ୍ତୋଷ କୁହୁଳୁଛି। ଷଡ଼ଯନ୍ତ୍ରକାରୀ ଓ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ନ କରି ପୋଲିସ ରାସ୍ତାକଡ଼ ଉଠାଦୋକାନୀ ଓ ଅନ୍ୟ କେତେଜଣ ଯୁବକଙ୍କୁ ଧରି କୋର୍ଟଚାଲାଣ କରିଛି। ଏଭଳି ଗିରଫଦାରି ଜାରି ରଖିଲେ ଆଗକୁ ଏହା ବିସ୍ଫୋରକ ସ୍ଥିତି ନେବାର ଆଶଙ୍କା ରହିଛି।

ଯୁବ ଆଇନଜୀବୀ ସଂଘ ଆବହକ କାଳୀପ୍ରସାଦ ନାୟକ କହିଛନ୍ତି, ପୁରୀ ପ୍ରଶାସନ ନିଜର ଅପାରଗତାକୁ ଲୁଚାଇବା ପାଇଁ ମିଥ୍ୟା ମାମଲା ଲଗାଇଛି। ଏହାକୁ ଆମେ ନିନ୍ଦା କରୁଛୁ। ଯଦି ଏତେବଡ ହିଂସା ଘଟିଲା, ତେବେ ଗୋଇନ୍ଦା କରୁଥିଲା କଣ? ଅପାରଗ ପ୍ରଶାସନକୁ ଜଗନ୍ନାଥ ସଦ୍‌ବୁଦ୍ଧି ଦିଅନ୍ତୁ। ପୁରୀ ହିଂସାକୁ ସର୍ବୋଦୟ ମେଳା କମିଟି ସମ୍ପାଦକ ଶିବ ପ୍ରସାଦ ମିଶ୍ର ତୀବ୍ର ନିନ୍ଦା କରିଛନ୍ତି। ହିଂସାକୁ ରୋକିବାରେ ବିଫଳ ହୋଇଥିବା ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଘଟଣାର ନିରପେକ୍ଷ ତଦନ୍ତ ହେଉ। ରାଜନୈତିକ ଆକ୍ରୋଶର ଶିକାର ହୋଇ କୌଣସି ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଏଥିରେ ଯୋଡ଼ା ନ ଯାଉ। ଶ୍ରୀମନ୍ଦିରକୁ ପରୀକ୍ଷାଗାର ଭାବି ବିଶୃଙ୍ଖଳା ସୃଷ୍ଟି ନ କରିବାକୁ କମିଟି ପରାମର୍ଶ ଦେଇଛି।

## ଭାଜପା ନାଁ ନେଲେ ଗିରଫ ଅଭିଯୁକ୍ତ

### କୋର୍ଟ ଭ୍ୟାନ୍‌ରେ ରହି ଗଣମାଧ୍ୟମକୁ ସୂଚନା ଦେଲେ

**ପୁରୀ ଅଫିସ, ୭।୧୦**

ପୁରୀ ହିଂସାକୁ ନେଇ ଦିନକୁ ଦିନକୁ ରୋଚକ ତଥ୍ୟ ପଦାକୁ ଆସୁଛି। ଧୀରେ ଧୀରେ ଫିଟୁଛି ହିଂସା ପଛର ରହସ୍ୟ। କିପରି ଏବଂ କେଉଁ ପରିସ୍ଥିତିରେ ବନ୍ଦ ହିଂସା ରୂପ ନେଇଥିଲା ତାହା ପଦାକୁ ଆସିବାରେ ଲାଗିଛି। ରବିବାର ଟାଉନ ଥାନା ଏବଂ ସିଂହଦ୍ୱାର ଥାନାର ଦୁଇଟି ମାମଲାରେ ମୋଟ ୧୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଟାଉନ ଥାନା ମାମଲାରେ ଗିରଫ ୧୧ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ କୋର୍ଟ ଭ୍ୟାନ୍‌ରେ ଜେଲ୍‌କୁ ଯିବାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ରଡି ଛାଡିଥିଲେ। ଭାଜପା ବାଲା ଏହି ଷଡ଼ଯନ୍ତ୍ର କରିଛନ୍ତି। ଭାଜପାର ଜଣେ ନେତା ପେଟି ପେଟି ମଦ ଯୋଗାଇଛନ୍ତି। ମହେଶ୍ୱର ମହାନ୍ତିଙ୍କ ଘରେ ଭଙ୍ଗାରୁଜା କରିବା ପାଇଁ ଦୁଇ ସେବାୟତ ତଥା ଭାଜପା ନେତା ଆମକୁ ଅର୍ଥ ଦେଇଥିଲେ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି ଯେ, ପୁରୀ ବନ୍ଦ ସହିତ ଆମ ଦଳର କୌଣସି ସମ୍ପର୍କ ନାହିଁ। ଏ ନେଇ ପୂର୍ବରୁ ଆମେ ସ୍ପଷ୍ଟ କରିସାରିଛୁ। ଅନ୍ୟପକ୍ଷରେ ଅଭିଯୁକ୍ତମାନେ କୋର୍ଟ ଭ୍ୟାନ୍ ଭିତରେ ଏଭଳି ବୟାନ ଦେବାକୁ ନେଇ ଭିନ୍ନ ଚର୍ଚ୍ଚା ହେଉଛି। ତଦନ୍ତକୁ ବାଟବଣା କରିବାକୁ କିଛି ବି ଷଡ଼ଯନ୍ତ୍ର କରାଯାଇପାରେ ବୋଲି ଆଲୋଚନା ହେଉଛି।

## ରେଳ ଧାରଣା କଡ଼ରୁ ଉଦ୍ଧାର ଯୁବକଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୭।୧୦:** ରବିବାର ପୂର୍ବାହ୍ନରେ ଖୋର୍ଦ୍ଧା ରୋଡ ରେଳ ଡିଭିଜନର ଭୂଷଣ୍ଡପୁର ନିକଟରେ ଜଣେ ଅଚିହ୍ନା ଯୁବକଙ୍କୁ ଗୁରୁତର ଅବସ୍ଥାରେ ରେଳ ଧାରଣା କଡରୁ ଉଦ୍ଧାର କରାଯାଇ ଥିଲା। ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଉକ୍ତ ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ମୃତ ଯୁବକଙ୍କ ପରିଚୟ ଆଧାର କାର୍ଡରୁ ମିଳିଥିଲା। ମୃତକ ହେଲେ ପଶ୍ଚିମବଙ୍ଗ ଦକ୍ଷିଣ ବିନାଜପୁର ଗାଁର ସୂତା ସରକାର(୪୮)। ଖବରପାଇ ଟାଉନ ଥାନା ପୋଲିସ ମାଲଦା ଏକ୍ସପ୍ରେସରୁ ଗତ ୫ ତାରିଖର ଟିକେଟ, ଆଧାର କାର୍ଡ ଓ ପ୍ୟାନ କାର୍ଡ ଜବତ କରିଛି। ପରିବାର ଲୋକ ଆସିବା ପରେ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବାର ରହିଛି ବୋଲି ସୂଚନା ମିଳିଛି।

## ବ୍ରେନ ମ୍ୟାଲେରିଆରେ ଯୁବକ ମୃତ

**ଖୋର୍ଦ୍ଧା ଅଫିସ,୭।୧୦:** ପୁରୀ ଜିଲା ଡେଲାଙ୍ଗ ଥାନା ବଡବେରେଇ ପାଟଣା ଗାଁର ସୁବାସ ଭୋଇ (୨୧) ବ୍ରେନ ମ୍ୟାଲେରିଆରେ ଶନିବାର ମୃତ୍ୟୁ ଘଟିଛି। ସୁବାସ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଜଟଣୀ ଷଣ୍ଢପୁର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହେଲେ ଅବସ୍ଥାରେ ଉନ୍ନତି ନ ଆସିବାରୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଡାକ୍ତର ସୁବାସଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖୋର୍ଦ୍ଧା ଟାଉନ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।



## ସରିଲା ଗୋଟିପୁଅ ଉତ୍ସବ ଓ ଆରାଧନା ସମ୍ମାନ ପ୍ରଦାନ

**ଭୁବନେଶ୍ୱର, ୭।୧୦(ବ୍ୟୁରୋ)**

ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ୭ମ ଗୋଟିପୁଅ ଉତ୍ସବ ଓ ଆରାଧନା ସମ୍ମାନ ପ୍ରଦାନ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଥମେ ଏକାଡେମୀର କଳାକାରମାନେ ନୃତ୍ୟନାଟିକା 'ଶିବାୟ' ପରିବେଷଣ କରିଥିଲେ। ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଏହାର ସ୍ୱର ସଂଯୋଜନା କରିଥିବାବେଳେ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଚିତ୍ରସେନ ସ୍ୱାଇଁ ଏବଂ ବାଦ୍ୟଯନ୍ତ୍ରରେ ଗୁରୁ ଧନେଶ୍ୱର ସ୍ୱାଇଁ ସହଯୋଗ କରିଥିଲେ। ଏହାପରେ ଗୁରୁ ଆଲୋକ କାନୁନ୍‌ଗୋଙ୍କ ଦ୍ୱାରା ଦଳଗତ ନୃତ୍ୟ 'ଶକ୍ତି' ପରିବେଷିତ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଶ୍ରୀରାଧା କଳାକୁଞ୍ଜ ଅନୁଷ୍ଠାନର କଳାକାରମାନେ ପଲ୍ଲବୀ ନୃତ୍ୟ ଏବଂ ଅଭିନୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ଶେଷ ପ୍ରସ୍ତୁତିରେ ଅଙ୍ଗରାଗର କଳାକାରମାନେ 'ପ୍ରଣାମ ଉତ୍କଳ' ପରିବେଷଣ କରିଥିଲେ। ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ସ୍ମୃତିପୁଷ୍ପା ପଣ୍ଡା ଏବଂ ଚିତ୍ରସେନ ସ୍ୱାଇଁ ଏହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶେଷ ସନ୍ଧ୍ୟାରେ ଗୁରୁ ରତିକାନ୍ତ ମହାପାତ୍ର, ଗୁରୁ ଡ. ବିଜୟ କୁମାର ଜେନା ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

## ପାଥୋଲୋଜି ଛାତ୍ରୀଙ୍କୁ ଯୌନ ଶୋଷଣ ମାମଲା
# ଜେଲ ଗଲେ ନର୍ସିଂ କଲେଜ ମାଲିକ

**ଭୁବନେଶ୍ୱର, ୭।୧୦(ବ୍ୟୁରୋ)**

ପାଥୋଲୋଜି ଛାତ୍ରୀଙ୍କୁ ଯୌନ ଶୋଷଣ କରିବା ଅଭିଯୋଗରେ ଖଣ୍ଡଗିରି ପୋଲିସ ଅଟକ ରଖିଥିବା ନର୍ସିଂ କଲେଜର ମାଲିକ ତଥା ନିର୍ଦ୍ଦେଶକ କୋଦଣ୍ଡଧର ସାହୁଙ୍କୁ ଗିରଫ କରିଛି। ତାଙ୍କ ନାମରେ ପୋଲିସ ଦଫା ୩୪୧, ୩୨୩, ୨୯୪, ୩୫୪, ୫୦୯, ୫୦୬ ଓ ୩୪ ଆଇପିସିରେ ଏକ ମାମଲା(୪୬୨/୧୮) ରୁଜୁ କରି କୋର୍ଟ ଚାଲାଣ କରିଛି। ଏଥିସହ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଘଟଣାରେ କୋଦଣ୍ଡଧରଙ୍କ ସ୍ତ୍ରୀଙ୍କ ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ପୋଲିସ ଖୋଳତାଡ଼ କରୁଛି। ଅନ୍ୟପଟେ ଛାତ୍ରୀମାନେ ସେମାନଙ୍କ ଟଙ୍କା ଫେରସ୍ତ ପାଇଁ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ଭରତପୁର ଓମ୍‌ଫେଡ୍ ଛକ ନିକଟରେ ଥିବା ଉକ୍ତ କଲେଜରେ ସମସ୍ତ ପ୍ରକାର ସୁବିଧା ଥିବା କହି ମାଲିକ ଛାତ୍ରୀମାନଙ୍କୁ ଆଡ୍‌ମିଶନ କରାଇଥିଲେ। କିନ୍ତୁ ଛାତ୍ରୀମାନେ ସେଠାରେ ଆଡମିଶନ ପରେ ଜାଣିବାକୁ ପାଇଲେ ଯାହାସବୁ କୁହାଯାଇଥିଲା ତାହା ମିଛ। ପାଠ ପଢ଼ାଇବା ପାଇଁ ଶିକ୍ଷକ ନ ଥିବାବେଳେ ପିଲାଙ୍କୁ କୌଣସି ପରିଚୟପତ୍ର ଦେଉ ନ ଥିଲେ। ଏପରି କି ପିଲା ପାଠ ପଢ଼ି ସାରିବା ପରେ ମଧ୍ୟ ସେମାନଙ୍କୁ ସାର୍ଟିଫିକେଟ ଦେଉ ନ ଥିଲେ। ଛାତ୍ରୀମାନଙ୍କୁ ମାଲିକ ଗୋଟିଏ ରୁମ୍‌ରେ ୧୫ରୁ ଅଧିକ ଛାତ୍ରୀଙ୍କୁ ରଖିଥିଲେ। ଏପରିକି କେତେଜଣ ଛାତ୍ରୀଙ୍କୁ ରୋଷେଇ ଘରେ ରହିବାକୁ କୁହାଯାଇଥିଲା। ମାଲିକ ପିଲାଙ୍କୁ ପାଠ ପଢାଇବା ନାଁରେ ବିଭିନ୍ନ ପ୍ରକାର ଅସଦାଚରଣ କରୁଥିଲେ। ସେମାନେ ଏହାର ବିରୋଧ କଲେ କଲେଜରୁ ବାହାର କରି ଦେବାକୁ ଧମକ ଦେଉଥିଲେ। ଶେଷରେ ଶନିବାର ଛାତ୍ରୀମାନେ ପ୍ରତିବାଦ କରିବା ସହ ଉକ୍ତ କଲେଜରେ ଭଙ୍ଗାରୁଜା କରିଥିଲେ। ଥାନାରେ ଛାତ୍ରୀମାନେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି କଲେଜ ମାଲିକ କୋଦଣ୍ଡଧରକୁ ଗିରଫ କରିଛି।

## ସମୁଦ୍ର ଜୁଆରରେ ଭାସିଯାଉଥିବା ପର୍ଯ୍ୟଟକ ଉଦ୍ଧାର

**କୋଣାର୍କ, ୭।୧୦(ଡି.ଏନ୍.ଏ.)**

ଚନ୍ଦ୍ରଭାଗାଠାରେ ସମୁଦ୍ରରେ ସ୍ନାନ କରୁଥିବା ସମୟରେ ରବିବାର ଅପରାହ୍ନ ୩ଟା ୩୦ରେ ଜଣେ ପର୍ଯ୍ୟଟକ ଜୁଆରରେ ସମୁଦ୍ର ଗର୍ଭକୁ ଭାସିଯାଇଥିଲେ। ସେ ବୁଡିଯାଉଥିବା ଦେଖି ତାଙ୍କର ସହଯାତ୍ରୀ ଯୁବକ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ପର୍ଯ୍ୟଟକଙ୍କ ପେଟଚିପି ପାଣି ବାହାର କରିବାପରେ ଚେତା ଫେରିଥିଲା। ଆହତ ପର୍ଯ୍ୟଟକଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କୋଣାର୍କ ଡାକ୍ତରଖାନା ଓ ପରେ ପୁରୀ ସଦର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତ ପର୍ଯ୍ୟଟକଙ୍କ ନାମ ଲଳିତ୍ ସିଂ। ସେ ଉତ୍ତରପ୍ରଦେଶର ବାଲିଗାଁଓ ବାସିନ୍ଦା ବୋଲି ଜଣାପଡିଛି। ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଥିବାରୁ ସମୁଦ୍ରରେ ସ୍ନାନ ନିମନ୍ତେ ପ୍ରତ୍ୟହ ଗହଳି ଲାଗିରହୁଛି। ପର୍ଯ୍ୟଟକଙ୍କ ସୁରକ୍ଷିତ ସମୁଦ୍ର ସ୍ନାନ ଲାଗି ଏଠାରେ ନିୟମିତ ଲାଇଫ ଗାର୍ଡ ମୁତୟନ ନିମନ୍ତେ ଚନ୍ଦ୍ରଭାଗା ବଜାର କମିଟି ସଭାପତି ଭାସ୍କର ବେହେରା ଦାବି କରିଛନ୍ତି।

## କୋଣାର୍କ ଉତ୍ସବରେ ହେବ ସାହିତ୍ୟ ଆସର: ଅନ୍ତର୍ଯାମୀ ମିଶ୍ରଙ୍କୁ କୋଣାର୍କ ସାହିତ୍ୟ ସଂସଦ, ସୁରେନ୍ଦ୍ର ମିଶ୍ରଙ୍କୁ ଅର୍କପ୍ରଜ୍ଞା ସମ୍ମାନ

**କୋଣାର୍କ, ୭।୧୦(ଡି.ଏନ୍.ଏ.)**

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ କୋଣାର୍କ ଉତ୍ସବ-୨୦୧୮। ଏହି ଅବସରରେ କୋଣାର୍କ ସାହିତ୍ୟ ସଂସଦ ଓ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ଡିସେମ୍ବର ୨ରେ ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ସାହିତ୍ୟ ଆସର ଅନୁଷ୍ଠିତ ହେବ। ଏହା ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ଏଥିରେ ୨୦୦ ସାହିତ୍ୟିକ ଭାଗ ନେବେ। ଏହି ଅବସରରେ କୋଣାର୍କ ସାହିତ୍ୟ ସଂସଦର ମୁଖପତ୍ର 'ଧରମା'ର ଚତୁର୍ଥ ସଂସ୍କରଣର ଶୁଭ ଉନ୍ମୋଚନ କରାଯିବ। ଏଥିସହ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଭାଷାତତ୍ତ୍ୱବିତ୍, ଗବେଷକ ତଥା ପୁସ୍ତକାର ପଣ୍ଡିତ ଡ.ଅନ୍ତର୍ଯାମୀ ମିଶ୍ରଙ୍କୁ କୋଣାର୍କ ସାହିତ୍ୟ ସଂସଦ ସମ୍ମାନ ଓ ଜଗନ୍ନାଥ ସଂସ୍କୃତିର ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କୁ ଅର୍କପ୍ରଜ୍ଞା ସମ୍ମାନରେ ସମ୍ମାନିତ କରାଯିବ ବୋଲି କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଥିଲେ। ରବିବାର ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକ କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ପୌରୋହିତ୍ୟ କରିଥିଲେ। ସଂସଦ ଉପସଭାପତି ରୁକ୍ମିଣୀ ଦେବୀ, ଉପଦେଷ୍ଟା ମନମୋହନ ସ୍ୱାଇଁ, ଉପଦେଷ୍ଟା ସ୍ୱର୍ଣ୍ଣଲତା ତ୍ରିପାଠୀ, ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ସହସମ୍ପାଦକ ମହେନ୍ଦ୍ର ଦାଶ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ବିଶ୍ୱାଳ, ବାନରସେନାର ସମ୍ପାଦକ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇଥିଲେ।

## ଫଟୋରେ ଖବର




ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବ୍ଦୁଲ କଲାମଙ୍କ ୮୭ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ରବିବାର ଭୁବନେଶ୍ୱର ସୂଚନା ଭବନରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ।



ରବିବାର ପୁରୁଣା ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକାମ୍ର ଐତିହ୍ୟ ପଦଯାତ୍ରାରେ ସାମିଲ ହୋଇଥିବା ବିଦେଶୀ ଟୁର ଅପରେଟର ଏବଂ ପର୍ଯ୍ୟଟକ।




ସାରସ୍ୱତ ସମାଜ ଓଡ଼ିଶା ପକ୍ଷରୁ ଭୁବନେଶ୍ୱରସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦରେ ରବିବାର ଆୟୋଜିତ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ଉପସ୍ଥିତ ଅତିଥିମାନେ।



ଯେଉଁ ମାନବ ମନକୁ ବୁଝେ ଓ ସଠିକ୍ ବାଟରେ ଯିବା ପାଇଁ ମନକୁ ନିୟନ୍ତ୍ରଣ କରିପାରେ ସେ ହେଉଛି ବାସ୍ତବରେ ସାଧକ ପଦବାଚ୍ୟ।
- ସ୍ୱାମୀ ପ୍ରଜ୍ଞାନନ୍ଦ





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଭୁବନେଶ୍ୱର ବମିଖାଲ ନିଗମାନନ୍ଦ ନଗରସ୍ଥିତ ଦାମୋଦର ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀମାନେ।

## ସରିଲା ଓଡ଼ିଶା ଟ୍ରାଭେଲ ବଜାର-୨୦୧୮

# ଓଡ଼ିଶାରେ ପର୍ଯ୍ୟଟନ ଭିତ୍ତିଭୂମି ସଜାଡ଼ିବା ଜରୁରୀ

ଭୁବନେଶ୍ୱର,୭।୧୦(ବ୍ୟୁରୋ)



ଓଡ଼ିଶା ଟ୍ରାଭେଲ ବଜାରରେ ଯୋଗ ଦେଇଥିବା ଟୁର୍ ଅପରେଟରମାନେ।

ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାରେ ଯେଉଁ ଭିନ୍ନତା ରହିଛି, ତାହା ବହୁ କମ୍ ସ୍ଥାନରେ ଦେଖିବାକୁ ମିଳେ। ସମୁଦ୍ର, ପାହାଡ଼, ଜଙ୍ଗଲ, ବନ୍ୟଜନ୍ତୁ, କଳା, ଐତିହ୍ୟ, ବୌଦ୍ଧ ଓ ଆଦିବାସୀ ପର୍ଯ୍ୟଟନ, ସବୁକିଛି ଗୋଟିଏ ସ୍ଥାନରେ ଦେଖିବାକୁ ମିଳିବା ଏକ ବିରଳ ଘଟଣା। ଓଡ଼ିଶା ଏତେଗୁଡ଼ିଏ ପର୍ଯ୍ୟଟନ ସମ୍ଭାରକୁ ନେଇ ପରିପୂର୍ଣ୍ଣ ହୋଇଥିଲେ ମଧ୍ୟ ତାହାର ଠିକ୍ ଉପଯୋଗ କରିପାରୁନାହିଁ। ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଥିଲେ ବି ଭିତ୍ତିଭୂମି ନ ଥିବାରୁ ପର୍ଯ୍ୟଟକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ ରହିଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଏଭଳି ସମସ୍ୟା ଅଧିକ ହେଉଛି। ହୋଟେଲ, ରେଷ୍ଟୁରାଣ୍ଟ, ଆମ୍ୟୁଜମେଣ୍ଟ ପାର୍କ, ୱେଲ୍‌ନେସ୍ ସେଣ୍ଟର ଭଳି ବ୍ୟବସ୍ଥା ନ ଥିବାରୁ ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକ ଆସିବାକୁ ଅମଙ୍ଗ ହେଉଥିବା କହିଛନ୍ତି ବିଦେଶୀ ଟୁର୍ ଅପରେଟର। ଓଡ଼ିଶା ଟ୍ରାଭେଲ ବଜାରରେ ଦେଶ, ବିଦେଶରୁ ଆସିଥିବା ଟୁର୍ ଅପରେଟରମାନେ ଏଭଳି ମତବ୍ୟକ୍ତ କରିଛନ୍ତି।

ସ୍ୱିଡେନର ସାମୁଏଲ୍ ଟ୍ରାଭେଲ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ସେସିଲିଆ ପ୍ୟୁରିଚ୍‌ସଙ୍କ ମତରେ ଓଡ଼ିଶାର ଦକ୍ଷିଣ ଭାଗ ଆଦିବାସୀ ପର୍ଯ୍ୟଟନ ଦୃଷ୍ଟିରୁ ଏକ ଆକର୍ଷଣୀୟ ସ୍ଥାନ। ପ୍ରାୟ ୬୨ ପ୍ରକାରର ଜନଜାତିଙ୍କୁ ନେଇ ଓଡ଼ିଶା ସମୃଦ୍ଧ। ସେମାନଙ୍କ କଳା, ସଂସ୍କୃତି, ଖାଦ୍ୟପେୟ, ସବୁକିଛି ଆମ ପାଇଁ ସ୍ୱତନ୍ତ୍ର। ଆଦିବାସୀଙ୍କ ସହ ଭାବର ଆଦାନ ପ୍ରଦାନ କରିବା, ସେମାନଙ୍କ ଚାଲିଚଳଣିକୁ ପାଖରୁ ଅନୁଭବ କରିବାକୁ ପର୍ଯ୍ୟଟକମାନେ ନିଶ୍ଚିତ ଆଗ୍ରହ ଦେଖାଇବେ। ହେଲେ ଆଭ୍ୟନ୍ତରୀଣ ଓଡ଼ିଶାରେ ଆବଶ୍ୟକ ହୋଟେଲ, ରେଷ୍ଟୁରାଣ୍ଟ, ରୋଡ୍‌ସାଇଡ୍ ଆମେନିଟି, ଟି' ଷ୍ଟଲ୍ ଆଦି ମିଳିବା ବହୁ କଷ୍ଟ, ଯାହାକି ଏକ ପ୍ରମୁଖ ସମସ୍ୟା। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ସ୍ଥାନୀୟ ଲୋକଙ୍କ ସହ ସହଯୋଗ ରକ୍ଷା କରିବା ଏବଂ ହୋଟେଲ, ରେଷ୍ଟୁରାଣ୍ଟ ଆଦି ପ୍ରତିଷ୍ଠା କରିବା ଆବଶ୍ୟକ। ସେହିଭଳି ଥାଇଲାଣ୍ଡର ନରିଏରତ୍ ପାତୋଙ୍ଗ୍‌ଙ୍କ କହିବାନୁଯାୟୀ, ବୌଦ୍ଧ ପର୍ଯ୍ୟଟନ ଦୃଷ୍ଟିରୁ ଥାଇଲାଣ୍ଡ ପର୍ଯ୍ୟଟକଙ୍କ ପାଇଁ ଓଡ଼ିଶା ଏକ ଉତ୍କୃଷ୍ଟ ସ୍ଥାନ। ରତ୍ନଗିରି, ଲଳିତଗିରି ଭଳି ଆକର୍ଷଣୀୟ ବୌଦ୍ଧସ୍ଥଳ ଓଡ଼ିଶାରେ ରହିଛି। ହେଲେ ପର୍ଯ୍ୟଟକଙ୍କ ପାଇଁ ଉକ୍ତ ଅଞ୍ଚଳରେ ଗୋଟିଏ ବି ଭଲ ହୋଟେଲ କିମ୍ବା ରେଷ୍ଟୁରାଣ୍ଟ ନାହିଁ। ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବାକୁ ବହୁ ସମୟ ଲାଗୁଥିବା ବେଳେ କେବଳ ଭୁବନେଶ୍ୱରକୁ ଛାଡ଼ିଦେଲେ ଓଡ଼ିଶାର ଆଉ କେଉଁଠାରେ ଖାଇବାକୁ ଭଲ ରେଷ୍ଟୁରାଣ୍ଟ ନାହିଁ। ରତ୍ନଗିରି, ଲଳିତଗିରି ଭଳି ସ୍ଥାନକୁ ଅଧିକ ପ୍ରମୋଟ କରିବାକୁ ଭଲ ରେଷ୍ଟୁରାଣ୍ଟ, ହୋଟେଲ, କ୍ୟାଫେ ହାଉସ୍ ପ୍ରତିଷ୍ଠା କରିବା ନିହାତି ଜରୁରୀ। ଏହାଦ୍ୱାରା ପର୍ଯ୍ୟଟକମାନେ ଐତିହ୍ୟସ୍ଥଳୀ ବୁଲିସାରିବା ପରେ କ୍ୟାଫେରେ କିଛି ସମୟ ଆରାମରେ ବସି ସୁସ୍ୱାଦୁ ଖାଦ୍ୟର ମଜା ନେଇପାରିବେ। ଜର୍ମାନୀର ବ୍ରିଟା ସିଡେଲଙ୍କ ମତରେ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାରେ ବହୁ ଭେରାଇଟି ରହିଛି। ଏହାକୁ ପ୍ରଚାର ପ୍ରସାର କରିବାର ଆବଶ୍ୟକତା ଅଛି। ବିମାନ ସଂଯୋଗକୁ ଗୁରୁତ୍ୱ ଦେବା ସହ ସ୍ୱଳ୍ପମିଆଦୀ ଇ-ଭିଜା ଲାଗୁ କରିବା ନିହାତି ଜରୁରୀ। ରାଜ୍ୟକୁ ଅଧିକ ବିଦେଶୀ ପର୍ଯ୍ୟଟକ ଆଣିବାରେ ଏହି ଭିଜା ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି। ଏହାସହ ରାଜ୍ୟକୁ ଅଧିକ ପର୍ଯ୍ୟଟକ ଆଣିବାକୁ ହେଲେ ଜଙ୍ଗଲ ଓ ପରିବେଶ ନିୟମକୁ ସାମାନ୍ୟ କୋହଳ କରାଯିବା ଦରକାର ବୋଲି ଅନ୍ୟ ଟୁର୍ ଅପରେଟରମାନେ ମତବ୍ୟକ୍ତ କରିଥିଲେ।

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫିକି ସହଯୋଗରେ ୩ଦିନ ଧରି ସ୍ଥାନୀୟ ଏକ ହୋଟେଲରେ ଚାଲିଥିବା ଓଡ଼ିଶା ଟ୍ରାଭେଲ ବଜାର-୨୦୧୮ ରବିବାର ଉଦ୍‌ଯାପିତ ହୋଇଥିବାବେଳେ ରାଜ୍ୟ ସରକାର ଟୁର୍ ଅପରେଟରମାନଙ୍କ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ପର୍ଯ୍ୟଟନ ବିଭାଗ ସଚିବ ବିଶାଲ ଦେବ ଏବଂ ବିଭାଗୀୟ ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ଯୋଗଦେଇ ଧୀରେ ଧୀରେ ସମସ୍ତ ସମସ୍ୟାର ସମାଧାନ କରିବା ଦିଗରେ ଓଡ଼ିଶା ପର୍ଯ୍ୟଟନ କାର୍ଯ୍ୟ କରିବ ବୋଲି କହିଥିଲେ। ଏହି ଟ୍ରାଭେଲ ବଜାରରେ ବିଗତ ଦୁଇଦିନ ମଧ୍ୟରେ ଟୁର୍ ଅପରେଟରମାନଙ୍କୁ ନେଇ ୨୦୦୦ରୁ ଅଧିକ ବିଟୁବି ବୈଠକ ଆୟୋଜିତ ହୋଇଥିଲା।

# ବନ୍ୟପ୍ରାଣୀ ସଂରକ୍ଷଣରେ ଉଦ୍ୟୋଗ ଜଗତ ସହାୟତା କରିବା ଉଚିତ

ଭୁବନେଶ୍ୱର, ୭।୧୦(ବ୍ୟୁରୋ)



ନନ୍ଦନକାନନ ଉପ ବନ ସଂରକ୍ଷକ କମଳ ଲୋଚନ ପୁରୋହିତଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷ, ପ୍ରାକୃତିକ ବାସସ୍ଥଳୀର ଅବକ୍ଷୟ, ତୃଣଭୋଜି ପ୍ରାଣୀଙ୍କ ସଂଖ୍ୟା ହ୍ରାସ ଏବଂ ଜଳବାୟୁ ପରିବର୍ତ୍ତନ ଆଦି ସମସ୍ୟା ବ୍ୟାଘ୍ର ତଥା ମାଂସାଶୀ ବନ୍ୟପ୍ରାଣୀଙ୍କ ସଂଖ୍ୟାରେ ଅହେତୁକ ହ୍ରାସର କାରଣ ସାଜିଛି। ଶହେ ବର୍ଷ ତଳେ ପୃଥିବୀରେ ଚିତାବାଘ ସଂଖ୍ୟା ୧ ଲକ୍ଷରୁ ଊର୍ଦ୍ଧ୍ୱ ଥିବାବେଳେ ଏବେ ଏହା କମି ୭ ହଜାର ନିକଟରେ ପହଞ୍ଚିଛି। ସେହିପରି ୧ ଲକ୍ଷରୁ ଅଧିକ ଥିବା ବ୍ୟାଘ୍ର ସଂଖ୍ୟା ଏବେ ବିଶ୍ୱରେ ୩,୮୯୦ରେ ପହଞ୍ଚିଛି। ଭାରତରେ ଏହି ସଂଖ୍ୟା ୨୨୨୬ ରହିଛି। ୨ ଲକ୍ଷରୁ ଅଧିକ ଥିବା ସିଂହ ଏବେ ୨୦ହଜାରରେ ସୀମିତ ଅଛନ୍ତି। ଜନସଂଖ୍ୟା ବୃଦ୍ଧି ଓ ପ୍ରକୃତି ପ୍ରତି ନକାରାତ୍ମକ କାର୍ଯ୍ୟକଳାପର ପରିମାଣସ୍ୱରୂପ ଏ ସମସ୍ତ ମାଂସାଶୀ ପ୍ରାଣୀମାନେ କ୍ରମେ ବିଲୁପ୍ତି ଦିଗରେ ଅଗ୍ରସର ହେଉଛନ୍ତି। ପ୍ରାକୃତିକ ପରିସଂସ୍ଥାର ବିଧ୍ୱଂସରେ ଅନେକ ଖଣି, ଖାଦାନ, ଶିଳ୍ପ ଏବଂ ଅନ୍ୟ ବିକାଶମୂଳକ କାର୍ଯ୍ୟ ସମ୍ପାଦିତ ହେଉଛି। ତେଣୁ ସରକାରୀ, ବେସରକାରୀ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ। ବିଶେଷକରି ଶିଳ୍ପାନୁଷ୍ଠାନ ଏବଂ ଉଦ୍ୟୋଗଜଗତ ବନ୍ୟପ୍ରାଣୀ ସଂରକ୍ଷଣ ଲାଗି ଆଗେଇ ଆସି ସହାୟତା କରିବା ଉଚିତ। ଓଡ଼ିଶା ପରିବେଶ ସମିତି ଓ ସେଭ ଦ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସମିତି କାର୍ଯ୍ୟାଳୟରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି।

ସମିତିର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ପୌରୋହିତ୍ୟରେ ନାଲ୍‌କୋ ଚେୟାରମ୍ୟାନ ଡ. ତପନ କୁମାର ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାଚୀନ କାଳରୁ ଆମ ସଂସ୍କୃତି, ପରମ୍ପରା ଏବଂ ଧାର୍ମିକ ଭାବନା ପ୍ରକୃତି ଓ ଜୀବମାନଙ୍କ ସୁରକ୍ଷା ନିମନ୍ତେ ଆମକୁ ଶିକ୍ଷା ପ୍ରଦାନ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଅସହନୀୟ ବିକାଶ ଯୋଗୁ ପରିବେଶ ଅବକ୍ଷୟ ଓ ବନ୍ୟପ୍ରାଣୀଙ୍କ ବିଲୁପ୍ତି କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି ବୋଲି ସେ କହିଥିଲେ। ପିସିସିଏଫ୍ ଡ. ଦେବବ୍ରତ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଙ୍ଗଲ ପରିସଂସ୍ଥା ଓ ବନ୍ୟଜନ୍ତୁଙ୍କ ବାସସ୍ଥଳୀକୁ କିପରି ଅଧିକ ସମୃଦ୍ଧ କରାଯାଇପାରିବ ସେ ଦିଗରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ନନ୍ଦନକାନନ ନିର୍ଦ୍ଦେଶକ ଡ. ହରିଶଙ୍କର ଉପାଧ୍ୟାୟ ଯୋଗଦେଇ କହିଥିଲେ, ବନ୍ୟପ୍ରାଣୀଙ୍କ ଶିକାର ଓ ଚାଲାଣ ଅପରାଧରେ ଲିପ୍ତ ଦୋଷୀ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ସମିତିର ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ। ପୂର୍ବତନ ଅତିରିକ୍ତ ପିସିସିଏଫ୍ ପି. କ୍ରିଷ୍ଣାମୋହନ, ଟ୍ରଷ୍ଟର ସଭାପତି ଡ. ରଜନୀକାନ୍ତ ଜେନା, ପୂର୍ବତନ ବନ ସଂରକ୍ଷକ ଜିତାଶତ୍ରୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବନ୍ୟଜୀବ ସୁରକ୍ଷା ନିମନ୍ତେ ନନ୍ଦନକାନନ ଉପ ବନ ସଂରକ୍ଷକ କମଳ ଲୋଚନ ପୁରୋହିତ, ଦେବଗଡ଼ର ଲଳିତ ମୋହନ ସାହୁ, ଗଞ୍ଜାମର ଲୋକନାଥ ଆଚାର୍ଯ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଇଂ. ପ୍ରକାଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।






@ ଜ



@ ଜ



@ ଜ



@ ଜ



@ ଜ



@ ଜ



ସମଗ୍ର ପ୍ରକୃତିରେ କଠୋର ଶୃଙ୍ଖଳା ପୂରି ରହିଛି। କାରଣ ଖୁବ୍ ଦୟାଳୁ ହେବା ପାଇଁ ପ୍ରଥମେ ଟିକିଏ ନିଷ୍ଠୁର ହେବାକୁ ପଡ଼େ।
-ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

ଭୁବନେଶ୍ୱର, ୭ା୧୦(ବ୍ୟୁରୋ): ଖଣ୍ଡଗିରି ଥାନା ଭରତପୁର ଅଞ୍ଚଳରେ ପରିବାର ସହ ରହୁଥିବା ଜଣେ ଯୁବତୀଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଛନ୍ତି। ଏ ନେଇ ଯୁବତୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରୁଛି। ତେବେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ଯୁବତୀ ଜଣକ ସ୍ଥାନୀୟ ଏକ କଲେଜରେ ଯୁକ୍ତ ୩ରେ ପଢ଼ନ୍ତି। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ସେ କଲେଜ ଯିବା ବାଟରେ ଯୁବକ ଜଣକ ତାଙ୍କୁ ବାରମ୍ବାର ହଇରାଣ କରନ୍ତି। ଏପରି କି ସେ ପ୍ରତିଦିନ ତାଙ୍କ ଘର ଆଗରେ ଛିଡା ହୋଇ କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ରବିବାର ଯୁବତୀଙ୍କ ଘରେ କେହି ନ ଥିବାବେଳେ ଅଭିଯୁକ୍ତ ତାଙ୍କ ଘରେ ପଶି ବଳାତ୍କାର ଉଦ୍ୟମ କରିଥିଲେ। ଫଳରେ ଯୁବତୀ ଜଣକ ପାଟି କରିଥିଲେ। ଏହି ସମୟରେ ପରିବାର ଲୋକେ ପହଞ୍ଚି ଅଭିଯୁକ୍ତଙ୍କୁ ଅଟକାଇଥିଲେ। ହେଲେ ସେ ଯୁବତୀଙ୍କ ପରିବାର ଲୋକଙ୍କୁ ମାଡ ମାରି ଫେରାର ହୋଇଯାଇଥିଲେ।

### ଅଚିହ୍ନା ମୃତଦେହ ଉଦ୍ଧାର

କଟକ ଅଫିସ, ୭ା୧୦: କଟକ ଖାନ୍‌ନଗର ନିକଟ କାଠଯୋଡ଼ି ନଦୀ କୂଳରୁ ରବିବାର ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମଧ୍ୟାହ୍ନ ପ୍ରାୟ ୧୨ଟାରେ ନଦୀ କୂଳରେ ଲୋକେ ଗାଧୋଉଥିବାବେଳେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଖବର ପ୍ରଚାରିତ ହୋଇଯିବା ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ଲୋକଙ୍କଠାରୁ ଖବର ପାଇ ବାଦାମବାଡ଼ି ଥାନାର ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଓଡ୍ରାଫ ଟିମ୍ ସହାୟତାରେ ମୃତଦେହକୁ ଉଦ୍ଧାର କରିଥିଲା। ପରେ ଏହାକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। କଟକରେ ବାରମ୍ବାର ଅଚିହ୍ନା ମୃତଦେହ ମିଳୁଥିବାରୁ ଏବର ଘଟଣାକୁ ନେଇ ନାନା ଆଲୋଚନା ହେଉଛି।

## କଟକ କଂଗ୍ରେସ ରାଜନୀତି

# ୪୪ ଜଣିଆ ତାଲିକାକୁ ନେଇ ଚର୍ଚ୍ଚା

**ସାଧାରଣ ନିର୍ବାଚନକୁ ନେଇ ଚାରିଆଡ଼େ ଚର୍ଚ୍ଚା। ଇତିମଧ୍ୟରେ କଂଗ୍ରେସ ଦୁଇପାଦ ଆଗକୁ ଯାଇ ନିଜର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ କରିଛି। ନିକଟରେ କଂଗ୍ରେସର ସ୍କ୍ରିନିଂ କମିଟି ବୈଠକରେ ୪୪ ଜଣ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଛି। ଚୂଡ଼ାନ୍ତ ତାଲିକାକୁ ଧରି ଦଳର ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ ଦିଲ୍ଲୀ ଯାଇଛନ୍ତି। ତେବେ ଏହି ୪୪ ପ୍ରାର୍ଥୀ ତାଲିକାକୁ ନେଇ କଟକ କଂଗ୍ରେସରେ ଉଷ୍ମତା ପରିଲକ୍ଷିତ ହେଉଛି। କଟକ ଜିଲାରେ ୯ଟି ବିଧାନସଭା ଆସନ ରହିଛି। ୨୦୧୪ ନିର୍ବାଚନରେ କଂଗ୍ରେସ ୯ ଆସନ ମଧ୍ୟରୁ କେବଳ ସାଲେପୁର ଆସନରେ ବିଜୟଲାଭ କରିଥିଲା। ବାକି ୮ ଆସନକୁ ବିଜେଡି ଦଖଲ କରିଥିଲା। ତେବେ ସ୍କ୍ରିନିଂ କମିଟି ସୁପାରିସ କରିଥିବା ୪୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ କଟକରୁ କେଉଁମାନଙ୍କ ନାମ ରହିଛି, ତାହାକୁ ନେଇ ଦଳରେ ଆଲୋଚନା ପର୍ଯ୍ୟାଲୋଚନା ଜାରି ରହିଛି।**

ନିର୍ମଳ ପଣ୍ଡା, କଟକ ଅଫିସ

> ସଂଗଠନ, ବିଜୟ ଆଶା ଥିବା ପ୍ରାର୍ଥୀଙ୍କ ଉପରେ ଗୁରୁତ୍ୱ ଦିଆଯିବ। ତେବେ କିଏ କେଉଁଠୁ ପ୍ରାର୍ଥୀ ହେବେ ତାହା ଖୁବ୍‌ଶୀଘ୍ର ସ୍ପଷ୍ଟ ହୋଇଯିବ।
> - ଗୁରୁପଦ ନନ୍ଦ, ସଭାପତି, ଜିଲା କଂଗ୍ରେସ କମିଟି, କଟକ

୧ ସାଲେପୁର ଆସନରୁ କଂଗ୍ରେସ ପ୍ରାର୍ଥୀ ପ୍ରକାଶ ବେହେରା ୨୦୧୪ରେ ନିର୍ବାଚିତ ହୋଇଥିଲେ। ଯେହେତୁ ସମସ୍ତ ବିଧାୟକଙ୍କୁ ଦଳୀୟ ଟିକେଟ ମିଳିବ ବୋଲି ଆଗରୁ ପିସିସି ସଭାପତି ଘୋଷଣା କରିସାରିଛନ୍ତି, ତେଣୁ ପ୍ରକାଶ ଟିକେଟ ପାଇବା ଏକପ୍ରକାର ନିଶ୍ଚିତ।

୨ ବାରବାଟୀ-କଟକ ଆସନରେ ୨୦୧୪ରେ ମହମ୍ମଦ ମୋକିମ କଂଗ୍ରେସ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରି ୧୪ହଜାର ୨୯୮ ଖଣ୍ଡ ଭୋଟରେ ବିଜେଡିର ଦେବାଶିଷ ସାମନ୍ତରାୟଙ୍କଠାରୁ ପରାସ୍ତ ହୋଇଥିଲେ। କଂଗ୍ରେସରେ ମୋକିମଙ୍କ ପତିଆରା ରହିଛି। ତେଣୁ ମୋକିମଙ୍କ ଟିକେଟକୁ ନେଇ ତାଙ୍କ ସମର୍ଥକମାନେ ଦୃଢ଼ ଆଶାବାଦୀ ଅଛନ୍ତି। ଏନେଇ ମୋକିମ କହିଛନ୍ତି ଯେ, ନିର୍ବାଚନରେ ପରାଜିତ ହୋଇଥିଲେ ମଧ୍ୟ ଲୋକଙ୍କ ସହିତ ସାମିଲ ଅଛି ଏବଂ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ନିଜକୁ ସାମିଲ ରଖିଛି। ତେଣୁ ଟିକେଟ ପାଇବି ବୋଲି ଆଶା ରହିଛି।

୩ ଚୌଦ୍ୱାର-କଟକ ଆସନରେ କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ର ପ୍ରତିଦ୍ୱନ୍ଦ୍ୱିତା କରି ୪୧ହଜାର ୩୮୫ ଭୋଟରେ ବିଜେଡି ପ୍ରାର୍ଥୀ ପ୍ରଭାତ ବିଶ୍ୱାଳଙ୍କଠାରୁ ପରାସ୍ତ ହୋଇଥିଲେ। ତେବେ ୨୦୦୪ରୁ ସୁରେଶ କଟକ ସହର ପରେ କଟକ-ବାରବାଟୀ ଓ ୨୦୧୪ରେ ଚୌଦ୍ୱାର-କଟକରୁ ନିର୍ବାଚନ ଲଢ଼ି ପରାସ୍ତ ହୋଇଛନ୍ତି। ଯେହେତୁ ଚୌଦ୍ୱାର-କଟକରେ କଂଗ୍ରେସର ଆଉ କୌଣସି ନେତାଙ୍କ ନାମ ଚର୍ଚ୍ଚାକୁ ଆସୁନାହିଁ, ସେହି ପରିପ୍ରେକ୍ଷୀରେ ସୁରେଶଙ୍କ ଟିକେଟକୁ ନେଇ ତାଙ୍କ ସମର୍ଥକମାନେ ଆଶାବାଦୀ ଅଛନ୍ତି। ଏ ସମ୍ପର୍କରେ ସୁରେଶ କହିଛନ୍ତି ଯେ, ଟିକେଟ ପାଇବିନି ବୋଲି ମୁଁ କେବେ ଭାବିନି। ଦଳ ଓ ଲୋକଙ୍କ ସହିତ ସର୍ବଦା ଅଛି।

୪ ବାଙ୍କୀରେ ପୂର୍ବରୁ କଂଗ୍ରେସର ଦେବାଶିଷ ପଟ୍ଟନାୟକଙ୍କ ସହିତ ବିଜେଡିର ପ୍ରଭାତ ତ୍ରିପାଠୀଙ୍କ ମଧ୍ୟରେ ଲଢେଇ ହେଉଥିଲା। ୨୦୧୪ରେ କଂଗ୍ରେସ ହଠାତ୍ ଏଠାରେ ଗୋବିନ୍ଦପୁରର ପୂର୍ବତନ ବିଧାୟକ ରବି ମଲିକଙ୍କୁ ପ୍ରାର୍ଥୀ କରିଥିଲା। ମଲିକ ବିଜେଡି ପ୍ରାର୍ଥୀ ତ୍ରିପାଠୀଙ୍କଠାରୁ ୪୩ହଜାର ୭୫୮ ଭୋଟରେ ପରାସ୍ତ ହୋଇଥିଲେ। ପୂର୍ବରୁ ବାଙ୍କୀରେ କଂଗ୍ରେସ ସଂଗଠନ ଭାର ନେଇଥିଲେ ଦେବାଶିଷ। ଏବେ ତାଙ୍କ ନାମ ସହ ପ୍ରଦେଶ କଂଗ୍ରେସ କମିଟି ଏସ୍‌ସି ଏସ୍‌ଟି ସେଲ୍‌ର ଉପାଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ତେଣୁ କଂଗ୍ରେସ ଏହି ୩ ଜଣଙ୍କ ମଧ୍ୟରୁ କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ରବି ମଲିକ କହିଛନ୍ତି ଯେ, ୨୦୧୪ରେ ଯେଉଁମାନେ ୪୦ହଜାର ଭୋଟ ପାଇଥିଲେ ସେମାନଙ୍କୁ ଟିକେଟ ମିଳିବ ବୋଲି ଦଳ ନିଷ୍ପତ୍ତି ନେଇଛି। ତେଣୁ ଏହି ମାପଦଣ୍ଡ ଅନୁସାରେ ମୁଁ ଟିକେଟ ପାଇବି ବୋଲି ଆଶାବାଦୀ ଅଛି।

୫ ନିଆଳିରେ ଗତ ନିର୍ବାଚନରେ କଂଗ୍ରେସ ଏଠାରେ ଛବି ମଲିକଙ୍କୁ ପ୍ରାର୍ଥୀ କରିଥିଲା। ଛବି ବିଜେଡି ପ୍ରାର୍ଥୀ ପ୍ରମୋଦ ମଲ୍ଲିକଙ୍କଠାରୁ ୨୫ହଜାର ୮୦୯ ଭୋଟରେ ପରାସ୍ତ ହୋଇଥିଲେ। ୨୦୧୪ରେ ଛବି କଂଗ୍ରେସରୁ ପ୍ରାର୍ଥୀ ହେବା ପରେ ୨୦୦୯ରେ ନିଆଳିରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଆର୍ତ୍ତତ୍ରାଣ ମଲିକ ଦଳ ଛାଡ଼ିଥିଲେ। ବର୍ତ୍ତମାନ ଛବି ମଲିକ ଭାଜପାରେ ଯୋଗଦେଇଥିବା ବେଳେ ଆର୍ତ୍ତ ବିଜେଡିରୁ ଟିକେଟ ନେବା ପାଇଁ ଲବି ଚଳାଇଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ନିଆଳିରୁ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ପୁଅଙ୍କ ନାମ ମଧ୍ୟ ଚର୍ଚ୍ଚା ହେଉଛି। ତେଣୁ ନିଆଳିରୁ କିଏ କଂଗ୍ରେସ ପ୍ରାର୍ଥୀ ହେବ ତାହାକୁ ନେଇ ଅନିଶ୍ଚିତତା ରହିଛି।

୬ କଟକ ସଦରରେ ମଧ୍ୟ ସମାନ ଅବସ୍ଥା। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ରଶେଖର ସାମଲ ୩ ନମ୍ବରରେ ରହିଥିଲେ। ସଦରରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରାଙ୍କ ସହିତ ଭାଜପା ପ୍ରାର୍ଥୀ ଦିଲୀପ ମଲିକଙ୍କ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏବେ ସଦର ଆସନ ପାଇଁ କଂଗ୍ରେସ ନେତା ରତ୍ନାକର ବେହେରା ଓ ବାଙ୍କନିଧି ବେହେରା ଟିକେଟ ପାଇଁ ଲବି ଚଳାଇଥିବା ଚର୍ଚ୍ଚା ହେଉଛି।

୭ ଆଠଗଡ଼ରେ ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିଚିତ୍ରାନନ୍ଦ ମୁଦୁଲି ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କଠାରୁ ୬୦ହଜାର ୫୫୪ ଭୋଟରେ ପରାସ୍ତ ହୋଇଥିଲେ। ଏବେ ସେଠାରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ଅକ୍ଷୟ ତୁଙ୍ଗସାମନ୍ତ ଓ ବିଚିତ୍ରାନନ୍ଦ ଟିକେଟ ଲବିରେ ଅଛନ୍ତି।

୮ ବଡ଼ମ୍ବାରେ କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀଦେବୀ ବିଜେଡି ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ରଙ୍କଠାରୁ ୬୮ହଜାର ଭୋଟରେ ପରାସ୍ତ ହୋଇଥିଲେ। ଏବେ ସଞ୍ଜୟ ସାହୁ ଓ ମନୋଜ ସାହୁ ପ୍ରମୁଖ ଟିକେଟ ଲବିରେ ରହିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ମୀଦେବୀ କହିଛନ୍ତି ଯେ, ବଡମ୍ବା ଲୋକେ ମୋତେ ଚାହୁଁନାହାନ୍ତି। ତେଣୁ ଆଉ ନିର୍ବାଚନ ଲଢ଼ିବି ନାହିଁ ବୋଲି ମନସ୍ଥ କରିଛି।

୯ ମାହାଙ୍ଗା ଆସନରେ ମଧ୍ୟ ଅନୁରୂପ ଅବସ୍ଥା। ୨୦୧୪ରେ ମାହାଙ୍ଗାରେ ବିଜେଡି ପ୍ରାର୍ଥୀ ପ୍ରତାପ ଜେନାଙ୍କ ସହିତ ସ୍ୱାଧୀନ ପ୍ରାର୍ଥୀ ସାରଦା ପ୍ରଧାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ମତଲୁବ ଅଲି ୨୨ହଜାର ୨୯୭ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଇତିମଧ୍ୟରେ ମତଲୁବ ଆଉ ନିର୍ବାଚନ ଲଢ଼ିବେ ନାହିଁ ବୋଲି ସିଧା ମନା କରିଦେଇଛନ୍ତି। ଏଭଳି ସ୍ଥିତିରେ କଂଗ୍ରେସରୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ଯୁବ ନେତା ଆକାଶ ଭୂୟାଁ ଓ ପ୍ରଦୀପ୍ତ ଦାସ ପ୍ରମୁଖ ଟିକେଟ ପାଇଁ ଲବି କରୁଛନ୍ତି।

## ୫୩ ଦିନରେ ଶିକ୍ଷକଙ୍କ ଅହୋରାତ୍ର ଧାରଣା

# ୯ରେ ବିଶାଳ ସମାବେଶ

ଭୁବନେଶ୍ୱର, ୭ା୧୦(ବ୍ୟୁରୋ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଚାଲିଥିବା ଶିକ୍ଷକଙ୍କ ଅହୋରାତ୍ର ଗଣଧାରଣା ରବିବାର ୫୩ ଦିନରେ ପହଞ୍ଚିଛି। ଓଡ଼ିଶାର ବିଭିନ୍ନ ଜିଲାରୁ ଶତାଧିକ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଦାବି ପ୍ରତି ସରକାରଙ୍କ ଚରମ ଉଦାସୀନତାକୁ ଲକ୍ଷ୍ୟ କରି କ୍ଷୋଭ ପ୍ରକାଶ କରିବା ସହିତ ବିନା ସତ୍ୟପାଠ ବା ଲିଖିତ ସୂଚନା ପ୍ରଦାନରେ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀମାନଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ ନ କଲେ ଆସନ୍ତା ୯ ତାରିଖରେ ବିଶାଳ ସମାବେଶ ମାଧ୍ୟମରେ ସରକାରଙ୍କୁ ଉପଯୁକ୍ତ ଜବାବ ଦିଆଯିବ। ଏ ନେଇ ମିଳିତ ମଞ୍ଚର ତିନି ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ମିଳିତମଞ୍ଚର ଗଣଧାରଣା ୫୩ ଦିନରେ ପହଞ୍ଚିଥିଲେ ସୁଦ୍ଧା ସରକାର ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନଙ୍କ ମହଲରେ ଘୋର ନୈରାଶ୍ୟ ସୃଷ୍ଟି କରିଛି। ଗାନ୍ଧୀ ଜୟନ୍ତୀ ଦିନ ସମଗ୍ର ଓଡ଼ିଶାର ସମସ୍ତ ଜିଲାପାଳଙ୍କ ସମ୍ମୁଖରେ ୧୨ଘଣ୍ଟିଆ ଅନଶନ କରାଯାଇଥିଲା। ଏଥିସହିତ ବୁଦ୍ଧିଜୀବୀ, ଅଭିଭାବକ, ଶିକ୍ଷାବିତ୍ ଓ ଜନସାଧାରଣଙ୍କୁ ନେଇ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗ୍ରାମ ସ୍ୱରାଜ ଓ ଜନଦରବାର କାର୍ଯ୍ୟକ୍ରମ ଜାରି ରହିଛି। ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଗାଁକୁ ଗାଁ ବୁଲି ରାଜ୍ୟ ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଓ ସ୍କୁଲ କଲେଜର ଅନିଶ୍ଚିତ ଭବିଷ୍ୟତ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି।

# ‘ଗୀତା’ ଦ୍ୱାରା ବାପୁଜୀ ପ୍ରଭାବିତ ହୋଇଥିଲେ




ଭୁବନେଶ୍ୱର, ୭ା୧୦(ବ୍ୟୁରୋ)

ଜାତିର ପିତା ମହାତ୍ମା ଗାନ୍ଧୀ ଭାରତର ଐତିହ୍ୟ ଓ ପରମ୍ପରାକୁ ଆଧାର କରି ନିଜକୁ ଗଢ଼ି ତୋଳିଥିଲେ। ପ୍ରାଚୀନ ଭାରତର ମହାନତା ଓ ହୃଦୟବତ୍ତା ତାଙ୍କ ପ୍ରେରଣାର ଉତ୍ସ ଥିଲା। ସାରା ବ୍ରହ୍ମାଣ୍ଡରେ ପ୍ରତ୍ୟେକ ଜୀବ ଓ ବସ୍ତୁ ପରସ୍ପର ସମ୍ପର୍କିତ। ସକଳ ସମ୍ପତ୍ତି ଉପରେ ସମସ୍ତଙ୍କର ସମାନ ଅଧିକାର ରହିଛି। ଏହା ସେ ନ୍ୟାସ ଚିନ୍ତନ ମାଧ୍ୟମରେ ପ୍ରୟୋଗ କରିଥିଲେ। ‘ଗୀତା’ ତାଙ୍କ ହୃଦୟରେ ଥିଲା ଓ ‘ଗୀତା’ ଦ୍ୱାରା ବାପୁଜୀ ବେଶି ପ୍ରଭାବିତ ହୋଇଥିଲେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର ସୂଚନା ଭବନଠାରେ କଳିଙ୍ଗ ଭାରତୀ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ‘କାର୍ଯ୍ୟାଞ୍ଜଳି’ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କହିଥିଲେ, ଭେଦଭାବର ପାଚେରି ଭାଙ୍ଗିବାକୁ ମହାତ୍ମା ଗାନ୍ଧୀଙ୍କ ପ୍ରୟାସ ଏକ ଆଧ୍ୟାତ୍ମିକ ଚେତନା ଉପରେ ପର୍ଯ୍ୟବସିତ। ଅପମାନିତ, ବଞ୍ଚିତ, ଲାଞ୍ଛିତ, ବହିଷ୍କୃତ, ପୀଡ଼ିତ ଭାରତକୁ ଏକତ୍ର କରି ବାପୁଜୀ ନୂତନ ଚୈତନ୍ୟ ପ୍ରଦାନ କରିଥିଲେ। ସୂର୍ଯ୍ୟବଂଶୀ ପରମ୍ପରାର ସେ ଉପଯୁକ୍ତ ଦାୟାଦ ଥିଲେ। କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, ସାହିତ୍ୟିକ ସାତକଡ଼ି ହୋତା, ହରିୟାଣା କଳା ପରିଷଦର ପୂର୍ବତନ ନିର୍ଦ୍ଦେଶକ ଅଜୟ ସିଙ୍ଘଲ, ଅନୁଗୋଳ ଜିଲାପାଳ ଅନିଲ କୁମାର ସାମଲ, ଫାଉଣ୍ଡେଶନର ସମ୍ପାଦକ ଅକ୍ଷୟ କୁମାର ସାମଲ, ପୂର୍ବତନ ମୁଖ୍ୟ ଆୟକର କମିଶନର ଏନ୍. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ମରଣିକା ‘କାର୍ଯ୍ୟାଞ୍ଜଳି’ ଓ ମହାତ୍ମା ଗାନ୍ଧୀଙ୍କ ଉପରେ ଚଳଚ୍ଚିତ୍ର ‘କାର୍ଯ୍ୟାଞ୍ଜଳୀ’ ଉନ୍ମୋଚିତ ହୋଇଥିଲା।

# ଦାନ ଉତ୍ସବ: ବଡ଼ଦାଣ୍ଡରେ ଶଗଡ଼ ଶୋଭାଯାତ୍ରା



ପୁରୀ ଅଫିସ, ୭ା୧୦

ମିଶନ ଓଡ଼ିଶା ଓ ଜୟ ଅଫ୍ ଗିଭିଙ୍ଗ ପକ୍ଷରୁ ଚାଲିଥିବା ଦାନ ଉତ୍ସବର ଷଷ୍ଠ ଦିନରେ ରବିବାର ଶଗଡ଼ ଶୋଭାଯାତ୍ରା ବାହାରିଥିଲା। ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ବାହାରିଥିବା ଏହି ଶୋଭାଯାତ୍ରାରେ ୩ଟି ଶଗଡ଼ ସାମିଲ ହୋଇଥିଲା। ଏହା ଗୁଣ୍ଡିଚା ମନ୍ଦିରରେ ସମାପ୍ତ ହୋଇଥିଲା। ଭକ୍ତ, ପର୍ଯ୍ୟଟକ, ସ୍ଥାନୀୟ ଲୋକେ ଡାଲି,ଚାଉଳ, ପନିପରିବା, ଟଙ୍କା, ବସ୍ତ୍ର ଆଦି ପ୍ରଦାନ କରିଥିଲେ।

ପାରମ୍ପରିକ ଭାବେ ୩ଟି ଶଗଡ଼କୁ ସଜ୍ଜିତ କରାଯାଇଥିଲା। ଏହି ଶୋଭାଯାତ୍ରାକୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଡ.ଉଦ୍ଧବ ଚରଣ ମାଝି ଓ ଉପଜିଲାପାଳ ଭବତାରଣ ସାହୁ ଉଦ୍‌ଘାଟନ କରିଥିଲେ। ଦାନ ଉତ୍ସବର ଓଡ଼ିଶା ସଂଯୋଜକ ବିପିନ୍ ମହାନ୍ତି, ପୀୟୂଷ ଅଗ୍ରୱାଲ, ପ୍ରିୟା ଅଗ୍ରୱାଲ, ସାମାଜିକ କର୍ମୀ ବଦ୍ରି ମିଶ୍ର, ଇଂ.ରାଜେଶ ମିଶ୍ର, ହୃଷୀକେଶ ପ୍ରଧାନ, ଆଦିତ୍ୟ ବାହିନୀ ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, ଯୁବନେତା ବିଶ୍ୱନାଥ ଦାଶ, ରୋଟାରିଆନ ସତ୍ୟ ପଣ୍ଡା, ସନ୍ତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦାନ ଉତ୍ସବର ଓଡ଼ିଶା ସଂଯୋଜକ ମହାନ୍ତି କହିଲେ, ସାରା ଦେଶରେ ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ଦାନ ଉତ୍ସବ ୮ ତାରିଖରେ ଶେଷ ହେବ। ମିଶନ ଓଡ଼ିଶା ସମ୍ପାଦକ ମିଶ୍ର କହିଲେ, ଭାରତରେ ପ୍ରଥମଥର ଲାଗି ପାରମ୍ପରିକ ଭାବେ ଶଗଡ ଶୋଭାଯାତ୍ରାରେ ଲୋକଙ୍କଠାରୁ ସିଧାସଳଖ ଭାବେ ଦାନ ଗ୍ରହଣ କରାଯାଇଛି। ପୁରୀକୁ ଆସୁଥିବା ଭକ୍ତ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦାନର ପ୍ରକୃତ ମହତ୍ୱ ସମ୍ପର୍କରେ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମିଶନ୍ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୌମ୍ୟକାନ୍ତ ପାତ୍ର, ସତ୍ୟ ପାତ୍ର, କେଦାର ନାଥ ପାତ୍ର, ଜୟନ୍ତୀ ମହାପାତ୍ର, ଗୀତାଞ୍ଜଳି ପଣ୍ଡା, ଶିବାନୀ ଭୂୟାଁ, ଲାଲା ଅନନ୍ତ ସିଂ ପ୍ରମୁଖ ସହଯୋଗ କରିଥିଲେ।

# ସତ୍ୟବାଦୀ: ବିଜେଡିରେ ବିଦ୍ରୋହ

ପୁରୀ ଅଫିସ/କଣାସ,୭ା୧୦(ସ୍ୱ.ପ୍ର.)

- କଣାସରେ ବିଧାୟକଙ୍କ ବିରୋଧରେ ବୈଠକ
- ଯୋଗଦେଲେ ପୁରୀର ପୂର୍ବତନ ନଗରପାଳ
- ରମା-ଉମା ପରେ ଉମା-ଜୟନ୍ତ କନ୍ଦଳ ତେଜୁଛି

ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ବିଜେଡିର ଗୋଷ୍ଠୀକନ୍ଦଳ ପିଛା ଛାଡୁନାହିଁ। ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ ଏବଂ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ କନ୍ଦଳ ପଦାରେ ପଡ଼ିଥିଲା। ଶେଷରେ ରମା ଦଳ ଛାଡିଥିଲେ। ଏବେ ପୁଣି ବିଧାୟକ ସାମନ୍ତରାୟ ଏବଂ ପୁରୀର ପୂର୍ବତନ ନଗରପାଳ ଜୟନ୍ତ ଷଡ଼ଙ୍ଗୀ(ନିଲୁ)ଙ୍କ ମଧ୍ୟରେ କନ୍ଦଳ ଆରମ୍ଭ ହୋଇଛି। ରବିବାର କଣାସ ଅଞ୍ଚଳରେ ହୋଇଥିବା ବିଧାୟକ ବିରୋଧୀ ସମାବେଶରେ ଜୟନ୍ତ ଯୋଗଦେବା ପରେ ଏହା ସ୍ପଷ୍ଟ ହେଉଛି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସତ୍ୟବାଦୀ ଗସ୍ତର ଦୁଇ ଦିନ ପୂର୍ବରୁ ଏଭଳି ବିଧାୟକ ବିରୋଧୀ ବୈଠକ ଆୟୋଜିତ ହୋଇଥିବାରୁ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

୨୦୧୪ ସାଧାରଣ ନିର୍ବାଚନରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ଉମାକାନ୍ତ ସାମନ୍ତରାୟ ସ୍ୱାଧୀନ ଭାବେ ଲଢ଼ି ବିଜୟୀ ହୋଇଥିଲେ। ରମାରଞ୍ଜନ ବଳିୟାରସିଂ ବିଜେଡିରୁ ଲଢ଼ି ବହୁ କମ୍ ଭୋଟ ବ୍ୟବଧାନରେ ପରାଜୟ ବରଣ କଲେ। ବିଜୟ ପରେ ସାମନ୍ତରାୟ ବିଜେଡିର ନିକଟତର ହେବାକୁ ଲାଗିଲେ। ଆଉ ରମା କୋଣଠେସା ହେଲେ। ଏପରି କି ପଞ୍ଚାୟତ ନିର୍ବାଚନରେ ସାମନ୍ତରାୟ ବିଜେଡିର ନେତୃତ୍ୱ ନେଲେ। ଏହାପରେ ରମାରଞ୍ଜନ ବିଜେଡି ଛାଡି ଭାଜପାରେ ଯୋଗଦେଲେ। ହେଲେ ବର୍ତ୍ତମାନ ପରିସ୍ଥିତି ଭିନ୍ନ ପ୍ରକାର ରହିଛି। ପୁରୀର ପୂର୍ବତନ ନଗରପାଳ ଜୟନ୍ତ ଷଡ଼ଙ୍ଗୀଙ୍କ ଘର ସତ୍ୟବାଦୀ ବ୍ଲକ ଦୁଗଲ ପଞ୍ଚାୟତର ବୀରଗୋବିନ୍ଦ ଗ୍ରାମରେ। ଜୟନ୍ତ ପୂର୍ବରୁ ରମାଙ୍କ ସହିତ ରହିଥିଲେ। ଗତ କିଛି ବର୍ଷ ହେଲା ଜୟନ୍ତ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର କଣାସ ଓ ସତ୍ୟବାଦୀ ଅଞ୍ଚଳରେ ବିଭିନ୍ନ ସଭାସମିତି କରି ଆସୁଛନ୍ତି। ବିଶେଷକରି ଗତ ୪ବର୍ଷ ହେଲା ସତ୍ୟବାଦୀଠାରେ ସତ୍ୟବାଦୀ ମହୋତ୍ସବ କରି ଆସୁଛନ୍ତି। ଆଗାମୀ ନିର୍ବାଚନରେ ସତ୍ୟବାଦୀରୁ ସେ ଲଢ଼ିବା ଲାଗି ଆଶାୟୀ ଥିବା ଚର୍ଚ୍ଚା ହେଉଛି। ଏପରି କି ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ବିଧାୟକ ସାମନ୍ତରାୟଙ୍କ ବିରୋଧରେ ହେଉଥିବା ବୈଠକରେ ଜୟନ୍ତ ଯୋଗ ଦେଉଥିବାରୁ ଏହି ଚର୍ଚ୍ଚା ଆହୁରି ସ୍ପଷ୍ଟ ହେବାରେ ଲାଗିଛି।

ଅନ୍ୟପକ୍ଷରେ ବିଜେଡିର ସତ୍ୟବାଦୀ ବ୍ଲକ ସଭାପତି ରତିକାନ୍ତ ମିଶ୍ର ଏବଂ କଣାସ ବ୍ଲକ ସଭାପତି ସୁଶୀଲ କାନ୍ତ ରାଉତ ଗତ ୧ବର୍ଷ ହେଲା ବିଧାୟକ ସାମନ୍ତରାୟଙ୍କ ବିରୋଧରେ ରଣହୁଙ୍କାର କରି ଆସୁଛନ୍ତି। ରବିବାର କଣାସ ବ୍ଲକ ବିଜେଡି ସଭାପତି ରାଉତଙ୍କ ଅଧ୍ୟକ୍ଷତାରେ ଟୁପିରିଙ୍ଗିସ୍ଥିତ ବାତ୍ୟା ଆଶ୍ରୟସ୍ଥଳରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ହଟାଓ ବିଜେଡି ବଞ୍ଚାଓ ନାରାରେ ବୈଠକସ୍ଥଳ କମ୍ପିଥିଲା। ବୈଠକରେ ସତ୍ୟବାଦୀ ବ୍ଲକ ବିଜେଡି ସଭାପତି ମିଶ୍ର ମଧ୍ୟ ବିଧାୟକଙ୍କ ବିରୋଧରେ ବର୍ଷିଥିଲେ। ବିଧାୟକଙ୍କୁ ଆଗାମୀ ନିର୍ବାଚନରେ ଟିକେଟ ନ ଦେବା ଲାଗି ଏକ ବୃହତ୍ ରାଲି କରାଯିବାକୁ ସେଠାରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକ ହିଁ ବିଜେଡିର ଗୋଷ୍ଠୀକନ୍ଦଳକୁ ପ୍ରମାଣିତ କରୁଛି। ମୁଣ୍ଡ ଉପରେ ନିର୍ବାଚନ ରହିଥିବାବେଳେ ଦଳୀୟ କନ୍ଦଳ ବିଜେଡି ପାଇଁ ମୁଣ୍ଡବ୍ୟଥା ହୋଇପାରେ ବୋଲି କୁହାଯାଉଛି।

ଏ ସମ୍ପର୍କରେ ବିଧାୟକ ସାମନ୍ତରାୟ କହିଛନ୍ତି ଯେ, ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଦୁଇ ବ୍ଲକ ସଭାପତିଙ୍କୁ ବିଜେଡିର କୌଣସି ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରାଯାଉନାହିଁ। ଖୁବ୍‌ଶୀଘ୍ର ଦୁଇ ବ୍ଲକ ପାଇଁ ନୂତନ ସଭାପତି ନିଯୁକ୍ତ କରାଯିବ। ରମାରଞ୍ଜନ ବଳିୟାରସିଂଙ୍କ ରାଜନୈତିକ ଅଭିଜ୍ଞତା ରହିଛି। ସେ ଜଣେ ନେତା ହୋଇପାରନ୍ତି, କିନ୍ତୁ ଜୟନ୍ତ ଷଡ଼ଙ୍ଗୀ ସତ୍ୟବାଦୀରେ ୱାର୍ଡମେମ୍ବର ଜିତି ପାରିବେ ନାହିଁ। ମୁଁ ତାଙ୍କୁ ମୋର ସମକକ୍ଷ ଭାବେ ଗଣୁନାହିଁ। ସେ ମୋ ବିରୋଧରେ ଯେତେ ପ୍ରଚାର କଲେ ବି ମୋର କିଛି ଫରକ ପଡ଼ିବ ନାହିଁ। ସେ ଦୀର୍ଘଦିନ ହେଲା ଏଭଳି କରୁଛନ୍ତି। ମୁଁ ଚାହିଁଥିଲେ ରାଜ୍ୟ ସଭାପତିଙ୍କ ନିକଟରେ ଅଭିଯୋଗ କରିପାରିଥାନ୍ତି। କିନ୍ତୁ ସେ ମୋ ବିରୋଧରେ ପ୍ରଚାର କରିବା ଦ୍ୱାରା ମୋର ଉପକାର(ପ୍ଲସ) ହେଉଛି। ସେ କିଛିଦିନ ତଳେ ସତ୍ୟବାଦୀରେ ଭାଜପାରୁ ଲଢ଼ିବା ପାଇଁ ଧର୍ମେନ୍ଦ୍ରଙ୍କୁ ଭେଟିଥିଲେ। ଭାଜପା ଟିକେଟ ଦେବାକୁ ମନା କରିଦେବା ପରେ ଏବେ ସେ ପୁଣି ମୋ ବିରୋଧରେ ଲାଗିପଡିଛନ୍ତି ବୋଲି ବିଧାୟକ ସାମନ୍ତରାୟ କହିଥିଲେ।

ଅନ୍ୟପକ୍ଷରେ ପୂର୍ବତନ ନଗରପାଳ ଜୟନ୍ତ ଷଡ଼ଙ୍ଗୀ କହିଛନ୍ତି ଯେ, ମୋ ଘର ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ। ମୁଁ ବିଜେଡିର ଜଣେ ନେତା। ମୋ ଅଞ୍ଚଳବାସୀ ଏକ ବୈଠକ କରି ମୋତେ ଯଦି ଡାକିବେ ମୁଁ ଯିବା କ’ଣ ମୋର ଭୁଲ। ବୈଠକରେ କିଏ କ’ଣ ଆଲୋଚନ କଲା, ସେଥିରେ ମୁଁ କ’ଣ କରିବି। ମୁଁ କୌଣସି ଦଳ ବିରୋଧୀ କାର୍ଯ୍ୟ କରୁନାହିଁ। ମୋ ଘର ସତ୍ୟବାଦୀରେ ହୋଇଥିବାରୁ ଦଳୀୟ ଟିକେଟ ମିଳୁ ବା ନ ମିଳୁ ସତ୍ୟବାଦୀରୁ ଲଢ଼ିବା ପାଇଁ ଆଶାୟୀ ରହିବା ସ୍ୱାଭାବିକ କଥା।

ଏ ସଂକ୍ରାନ୍ତରେ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ବର୍ତ୍ତମାନ ଉମା ବିଜେଡିର ନେତୃତ୍ୱ ନେଉଛନ୍ତି। ତାଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକ୍ରମ କରାଯିବା ଲାଗି ଦଳ ପକ୍ଷରୁ ନିର୍ଦ୍ଦେଶ ରହିଛି। ଯଦି କୌଣସି ବ୍ୟକ୍ତି ଏଭଳି କରୁଥାନ୍ତି ତେବେ ତାଙ୍କ ଉପରେ ରାଜ୍ୟ ସଭାପତିଙ୍କ ନଜର ରହିଛି।

ସୂଚନାଥାଉ କି କଣାସ ଟୁପୁରିଙ୍ଗି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ସୁକାନ୍ତ କୁମାର ବଳିୟାରସିଂ, ସମିତି ସଭ୍ୟ ରବୀନ୍ଦ୍ର ଜେନା, ସରପଞ୍ଚ ସଂଗ୍ରାମକେଶରୀ ବଳିୟାରସିଂ, ପୂର୍ବତନ ସରପଞ୍ଚ ନନ୍ଦ ମାନସିଂହ, ବଜେନ୍ଦ୍ର ସ୍ୱାଇଁ, କସ୍ତୁରୀ ବଳିୟାରସିଂ, ପ୍ରସନ୍ନ କୁମାର ସେଠୀ, ରଜନୀକାନ୍ତ ସାମନ୍ତରାୟ, ବିରାଟ ବଳବନ୍ତରାୟ, ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ବିଶ୍ୱାଳଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗଦେଇଥିଲେ।



ସବୁଠାରୁ ଭଲକାମ କରିବାକୁ ଯାଉଥିବାବେଳେ ଧୀରେ ପଦକ୍ଷେପ ନେବା ଉଚିତ। -ସିସେରୋ



## ସଂକ୍ଷେପରେ

### ଟ୍ରଲିରେ ବୁହାହେଲା ମୃତଦେହ

**ନରସିଂହପୁର,୭।୧୦(ସ୍ୱ.ପ୍ର.):** କଟକ ଜିଲା ନରସିଂହପୁର ବ୍ଲକ ଜିଲିଣ୍ଡା ମେଡିକାଲରେ ଆମ୍ବୁଲାନ୍ସ ନ ଆସିବାରୁ ଟ୍ରଲିରେ ପରିବାର ଲୋକ ମୃତଦେହକୁ ଘରକୁ ନେଉଥିବା ଦେଖିବାକୁ ମିଳିଛି। ଜିଲିଣ୍ଡା ଗ୍ରାମର ଶ୍ରୀନିବାସ ନାଏକ(୪୫) ଦୁଇ ବର୍ଷ ହେଲା ପାରାଲିସିସ୍ ରୋଗରେ ଆକ୍ରାନ୍ତ ହୋଇ ଘରେ ରହିଥିଲେ। ରବିବାର ଅପରାହ୍ନ ୩ଟା ବେଳକୁ ହଠାତ ରକ୍ତ ବାନ୍ତି କରିବାରୁ ପରିବାର ଲୋକେ ତାଙ୍କୁ ଜିଲିଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ କିଛି ସମୟ ପ୍ରାଥମିକ ଚିକିତ୍ସା କରାଯିବା ପରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପରିବାର ଲୋକେ ମୃତଦେହକୁ ଘରକୁ ନେବା ପାଇଁ ଆମ୍ବୁଲାନ୍ସ ଡାକିଥିଲେ। ତେବେ ଏଠାରେ ମୃତଦେହ ନେବାକୁ ଆମ୍ବୁଲାନ୍ସ ନ ଥିବାରୁ କୌଣସି ଆମ୍ବୁଲାନ୍ସ ଆସି ନ ଥିଲା। ମୃତ ଶ୍ରୀନିବାସଙ୍କ ପରିବାର ଅତିଶୟ ଗରିବ ହୋଇଥିବାରୁ ଘରୋଇ ଗାଡ଼ି ଭଡ଼ା କରି ନ ପାରି ଏକ ଟ୍ରଲିରେ ମୃତଦେହକୁ ନେଇଥିଲେ। ତେବେ ମୃତଦେହ ନେବାକୁ ସରକାରଙ୍କ ବିଭିନ୍ନ ଯୋଜନା ଥିଲା ବେଳେ କଟକ ଜିଲା ଭଳି ଏକ ଉନ୍ନତ ଜିଲାରେ ଏଭଳି ଅଭାବନୀୟ ଦୃଶ୍ୟ ଅଞ୍ଚଳବାସୀଙ୍କୁ ଚକିତ କରିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ମତାମତ ମିଳି ପାରିନାହିଁ।

### ପୋଲିସ ସ୍କାନରରେ ୪୦ ଉଠା ଦୋକାନୀ

**ପୁରୀ ଅଫିସ,୭।୧୦:** ପୁରୀ ହିଂସା ଘଟଣାରେ ପୋଲିସ କଠୋର ଆଭିମୁଖ୍ୟ ଜାରି ରଖିଛି। ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରୁଛି। ରବିବାର ସିଂହଦ୍ୱାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ବସିଥିବା ପ୍ରାୟ ୪୦ ଜଣ ଉଠାଦୋକାନୀଙ୍କୁ ପୋଲିସ ଥାନାକୁ ନେଇଥିଲା। ସେମାନଙ୍କୁ ପଚରା ଉଚରା କରିବା ସହ ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା। ପ୍ରାଥମିକ ତଦନ୍ତରେ ଠୋସ୍ ପ୍ରମାଣ ମିଳି ନ ଥିବାରୁ ଅପରାହ୍ନରେ ସେମାନଙ୍କୁ ଛାଡି ଦେଇଥିଲା। କିନ୍ତୁ ପୋଲିସ ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଛି। ବର୍ତ୍ତମାନ ସୁଦ୍ଧା ସବୁ ସିସିଟିଭି ଫୁଟେଜ, ଭିଡ଼ିଓ ଫୁଟେଜ ଓ ଫଟୋଗ୍ରାଫି ଯାଞ୍ଚ ସରି ନ ଥିବାରୁ ଏମାନେ ଏବେ ସ୍କାନରରେ ରହିଛନ୍ତି। ଯଦି ସିସିଟିଭି ଫୁଟେଜରେ ଏମାନଙ୍କ ସମ୍ପୃକ୍ତି ମିଳେ ତେବେ ଗିରଫ କରାଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

### ରେଭେନ୍ସା ବିଶ୍ୱବିଦ୍ୟାଳୟରେ କନ୍ଭେନ୍ସନ୍

**କଟକ ଅଫିସ, ୭।୧୦:** ରେଭେନ୍ସାରେ ପ୍ରତ୍ୟକ୍ଷ ଛାତ୍ରସଂସଦ ନିର୍ବାଚନ ଓ ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବନ୍ଦ ଦାବିରେ ଛାତ୍ର, ପୂର୍ବତନ ଛାତ୍ର ଓ ଛାତ୍ରନେତା, ବିଭିନ୍ନ ଶ୍ରମିକ ସଙ୍ଗଠନର ନେତା, ବୁଦ୍ଧିଜୀବୀ, ଆଇନଜୀବୀ, ବସ୍ତିନେତା, ନାଗରିକ ସମାଜ, ସାମାଜିକ କର୍ମୀଙ୍କୁ ନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ୍ପିଲାର ଅଫ ୱିଜଡମ୍ ସମ୍ମୁଖରେ ଏକ କନ୍ଭେନ୍ସନ୍ ଅନୁଷ୍ଠିତ ହୋଇଯାଇଛି। ଛାତ୍ରସଂସଦ ନିର୍ବାଚନ ବାତିଲ୍ ଓ ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ କାରଣଦର୍ଶାଅ ନୋଟିସ୍ ପଠାଇବା ନିନ୍ଦନୀୟ ବୋଲି କନ୍ଭେନ୍ସନ୍ରେ ଆଲୋଚନା ହୋଇଛି। ଏଥିସହିତ ପ୍ରତ୍ୟକ୍ଷ ଛାତ୍ରସଂସଦ ନିର୍ବାଚନ ଦାବି କରାଯାଇ ଏକ ଚିଠା ପ୍ରସ୍ତାବ ଗୃହୀତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ ଆଗାମୀ ଦିନରେ ଛାତ୍ରୀଛାତ୍ର ତଥା ନାଗରିକ ସମାଜ ଆନ୍ଦୋଳନକୁ ଶକ୍ତିଶାଳୀ କରିବ ବୋଲି ଏହି କନ୍ଭେନ୍ସନ୍ରେ ନିଷ୍ପତ୍ତି ହୋଇଛି। ଏହି କନ୍ଭେନ୍ସନ୍ରେ ରେଭେନ୍ସା ବିକାଶ ଅଭିଯାନର ସଭାପତି ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାସ, ହାଇକୋର୍ଟର ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ, ଧରଣୀଧର ନାୟକ, ବସ୍ତିନେତା ଖଗେଶ୍ୱର ସେଠୀ, ରେଭେନ୍ସା ଛାତ୍ରସଂସଦର ପୂର୍ବତନ ସମ୍ପାଦକ ପାଭେଲ ପ୍ରିୟଦର୍ଶନ, ଏଆଇଡିଏସ୍ଓର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ବିଜୁ ଯୁବ ସଂଗଠନ ମହାସଚିବ ଶିଶିର ପରିଜା ଓ ବିଜୁ ଛାତ୍ର ଜନତା ଦଳର ମହାସଚିବ ହରିଶଙ୍କର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରେଭେନ୍ସାର ଛାତ୍ରନେତା ଅଶୋକ ତାଣ୍ଡି, ଆରତୀ ମେହେର, ରାଜେଶ ଦାସ, ରଞ୍ଜନ ସାମଲ, ହେମନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଡଙ୍ଗା ବୁଡ଼ି ଘଟଣାକୁ ୧୧୩ ଦିନ ବିତିଲା

# ଚିଲିକାରେ ଚଳାଚଳ କରିବ ଡଙ୍ଗା

**ଖୋର୍ଦ୍ଧା ଅଫିସ,୭।୧୦**

ଚିଲିକାରେ ଡଙ୍ଗାବୁଡି ଘଟଣାକୁ ୧୧୩ ଦିନ ବିତିଯାଇଛି। ଏ ଯାବତ ଘରୋଇ ଡଙ୍ଗା ଚଳାଚଳ କରିପାରିନାହିଁ। ଏଭଳିସ୍ଥଳେ ବହୁ ବିଳମ୍ବରେ ପ୍ରଥମ ପର୍ଯ୍ୟାୟରେ ୪୭ ଘରୋଇ ଡଙ୍ଗା ଲାଇସେନ୍ସ ପାଇଛି। ଲାଇସେନ୍ସ ପାଇଥିବା ଡଙ୍ଗା ଜିଲାପାଳଙ୍କ ସ୍ୱୀକୃତି ପାଇବା ପରେ ଚିଲିକାରେ ଚଳାଚଳ କରିବ। ତେବେ ଡଙ୍ଗା ଚଳାଚଳ ପାଇଁ ଫିଟନେସ୍ ସାର୍ଟିଫିକେଟ ଦେବାରେ ଜିଲା ପ୍ରଶାସନ ସମୟ ଗଡାଇ ଚାଲିଥିବାରୁ ରବିବାର ଚିଲିକାରେ ଆଇନ ଅମାନ୍ୟ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଥିଲା। ରବିବାର ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ଜିଲା ପ୍ରଶାସନଠାରୁ ପ୍ରତିଶ୍ରୁତି ପାଇ ଆନ୍ଦୋଳନ ବନ୍ଦ ହୋଇଯାଇଛି। ଏ ନେଇ ମା' କାଳିଜାଇ ମୋଟର ବୋଟ ମାଲିକ ସଂଘ ବଡକୂଳ ଓ ମା' କାଳିଜାଇ ମୋଟର ବୋଟ କର୍ମଚାରୀ ସଂଘ ଅଶ୍ୱାରୀପାଟଣାର ଉପଦେଷ୍ଟା ବସନ୍ତ ନାୟକ କୁହନ୍ତି, ଜିଲା ଇମରଜେନ୍ସି ଅଫିସର ଆସି ୧୦ ତାରିଖରୁ ଡଙ୍ଗା ଚଳାଚଳ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ବନ୍ଦ ରହିଛି। ଅପରପକ୍ଷେ ବଡକୂଳ ମା' କାଳିଜାଇ ମୋଟର ବୋଟ ମାଲିକ ସଂଘର ୩୩ ଓ ବାଲୁଗାଁ କାଳିଜାଇ ମୋଟର ବୋଟ

**ପ୍ରଥମ ପର୍ଯ୍ୟାୟରେ ୪୭ ଘରୋଇ ଡଙ୍ଗା ପାଇଲେ ଲାଇସେନ୍ସ**



ଚିଲିକାରେ ଚଳାଚଳ ପାଇଁ ରହିଥିବା ଡଙ୍ଗା।

ମାଲିକ ସଂଘ ୪୭ଟା ଡଙ୍ଗା ପ୍ରାଥମିକ ପର୍ଯ୍ୟାୟରେ ଚିଲିକାରେ ଚଳାଚଳ କରିବ ବୋଲି ଜଣାପଡିଛି। ଇମରଜେନ୍ସି ଅଫିସର ସନ୍ଧ୍ୟାରାଣୀ ଗୁରୁ କୁହନ୍ତି, ୪୭ଟି ଡଙ୍ଗା ଲାଇସେନ୍ସ ପାଇଛି। ଚିଲିକାରେ ଚଳାଚଳ କରିବାକୁ ଜିଲାପାଳଙ୍କ ଅନୁମତି ମିଳିନାହିଁ। ତେବେ ଲାଇସେନ୍ସ ପାଇଥିବା ଡଙ୍ଗା ଚିଲିକାରେ ଚଳାଚଳ ପାଇଁ ରବିବାର ଜିଲାପାଳଙ୍କ ପାଖକୁ ଫାଇଲ ଯାଇଛି। ସ୍ୱୀକୃତି ମିଳିବା ପରେ ଡଙ୍ଗା ଖୁବ୍ଶୀଘ୍ର ଚାଲୁ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

### ବର୍ଦ୍ଧିତ ଭଡ଼ାକୁ ନେଇ ଅସନ୍ତୋଷ

ଡଙ୍ଗାରେ ବାଲୁଗାଁ ଓ ଚନ୍ଦ୍ରାପୁଟଠାରୁ କାଳିଜାଇ ଦେଖିବାକୁ ଗଲେ ପୂର୍ବରୁ ଘରୋଇ ଡଙ୍ଗା ଜଣ ପିଛା ଭଡା ୭୦ ଟଙ୍କା ନେଉଥିଲେ। ଓଟିଡିସି ଓ ଅନ୍ତର୍ଜାତୀୟ ଜଳ ପରିବହନ ବିଭାଗ ୫୦ ଟଙ୍କା ନେଉଥିଲେ। ଏବେ ଅନ୍ତର୍ଜାତୀୟ ଜଳ ପରିବହନ ବିଭାଗ ଓ ଓଟିଡିସି ପକ୍ଷରୁ ୧୦୫ ଟଙ୍କା ଜଣପିଛା ଯାତ୍ରୀ ଭଡା ନିଆଯାଉଛି। ବର୍ତ୍ତମାନ ସ୍ଥିତିରେ ଯାତ୍ରୀଭଡା ବଢ଼ାଇବା ପାଇଁ ଘରୋଇ ଡଙ୍ଗା ମାଲିକ ଆଗ୍ରହୀ ନୁହନ୍ତି। ତେବେ ଅନ୍ତର୍ଜାତୀୟ ଜଳ ପରିବହନ ବିଭାଗ ଓ ଓଟିଡିସି ପକ୍ଷରୁ ବର୍ଦ୍ଧିତ ଯାତ୍ରୀଭଡାକୁ ଘରୋଇ ଡଙ୍ଗା ମାଲିକମାନେ ବିରୋଧ କରୁଛନ୍ତି। ପର୍ଯ୍ୟଟକ ବି ବିରୋଧ କଲେଣି।

### ଲଗାମ ଲାଗୁଛି ନାଁ ପୁଣି ଢ଼ିଲା

ଡଙ୍ଗାବୁଡି ୬ଜଣଙ୍କ ମୃତ୍ୟୁ ପରେ ସରକାରଙ୍କ ପକ୍ଷରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏବଂ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ କିଛି ନିର୍ଦ୍ଦେଶନାମା ଲାଗୁ କରିଛନ୍ତି । ଚିଲିକା ଭିତରକୁ ବୁଲିଯିବାକୁ ହେଲେ ଲାଇଫ ଜ୍ୟାକେଟ୍ ପିନ୍ଧିବାକୁ ବାଧ୍ୟତାମୂଳକ। ପ୍ରତି ଡଙ୍ଗାରେ ଅଗ୍ନି ପ୍ରଶମନ ଯନ୍ତ୍ର ଓ ଲାଇଫ ବୟ ରହିବ। ଲାଇସେନ୍ସପ୍ରାପ୍ତ ଚାଳକ କେବଳ ଡଙ୍ଗା ଚଳାଇ ପାରିବେ। ପ୍ରତ୍ୟେକ ଡଙ୍ଗାରେ ରହିବ ଡଷ୍ଟବିନ୍। ପାଣି ଓ ଛାଇର ବ୍ୟବସ୍ଥା ରଖିବାକୁ ପଡିବ। ଡଙ୍ଗାଗୁଡିକ ସରକାରୀ ନୀତିନିୟମର ମାପରେ ହୋଇଛି କି ନାହିଁ ତା'ର ଅନୁଧ୍ୟାନ ହେବା ପରି ଅନୁରୂପ ନିର୍ଦ୍ଦେଶନାମା ରହିଛି। ଦେଖିବାକୁ ରହିଲା ଏହା କେତେଦୂର କାର୍ଯ୍ୟକାରୀ ହେବ ।

### ଅଣପ୍ରଶିକ୍ଷକ ଚାଳକ ଚଳାଉଛନ୍ତି ଲଞ୍ଚ

ଅନ୍ତର୍ଜାତୀୟ ଜଳ ପରିବହନ ବିଭାଗ ଓ ଓଟିଡିସି ପକ୍ଷରୁ ଚିଲିକାରେ ଚାଲୁଥିବା ଅଧିକାଂଶ ଲଞ୍ଚକୁ ଅଣ ପ୍ରଶିକ୍ଷକ ଚାଳକ ଚଳାଉଥିବାର ଅଭିଯୋଗ ରହିଛି । ଏନେଇ ଉଭୟ ବିଭାଗକୁ ପର୍ଯ୍ୟଟକ ପଚାରିଲେ ଉତ୍ତର ମିଳୁଛି ଆର୍ଥିକ ସ୍ଥିତି ଖରାପ କାରଣରୁ ନିଯୁକ୍ତି ଦେବା ସମ୍ଭବ ହେଉନାହିଁ । ଯଦି କେତେବେଳେ କିଛି ଅଘଟଣ ଘଟେ ସେଥିପାଇଁ ଦାୟୀ କିଏ ରହିବେ। ପ୍ରଶାସନ ପକ୍ଷରୁ ଘରୋଇ ଯାତ୍ରୀବାହୀ ଡଙ୍ଗା ଉପରେ ଯଦି କଟକଣା ଲାଗି ପାରୁଛି ସରକାରୀ ଲଞ୍ଚ ଉପରେ କଟକଣା ଲଗାଇବାରେ ପ୍ରତିବନ୍ଧକ ରହୁଛି କେଉଁଠି । ଅଣ ପ୍ରଶିକ୍ଷକ ଲଞ୍ଚ ଚଳାଇବାକୁ ଅନୁମତି କିଏ ଦେଉଛି ତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଉଚିତ।

### ଅନୁମତି ନ ଥାଇ ଚାଲୁଛି ଡଙ୍ଗା

ପ୍ରଥମ ପର୍ଯ୍ୟାୟରେ ୪୭ଟି ଡଙ୍ଗା ଅନୁମତି ପାଇବା ପରେ ଖୁସିର ଲହରି ସୃଷ୍ଟି ହୋଇଛି। ତେବେ ଚିଲିକାରେ ଡଙ୍ଗା ଚଳାଚଳ ପାଇଁ ଜିଲାପାଳଙ୍କ ପରମିଶନ ନ ଥିବାବେଳେ ଶୁକ୍ରବାର, ଶନିବାର, ରବିବାର ୫ରୁ ୧୦ ଭିତରେ ଡଙ୍ଗା ଚଳାଚଳ କରିଛି। ଅନୁମତି ନ ଥାଇ ଡଙ୍ଗା ଚଳାଚଳ ପରେ ଏହାର ଧରପଗଡ କରାଯାଇନାହିଁ।

ପୋଲିସ ଉପରକୁ ଗୁଳିମାଡ଼ ଘଟଣା

## ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ

**ଭୁବନେଶ୍ୱର, ୭।୧୦(ବ୍ୟୁରୋ)**

ଜଟଣୀ ଥାନା କୁସୁମାଟି ଅଞ୍ଚଳରେ ଶୁକ୍ରବାର ପୋଲିସ ଉପରକୁ ଗୁଳିମାଡ କରି ଫେରାର ଥିବା ରାକେଶ ମହାନ୍ତିଙ୍କୁ ପୋଲିସ ଗିରଫ କରିଛି। ଏହାସହ ତାଙ୍କର ଅନ୍ୟ ୨ ନାବାଳକ ସହଯୋଗୀଙ୍କୁ ମଧ୍ୟ ପୋଲିସ ଧରିଛି। ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ ଓ ଗୁଳି ଜବତ ହୋଇଛି। ନାବାଳକ ଦ୍ୱୟଙ୍କୁ ସ୍ୱଧାରଗୃହକୁ ପଠାଇ ଦିଆଯାଇଥିବାବେଳେ ରାକେଶଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାକେଶଙ୍କ ନାମରେ ଲୁଟ୍, ହତ୍ୟା ଉଦ୍ୟମ, ବୋମାମାଡ, ଗୁଳିମାଡ ଭଳି ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ପୋଲିସ କହିଛି। ରାକେଶ ଗତ କିଛିମାସ ହେବ ଏକ ଗ୍ୟାଙ୍ଗ୍ ଗଢ଼ି ଜଟଣୀ ଓ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ଅପରାଧ ଘଟାଉଥିଲେ। ଦୁର୍ଗାପୂଜା ପୂର୍ବରୁ ସେମାନେ ବଡ ଧରଣର ଡକାୟତି ପାଇଁ ଯୋଜନା କରିଥିବା ପୋଲିସ ଖବର ପାଇଥିଲା। ସେମାନଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଜାଲ ବିଛାଇଥିଲା। ଗତ ଶୁକ୍ରବାର ଅପରାହ୍ନରେ ରାକେଶ ଜଟଣୀ କୁସୁମାଟି ଅଞ୍ଚଳର ଏକ ମନ୍ଦିର ନିକଟରେ ବସିଥିବା ବେଳେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଚଢାଉ କରିଥିଲା। ଚଢାଉ ବେଳେ ପୋଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ ରାକେଶ ପୋଲିସ ଉପରକୁ ଗୁଳିମାଡ କରି ଫେରାର ହୋଇଯିବାରେ ସଫଳ ହୋଇଥିଲେ। ତାଙ୍କ ସହିତ ଗ୍ୟାଙ୍ଗର ୨ ନାବାଳକ ମଧ୍ୟ ଖସିଯାଇଥିଲେ। ଜଟଣୀ ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ସେମାନଙ୍କୁ ଖୋଜୁଥିଲା। ରବିବାର ସକାଳୁ ଜଟଣୀ ଅଞ୍ଚଳରୁ ସେମାନଙ୍କୁ ଗିରଫ କରାଯାଇଛି।





କାର୍ଯ୍ୟକ୍ରମରେ ଅତିଥିମାନେ ଅନୁଷ୍ଠାନର ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି।

## ସାହିତ୍ୟ ଉତ୍ସବରେ ପୁରୀ ହିଂସାକୁ ନିନ୍ଦା

**ପୁରୀ ଅଫିସ,୭।୧୦**

ପୁରୀ ହିଂସାକୁ ନେଇ ଏବେ ସବୁଠି ଚାଲିଛି ଆଲୋଚନା। ରବିବାର ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ଜାତୀୟସ୍ତରୀୟ ସାହିତ୍ୟ ଉତ୍ସବରେ ମଧ୍ୟ ଏହି ହିଂସାକୁ ନିନ୍ଦା କରାଯାଇଛି। ଓଡ଼ିଶାରୁ ପ୍ରକାଶିତ ଇଂଲିଶ ସାହିତ୍ୟ ପତ୍ରିକା ରକ୍ ପେବଲ୍ସର ୩୨ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ସାହିତ୍ୟ ଉତ୍ସବର ଆୟୋଜନ କରାଯାଇଥିଲା। ବରିଷ୍ଠ କଥାକାର ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡ. ହୃଷୀକେଶ ପଣ୍ଡା ଏହାକୁ ଉଦ୍ଘାଟନ କରିବା ଅବସରରେ ଶ୍ରୀମନ୍ଦିରକୁ ନେଇ ପୁରୀରେ ଘଟିଥିବା ହିଂସାକାଣ୍ଡକୁ ତୀବ୍ର ନିନ୍ଦା କରିଥିଲେ। ଶ୍ରୀକ୍ଷେତ୍ର ଭଳି ଏକ ପବିତ୍ର ସ୍ଥାନରେ ହିଂସା ଗ୍ରହଣୀୟ ନୁହେଁ। ଏହି ଅବସରରେ ଡ. ପଣ୍ଡା ନିଜେ କିପରି ଶ୍ରୀମନ୍ଦିରରେ କେତେଜଣ ସେବାୟତଙ୍କ ଆକ୍ରୋଶର ଶିକାର ହୋଇଥିଲେ ସେ ସମ୍ପର୍କରେ କହିଥିଲେ। ଏହିଭଳି ଅନେକ ଘଟଣା ଶ୍ରୀମନ୍ଦିରରେ ଘଟିବା ପରେ ସରକାରୀ ସ୍ତରରେ କିଛି କଟକଣା ଲାଗି ଉଦ୍ୟମ ହୋଇଥିଲା। ଯଦି ତାହା କାର୍ଯ୍ୟକାରୀ କରାଯାଇଥାନ୍ତା ତେବେ ଆଜି ଶ୍ରୀକ୍ଷେତ୍ରରେ ଏଭଳି ହିଂସା ଘଟି ନ ଥାନ୍ତା ବୋଲି ସେ କହିଥିଲେ। ଡ. କୁଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବକ୍ତାଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ପଞ୍ଚାନନ ମିଶ୍ର, ମଣିପୁର ବିଶ୍ୱବିଦ୍ୟାଳୟର ପ୍ରଫେସର କଲିନ୍ ଓ ବ୍ରିୟେନ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରଫେସର ହରେକୃଷ୍ଣ ମେହେର ଯୋଗଦେଇ ମନୋଜ ଦାସ, ଜୟନ୍ତ ମହାପାତ୍ରଙ୍କ ସମେତ ବହୁ ଇଂଲିଶ ସାହିତ୍ୟିକଙ୍କ ସାହିତ୍ୟ କୃତି ଉପରେ କହିଥିଲେ। ଏହି ଅବସରରେ ରକ୍ ପେବଲ୍ସର ସେପ୍ଟେମ୍ବର ସଂଖ୍ୟା ଓ ଅଧ୍ୟାପିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାସଙ୍କ କବିତା ସଙ୍କଳନ 'ଝଡ଼' ଉନ୍ମୋଚିତ ହୋଇଥିଲା। ଉତ୍ସବରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ପଞ୍ଜାବ, ଉତ୍ତର ପ୍ରଦେଶ ଆଦି ରାଜ୍ୟରୁ କବି ଓ ଲେଖକମାନେ ଯୋଗଦେଇ ସ୍ୱରଚିତ କ୍ଷୁଦ୍ରଗଳ୍ପ ଓ କବିତା ପାଠ କରିଥିଲେ।

## ଗାଁର ବିକାଶରେ ସହାୟକ ହେବ ୟୁଥ କ୍ଲବ

**ବାଲିପାଟଣା,୭।୧୦(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ଅନ୍ତର୍ଗତ ବେଙ୍ଗବତୀ ଗାଁର ଯୁବକମାନଙ୍କ ଦ୍ୱାରା ରବିବାର ଭିଲେଜ ସୁପରଷ୍ଟାର୍ସ ବେଙ୍ଗବତୀ ୟୁଥ କ୍ଲବ ନାମରେ ଏକ ସଙ୍ଗଠନ ଗଢିଛନ୍ତି। ଗାଁର ବିକାଶ ପାଇଁ ଯୁବଶକ୍ତି ସଙ୍ଗଠିତ ହେବାସହ ନିଶାଦ୍ରବ୍ୟ ସେବନ ନ କରିବା ଏବଂ ଅସାମାଜିକ କାର୍ଯ୍ୟକୁ ବିରୋଧ କରିବାକୁ ଯୁବକମାନେ ସଙ୍କଳ୍ପ ନେଇଛନ୍ତି। ଏହି ଶୁଭାରମ୍ଭ ଦିବସରେ ପୂର୍ବତନ ମନ୍ତ୍ରୀ ଜୟଦେବର ପୂର୍ବତନ ବିଧାୟକ ତଥା ବିହନ ନିଗମର ଅଧ୍ୟକ୍ଷ ଡ.ଅରବିନ୍ଦ ଢାଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବଶକ୍ତି ସମ୍ପ୍ରଦାୟରେ ସୀମିତ ନ ରହି ବିଶ୍ୱର ବିକାଶରେ ସହଯୋଗ କରି ବାଲିପାଟଣାର ଗୌରବ ଆଣିପାରିବେ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ସୟେଦ ଇବ୍ରାହିମ, ସାମାଜିକ କର୍ମୀ ସନ୍ତୋଷ ସେନାପତି ଓ ଗାଁ ମୁଖିଆ ଜୟେନୁଲ ଆବେଦିନ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ କ୍ଲବ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିଲେ।

## ୩୦ ଲକ୍ଷ ଠକେଇ: ଅଭିଯୁକ୍ତଙ୍କୁ ପୋଲିସ ସୁରକ୍ଷା

**ଭୁବନେଶ୍ୱର, ୭।୧୦(ବ୍ୟୁରୋ)**

ସିଜୁପୁଟ ଅଞ୍ଚଳରେ ଜମି ଦେବା ନାଁରେ ୩୦ ଲକ୍ଷ ଠକେଇ ହୋଇଛି। ଏ ନେଇ ଶହୀଦନଗର ଥାନାରେ ଏକ ମାମଲା ରୁଜୁ ହୋଇଛି। ହେଲେ ଅଭିଯୁକ୍ତ ଜଣେ ପୋଲିସ କର୍ମଚାରୀଙ୍କ ସମ୍ପର୍କୀୟ ହୋଇଥିବାରୁ ପୋଲିସ ତାଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗକାରୀ ଅଭିଯୋଗ କରିଛନ୍ତି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ସୌମେନ୍ଦ୍ର ନାୟକ ଭୁବନେଶ୍ୱରରେ ଖଣ୍ଡେ ଜମି କିଣିବା ପାଇଁ ବିଭିନ୍ନ ସଂସ୍ଥା ସହିତ ଯୋଗାଯୋଗ କରୁଥିଲେ। ଏହି ସମୟରେ କଳିଙ୍ଗବିହାର ଅଞ୍ଚଳରେ ରହୁଥିବା ସମ୍ବିତ ରାୟଙ୍କ ସହ ତାଙ୍କର ଭେଟ ହୋଇଥିଲା। ସେ ସିଜୁପୁଟ ଅଞ୍ଚଳରେ ଜମି ଦେବାକୁ କହିଥିଲେ। ଜମିର ମୂଲ୍ୟ ୩୦ ଲକ୍ଷ ଟଙ୍କା ସ୍ଥିର ହୋଇଥିଲା। ସୌମେନ୍ଦ୍ର ୨୦୧୧ ନଭେମ୍ବର ୧ରେ ଜମି ବାବଦକୁ ୩୦ ଲକ୍ଷ ଟଙ୍କା ସମ୍ବିତଙ୍କୁ ଦେଇଥିଲେ। ହେଲେ ଜମି ଦେବା ପରେ ସମ୍ବିତ ଏକ ଚୁକ୍ତି କରିବା ସହ ଜମିର ଅରିଜିନାଲ କାଗଜପତ୍ର ସୌମେନ୍ଦ୍ରଙ୍କୁ ଦେଇଥିଲେ। ଚୁକ୍ତି ଅନୁଯାୟୀ ୪୫ ଦିନରେ ଜମିର ମାଲିକାନା ସୌମେନ୍ଦ୍ରଙ୍କ ନାମରେ କରାଇବା କଥା। କିନ୍ତୁ ପରବର୍ତ୍ତୀ ସମୟରେ ସମ୍ବିତ ଧରାଛୁଆଁ ଦେଇ ନ ଥିଲେ। ପରେ ସୌମେନ୍ଦ୍ର ସମ୍ବିତଙ୍କ ଅଫିସକୁ ଯାଇ ଟଙ୍କା ଫେରାଇଦେବା କହିଥିଲେ। କିନ୍ତୁ ସମ୍ବିତ ତାଙ୍କୁ ମାଡ଼ ମାରିଥିଲେ। ଶେଷରେ ସୌମେନ୍ଦ୍ର ବାଧ୍ୟ ହୋଇ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ତାଙ୍କ ଅଭିଯୋଗକୁ ଗ୍ରହଣ କରି ନ ଥିଲା। ଫଳରେ ସୌମେନ୍ଦ୍ର ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କୁ ଭେଟି ଘଟଣା ସମ୍ପର୍କରେ କହିଥିଲେ। କମିଶନରଙ୍କ ନିର୍ଦ୍ଦେଶକ୍ରମେ ଶହୀଦନଗର ଥାନାରେ ଗତ ଅଗଷ୍ଟ ୨୫ରେ ଏକ ମାମଲା(୩୮୭/୧୮) ରୁଜୁ ହୋଇଥିଲା। ଏହାର ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନି।

ଏ ସମ୍ପର୍କରେ ଶହୀଦନଗର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନଙ୍କୁ ପଚାରିବାରେ ସେ କହିଲେ, ଥାନାରେ ମାମଲା ହୋଇଛି। ହେଲେ କୋର୍ଟରେ ୱାନ୍ ସିସିରେ ଏକ ମାମଲା ହୋଇଛି। କୋର୍ଟରେ ମାମଲା ଥିବାରୁ ଆମେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନୁ। ଏ ନେଇ ତଦନ୍ତ ଚାଲିଛି।

## ସାଇନାପ୍ସ କୁଇଜ୍ ପ୍ରତିଯୋଗିତା: ଡିଏଭି ଚନ୍ଦ୍ରଶେଖରପୁର ପ୍ରଥମ

**କଟକ ଅଫିସ,୭।୧୦**





ଟିମ୍ କ୍ୱିଜାର୍ଡ ଓ ରୋଟାରୀ କ୍ଲବ କଟକ ଇଷ୍ଟର ମିଳିତ ଆନୁକୂଲ୍ୟରେ 'ସାଇନାପ୍ସ' କୁଇଜ୍ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଶହୀଦ ଭବନଠାରେ ଅନୁଷ୍ଠିତ ହୋଇଛି। କଟକ ଓ ଭୁବନେଶ୍ୱରର ପ୍ରାୟ ୨୦ଟି ସ୍କୁଲ ଏବଂ କନିଷ୍ଠ ମହାବିଦ୍ୟାଳୟରୁ ପ୍ରାୟ ୨୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରୁ ୬ଟି ଟିମ୍ ଫାଇନାଲ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଟିମ୍ ମଧ୍ୟରେ ଥିବା ଡିଏଭି ଚନ୍ଦ୍ରଶେଖରପୁରର ପ୍ରଜ୍ଞକଳ୍ପ ମିଶ୍ର ଏବଂ ପ୍ରତ୍ୟୟଦୀଷ୍ଟ ପରିଡ଼ା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡିଏଭି ସିଡିଏ ସେକ୍ଟର-୬ ଦ୍ୱିତୀୟ ଏବଂ ଷ୍ଟୁଆର୍ଟ ସ୍କୁଲ କଟକ ତୃତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍ଯାପନୀ ସମାରୋହରେ ରୋଟାରୀ ଜିଲା ସାକ୍ଷରତା ମିଶନର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରୋଟାରିଆନ ଶିବବ୍ରତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଡିଜିଟାଲ ସ୍କ୍ରିନ ତଥା ଏକ ନୂତନ ପଦ୍ଧତିରେ ଆୟୋଜିତ ଏହି କୁଇଜ୍ କୁଇଜ୍ମାଷ୍ଟର ପ୍ରତିମାନ ମିଶ୍ର ପରିଚାଳନା କରିଥିବାବେଳେ ଟିମ୍ କ୍ୱିଜାର୍ଡର ସୌରଭ ମିଶ୍ର, ମନଶ୍ରେତା ମିଶ୍ର, ଅଭିଷେକ କୌଶିକ, ସିଦ୍ଧାର୍ଥ ରାଉତ ଏବଂ ଅୟଂଶୁ ଦେବବ୍ରତ ସାଂଗଠନିକ କାର୍ଯ୍ୟର ତଦାରଖ କରିଥିଲେ।

## ବିଜୁ ଯୁବବାହିନୀ ପକ୍ଷରୁ ଚାରାରୋପଣ

**ବାଲିଅନ୍ତା,୭।୧୦(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିଙ୍ଗାରପୁର ୟୁଜିୟୁପି ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରପଞ୍ଚ ଜୟଶ୍ରୀ ନାୟକ ଚାରାରୋପଣର ଶୁଭାରମ୍ଭ କରିଥିଲେ। ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ବାରିକ, ସ୍ୱେଚ୍ଛାସେବୀ ରଶ୍ମୀରଞ୍ଜନ ଭଞ୍ଜ, ନାଏବ ସରପଞ୍ଚ ବିନୟ କୁମାର ସାହୁ, ବିଜୁ ଯୁବ ବାହିନୀ ସଭାପତି ପ୍ରକାଶ ବରାଳ, ସମ୍ପାଦକ ନିହାର ରଞ୍ଜନ ଦାସ ଓ କୋଷାଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର କରଙ୍କ ସମେତ କର୍ମକର୍ତ୍ତାମାନେ ଯୋଗଦେଇ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ।





ବିଜୁ ଯୁବ ବାହିନୀ ପକ୍ଷରୁ ବୃକ୍ଷରୋପଣ।

## ପୁରୀ ହିଂସା: ବିଚାର ବିଭାଗୀୟ ତଦନ୍ତ ଦାବି

**ପୁରୀ ଅଫିସ,୭।୧୦**

ପୁରୀ ହିଂସା ଯୋଜନାବଦ୍ଧ। ଏହା ପଛରେ ଷଡ଼ଯନ୍ତ୍ର ରହିଛି ବୋଲି ପୋଲିସ ସ୍ପଷ୍ଟ କଲାଣି। ଏତେବଡ଼ ହିଂସା ପୁରୀରେ କେବେ ହୋଇ ନ ଥିଲା। ହିଂସାର ଷଡ଼ଯନ୍ତ୍ରକାରୀ କିଏ ଏବଂ କେଉଁମାନେ ଯୋଜନା ପ୍ରସ୍ତୁତ କରିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏହା ପୋଲିସ ତଦନ୍ତରେ ନିରପେକ୍ଷ ହୋଇପାରିବ ନାହିଁ। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି ସମତା କ୍ରାନ୍ତି ଦଳର ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ।

ସ୍ଥାନୀୟ ସାଲବେଗ ପୀଠ ପରିସରରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଲେ, ନବକଳେବର ବେଳେ ଯେଉଁ ବ୍ରହ୍ମ ବିଭ୍ରାଟ ଘଟିଥିଲା ସେହି ରିପୋର୍ଟକୁ ଗୁପ୍ତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଜନସାଧାରଣଙ୍କ ଭାବାବେଗ ସହ ଏହା ଜଡ଼ିତ ଥିବାରୁ ସାର୍ବଜନୀନ କରିବା ଦରକାର। ସେହିପରି ରତ୍ନଭଣ୍ଡାର ଘଟଣାରେ ସରକାର କମିଶନ ବସାଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ





ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ସହ ଅନ୍ୟମାନେ।

ଉଦ୍ୟମ କରିଛନ୍ତି। ଚାବି ହଜିବା ଏକ ଅପରାଧମୂଳକ ଘଟଣା ହୋଇଥିଲେ ବି ସରକାର ଏ ଦିଗରେ ପଦକ୍ଷେପ ନ ନେଇ ଚୁପ୍ ରହିଛନ୍ତି। ଶ୍ରୀମନ୍ଦିରକୁ ନେଇ ୬ଟି ବିଚାର ବିଭାଗୀୟ ତଦନ୍ତ ହୋଇଥିଲେ ହେଁ ଏସବୁର କାର୍ଯ୍ୟକାରୀ ହୋଇନାହିଁ। ସରକାର ଶ୍ରୀମନ୍ଦିରକୁ ନେଇ ବିଭ୍ରାଟ ସୃଷ୍ଟି କରୁଛନ୍ତି। ସେବାୟତଙ୍କଠାରୁ ଆରମ୍ଭ କରି କାହାକୁ ବିଶ୍ୱାସକୁ ନେଉନାହାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ସତେଯେମିତି ସରକାରୀ କଳର ବୋଲି ଭାବୁଛନ୍ତି। ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବନ୍ଦ ହେବା ଦରକାର। ଧର୍ମାନୁଷ୍ଠାନରେ ସୁପ୍ରିମ୍କୋର୍ଟଙ୍କ ହସ୍ତକ୍ଷେପ ସମ୍ବିଧାନ ବିରୋଧୀ। ସରକାର ମଧ୍ୟ ହସ୍ତକ୍ଷେପ କରିବା ଉଚିତ ନୁହଁ। ଗଜପତି, ଶଙ୍କରାଚାର୍ଯ୍ୟ, ମୁକ୍ତିମଣ୍ଡପ, ଛତିଶା ନିଯୋଗ ଓ ପରିଚାଳନା କମିଟିର ମାର୍ଗଦର୍ଶନରେ ଶ୍ରୀମନ୍ଦିର ପରିଚାଳନା ହେବା କଥା। ନବକଳେବରରେ ଦୁର୍ନୀତି ନେଇ ସିଏଜି ସ୍ପଷ୍ଟ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉ ନାହିଁ। ପୁରୀ ହିଂସା ଘଟଣାକୁ କେନ୍ଦ୍ରମନ୍ତ୍ରୀ ତ୍ରିପାଠୀ ତୀବ୍ର ନିନ୍ଦା କରିବା ସହ ଏହାର ନିରପେକ୍ଷ ତଦନ୍ତ ଲାଗି ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ଯୁବ ସମତା ସଭାପତି ଇଂ. ଶାରଦା ପ୍ରସନ୍ନ ସ୍ୱାଇଁ, ଚାଷୀ ସମତାର ସଭାପତି ପ୍ରଭାସ ସାମନ୍ତରାୟ, ଜିଲା ଯୁବ ସମତା ସଭାପତି ସବ୍ୟସାଚୀ ରଥ, ପୁରୀ ସହର ସମତା ସଭାପତି ଅଭିମନ୍ୟୁ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ମଦନ ନନ୍ଦ ଓ ଯୁବନେତା ଉମାକାନ୍ତ ବେହେରା ଉପସ୍ଥିତ ଥିଲେ।

## ବଳଙ୍ଗା ଚାମ୍ପିୟନ

**ନିମାପଡ଼ା, ୭।୧୦(ଡି.ଏନ.ଏ.)**

ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଗତ ୨୩ ତାରିଖରୁ ଆୟୋଜିତ ନିମାପଡ଼ା ପ୍ରିମିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍ଯାପିତ ହୋଇଛି। ଫାଇନାଲରେ ନିମାପଡ଼ା ଆଥଲେଟିକ୍ ଆସୋସିଏଶନକୁ ୧-୦ ଗୋଲରେ ହରାଇ ବଳଙ୍ଗା ଲଙ୍କେଶ୍ୱରୀ କ୍ଲବ ଚାମ୍ପିୟନ ହୋଇଛି। ବିଜୟୀ ଦଳର ନରେନ୍ଦ୍ର ମୁର୍ମୁ ଏକମାତ୍ର ଗୋଲଟି ସ୍କୋର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ନିମାପଡ଼ାର ଦିବ୍ୟକାନ୍ତ ଘଡ଼େଇ ମ୍ୟାନ ଅଫ ଦି ସିରିଜ, ଜ୍ଞାନ ରଞ୍ଜନ ଭୋଇ ପ୍ଲେୟର ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ନିମାପଡ଼ା ଥାନା ଆଇଆଇସି ହରମୋହନ ନାୟକ, ନିମାପଡ଼ା ଆଥଲେଟିକ୍ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ମହାନ୍ତି, ଉପସଭାପତି ଦୋଳଗୋବିନ୍ଦ ସେଠୀ ଓ ସାଧାରଣ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ସକଳ ସଙ୍କଟରୁ ପରିତ୍ରାଣ ଲାଭ ପାଇଁ ଏକପାତ୍ର ପଥ ନାମ ଜପ । ତାହା କାତର ଭାବରେ ଅନ୍ତରର ଗଭୀର ପ୍ରଦେଶରୁ ଜାତ ହେବା ଦରକାର ।
– ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଆତ୍ମାର ପବିତ୍ରତା ବୈଷ୍ଣବ ତତ୍ତ୍ୱର ଆଧାର

**ଭୁବନେଶ୍ୱର,୭।୧୦(ବ୍ୟୁରୋ):** ଚୈତନ୍ୟଙ୍କ ଆଧାତ୍ମିକ ଦର୍ଶନର ଚିରନ୍ତନ ମୂଲ୍ୟ ରହିଛି। ଏହା ଯେଉଁଭଳି ସରଳ ସେହିଭଳି ସୁନ୍ଦର ମଧ। ଭକ୍ତି ଓ ପୂର୍ଣ୍ଣ ସମର୍ପଣ ଭାବ ତାଙ୍କ ଦର୍ଶନର ମୂଳ ଆଧାର। ବ୍ରହ୍ମଠୁ ବ୍ରହ୍ମାଙ୍କ ପର୍ଯ୍ୟନ୍ତ ସେ ଆଧାତ୍ମିକ ଜଗତରେ ଏକ ନବଜାଗରଣ ଆଣିଥିଲେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର ଭଞ୍ଜକଳା ମଣ୍ଡପଠାରେ ଗୌଡ଼ୀୟ ମିଶନର ଶତାବ୍ଦୀ ପୂର୍ତ୍ତି ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଥିଲେ, ମହାପ୍ରଭୁ ଚୈତନ୍ୟ ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରେୟସୀ ଭାବେ ଗ୍ରହଣ କରିଥିଲେ। ଶୁଦ୍ଧ ଭକ୍ତି ରସ ମାଧମରେ ଜୀବ ଜଗତର କଲ୍ୟାଣ ଓ ମଣିଷର ଉତ୍ତରଣ ତାଙ୍କର ବୈଶିଷ୍ଟ୍ୟ। ଆତ୍ମାର ପବିତ୍ରତା ବୈଷ୍ଣବ ତତ୍ତ୍ୱର ଆଧାର। ଏହି ଭାବଧାରାକୁ ଆପଣେଇବା ପାଇଁ ରାଜ୍ୟପାଳ ନିବେଦନ କରିଛନ୍ତି। ଗୌଡ଼ୀୟ ମିଶନର ଆଧାତ୍ମିକ ସେବାକୁ ରାଜ୍ୟପାଳ ବ୍ୟାପକ କରିବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀପାଦ ଭକ୍ତି ସୁନ୍ଦର ସନ୍ନ୍ୟାସୀ ମହାରାଜ, ଶ୍ରୀପାଦ ଭକ୍ତି ବୈଭବ ପର୍ଯ୍ୟଟକ ମହାରାଜ, ଶ୍ରୀପାଦ ଭକ୍ତି ନିଷ୍ଠ ନ୍ୟାସୀ ମହାରାଜ, ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ରାଧାମାଧବ ଦାଶ ପ୍ରମୁଖ ଯୋଗଦେଇ ବୈଷ୍ଣବ ତତ୍ତ୍ୱର ବିଭିନ୍ନ ପ୍ରାୟୋଗିକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ।

### ଟୁରିଷ୍ଟ ବସ୍ ଧକ୍କାରେ ଯୁବତୀ ଗୁରୁତର

**ପୁରୁଣା ଭୁବନେଶ୍ୱର,୭।୧୦(ଡି.ଏନ୍.ଏ.):** ଲିଙ୍ଗରାଜ ଥାନା ଅଧୀନ ଗ୍ୟାରେଜ ଛକଠାରେ ରବିବାର ଏକ ଟୁରିଷ୍ଟ ବସ ଧକ୍କାରେ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଗଡମହାବୀର ଅଞ୍ଚଳର ସୁନୀତା ମହାପାତ୍ର । ସୂଚନା ଅନୁଯାୟୀ, ସୁନୀତା ସାଇକେଲ ଯୋଗେ କଳ୍ପନା ଯାଉଥିଲେ । ପଛପଟୁ ଆସୁଥିବା ଏକ ଟୁରିଷ୍ଟ ବସ ଧକ୍କା ଦେବାରୁ ସେ ରାସ୍ତାରେ ଝିଟିକି ପଡିଯାଇଥିଲେ । ଫଳରେ ତାଙ୍କ ହାତ ଗୋଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ତାଙ୍କୁ ନିକଟସ୍ଥ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ପୋଲିସ ଜବତ କରିଥିବା ଟୁରିଷ୍ଟ ବସକୁ ଥାନରେ ଅଟକ ରଖିବା ପରେ ଛାଡି ଦେଇଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏନେଇ ଡିସିଓ ଅର୍ଜୁନ ଜେନା କୁହନ୍ତି, ବସରେ ବାହାର ଅଞ୍ଚଳର ତୀର୍ଥଯାତ୍ରୀମାନେ ଥିବାରୁ ସେମାନଙ୍କୁ ଅଟକାଇବା ଉଚିତ ମଣି ନ ଥିଲୁ ବରଂ ଗାଡିର କାଗଜପତ୍ର ଏବଂ ନଂ ରଖି ଛାଡିଦେଇଛୁ।

### ମଙ୍ଗଳାଙ୍କ ତ୍ରିପୁରା ଭୈରବୀ ବେଶ



**ପୁରୀ ଅଫିସ,୭।୧୦:** ଶାରଦୀୟ ଦଶହରା ଅବସରରେ ଶ୍ରୀକ୍ଷେତ୍ରର ବିଭିନ୍ନ ଶକ୍ତିପୀଠରେ ଷୋଡ଼ଶ ଦିନାତ୍ମକ ପୂଜା ଚାଲିଛି। ଷୋଳପୂଜାର ଷଷ୍ଠ ଦିବସରେ ରବିବାର ବାସେଳି ସାହି ବନଦୁର୍ଗା ଛକସ୍ଥିତ ମା’ ମଙ୍ଗଳା ତ୍ରିପୁରା ଭୈରବୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ତ୍ରିପୁରା ବିଜୟୀ ଶଙ୍ଖାସୁର ବ୍ରହ୍ମାଙ୍କ ବେଦକୁ ନେଇଯିବା ଯୋଗୁ ତିନିପୁରରେ ହା ହା କାର ପଡିଥିଲା। କୌଣସି ଦେବୀଦେବ ଶଙ୍ଖାସୁର ସମ୍ମୁଖରେ ତିଷ୍ଠି ପାରିଲେ ନାହିଁ। ବ୍ରହ୍ମା ଆଦିଶକ୍ତିଙ୍କୁ ଧାନ କଲେ। ଧାନରେ ସନ୍ତୁଷ୍ଟ ହୋଇ ମା’ବେଦମାତା ଗାୟତ୍ରୀଙ୍କ ଶରୀରରୁ ଭୈରବୀଙ୍କୁ ସୃଷ୍ଟି କଲେ। ମା’ ଭୈରବୀ କାମାଚାର ରୂପରେ ଶଙ୍ଖାସୁରକୁ ମୋହିତ କରି ବେଦକୁ ହରଣ କରି ନାରାୟଣଙ୍କୁ ସ୍ମରଣ କଲେ। ନାରାୟଣ ମତ୍ସ୍ୟ ରୂପ ଧରି ଶଙ୍ଖାସୁରକୁ ବଧ କରିଥିଲେ। ତ୍ରିପୁରା ବିଜୟୀ ଶଙ୍ଖାସୁରର ମୃତ୍ୟୁର କାରଣ ହୋଇଥିବାରୁ ମା’ଙ୍କୁ ତ୍ରିପୁରା ଭୈରବୀ କୁହାଯାଏ। ତ୍ରିପୁରା ଭୈରବଙ୍କୁ ପୂଜା କଲେ ସର୍ବକାର୍ଯ୍ୟ ସିଦ୍ଧି ହୋଇଥାଏ। ତେଣୁ ତାଙ୍କୁ ସିଦ୍ଧ ଭୈରବୀ ମଧ କୁହାଯାଏ ବୋଲି ମନ୍ଦିର ପରିଚାଳନା କମିଟି ସଭ୍ୟ ସନ୍ତୋଷ ପଣ୍ଡା ସୂଚନା ଦେଇଛନ୍ତି।

■ ଶାରଦୀୟ ଦୁର୍ଗାପୂଜା: ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ

# ପୂଜାରେ ସର୍ବଧର୍ମ ସମନ୍ୱୟର ବାର୍ତ୍ତା

**ଭୁବନେଶ୍ୱର,୭।୧୦(ବ୍ୟୁରୋ)**

ଦୁର୍ଗାପୂଜା ମାଧମରେ ଭାଇଚାରା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ୨୦୦୮ ମସିହାରୁ ମା’ଙ୍କ ପୂଜାର ଆୟୋଜନ କରିଆସୁଛି ଚନ୍ଦ୍ରଶେଖରପୁରର ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ। ହିନ୍ଦୁ, ମୁସ୍‌ଲିମ, ଶିଖ୍ ଓ ଖ୍ରୀଷ୍ଟିୟାନ୍ ଧର୍ମାବଲମ୍ବୀଙ୍କ ମିଳିତ ଉଦ୍ୟମରେ ପ୍ରତିବର୍ଷ ଆୟୋଜିତ ହେଉଥିବା ଏହି ପୂଜାରେ କୌଣସି ପ୍ରକାର ଭେଦଭାଦ ନ ଥାଏ। ନିଆରା ଶୈଳୀରେ ଶାରଦୀୟ ପୂଜା କରୁଥିବା ଏହି ପୂଜାମଣ୍ଡପ ଏଥର ମଧ ଭିନ୍ନ ଶୈଳୀରେ ପୂଜା କରିବାକୁ ପ୍ରସ୍ତୁତ ହୋଇଛି। ଆସୋସିଏଶନର ବଜେଟ୍ ୧୫ଲକ୍ଷ ଟଙ୍କା ରହିଥିବାବେଳେ କେରଳ ବନ୍ୟା ବିପନ୍ନଙ୍କ ସହାୟତା ନିମନ୍ତେ କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫୦ହଜାର ଟଙ୍କା ପ୍ରଦାନ କରିବାକୁ ପୂଜା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ସର୍ବଧର୍ମ ସମନ୍ୱୟର ବାର୍ତ୍ତା ଦେବା ତଥା ହିନ୍ଦୁ, ମୁସ୍‌ଲିମ, ଶିଖ୍ ଓ ଖ୍ରୀଷ୍ଟିୟାନ ଧର୍ମକୁ ଗୋଟିଏ ସ୍ଥାନରେ ଦେଖାଇବାକୁ ଚଳିତବର୍ଷ ପ୍ରୟାସ କରିଛି ଏହି ଆସୋସିଏଶନ। ଏହାକୁ ନେଇ ତୋରଣର ଥିମ୍ ପ୍ରସ୍ତୁତ କରାଯାଇଛି। ୮୦ ଫୁଟ୍ ଉଚ୍ଚତା ଏବଂ ୫୦ ଫୁଟ୍ ଚଉଡ଼ାର ଏହି ତୋରଣରେ ସମସ୍ତ ଧର୍ମର ସଙ୍କେତ ପ୍ରଦର୍ଶନ ହେବ। ଏଠାକାର ପୂଜାର ବିଶେଷତ୍ୱ ହେଉଛି, ମା’ଙ୍କ ପୂଜା କରୁଥିବା ବ୍ରାହ୍ମଣମାନେ ପୂଜା ଆରମ୍ଭ କରିଥିବା ଏକ ମୁସଲମାନ



ମା’ ଆସୁଛନ୍ତି

ପରିବାର ଭିତରେ ରହି ମା’ଙ୍କୁ ଆବାହନ କରିବେ। ଚଳିତବର୍ଷ ବାବୁଲି ଉଦ୍‌ଗାତାଙ୍କ ନେତୃତ୍ୱରେ କାରିଗରମାନେ ତୋରଣ ନିର୍ମାଣ କରୁଥିବା ବେଳେ କେନ୍ଦ୍ରାପଡ଼ାର ମୂର୍ତ୍ତି କାରିଗର ପ୍ରଫୁଲ୍ଲ କୁମାର ବେହେରା ମୂର୍ତ୍ତି ଓ ମେଢ଼ ତିଆରି କରୁଛନ୍ତି। ଏଥର ୧୬ ଫୁଟ୍ ଉଚ୍ଚତାର ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ଏବଂ ୧୮ ଫୁଟ୍ ଉଚ୍ଚତାର ମେଢ଼ ଦେଖିବାକୁ ମିଳିବ। ଚଳିତବର୍ଷ ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଷଷ୍ଠୀ ଦିନ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟଙ୍କୁ ନେଇ ଡିଷ୍ଟ୍ରିକ୍ଟ ସେଣ୍ଟର ମଧରେ ବିଲ୍ୱବରଣ କରାଯିବ। ବିଲ୍ୱବରଣଠାରୁ ଦଶହରା ପର୍ଯ୍ୟନ୍ତ ଦିନ ଓ ରାତିରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ। ସେହିପରି ଅଷ୍ଟମୀ ଦିନ ସମସ୍ତ ଭକ୍ତଙ୍କ ପାଇଁ ଦହି ପଖାଳର ବ୍ୟବସ୍ଥା କରାଯିବାକୁ ଥିବା ବେଳେ ୨୧ଜଣ ବାଳିକାଙ୍କୁ ନେଇ ସ୍ୱତନ୍ତ୍ର ଭାବେ କୁମାରୀ ପୂଜା ଆୟୋଜନ ହେବ।

ଏଥର ଭସାଣି ମଧ ନିଆରା ଢଙ୍ଗରେ କରାଯିବ। ମା’ଙ୍କ ବିଦାୟ ବେଳେ ବ୍ୟାଣ୍ଡ୍ ବାଜା କିମ୍ବା ବାଣ ବ୍ୟବହାର କରାଯିବନାହିଁ। ବ୍ରହ୍ମପୁରର ଯୋଡ଼ିଶଙ୍ଖ ସହ ଘଣ୍ଟ ଘଣ୍ଟୁଆଙ୍କ ତାଳେ ତାଳେ ସମ୍ପୂର୍ଣ୍ଣ ପାରମ୍ପରିକ ରୀତିରେ ଏ ବର୍ଷ ଭସାଣି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ସେହିପରି ମା’ଙ୍କୁ ଡିଷ୍ଟ୍ରିକ୍ଟ ସେଣ୍ଟର କଲୋନୀ ମଧରେ ବିଦାୟକାଳୀନ ଦର୍ଶନ ପାଇଁ ପରିକ୍ରମା କରାଯିବାକୁ ସ୍ଥିର ହୋଇଛି। ଭକ୍ତଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ। ସେହିଭଳି ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ମଧ ଗୁରୁତ୍ୱ ଦିଆଯିବ। ପୂଜା ଆରମ୍ଭ ହେବା ଦିନଠାରୁ ଏଠାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। କମିଶନରେଟ୍ ପୋଲିସକୁ ସୁରକ୍ଷା ଭାର ଦିଆଯାଇଥିବା ବେଳେ ଆସୋସିଏଶନ ପକ୍ଷରୁ ଘରୋଇ ସୁରକ୍ଷା କର୍ମୀଙ୍କୁ ମଧ ନିୟୋଜିତ କରାଯିବ।



“ପୂଜାକୁ ପ୍ରଦୂଷଣ ମୁକ୍ତ କରିବାକୁ ଆମେ ଯଥାସମ୍ଭବ ପ୍ରଚେଷ୍ଟା କରିବୁ। ଏଥର ପୂଜାରେ କୌଣସି ରାସାୟନିକ ରଙ୍ଗ ଓ ପ୍ଲାଷ୍ଟିକ୍ ପଦାର୍ଥ ବ୍ୟବହାର କରାଯିବ ନାହିଁ। ପ୍ଲାଷ୍ଟିକ୍‌ମୁକ୍ତ ପରିବେଶରେ ମା’ଙ୍କ ପୂଜା ଏଥର ଆମ ମଣ୍ଡପର ପ୍ରମୁଖ ଆକର୍ଷଣ ରହିବ। ଏହାବ୍ୟତୀତ ଶବ୍ଦ ପ୍ରଦୂଷଣ ରୋକିବାକୁ ମଧ ପଦକ୍ଷେପ ଗ୍ରହଣ କରାଯିବ। କୌଣସି ମେଲୋଡି କାର୍ଯ୍ୟକ୍ରମ କରା ନ ଯାଇ କେବଳ ଭଜନ ସମାରୋହ ଉପରେ ଗୁରୁତ୍ୱ ଦିଆଯିବ।

– ସଞ୍ଜୟ କୁମାର ସାହାଣୀ, ସଭାପତି



“ପୂଜା ଆରମ୍ଭ କରିଥିବା ଏସ୍.କେ. ଶାହାଜାହାନଙ୍କ ଘରୁ କଳସ ବାହାରି ପୂଜାର ଶୁଭାରମ୍ଭ କରାଯିବ, ଯାହାକି ଭାଇଚାରା ଏବଂ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ମଣିଷ ସମାନର ବାର୍ତ୍ତା ଦେବ। ପୂଜା ଶେଷ ହେବା ପରେ ଆୟବ୍ୟୟର ଟିକିନିଖି ହିସାବ କରାଯାଇ ସବିଶେଷ ବିବରଣୀ ସ୍ଥାନୀୟ ଲୋକଙ୍କୁ ପ୍ରଦାନ କରାଯିବ। ଆଗାମୀ ଦିନରେ ଆମେ ମା’ଙ୍କ ଚାନ୍ଦି ମୁକୁଟ ଏବଂ ଚାନ୍ଦି ମେଢ଼ ତିଆରି କରିବାକୁ ଯୋଜନା ରଖିଛୁ।

– ସରୋଜକାନ୍ତ ମଲ୍ଲିକ, ସାଧାରଣ ସମ୍ପାଦକ



ମହାଳୟା ଅପରପକ୍ଷ ଉପଲକ୍ଷେ ପୁରୁଣା ଭୁବନେଶ୍ୱରସ୍ଥିତ ବିନ୍ଦୁସାଗର ମଣିକର୍ଣ୍ଣିକା ଘାଟରେ ପିଣ୍ଡଦାନ କରାଯାଉଛି।

### ହାତୀ ଉପଦ୍ରବ: ୬ ଏକର ଫସଲ ନଷ୍ଟ

**ଟାଙ୍ଗୀ (ଖୋର୍ଦ୍ଧା), ୭।୧୦ (ଡି.ଏନ.ଏ.):** ଶନିବାର ସନ୍ଧ୍ୟା ସମୟରେ ରଣପୁର ବ୍ଲକ୍ ଅନ୍ତର୍ଗତ ରାଜଜଙ୍ଗିଆ ପଞ୍ଚାୟତରେ ହାତୀପଲ୍ଲ ପଶି ୬ ଏକର ଧାନ ଜମି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବା ଖବର ମିଳିଛି । ରାଜଜଙ୍ଗିଆ ଗ୍ରାମର ମଗୁଲି ବେହେରାଙ୍କ ୪ ଏକର, କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ପ୍ରାୟ ୧ ଏକର, ବିନୋଦ ବେହେରାଙ୍କ ଅଧ ଏକରରୁ କମ୍, ନକୁଳ ପଲେଇଙ୍କ ପ୍ରାୟ ୧ ଏକର ଜମିର ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ହାତୀପଲ୍ଲରେ ୧୨ ରୁ ୧୫ ହାତୀ ଆସି ଜମିରେ ପଶି ଦଳାଚକଟା କରିବା ସହିତ ଧାନ ଫସଲକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ତୁରନ୍ତ ସରକାରୀ ସହାୟତା ପ୍ରଦାନ କରା ନ ଗଲେ ରଣ କରି ଚାଷ କରିଥିବା ଚାଷୀମାନେ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି।

## ତୋରଣରେ ରାଜସ୍ଥାନର ଆଲବର୍ଟ ମ୍ୟୁଜିୟମ



**କଟକ ରୋଡ,୭।୧୦(ଡି.ଏନ୍.ଏ.)**

**ଝାରପଡ଼ା ଦୁର୍ଗାପୂଜା ସମିତି**
- ପୂଜା ମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା
- ରୁପା ଅଳଙ୍କାରରେ ସଜ୍ଜିତ ହେବେ ମା’ ଦୁର୍ଗା

ଭୁବନେଶ୍ୱର ଝାରପଡ଼ା ଦୁର୍ଗାପୂଜା ସମିତି ଅଷ୍ଟମ ବର୍ଷରେ ପଦାର୍ପଣ କରୁଛି। ପୂର୍ବରୁ ଅନେକ ନୂଆ ଢଙ୍ଗରେ ତୋରଣ କରି ଚର୍ଚ୍ଚା ପରିସରକୁ ଆସିଥିବା ସମିତି ଏଥର ରାଜସ୍ଥାନର ଆଲବର୍ଟ ମ୍ୟୁଜିୟମ ତୋରଣ ନିର୍ମାଣ କରିବ। ଯାହାକି ମୁଖ୍ୟ ଆକର୍ଷଣ ହେବ ବୋଲି ବୁଧବାର ପୂଜା ସମିତି ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସମିତି ସଭାପତି ଶିଖର ଚନ୍ଦ୍ର ଜେନା ଓ ସମ୍ପାଦକ ଧରଣୀଧର ଜେନା ସୂଚନା ଦେଇଛନ୍ତି। ତୋରଣ ଉଚ୍ଚତା ୮୦ ଫୁଟ ରହିଥିବା ବେଳେ ଚଉଡା ୧୧୫ ଫୁଟ ରଖାଯାଇଛି। ପଶ୍ଚିମବଙ୍ଗର ପ୍ରାୟ ୫୦ଜଣ କାରିଗର ତୋରଣ ନିର୍ମାଣ ଦାୟିତ୍ୱରେ ରହିଛନ୍ତି। ଜନସମାଗମକୁ ଲକ୍ଷ୍ୟ ରଖି କମିଶନରେଟ ପୋଲିସ ସହ ୩୦୦ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ସୁରକ୍ଷା ପାଇଁ ମଣ୍ଡପ ଓ ଆଖପାଖ ଅଞ୍ଚଳରେ ୨୦ସିସିଟିଭି କ୍ୟାମେରା ଲଗାଯିବ ବୋଲି ପୂଜା ସମିତି ଆବାହକ ଶ୍ରୀଧର ଜେନା କହିଥିଲେ। ଏଥିସହ ଭିନ୍ନକ୍ଷମ, ବୟସ୍କ ନାଗରିକଙ୍କ ପାଇଁ ହୁଇଲଚେୟାର ସାଙ୍ଗକୁ ପ୍ରାଥମିକ ଚିକିତ୍ସା ଓ ସୂଚନାକେନ୍ଦ୍ର ରହିବ। ପୂଜାମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯିବ। ସୁରକ୍ଷିତ ଦର୍ଶନ ପାଇଁ ଗୋଟିଏ ପ୍ରବେଶ ପଥ ରଖାଯିବା ସ୍ଥଳେ ପ୍ରସ୍ଥାନ ପାଇଁ ୪ଟି ଦ୍ୱାର ରହିବ।

ଚଳିତବର୍ଷ ୧୨ଫୁଟ ଉଚ୍ଚତାବିଶିଷ୍ଟ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ହେବା ସହ ୨୦ ଫୁଟ ଉଚ୍ଚର ସୁନେଲି ମେଢ ନିର୍ମାଣ ହେବ। ମା’ ଦୁର୍ଗାଙ୍କ ରୁପା ମୁକୁଟ ସହ ପାର୍ଶ୍ୱ ଦେବଦେବୀ ଅଳଙ୍କାରରେ ସଜ୍ଜିତ କରାଯିବ। ବଙ୍ଗୀୟ ରୀତିରେ ପୂଜାର୍ଚ୍ଚନା କରାଯିବ। ସପ୍ତମୀ, ନବମୀ, ଦଶମୀ ତିଥିରେ ଖେଚୁଡି ଭୋଗ ଓ ଅଷ୍ଟମୀରେ ହାଲୁଆ ଭୋଗ ଦେବୀଙ୍କ ନିକଟରେ ଲାଗି ହେବ। ୫ଟି ଏଲଇଡି ଓ ମେକାନିକାଲ ଷ୍ଟ୍ରକ୍‌ଚର ଲାଇଟ ଗେଟ୍ ମାଧମରେ ଆଧୁନିକ, ପୌରାଣିକ ଓ ଆଦିବାସୀ ସାମ୍ପ୍ରଦାୟିକ କଥାବସ୍ତୁ ସ୍ଥାନ ପାଇବ। ଏକତା ସହ ହିନ୍ଦୁ, ମୁସଲିମ ଭାଇଚାରା ନୀତିକୁ ଆଧାର କରି ସୁରୁଖୁରୁରେ ପୂଜା କାର୍ଯ୍ୟ ସମ୍ପନ୍ନ ପାଇଁ ସମିତି ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଉଗ୍ରେସନ ମଙ୍ଗରାଜ, ବୁଲେଇ ଜେନା, ରଣଜିତ କୁମାର ରାୟ ଓ ମୁସାରଫ ଖାନ କହିଥିଲେ। ଦଶମୀ ତିଥିରେ ୪୦ଫୁଟ ଉଚ୍ଚର ରାବଣପୋଡି ସହ ଆତସବାଜି ପ୍ରଦର୍ଶନ କାର୍ଯ୍ୟକ୍ରମ ରଖାଯାଇଛି। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ଭୁବନେଶ୍ୱର, କଟକ ଓ ଛତ୍ରପୁର ଅଞ୍ଚଳ ଓ ବମ୍ବେର ଇଣ୍ଡିଆନ ରକ୍‌ଷ୍ଟାର କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଭସାଣି ଉତ୍ସବରେ ପାରମ୍ପରିକ ବାଦ୍ୟ ସହ ରାୟପୁରର ବ୍ରାସବ୍ୟାଣ୍ଡ ଅନ୍ୟତମ ଆକର୍ଷଣ ହେବ ବୋଲି କର୍ମକର୍ତ୍ତାଙ୍କ ପକ୍ଷରୁ କୁହାଯାଇଛି।



ସଭାପତି ଶିଖର ଜେନା



ସମ୍ପାଦକ ଧରଣୀଧର ଜେନା

# ଓଡ଼ିଶା ରାଇଜ ଛାଡ଼

**ଡ. ସୁରେନ୍ଦ୍ର କୁମାର ମିଶ୍ର**




ପୂର୍ବ ସଂଖ୍ୟାରେ ବକ୍ସି ଜଗବନ୍ଧୁଙ୍କ ସମ୍ବନ୍ଧରେ ସରକାରୀ ନଥିପତ୍ରରେ ରହିଥିବା କେତେକ ରହସ୍ୟକୁ ଆମେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କଦ୍ୱାରା ଲୋକାର୍ପିତ ‘ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି କଲୋନିଆଲ ରେଜିଷ୍ଟାନ୍ସ ଇନ୍ ଖୁର୍ଦ୍ଧା’ ପୁସ୍ତକ ସହାୟତାରେ ଲେଖିଥିଲୁ। କଥା ସରିନି। ସବୁ ରହସ୍ୟ ଆସିନି। ଆମେ କେବଳ ଉଡ଼ାଣିଆ କଥା କହୁଥିବା ବ୍ୟକ୍ତିବିଶେଷଙ୍କ ଜାଣିବା ପାଇଁ ଦୁଇ/ତିନୋଟି ଉଦାହରଣ ଦେଲୁ। ପୂର୍ବରୁ ସୂଚନା ଦେଇଥିଲୁ ଇଂରେଜ ସରକାରଙ୍କୁ ଗଜପତି ଲେଖିଥିବା ଚିଠିରେ ଦୁଇଟି ପ୍ରସଙ୍ଗ ଲକ୍ଷ୍ୟ କରିବା କଥା। ଗୋଟିଏ କଥା ଆମେ ଜାଣିଲେ ୧୮୦୪ ଯୁଦ୍ଧରେ ବକ୍ସି ଜଗବନ୍ଧୁଙ୍କର ବିଶେଷକ ଭୂମିକା ନଥିଲା। ଏହା ମଧ ମଧୁସୂଦନ ବିପ୍ରଙ୍କ ଲିଖିତ ‘ଫିରିଙ୍ଗି କଳି ଭାରତ’ ପୁସ୍ତକରୁ ଆମେ ଜାଣିଥିଲେ। କାଳେ ତାଳପତ୍ର ପୋଥିରୁ ଉତାରିବା ବେଳେ ଜଗବନ୍ଧୁଙ୍କ କଥା ଛାଡ଼ି ଯାଇଥିବେ ଭାବି ଫକୀର ହରିଚନ୍ଦନ ଯେଉଁ ଅନୁସନ୍ଧାନ କରିଥିଲେ ତାହା ପୂର୍ବ ଆଲୋଚନାରେ ଆମେ ସୂଚନା ଦେଇଥିଲୁ। ସେଇ ଚିଠିର ଦ୍ୱିତୀୟ ପ୍ରସଙ୍ଗଟି– ଗଜପତିଙ୍କ ଚିଠିର ବିଷୟବସ୍ତୁ ଓ ଗଜପତିଙ୍କ ତତ୍କାଳୀନ ଆଭିମୁଖ୍ୟ।

ଚିଠିରୁ ଜଣାପଡୁଛି ଦୁଇରୁ ତିନି ହଜାର ପାଇକଙ୍କୁ ସାଙ୍ଗରେ ନେଇ ଜଗବନ୍ଧୁ ପୁରୀରେ ଗଜପତିଙ୍କୁ ଭେଟିଥିଲେ। ମହାରାଣୀଙ୍କ ସହିତ ଗଜପତି ନିଜେ ଖୋର୍ଦ୍ଧା ଦୁର୍ଗରେ ପଦାର୍ପଣ କରନ୍ତୁ ବୋଲି ସେ ନିବେଦନ କରିଥିଲେ। ଗଜପତି ରୋକଠୋକ ମନା କରି ଦେଇଥିଲେ, କିନ୍ତୁ ଇଂରେଜ ସରକାରଙ୍କୁ ସୁରକ୍ଷା ଦେବା ପାଇଁ ଚିଠି ଲେଖିବା ପରେ ଗଜପତିଙ୍କୁ ଓଲଟା ଫଳ ମିଳିଲା। ଇଂରେଜ ସରକାର ସୁରକ୍ଷା ଦେବା ଆଳରେ କଟକ ନେଇ ବନ୍ଦୀ କରିଥିଲେ। ବକ୍ସି ଯେଉଁ ପାଇକ ବୀରମାନଙ୍କୁ ସାଙ୍ଗରେ ଧରି ଗଜପତିଙ୍କ ପାଖକୁ ଆସିଥିଲେ ସେମାନେ ସ୍ୱତଃ ବିପ୍ଳବ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଥିଲେ। ୧୮୧୭ରେ ରାତାରାତି ତାଙ୍କୁ ପ୍ରସ୍ତୁତ କରାଯାଇ ନଥିଲା। ଏହି ପ୍ରସ୍ତୁତି ବହୁ ପୂର୍ବର, ଅର୍ଥାତ୍ ରାଜଗୁରୁ ୧୮୦୬ ମସିହାରେ ଫାଶୀ ପାଇବା ପରଠାରୁ ଏହି ପ୍ରସ୍ତୁତି ସେମାନେ ଆରମ୍ଭ କରିଥିଲେ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ପଞ୍ଚମ ପ୍ରଭାବ।

୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ହୋଇଥିବା ଯୁଦ୍ଧବେଳେ ଗଜପତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିଲେ। ଜୟୀ ରାଜଗୁରୁଙ୍କ ବିଚାର ବେଳର ବିଡ଼ମ୍ବନା ବିଷୟରେ ସେ ଅବଗତ ଥିଲେ। ନିର୍ମମ ଭାବରେ ବରଗଛରେ ବୀରପୁରୁଷଙ୍କୁ ବଧ କରିବାର ଘନଘଟାକୁ ସେ ଅନୁଭବ କରିଥିଲେ, ତଥାପି କାହିଁକି ୧୮୧୭ ମସିହା ପାଇକ ବିଦ୍ରୋହରୁ ଦୂରେଇ ରହିଲେ ? ବିଦ୍ରୋହର ଅନ୍ତଃସ୍ୱର ତାଙ୍କୁ ଅଛପା ନଥିଲା। ନିର୍ଣ୍ଣାୟକ ଯୁଦ୍ଧବେଳେ ଉଦାସୀନ ବ୍ୟକ୍ତିତ୍ୱ ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର। ସେଥିପାଇଁ ଇତିହାସକାର ଧ୍ରୁବଚରଣ ଜୟସିଂହ ପାଇକରାୟ ‘ଊନବିଂଶ ଶତାବ୍ଦୀର ବିସ୍ମୃତ ଅମର ଶହୀଦ ଜୟୀ ରାଜଗୁରୁ’ ଶୀର୍ଷକ ପ୍ରବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ‘ଉପ-ଶୀର୍ଷକ’ ରଖିଛନ୍ତି। ତାହା ହେଲା– ଖୋର୍ଦ୍ଧା ପାଇକ ବିଦ୍ରୋହର ପଥପ୍ରଦର୍ଶକ ଓ ଖୋର୍ଦ୍ଧା ରାଜବିଦ୍ରୋହର ସୂତ୍ରଧର ଜୟୀ ରାଜଗୁରୁ। ସେଇ ଉପ–ଶୀର୍ଷକରେ ପ୍ରଥମରୁ ସେ ଜୀ.ଟୟନବୀଙ୍କର ‘ଏ.ସ୍କେଚ୍ ଅଫ ଦି ହିଷ୍ଟ୍ରୀ ଅଫ ଓରିସା’ (୧୮୦୩–୧୮୨୩) ରେ ଲିଖିତ ମତକୁ ଉଦ୍ଧାର କରିଛନ୍ତି। ସେ ମତଟି ହେଉଛି– ପାଇକ ବିଦ୍ରୋହର ପଥପ୍ରଦର୍ଶକ ଜୟୀ ରାଜଗୁରୁ ବକ୍ସିଙ୍କ ବହୁ ପୂର୍ବରୁ ଓଡ଼ିଶାର ସାମନ୍ତ ରାଜାମାନଙ୍କୁ ଯୁଦ୍ଧ କରିବା ନିମନ୍ତେ ଏବଂ ଇଂରେଜମାନଙ୍କୁ ଓଡ଼ିଶା ରାଇଜରୁ ବିତାଡ଼ିତ କରିବା ପାଇଁ ସଙ୍ଗଠିତ କରି ଖୋର୍ଦ୍ଧା ପାଇକମାନଙ୍କୁ ପ୍ରୋତ୍ସାହିତ କରିଥିଲେ, ତେଣୁ ପାଇକ ବିଦ୍ରୋହ ବାସ୍ତବରେ ୧୮୦୪ ମସିହାରୁ ଆରମ୍ଭ ହୋଇଥିଲା ବୋଲି ଗ୍ରହଣ କରିବାରେ ଐତିହାସିକ ବିଭ୍ରାନ୍ତି ହେବ ନାହିଁ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ଷଷ୍ଠ ପ୍ରଭାବ।



କିଲ୍ଲା ବୟାଳିଶିବାଟିରେ ପୋଖରୀର ରୂପ ନେଇଥିବା ପଥରବୁହା ନଦୀ।





ଗଡ଼ରୂପାସର ମା’ କନକଦୁର୍ଗା ଓ ତାଙ୍କ ମନ୍ଦିର।

ସପ୍ତମ ପ୍ରଭାବ ବିଚାର କରିବା ପୂର୍ବରୁ ଆମକୁ ସଚେତନ ହେବାକୁ ପଡ଼ିବ ଯେ ୧୮୦୪ ମସିହା ଯୁଦ୍ଧ ମୁଦ୍ରାର ଗୋଟିଏ ପାର୍ଶ୍ୱ ହେଲେ ୧୮୧୭ ପରର ସମସ୍ତ ବିଦ୍ରୋହ ଓ ଯୁଦ୍ଧ ମୁଦ୍ରାର ଅନ୍ୟ ପାର୍ଶ୍ୱ। ଓଡ଼ିଶାରେ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ ଗତି କରି ଚାଲିଥିଲା। ସେତିକି ନିଷ୍ଠା, ତ୍ୟାଗ ଓ ଦେଶାତ୍ମବୋଧ ନ ଥିଲେ ଯୁଦ୍ଧର ଭିତ୍ତିଭୂମି ସୁଦୃଢ଼ ହୋଇ ନଥାନ୍ତା। ତିଳେମାତ୍ର ସ୍ୱାର୍ଥ ଉଙ୍କି ମାରିଥିଲେ ନିଷ୍ଠା କଳୁଷିତ ହୋଇ ଯାଇଥାନ୍ତା। ଫିରିଙ୍ଗି ସରକାର ରାଜଗୁରୁଙ୍କୁ ଲୋଭ ଦେଖାଇ ନଥିଲେ, ତାହା ନୁହଁ। ରାଜଗୁରୁ ତାର ଦୃଢ଼ ଜବାବ ବି ଦେବାରେ ହେଳା କରି ନଥିଲେ। ବିପ୍ର ମଧୁସୂଦନ ବଡ଼ ସୁନ୍ଦର ଭାବରେ ଏହି ଘଟଣାକୁ ଲେଖିଛନ୍ତି–

ମିଳି ମିଳି କହେ ରାଜଗୁରୁଙ୍କୁ ବୁଝାଇ
କଟକ ଚଉରାସି ଲେଖିଦେବା ପାଇଁ
ଦୁଇଖଣ୍ଡି ପରଗନା ତୁମ୍ଭେ ଯେ ପାଇବ
ସମଗ୍ର ପୃଥିବୀ ଆମ୍ଭଙ୍କୁ ଲେଖିଦେବ ॥

ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ରାଜଗୁରୁ। ରାଜଗୁରୁଙ୍କ ନିଷ୍ପତ୍ତି କବି ମଧ ଉଲ୍ଲେଖ କରିଛନ୍ତି –

ଶୁଣିଣ ନାସ୍ତିବାକ୍ୟ ଗଲେ ଜୟମୁନି
ଆପଣା ଇଚ୍ଛାରେ ଭୋଗ କର ଯେ ମେଦିନୀ।
ଚାରି ପରଗଣା ଆମ୍ଭେ ଅବଶ୍ୟ ପାଇବୁ
ଭଲେ ନ ଛାଡ଼ିଲେ ନିଶ୍ଚେ ସମରରେ ନେବୁ ॥

କବି ‘ସମର’ ଶବ୍ଦ ପ୍ରୟୋଗ କରିଛନ୍ତି, ବିଦ୍ରୋହ ଶବ୍ଦ ନୁହେଁ। ତେଣୁ ସମର ପାଇଁ ରାଜଗୁରୁ କେବଳ ସାମନ୍ତ ରାଜାମାନଙ୍କୁ ସଙ୍ଗଠିତ କରିଥିଲେ ତାହା ନୁହେଁ, ସାମନ୍ତ ରାଜାଙ୍କ ଅଧୀନରେ ନଥିବା ଗଡ଼ଗୁଡ଼ିକୁ ନିଜେ ଯାଇ ‘ଓଡ଼ିଶା ରାଇଜ ଛାଡ଼’ ଡାକରାରେ ସାମିଲ କରାଇଥିଲେ। କୋଣାର୍କ ଅଂଚଳରେ ରହିଥିବା ୧୬ ପ୍ରାଚୀନ ଗଡ଼କୁ ଅନୁସନ୍ଧାନ ପାଇଁ ଆମେ ଏବେ ଯିବା ପରେ ବହୁ ନଥିପତ୍ର ମିଳୁଛି। ପ୍ରତ୍ୟେକ ଗଡ଼ ସହିତ ସିଧାସଳଖ ସମ୍ପର୍କ ରଖିଥିଲେ ରାଜଗୁରୁ। ଗଡ଼ରୂପାସ ଓ କିଲ୍ଲା ବୟାଳିଶିବାଟି ତାର ଗୋଟିଏ ଗୋଟିଏ ଉଦାହରଣ।



ଜମ୍ମୁ-କଶ୍ମୀର ନିୟନ୍ତ୍ରଣରେଖାଠାରେ ୨୫୦ ଆତଙ୍କବାଦୀ ଭାରତରେ ଅନୁପ୍ରବେଶ ପାଇଁ ଅପେକ୍ଷା କରି ରହିଛନ୍ତି। ପାକିସ୍ତାନ ସେନା ସେମାନଙ୍କୁ ଭାରତରେ ପ୍ରବେଶ କରାଇବା ଲାଗି ଲଗାତାର ଅସ୍ତ୍ରବିରତି ଉଲ୍ଲଂଘନ କରୁଛି। ୧୫ ବାଟାଲିୟନ୍ କମାଣ୍ଡିଂ ଅଫିସର ଏ.କେ. ଭଟ୍ଟ ଏନେଇ ସୂଚନା ଦେଇଛନ୍ତି। କୁପୱାରା ଅଞ୍ଚଳ ଏବଂ କଶ୍ମୀର ଉପତ୍ୟକାରେ ୩ଶହରୁ ଅଧିକ ଆତଙ୍କବାଦୀ ସକ୍ରିୟ ଥିବା ଭଟ୍ଟ ପ୍ରକାଶ କରିଛନ୍ତି।



# ୩୦ ଟଙ୍କା ରିହାତିରେ ଡିଜେଲ ଦେବାକୁ ଘରୋଇ ବସ୍ ମାଲିକ ସଂଘର ଦାବି

ଭୁବନେଶ୍ୱର, ୭।୧୦ (ବ୍ୟୁରୋ)

ପେଟ୍ରୋଲ ଏବଂ ଡିଜେଲ ଦର କ୍ରମାନ୍ୱୟରେ ବୃଦ୍ଧି ପାଉଛି। ଏଥିଯୋଗୁ ବସ୍ ମାଲିକମାନେ ଦୈନିକ ୪୦୦୦ ଟଙ୍କା କ୍ଷତି ସହୁଛନ୍ତି। ଯାତ୍ରୀ ପରିବହନ ବ୍ୟବସ୍ଥାକୁ ଅବ୍ୟାହତ ରଖିବା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବସ୍ ମାଲିକମାନଙ୍କୁ ଡିଜେଲ ଉପରେ ୩୦ ଟଙ୍କା ରିହାତି ଦିଅନ୍ତୁ। କିମ୍ବା ରାଜ୍ୟ ସରକାର ବସ୍‌ଗୁଡିକର ପରମିଟ୍ ଅନୁସାରେ ଗନ୍ତବ୍ୟସ୍ଥଳରୁ ଫେରିବା ପର୍ଯ୍ୟନ୍ତ ଯେତିକି କି.ମି ହେଉଛି ଆବଶ୍ୟକ ମୁତାବକ ଡିଜେଲ ଉପରେ ରିହାତି ଯୋଗାଇ ଦେବା ବ୍ୟବସ୍ଥା କରନ୍ତୁ ବୋଲି ଅଲ୍ ଓଡ଼ିଶା ବସ୍ ମାଲିକ ସଂଘ ଦାବି କରୁଥିବା ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଏହି ରିହାତି ଡିଜେଲର ମୂଲ୍ୟ ଅନୁସାରେ ସରକାର ମଧ୍ୟ ସାନି ବସ୍ ଭଡା ସ୍ଥିର କରନ୍ତୁ। ଫଳରେ ଯାତ୍ରୀମାନଙ୍କ ଉପରେ ବସ୍ ଭଡା ବୋଝ ପଡିବ ନାହିଁ କି ମାଲିକମାନେ କ୍ଷତିରୁ କିଛି ମାତ୍ରାରେ ଆଶ୍ୱସ୍ତି ପାଇବେ ବୋଲି ନାୟକ ରବିବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ କହିଛନ୍ତି।

ନାୟକଙ୍କ କହିବା ହେଲା, ଡିଜେଲ ମୂଲ୍ୟ ବୃଦ୍ଧି ପାଇବା ଯୋଗୁ ନିୟମ ଅନୁଯାୟୀ ଅଟୋମେଟିକ୍ ଯାତ୍ରୀ ଭଡ଼ା ବଢୁଛି। ତୈଳ ଦର ବୃଦ୍ଧି ଦ୍ୱାରା ଏବେ ଟ୍ରେନ୍ ଭଡ଼ାଠାରୁ ବସ୍ ଭଡା ଅଧିକ ହେଲାଣି। ଉଦାହରଣସ୍ୱରୂପ ଜଣେ ଯାତ୍ରୀ ଭୁବନେଶ୍ୱରରୁ ବାଲେଶ୍ୱର ବସ୍‌ରେ ଗଲେ ତାଙ୍କୁ ଯେତିକି ବସ୍ ଭଡା ପଡ଼େ ସେହି ଯାତ୍ରୀ ଟ୍ରେନରେ ଗଲେ ୭୦ ଟଙ୍କା କମ୍ ଭଡା ପଡୁଛି। ଫଳରେ ଯାତ୍ରା ଅଧିକ ବସ୍ ଭଡାକୁ ଲକ୍ଷ୍ୟ କରି ବସ୍‌ରେ ଯିବା ପରିବର୍ତ୍ତେ ଟ୍ରେନରେ ଯିବାକୁ ପସନ୍ଦ କରୁଛନ୍ତି। ବସ୍‌ଗୁଡାକ ଡାଇରେକ୍ଟ ଯାତ୍ରୀ ଆଉ ପାଉନାହାନ୍ତି। ଯାହା କେବଳ ବାଟରୁ ଯାତ୍ରୀ ଉଠାଉଛନ୍ତି। ଏଭଳି ପରିସ୍ଥିତି ଯୋଗୁ ବସ୍ ମାଲିକମାନେ ଦିନକୁ ୪୦୦୦ ଟଙ୍କା କ୍ଷତି ସହୁଛନ୍ତି। ରାଜ୍ୟରେ ମୋଟ ୧୭୦୦୦ ଘରୋଇ ବସ୍ ରହିଛି। ପ୍ରତିଦିନ ବସ୍‌ରେ ଯେତିକି ଯାତ୍ରୀ ଯାତ୍ରା କରନ୍ତି ତା'ର ୮୦% ଯାତ୍ରୀଙ୍କୁ ଘରୋଇ ବସ୍ ସେବା ଯୋଗାଇ ଦେଉଛି। ସରକାରଙ୍କ ପରିବହନ ନିଗମ ପାଖରେ ୫୦୦ ବସ୍ ରହିଛି। ଏଥିରୁ ପାଖାପାଖି ୩୦୦ ବସ୍ ଚଳାଚଳ କରୁଛି। ଅବଶିଷ୍ଟ ଅଚଳ ହୋଇ ପଡିଛି। ଯାତ୍ରୀସେବା କ୍ଷେତ୍ରରେ ଘରୋଇ ବସ୍ ଅବଦାନ ରହିଛି। କିନ୍ତୁ ଘରୋଇ ବସ୍ ମାଲିକମାନେ ବାରମ୍ବାର କ୍ଷତି ସହୁଥିବାରୁ ଆସ୍ତେ ଆସ୍ତେ କିଛି ରୁଟରୁ ବସ୍ ଚଳାଚଳ ବନ୍ଦ କରିବାକୁ ବସିଲେଣି। କହିବାକୁ ଗଲେ ୧୭୦୦୦ ବସ୍ ଭିତରୁ ୨୫% ବସ୍‌କୁ ମାଲିକମାନେ ଘରେ ରଖିବାକୁ ବାଧ ହେଲେଣି। ଏଭଳି ସ୍ଥିତିରେ ଉଭୟ ବସ୍ ମାଲିକ ଓ ଯାତ୍ରୀଙ୍କ ହୀତକୁ ଦୃଷ୍ଟିରେ ରଖି ସରକାର ରିହାତି ଦରରେ ଡିଜେଲ ଯୋଗାଇ ଦେବାକୁ ବ୍ୟବସ୍ଥା କରନ୍ତୁ। ଏହାକୁ ନେଇ ସଂଘ ସରକାରଙ୍କ ସହିତ ଆଲୋଚନା କରିବ ବୋଲି ନାୟକ କହିଛନ୍ତି। ସଂଘର ସଭାପତି ପ୍ରକାଶ ମିଶ୍ର, ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ କୋଷାଧ୍ୟକ୍ଷ ଲୋକନାଥ ପାଣି ଦାବି ସମ୍ପର୍କରେ ବିଜ୍ଞପ୍ତିରେ ଜଣାଇଛନ୍ତି।

## ■ ପଟ୍ଟାଙ୍ଗି ସୀମାନ୍ତରେ ଗୁଳି ବିନିମୟ; ମାଓବାଦୀ ଶିବିର ଧ୍ୱଂସ

# ଖସିଗଲେ ଅରୁଣା, ଚଲାପାତି, ରାମକ୍ରିଷ୍ଣା

ପଟ୍ଟାଙ୍ଗି,୭।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅଧୀନ ତଥା ଆନ୍ଧ୍ର ସୀମାନ୍ତରେ ରବିବାର ନିରାପତ୍ତା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଗୁଳି ବିନିମୟ ପରେ ଶିବିର ପକାଇ ରହିଥିବା ୧୦ରୁ ୧୫ ମାଓବାଦୀ ସେଠାରୁ ଛତ୍ରଭଙ୍ଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ କମାଣ୍ଡର ଅରୁଣା, ଚଲାପାତି, ରାମକ୍ରିଷ୍ଣାଙ୍କ ଭଳି ମାଓବାଦୀ ନେତା ରହିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଏଇ ନିକଟରେ ଆନ୍ଧ୍ରପ୍ରଦେଶର ଆରକୁ ନିର୍ବାଚନମଣ୍ଡଳୀର ଦୁଇ ନେତାଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ। ସେମାନଙ୍କ ମଧ୍ୟରେ ଟିଡିପି ଦଳର ସ୍ଥାନୀୟ ବିଧାୟକ ଓ ଅନ୍ୟ ଜଣେ ପୂର୍ବତନ ବିଧାୟକ ରହିଥିଲେ। ଏହି ଘଟଣା ପରେ ଯେତେବେଳେ ସେଠାରେ କୋମ୍ବିଂ ଜୋରଦାର କରାଗଲା, ମାଓବାଦୀମାନେ ସେଠାରୁ କୋରାପୁଟ ସୀମାନ୍ତକୁ ଅନୁପ୍ରବେଶ କରିବାର ଆଶଙ୍କା ସୃଷ୍ଟି ହୋଇଥିଲା। ତେଣୁ ଏସ୍‌ଓଜି, ଡିଭିଏଫ୍ ଓ ବିଏସ୍‌ଏଫ୍ ପକ୍ଷରୁ କିଛିଦିନ ଧରି ଲଗାତାର କୋମ୍ବିଂ ଜାରି ରହିଥିଲା। ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଗାଙ୍ଗରାଜପୁର ପଞ୍ଚାୟତ ସେଟ୍ରାଇ ଜଙ୍ଗଲରେ ମାଓବାଦୀମାନେ ଶିବିର ପକାଇ ରହିଥିବା ଜଣାପଡ଼ିବା ପରେ ରବିବାର ଏସ୍‌ଓଜି ଓ ଡିଭିଏଫ୍‌ର ଟିମ୍ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚଳାଇଥିଲେ। ସର୍ଚ୍ଚ ଅପରେଶନ ବେଳେ ନିରାପତ୍ତା ବାହିନୀକୁ ଦେଖି ମାଓବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ନିରାପତ୍ତା ବାହିନୀ ପାଲଟା ଜବାବ ଦେଇଥିଲା। ପ୍ରାୟ ୧୦ରୁ ୧୫ ମିନିଟ୍ ଧରି ଗୁଳି ବିନିମୟ ହୋଇଥିଲା। ଶିବିରରେ ୧୦ରୁ ୧୫ ଜଣ ମାଓବାଦୀ ଥିବାବେଳେ ସେମାନଙ୍କ ମଧ୍ୟରେ କମାଣ୍ଡର ଅରୁଣା, ତାଙ୍କ ସ୍ୱାମୀ ଚଲାପାତି ଓ ରାମକ୍ରିଷ୍ଣାଙ୍କ ଭଳି ମାଓବାଦୀ ନେତା ମଧ୍ୟ ଉପସ୍ଥିତ ଥିବା ଅନୁମାନ କରାଯାଉଛି। ଗୁଳି ବିନିମୟ ବେଳେ ଘଞ୍ଚ ଜଙ୍ଗଲ ଆଢୁଆଳରେ ମାଓବାଦୀମାନେ ସେଠାରୁ ଖସିଯିବାରେ ସଫଳ ହୋଇଥିଲେ। ମାଓବାଦୀ ଶିବିର ଧ୍ୱଂସ କରାଯିବା ସହ ସେଠାରୁ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି।

# ଜେଏମ୍ଏମ୍‌ରେ ଯୋଗଦେଲେ ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ

ବାରିପଦା ଅଫିସ,୭।୧୦

ପୂର୍ବତନ ମୟୂରଭଞ୍ଜ ଲୋକସଭା ସଦସ୍ୟ ଲକ୍ଷ୍ମଣ ଟୁଡୁ ବିଜେଡି ଛାଡି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)ରେ ଯୋଗ ଦେଇଛନ୍ତି। ବିଜେଡିରେ ତାଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଶନିବାର ଇସ୍ତଫା ଦେଇଥିଲେ। ଦିନକ ପରେ ସେ ଜେଏମ୍ଏମ୍‌ରେ ସାମିଲ ହୋଇ ତାଙ୍କ ଆଗାମୀ କାର୍ଯ୍ୟକ୍ରମ ସ୍ପଷ୍ଟ କରିଛନ୍ତି। ରବିବାର ରାଞ୍ଚି ସ୍ଥିତ ବିଧାନସଭା ସମ୍ମିଳନୀ କକ୍ଷରେ ଜେଏମଏମର କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନ ଓ କେନ୍ଦ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନଙ୍କ ଉପସ୍ଥିତିରେ ଜେଏମ୍ଏମ୍‌ରେ ଯୋଗ ଦେଇ ଜିଲାରେ ଆଦିବାସୀଙ୍କ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ଟୁଡୁ କହିଛନ୍ତି। ଏହି ମିଳନ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କମିଟି ସଦସ୍ୟ କଳିଙ୍ଗ କେଶରୀ ଜେନା, ମହେଶ ହେମ୍ବ୍ରମ, ମୟୂରଭଞ୍ଜ ଜିଲା ସଭାପତି ଫାଗୁ ହାଁସଦା ଓ ଯୁବ ନେତା ନିମାଇଁ ଚରଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଲକ୍ଷ୍ମଣ ୨୦୦୯ରେ ମୟୂରଭଞ୍ଜ ଲୋକ ସଭା ଆସନରୁ ବିଜେଡି ଟିକେଟରେ ବିଜୟୀ ହୋଇଥିଲେ । ୨୦୧୪ ନିର୍ବାଚନରେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ସେ ପୂର୍ବରୁ ୧୯୯୪ ରୁ ୧୯୯୭ ପର୍ଯ୍ୟନ୍ତ ରାଜ୍ୟ ଯୁବ ଜନତା ଦଳର ଉପସଭାପତି ଥିଲେ। ୧୯୯୮ରୁ ୨୦୦୬ ପର୍ଯ୍ୟନ୍ତ ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ଏବଂ ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଦାୟିତ୍ୱରେ ରହିଥିଲେ। ଏହା ପରେ ତାଙ୍କୁ ମୟୂରଭଞ୍ଜ ଜିଲା ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ହେବାରୁ ଦଳ ପକ୍ଷରୁ ତାଙ୍କୁ ହଟାଇ ମୋରଡା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କୁ ଜିଲା ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିଦିନଠାରୁ ଲକ୍ଷ୍ମଣ ଏକପ୍ରକାର କୋଣଠେସା ହୋଇଯାଇଥିଲେ। ଏପରି କି ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଆଉ ଦେଖିବାକୁ ମିଳି ନ ଥିଲା।



ଦଳୀୟ ନେତୃବୃନ୍ଦଙ୍କ ସହିତ ଲକ୍ଷ୍ମଣ।

## କଂଗ୍ରେସ ଛାଡ଼ିଲେ ପୂର୍ବତନ ବିଧାୟକ ରବିନାରାୟଣ

ହିନ୍ଦୋଳ,୭।୧୦(ଡି.ଏନ.ଏ.)

ଢେଙ୍କାନାଳଜିଲାହିନ୍ଦୋଳନିର୍ବାଚନମଣ୍ଡଳୀରପୂର୍ବତନବିଧାୟକରବିନାରାୟଣ ନାୟକ ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ଇମେଲ୍ ଯୋଗେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ରବିନାରାୟଣ ୧୯୮୫ରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଦଳରେ ଏକରକମର କୋଣଠେସା ହୋଇ ରହିଥିଲେ। ତାଙ୍କୁ ଆଉ ଟିକେଟ୍ ଦିଆଗଲା ନାହିଁ। ତେଣୁ ସେ ସ୍ୱଇଚ୍ଛାରେ ଦଳ ଛାଡ଼ିଥିବା କହିଛନ୍ତି।

# ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା କାର୍ଯ୍ୟ ସନ୍ତୋଷଜନକ

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

ଓଡ଼ିଶା ସମେତ ଛତିଶଗଡ, ଗୁଜରାଟ, ରାଜସ୍ଥାନ ଓ ଝାଡଖଣ୍ଡରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ଅନ୍ତର୍ଗତ ପ୍ରଗତି କାର୍ଯ୍ୟ ସନ୍ତୋଷଜନକ ରହିଥିବା କେନ୍ଦ୍ର ଖଣି ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରେ ପ୍ରକାଶ ପାଇଛି। ଜିଲା ଖଣିଜ ପାଣ୍ଠି ଅନ୍ତର୍ଗତ ଦେଶର ୨୧ଟି ଖଣିଜଭିତ୍ତିକ ରାଜ୍ୟ ମଧ୍ୟରୁ ଓଡିଶାରେ ସର୍ବାଧିକ ୫,୧୮୩,୨୩୨କୋଟି ଟଙ୍କା ସଂଗ୍ରହ କରାଯାଇଛି। କୋଇଲା ଓ ଲିଗ୍ନାଇଟ୍ରୁ ୧,୫୭୪.୪୮କୋଟି, ପ୍ରମୁଖ ଖଣିଜରୁ ୩,୫୮୩.୧୫କୋଟି ଓ ମାଇନ୍ସ ମିନେରାଲ୍ସରୁ ୨୪.୬୪କୋଟି ଟଙ୍କା ଜିଲା ଖଣିଜ ପାଣ୍ଠି ଅନ୍ତର୍ଗତ ସଂଗ୍ରହ କରାଯାଇଛି। ଓଡିଶାରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନାର କ୍ରିୟାନ୍ୱୟନରେ ପ୍ରଗତି ହେଉଛି। ଏହି ଯୋଜନା ଅନ୍ତର୍ଗତ ଆଦାୟ ହୋଇଥିବା ଅର୍ଥ ରାଶିର ଖର୍ଚ୍ଚ ପରିମାଣ ସନ୍ତୋଷଜନକ ନ ଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଜିଲା ଖଣିଜ ପାଣ୍ଠି ଅନ୍ତର୍ଗତ ଆଦାୟ କରାଯାଇଥିବା ୫, ୧୮୨.୩୨କୋଟି ଟଙ୍କାରୁ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ପାଇଁ ୩,୭୭୪.୭୯କୋଟି ଟଙ୍କା ଆବଣ୍ଟନ କରାଯାଇଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS CIRCLE, BALASORE

836-O

**e-Procurement Notice**

No:- 2651 Dt:- 03.10.2018

1. Name of the Work :- "Road Works"
2. Estimated Cost :- Mentioned in the Annexure
3. Time for completion :- 9 (Nine) Calendar Months including rainy season.
4. No. of Work :- 1 (One) No.
5. Summary for key dates is provided below:-

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Balasore | N.C.B. No.- 238 | 10.10.2018 at 11.00AM | 30.10.2018 Upto 3.00PM | 29.10.2018 Upto 3.00PM | 31.10.2018 at 11.00AM | 05.11.2018 at 11.00AM |

Further details can be seen from the website www.tendersorissa.gov.in
Any other changes/Corrigendums may be seen only in website www.tendersorissa.gov.in

25105/11/0022/1819 *Sd./- Superintending Engineer, Rural Works Circle, Balasore*



STATE POLLUTION CONTROL BOARD, ODISHA
(DEPARTMENT OF FOREST & ENVIRONMENT, GOVERNMENT OF ODISHA)
Paribesh Bhawan, A/118, Nilakantha Nagar, Unit-VIII, Bhubaneswar-751012, INDIA
FAX: 2564033/2560955, Tel.: 2564033/2563924, EPABX: 2561909/2562847
Email: spcbtraining@gmail.com, Website: www.ospcboard.org

No. 12066/I-Estt. (Misc) 204/2015 Dt. 05.10.2018

**QUOTATION CALL NOTICE**

The State Pollution Control Board, Odisha A/118, Nilakantha Nagar, Unit-8, Bhubaneswar- 751012 invites sealed quotations from the interested reputed Travel Agencies / Tour operators or private individuals for hiring of 06 nos. of Mahindra Bolero / TATA Indigo AC Diesel driven vehicles on monthly basis. The quotation call notice containing General Bid information & terms and conditions for Hiring of Vehicles etc. is available in the Board's website www.ospcboard.org. The quotation completed in all respect should reach the undersigned on or before 26.10.2018 by 3.00PM and shall be opened on the same day at 4.00PM in presence of the bidders or their authorized representatives.

*Sd./- Administrative Officer*



ତହସିଲ କାର୍ଯ୍ୟାଳୟ, କାକଟପୁର

ବିଜ୍ଞପ୍ତି ସଂଖ୍ୟା- ୪୧୩୦ ତା: ୦୫।୧୦।୧୮

**ଲଘୁ ଖଣିଜ ସମ୍ପଦ ପାଇଁ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ କାକଟପୁର ତହସିଲ ଅନ୍ତର୍ଗତ ଏକଗୋଟି ଲଘୁଖଣିଜ ଖାଦାନ ୨୦୧୮-୧୯ ଆର୍ଥିକ ବର୍ଷଠାରୁ ଦୀର୍ଘମିଆଦୀ ଲିଜ୍ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୧୮-୧୯ଠାରୁ ୨୦୨୨-୨୩ ବର୍ଷ ପାଇଁ ତହସିଲଦାର, କାକଟପୁରଙ୍କ ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଉଛି। ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rule 2016ରେ Form-M ପୂରଣ କରି ଏହାର ତିନିକପି ସହ ଆଇନାନୁଯାୟୀ ଆବଶ୍ୟକୀୟ କାଗଜାତ Sealed Coverରେ ଆବେଦନ କରିପାରିବେ। ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୩୦।୧୦।୧୮ରିଖ ଅପରାହ୍ନ ଘ.୪ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା Drop Boxରେ ପକାଯିବ। ଯଦି କୌଣସି ସୈରାତ ଉସ ପାଇଁ ଆବେଦନ ପତ୍ର ଆଦୌ ମିଳିନଥିବ, ତେବେ ଉକ୍ତ ଉସ ଲିଜ୍ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୩୧।୧୦।୨୦୧୮ରିଖ ଅଟେ। ତା୦୧।୧୧।୨୦୧୮ରିଖ ଅପରାହ୍ନ ଘ.୪.୩୦ମି. ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ। କୌଣସି କାରଣ ନ ଦର୍ଶାଇ ଲିଜ୍‌କୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି।

ସବିଶେଷ ବିବରଣୀ ଏବଂ ସର୍ତ୍ତାବଳୀ www.puri.nic.inରେ କିମ୍ବା ଉକ୍ତ ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ।

ସ୍ୱା./- ତହସିଲଦାର, କାକଟପୁର



GOVERNMENT OF ODISHA
OFFICE OF THE SUPERINTENDING ENGINEER
PHULBANI (R&B) CIRCLE, PHULBANI
Phone : - 06842 254004/ FAX : - 06842 255054
Email: sernbphulbani@gmail.com

No.691-B

**INVITATION FOR BIDS (IFB)**

Bid Identification No. SE-(R&B)-PLB- 06/2018-19

No. 1228 Dated. 04.10.2018

| | | | |
|---|---|---|---|
| 1 | The Superintending Engineer, Phulbani (R & B) Circle, Phulbani on behalf of the Governor of Odisha invites percentage rate bid (Composite Tender) in double cover system in ONLINE MODE for construction of building works detailed in the table below from eligible contractors. | | |
| 2 | Nature of work | :- | Building work |
| 3 | No. of tenders | :- | 1 no of Building work |
| 4 | Tender paper cost | :- | Rs. 10,000/- (through online) only |
| 5 | Class of Contractor | :- | "A" Class, and special Class |
| 6 | Date & Time of sale & receipt of bids | :- | 10.00AM to 30.10 .2018 |
| 7 | Date of Opening of bid | :- | 11.00 AM of 31.10.2018 |
| 8 | The Bidders shall have to participate in online bidding only. Further details can be seen from the website **https://tendersodisha.gov.in**. any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd./- Er. T.R.Parida
Superintending Engineer,
Phulbani (R&B) Circle, Phulbani

34129/11/0009/1819



idco | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR.
Tender Call Notice No. BBSR/ELECT/ E-3836/2017-18/P-II/ 4523 DT: 04.10.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, Installation, Testing & Commissioning of **LED FACADE LIGHTING SYSTEM** at Krishi Bhawan, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT/e-26/18-19 | 11.10.2018 at 12.00 Hrs. | 23.10.2018 at 12.00 Hrs. |

Further details can be seen from the e-procurement portal. **www.tendersorissa.gov.in** . Corrigendum or Addendum, if any will not be published in newspapers and can be seen in **e-procurement portal** as well as in **IDCO website.**

Sd/-
Divisional Head (Elect.)
IDCO, Bhubaneswar



OFFICE OF THE EXECUTIVE ENGINEER
RWS&S DIVISION, PURI – 752002
Phone (06752) 251276 Fax :- (06752) 251276 E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**

Bid Identification No. RWSSPURI 50 /2018-19

No.839-O: The Executive Engineer, RWS&S Division, Puri on behalf of Governor of Odisha invites lump sum price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | PWS scheme |
|---|---|---|
| 1. | No. of works: | 1(one) |
| 2. | Time for completion: | Two months |
| 3. | Cost of bidding document: | Rs.6000/- |
| 4. | Class of Contractors eligible: | D & C |
| 5. | Availability of bids on-line: | From 17 hour of 10 .10.2018 to 17.00 hours of 22.10.2018 |
| 6. | Last date and time for seeking clarification: | 17.00 hours of 09.10.2018 |
| 7. | Date & time of opening of technical bids: | On dt 23.10.2018 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided. |

Further details can be seen from the website **https://www.tendersorissa.gov.in**.

Sd./ Executive Engineer,
RWS&S Division, Puri

25017/11/0069/1819



GOVERNMENT OF ODISHA
RURAL WATER SUPPLY & SANITATION ORGANISATION
OFFICE OF THE EXECUTIVE ENGINEER
RWS&S DIVISION, ANGUL, AT- TALCHER
At- Baghuabole, Po.- Hatatota, Talcher, Dist.- Angul, PIN- 759100
(Ph. No./Fax-06760-240762, E-mail : eerwss_ang@nic.in)

**National Competitive Bidding through e-procurement**

Bid Identification No. 12/EE/RWSS/ANGUL/2018-19 Dt. 27.09.2018 (DMF)

No.818-O: The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

1. No. of Tenders : 35 Nos.
2. Tender Paper Cost : Rs. 6,000.00 to Rs. 10,000.00
3. Value of work : Rs. 309.44 Lakhs to Rs. 12.56 Lakhs
4. Class of Contractor : "D", "C", "B", "A" & Spl. Class
5. Date & time of availability of bid document in portal : 10.10.2018 at 11.00 hours to 22.10.2018 upto 17.00 hours
6. Date & time of seeking tender clarification : 15.10.2018 upto 17.00 hours
7. Date & time of opening of tender & verification of original document : 23.10.2018 at 15.00 hours in the office of the Executive Engineer, RWS&S Division, Angul. At:Talcher
8. Time of completion : 4 (Four) to 6 (Six) Calendar Months
9. The bidders have to participate in online biding only. Further details can be seen from the website **https://www.tendersodisha.gov.in**.
10. Corrigendum if any shall be publish in the above website only.

Executive Engineer,
RWS&S Division, Angul at Talcher

25019/11/0019/1819



OFFICE OF EXECUTIVE ENGINEER
MINOR IRRIGATION DIVISION, MALKANGIRI

**e-Procurement Notice**

Bid Identification No. on line Mkg- 04/2018-19
midivmalkangiri@gmail.com, Phone No. 06861-230783

No.577-A: Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and necessary documents in Double Cover System can be seen in e-procurement portal **https://tendersodisha.gov.in**.

| | | | |
|---|---|---|---|
| 1 | Name of the work | :- | Construction of balance works in Distribution sytem of Doraguda MIP (PHII) in K.Gumma Block of Malkangiri District for the year 2018-19 |
| 2 | No.of works | :- | 01 No. |
| 3 | Estimated Cost | :- | 86.84 lakh |
| 4 | Period of completion | :- | 11 (Eleven) Calendar Months |
| 5 | Date and time of availability of Bid documents in the portal | :- | 12.10.2018 (10.00 A.M.) to 05.11.2018 upto 5.00 P.M. |
| 6 | Last date /Time for received of bids in the portal | :- | 05.11.2018 upto 5.00 P.M |
| 7 | Mode of Payment of bid cost and bid security | :- | Online |
| 8 | Date of opening of Bids | :- | 06.11.2018 at 11.00 A.M. |
| 9 | Name of the Officer inviting the Bids | :- | Executive Engineer, Minor Irrigation Division, Malkangiri |

Further details can be seen from the e-Procurement portal **https://tendersodisha.gov.in**.

Executive Engineer,
Minor Irrigation Division, Malkangiri

32364/11/0003/1819



GOVERNMENT OF ODISHA
"e"-PROCUREMENT NOTICE

**WORKS DEPARTMENT**

E-mail: pwdoff_khd@yahoo.com

No.686-B:- Tender Call Notice No. 17/2018-19

1. The Executive Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Double cover** system in ONLINE MODE from eligible contractors for **ROAD** works **Civil** as detailed below:
2. Nature of Work : Road works
3. No of Work : 01 No.
4. Tender Cost : For Sl. No. 1 Rs.10000.00/- Each (Online)
5. Class of Contractor : Sl. No. 1 "B" & "A" Class Contractor
6. Available of Bid documents in the website : From Dt. 10.10.2018 10.30 AM to Dt 29.10.2018 5.00 PM
7. Date of opening of Bids : Dt 30.10.2018 at 11.30 AM
8. Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any information regarding Addendum / Corrigendum / Cancellation of tender can be available in the said website.

No.686-B

Sd./- Executive Engineer,
Khurda (R&B) Division, Khurda

34095/11/0011/1819



BHUBANESWAR MUNICIPAL CORPORATION

No : 33240 Dt.06.10.2018

**NOTICE INVITING TENDER**

Bid documents consisting of works, Cost of Tender Paper, EMD & the set of term & conditions of contract and other necessary documents can be seen in our web site www.bmc.gov.in .

Name of the work : Supply of 10 nos skilled I.T.I (Electrical) personnel for maintenance of street light work of BMC for the Year 2018-19.
Cost of DTCN : Rs.1000/- + 18% GST
E.M.D : 1% of the projected amount per year at the quoted rate.
Last Date of sale of DTCN : **dt.15.10.2018 up to 5 PM**
Last Date of Receipt of Tender : **dt.15.10.2108 upto 5.00 PM**
Last date of Opening Date & time : **dt.20.10.2018 at 11.00 AM.**
Each Tender should be Accompanied with : (i) Requisite EMD.
(ii) Xerox copy of PAN, TIN, GST
(iii) Xerox copy of appropriate valid Contractor Registration Certificate.
(iv) Xerox copy of valid EPF Registration Certificate.

Executive Engineer, Division-II,BMC.

Progress Through Partnership for a Better Bhubaneswar



GOVERNMENT OF ODISHA
OFFICE OF THE EXECUTIVE ENGINEER, RURAL WORKS DIVISION, JEYPORE

852-O

No. 3666 Date. 01.10.2018

NOTICE INVITING TENDER FOR CIVIL WORKS IN ODISHA

**NATIONAL COMPETITIVE BIDDING THROUGH e-Procurement**

Bid Identification No: EERWDJYP – Online - 02/2018-19

1) Type of works : Buildings
2) Class of contractor : "C & B" Class Contractor (of Odisha PWD) or relevant class of other licensing authorities.
3) Mode of submission of tender : Tender should be submitted online only in https://tendersodisha.gov.in
4) Period of completion : 9 months
5) Period of availability of tenders online/Date & time of bidding online / Date of opening of tender papers : The details are as follows:

| Procurement officer | Bid Identification No. | No. of works | Availability of Tender online for bidding | | Date & Time of opening of tender in O/o E.E. R.W. Division, Jeypore |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Jeypore | EERWDJYP Online -02 /2018-19 | 3 (Three) Nos. | 10.10.2018 at 11.00AM | 25.10.2018 upto 5.00PM | 26.10.2018 at 11.30AM |

6) Bid documents consisting of qualification information and eligibility criterion of bidders, specifications, the schedule of quantities and the set of terms and conditions of contract and other necessary documents can be seen in the website: www.tendersodisha.gov.in.

25160/11/0002/1819 *Executive Engineer, Rural Works Division, Jeypore*

# ଅବସାଦ ଦୂର କରିବାର ସହଜ ଉପାୟ



ଆଜିକାଲିର ବ୍ୟସ୍ତମୟ ଜୀବନରେ ଜଣେ ଅବସାଦଗ୍ରସ୍ତ ହେବା କିଛି ନୂଆ କଥା ନୁହେଁ। ଯଦି ଆପଣ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତେବେ ତାହାକୁ ନେଇ ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ। କାରଣ ଏହାର ସମାଧାନ ଉପାୟ ଅତି ସହଜ ଆଉ ତାହା ମଧ୍ୟ ଆପଣଙ୍କର ହାତ ପାହାନ୍ତାରେ ଅଛି। ବାସ୍, ନିଜର ଦୈନନ୍ଦିନ ଜୀବନ ତାଲିକାରେ 'ଯୋଗ'କୁ ସାମିଲ କରନ୍ତୁ। ଏହାର ଉପକାରିତା କେତେ ତାହା ତ ଅନେକେ ଜାଣନ୍ତି। ହେଲେ ଜଣେ ଅବସାଦଗ୍ରସ୍ତ ବ୍ୟକ୍ତି ପାଇଁ ଏହା ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ ବୋଲି ଏକ ସଦ୍ୟ ଗବେଷଣାରୁ ଜାଣିବାକୁ ମିଳିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଉପରୋକ୍ତ ବିଷୟକୁ ନେଇ ଗବେଷଣା କରିବା ସହ ଏଭଳି କଥା ପଛରେ ଯଥେଷ୍ଟ ସତ୍ୟତା ରହିଛି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।



# କ୍ୟାନ୍ସର ଚିକିତ୍ସାର ଅଭିନବ ପଦ୍ଧତି



ଡା. ନିତ୍ୟାନନ୍ଦ ସ୍ୱାଇଁ

ନୋବେଲ ପୁରସ୍କାର ୨୦୧୮ (ଭେଷଜ ବିଜ୍ଞାନ)



ଜେମ୍ସ ପି. ଆଲ୍ଲିସନ୍



ତାସୁକୁ ହୋଞ୍ଜୋ

## କିଏ ପାଇଲେ

୨୦୧୮ ମସିହାର ଶରୀରତତ୍ତ୍ୱ କିମ୍ବା ଭେଷଜ ବିଜ୍ଞାନ ନୋବେଲ ପୁରସ୍କାର ପାଇବାର ଗୌରବପ୍ରାପ୍ତ ହୋଇଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଫେସର ଜେମ୍ସ ପି. ଆଲ୍ଲିସନ୍ ଏବଂ ଜାପାନର ପ୍ରଫେସର ତାସୁକୁ ହୋଞ୍ଜୋ। ୭୦ବର୍ଷ ବୟସ୍କ ଆଲ୍ଲିସନ୍ ସଂପ୍ରତି ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଏମ୍.ଡି. ଆଣ୍ଡରସନ୍ କ୍ୟାନ୍ସର ସେଣ୍ଟରରେ ଗବେଷଣାରତ। ୭୬ବର୍ଷ ବୟସ୍କ ତାସାକୁ ହୋଞ୍ଜୋ କିଓଟୋ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦବୀରେ ଅଧିଷ୍ଠିତ। ଏହି ବିଜେତା ଦ୍ୱୟ ପ୍ରତିରକ୍ଷାତନ୍ତ୍ର ବିଜ୍ଞାନୀ ବା ଇମ୍ୟୁନୋଲୋଜିଷ୍ଟ।

**କାହିଁକି ପାଇଲେ:** ସେମାନେ ଆବିଷ୍କାର କରିଛନ୍ତି କ୍ୟାନ୍ସର ଚିକିତ୍ସାର ଏକ ଅଭିନବ ପଦ୍ଧତି। ଏହି ପଦ୍ଧତିଟି ଶରୀରର ପ୍ରାକୃତିକ ପ୍ରତିରକ୍ଷାତନ୍ତ୍ର ସହ ଜଡ଼ିତ। ଶରୀରର ପ୍ରାକୃତିକ ପ୍ରତିରକ୍ଷା ତନ୍ତ୍ରରେ କ୍ରିୟାଶୀଳ ହୋଇଥାଏ ଏପରି ଏକ ନିରୋଧକ ପ୍ରକ୍ରିୟା ଯାହା କ୍ୟାନ୍ସର କୋଷିକାର ଧ୍ୱଂସ ସାଧନ କରିବା ନିମନ୍ତେ ଅସମର୍ଥ। ସେହି ଅସାମର୍ଥ୍ୟର ଦୂରୀକରଣ କରିବାରେ ଆଲ୍ଲିସନ୍ ଓ ହୋଞ୍ଜୋଙ୍କ ଆବିଷ୍କାର ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିଛି।

**ପୁରସ୍କାର ବାବଦକୁ କ'ଣ ପାଇବେ:** ପ୍ରତ୍ୟେକ ବିଜେତା ପାଇବେ ଗୋଟିଏ ଲେଖାଏ ସ୍ୱର୍ଣ୍ଣପଦକ, ପୁରସ୍କାର ପ୍ରାପ୍ତି ସମ୍ପର୍କିତ ଗୋଟିଏ ଲେଖାଏ ପ୍ରମାଣପତ୍ର ବା ନୋବେଲ ଡିପ୍ଲୋମା ଏବଂ ଉଭୟଙ୍କୁ ପ୍ରଦତ୍ତ ହେବ ମୋଟ ୧.୧ ନିୟୁତ ଡଲାର ବା ଭାରତୀୟ ମୁଦ୍ରାରେ ପାଖାପାଖି ୮ କୋଟି ଟଙ୍କାର ନଗଦ ଅର୍ଥ। ଏହି ଅର୍ଥକୁ ଉଭୟେ ସମାନ ପରିମାଣରେ ପାଇବେ। ପୁରସ୍କାର ପ୍ରଦତ୍ତ ହେବ ଡିସେମ୍ବର ୧୦ ତାରିଖରେ ତଥା 'ନୋବେଲ ଦିବସ' ଉତ୍ସବରେ। ଡିସେମ୍ବର ୧୦ ହେଉଛି ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲ୍‌ଙ୍କ ମୃତ୍ୟୁ ଦିବସ।

**ପୃଷ୍ଠଭୂମି:** ଊନବିଂଶ ଶତାବ୍ଦୀର ଅନ୍ତିମ ଭାଗ ଓ ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଚିନ୍ତା କରାଗଲା ଯେ ଶରୀରର ପ୍ରତିରକ୍ଷା ତନ୍ତ୍ରକୁ ଅଧିକ ସକ୍ରିୟ କରିପାରିଲେ ଏହା କ୍ୟାନ୍ସର କୋଷିକା ଗୁଡ଼ିକୁ ଆକ୍ରମଣ କରି ରୋଗ ଉପଶମ କରିଦେଇପାରେ। ମାତ୍ର ଗବେଷଣା କ୍ଷେତ୍ରରେ ବୈଜ୍ଞାନିକ ସାଫଲ୍ୟ ସତ୍ତ୍ୱେ ସ୍ଥାୟୀ ସମାଧାନ ମିଳିବା ସମ୍ଭବପର ହୋଇପାରିଲାନି। ପ୍ରତିରକ୍ଷାତନ୍ତ୍ରର ଅନ୍ତର୍ନିହିତ ସାମର୍ଥ୍ୟକୁ ଉଦ୍ଦୀପିତ କରାଇ କ୍ୟାନ୍ସରକୁ କାବୁ କରିବା ନିମନ୍ତେ ଚଳିତ ବର୍ଷର ନୋବେଲ୍ ବିଜେତା ଦ୍ୱୟ ଏକ ନୂତନ ପଦ୍ଧତି ଆବିଷ୍କାର କରିପାରିଛନ୍ତି।

## ଗବେଷଣାର ରୂପରେଖ

ଜେମ୍ସ ପି. ଆଲ୍ଲିସନ୍ ଏପରି ଏକ ପ୍ରୋଟିନ୍ ଅଣୁର ଅନୁଧ୍ୟାନ କରିଛନ୍ତି ଯିଏ ପ୍ରତିରକ୍ଷାତନ୍ତ୍ର ସହ ସଂପୃକ୍ତ ଟି-କୋଷିକା ଉପରେ ଏକ ବ୍ରେକ୍ ବା ନିରୋଧକ ଭାବେ କ୍ରିୟା କରିଥାଏ। ସେ ଚିନ୍ତାକଲେ ଯେ ଏହି ବ୍ରେକ୍ ବା ନିରୋଧକକୁ ଅପସାରଣ କରିଦେଲେ ପ୍ରତିରକ୍ଷାତନ୍ତ୍ର ସହ ଜଡ଼ିତ ଟି-କୋଷିକା ସକ୍ରିୟ ହୋଇ କ୍ୟାନ୍ସର କୋଷିକାଗୁଡ଼ିକୁ ଆକ୍ରମଣ କରି ଧ୍ୱଂସ କରିଦେବା ସୁଗମ ହୋଇଯିବ। ସେ ଏହି ପ୍ରକ୍ରିୟାର ଅଧିକତର ବିକାଶ ସାଧନ କରାଇ କ୍ୟାନ୍ସର ରୋଗୀମାନଙ୍କୁ ଚିକିତ୍ସା କରିବାର ଉପାୟ ବାହାର କରିଛନ୍ତି।

ତାସୁକୁ ହୋଞ୍ଜୋ ମଧ୍ୟ ଟି-କୋଷିକା ଗୁଡ଼ିକରେ ଏକ ପ୍ରୋଟିନ୍ ଅଣୁକୁ ଚିହ୍ନଟ କରିବାରେ ସଫଳ ହୋଇଛନ୍ତି। ସେ ଦର୍ଶାଇଛନ୍ତି ଯେ ଏହି ପ୍ରୋଟିନ୍ ଅଣୁଟି ମଧ୍ୟ ଟି-କୋଷିକା ଉପରେ ଏକ ବ୍ରେକ୍‌ଭଳି କାର୍ଯ୍ୟକରି ଟି-କୋଷିକାକୁ ନିଷ୍କ୍ରିୟ ରଖିଥାଏ। କିନ୍ତୁ ଏହାର କ୍ରିୟାପଦ୍ଧତି ଭିନ୍ନ। ଏହି ଆବିଷ୍କାରକୁ ଭିତ୍ତିକରି ଚିକିତ୍ସା କରିବା ଦ୍ୱାରା ତାହା କ୍ୟାନ୍ସର ରୋଗୀଙ୍କ କ୍ଷେତ୍ରରେ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଛି।

ପ୍ରତିରକ୍ଷାତନ୍ତ୍ର ସହ ସଂପୃକ୍ତ କୋଷଗୁଡ଼ିକର ରହିଛି ଏକ ଅସାଧାରଣ ସାମର୍ଥ୍ୟ। ଏହା 'ନିଜ' (ସେଲ୍ଫ) ଓ 'ପର' (ନନ୍-ସେଲ୍ଫ)ର ପାର୍ଥକ୍ୟ ବାରିପାରେ। ଏହାର ଅର୍ଥ କେଉଁ କୋଷିକା ଶରୀରର ନିଜର ଓ କେଉଁ କୋଷିକା ଶରୀର ପାଇଁ ପର ବା 'ବିଦେଶୀ', ତାହା ଚିହ୍ନଟ କରିବାରେ ପ୍ରତିରକ୍ଷାତନ୍ତ୍ର ମହାଧୁରନ୍ଧର। ଉଦାହରଣ ସ୍ୱରୂପ, ଜୀବାଣୁ, ଭୂତାଣୁ ଇତ୍ୟାଦି ଶରୀର ବାହାରର ଉପାଦାନ ବୋଲି ଚିହ୍ନିନେଇ ପ୍ରତିରକ୍ଷାତନ୍ତ୍ର ଏହା ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପରେ ଏବଂ ସେଗୁଡ଼ିକୁ ଆକ୍ରମଣ କରି ଧ୍ୱଂସ କରିଦିଏ। ଏହି ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ପ୍ରତିରକ୍ଷାତନ୍ତ୍ରର ଟି-କୋଷିକା। ଟି-କୋଷିକା ହେଉଛି ଏକ ପ୍ରକାରର ଶ୍ୱେତ ରକ୍ତ କୋଷିକା। ଏଥିରେ ରହିଥିବା ରିସିପ୍ଟର ବା ଅଭିଗ୍ରାହକ ବିଦେଶୀ ଉପାଦାନ ସହ ସଂଯୁକ୍ତ ହୋଇଯିବା ଫଳରେ ପ୍ରତିରକ୍ଷାତନ୍ତ୍ର ସକ୍ରିୟ ହୋଇ ବିହିତ ପଦକ୍ଷେପ ନେଇଥାଏ। ମାତ୍ର ପ୍ରତିରକ୍ଷାତନ୍ତ୍ରର କ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ଆବଶ୍ୟକ ପଡ଼େ ଅତିରିକ୍ତ ପ୍ରୋଟିନ୍ ଅଣୁ। ଏହି ପ୍ରୋଟିନ୍ ଅଣୁକୁ କୁହାଯାଏ ଟି-କୋଷିକା ତ୍ୱରକ ବା 'ଆକ୍ସିଲରେଟର୍'। ସେହିପରି ଟି-କୋଷିକାରେ ଆବିଷ୍କୃତ ହୋଇଛି ବ୍ରେକ୍ ବା ନିରୋଧକ ଯାହା ପ୍ରତିରକ୍ଷାତନ୍ତ୍ରର କାର୍ଯ୍ୟକୁ ବାଧା ଦେଇଥାଏ। ଏହି ତ୍ୱରକ ଓ ନିରୋଧକ ବା ଆକ୍ସିଲରେଟର୍ ଓ ବ୍ରେକ୍ ମଧ୍ୟରେ ସନ୍ତୁଳନ ରକ୍ଷା ପ୍ରକ୍ରିୟା ଅତି ଜଟିଳ ଓ ପ୍ରତିରକ୍ଷାତନ୍ତ୍ରର ଦୃଢ଼ ନିୟନ୍ତ୍ରଣ ପାଇଁ ଏହି ସନ୍ତୁଳନ ଅପରିହାର୍ଯ୍ୟ। କାରଣ ପ୍ରତିରକ୍ଷାତନ୍ତ୍ରର କାର୍ଯ୍ୟ ଅଧିକ ସକ୍ରିୟ ହୋଇପଡିଲେ ତାହା ନିଜେ ସୁସ୍ଥକୋଷ ଓ ତନ୍ତୁକୁ ଧ୍ୱଂସ କରିଦେଇ ଜାତ କରିପକାଏ 'ଅଟୋଇମ୍ୟୁନ୍ ଡିଜିଜ୍' ନାମକ ଜଟିଳ ବ୍ୟାଧି।

> "୨୦୧୮ ମସିହାର ଶରୀରତତ୍ତ୍ୱ କିମ୍ବା ଭେଷଜ ବିଜ୍ଞାନ ନୋବେଲ ପୁରସ୍କାର ପାଇବାର ଗୌରବ ପ୍ରାପ୍ତ ହୋଇଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଫେସର ଜେମ୍ସ ପି. ଆଲ୍ଲିସନ୍ ଏବଂ ଜାପାନର ପ୍ରଫେସର ତାସୁକୁ ହୋଞ୍ଜୋ। ୭୦ବର୍ଷ ବୟସ୍କ ଆଲ୍ଲିସନ୍ ସଂପ୍ରତି ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଏମ୍.ଡି. ଆଣ୍ଡରସନ୍ କ୍ୟାନ୍ସର ସେଣ୍ଟରରେ ଗବେଷଣାରତ। ୭୬ବର୍ଷ ବୟସ୍କ ତାସାକୁ ହୋଞ୍ଜୋ କିଓଟୋ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦବୀରେ ଅଧିଷ୍ଠିତ। ଏହି ବିଜେତାଦ୍ୱୟ ପ୍ରତିରକ୍ଷାତନ୍ତ୍ର ବିଜ୍ଞାନୀ ବା ଇମ୍ୟୁନୋଲୋଜିଷ୍ଟ।"



୧୯୯୦ ଦଶକରେ ଜେମ୍ସ ପି. ଆଲିସନ୍ (ସିଟିଏଲ୍‌ଏ-୪) ନାମକ ଟି-କୋଷିକା-ପ୍ରୋଟିନ୍‌ର ଅନୁଧ୍ୟାନ କରିଥିଲେ। ସିଟିଏଲ୍‌ଏ-୪ ପ୍ରୋଟିନ୍ ଟି-କୋଷିକା ପୃଷ୍ଠରେ ଅବସ୍ଥାନ କରି ଏକ ବ୍ରେକ୍ ଭଳି କାର୍ଯ୍ୟ କରେ। ପରେ ଆଲ୍ଲିସନ ଏପରି ଏକ ଆଣ୍ଟିବଡିର ବିକାଶ କରାଇଥିଲେ ଯାହା ସିଟିଏଲ୍‌ଏ-୪ ସହ ସଂଯୁକ୍ତ ହୋଇ ଏହାକୁ ଅକାମୀ କରିଦିଏ। ଟି-କୋଷିକାର ସିଟିଏଲ୍‌ଏ-୪ ଭଳି ରାସାୟନିକ ବ୍ରେକ୍‌ଟି କାମ ନ କରିପାରିବାରୁ ଟି-କୋଷିକା 'ବ୍ରେକ୍-ମୁକ୍ତ' ହୋଇ ସକ୍ରିୟ ହୋଇପଡ଼େ ଏବଂ କ୍ୟାନ୍ସର କୋଷିକାଗୁଡ଼ିକୁ ଆକ୍ରମଣ କରି ଧ୍ୱଂସ କରିଦିଏ। ଏହି ଚିକିତ୍ସା ପଦ୍ଧତି ଅବଲମ୍ବନ କରି ଆଲ୍ଲିସନ୍ କେତେକ କ୍ୟାନ୍ସର ରୋଗୀଙ୍କୁ ଆରୋଗ୍ୟ କରିପାରିଲେ।

୧୯୯୨ ମସିହାରେ ତାସୁକୁ ହୋଞ୍ଜୋ ଟି-କୋଷିକା ପୃଷ୍ଠରେ ଆବିଷ୍କାର କରିଥିଲେ ପିଡି-୧ ନାମକ ଅନ୍ୟ ଏକ ପ୍ରୋଟିନ୍ ଅଣୁ। ପିଡି-୧ ମଧ୍ୟ ସିଟିଏଲ୍‌ଏ-୪ ଅଣୁ ଭଳି ଟି- କୋଷିକାର ବ୍ରେକ୍ ସଦୃଶ କାର୍ଯ୍ୟ କରିଥାଏ। ମାତ୍ର ଏହାର କାର୍ଯ୍ୟପ୍ରଣାଳୀ ସିଟିଏଲ୍‌ଏ-୪ର କାର୍ଯ୍ୟପ୍ରଣାଳୀଠାରୁ ଭିନ୍ନ। ପିଡି-୧ର କାର୍ଯ୍ୟକୁ ଅକାମୀ କରିଦେଲେ ଟି-କୋଷିକା 'ବ୍ରେକ୍‌ମୁକ୍ତ' ତଥା ସକ୍ରିୟ ହୋଇ କ୍ୟାନ୍ସରର ତୀବ୍ରତାକୁ ଉପଶମ କରି ଦେଉଥିବାର ପ୍ରମାଣିତ।

**ଆଲ୍ଲିସନ୍ ଓ ହୋଞ୍ଜୋଙ୍କ ଆବିଷ୍କାରର ଗୁରୁତ୍ୱ:** ଆଲ୍ଲିସନ୍ ଓ ହୋଞ୍ଜୋଙ୍କ ଦ୍ୱାରା ଅନୁସୃତ ଇମ୍ୟୁନୋଥେରାପି ବା ପ୍ରତିରକ୍ଷାତନ୍ତ୍ର ଆଧାରିତ ଚିକିତ୍ସା ପଦ୍ଧତିକୁ 'ଇମ୍ୟୁନ୍ ଚେକ୍ ପଏଣ୍ଟ ଥେରାପି' ବୋଲି କୁହାଯାଉଛି। ଏହି ଚିକିତ୍ସା ପଦ୍ଧତିରେ ଟି-କୋଷିକାର ଉପରି ଭାଗରେ ରହିଥିବା ସିଟିଏଲ୍‌ଏ-୪ କିମ୍ବା ପିଡି-୧ ନାମକ ପ୍ରୋଟିନ୍- ବ୍ରେକ୍‌କୁ ଅପସାରଣ କରିଦେବା ଫଳରେ ଟି-କୋଷିକା ସକ୍ରିୟ ହୋଇ କ୍ୟାନ୍ସର କୋଷିକାଗୁଡ଼ିକୁ ଧ୍ୱଂସ କରିଦେବାରେ ସମର୍ଥ ହୋଇଥାଏ। ଏହାର ପରିମାଣ ସ୍ୱରୂପ ଗୁରୁତର ଅବସ୍ଥା ଧାରଣ କରିଥିବା କ୍ୟାନସର ଉପଶମ ହୋଇଯାଏ। ଅବଶ୍ୟ କ୍ୟାନ୍ସରର ଅନ୍ୟ ଚିକିତ୍ସା ପଦ୍ଧତିରେ ବିଭିନ୍ନ ଜଟିଳତା ପ୍ରକାଶ ପାଉଥିବା ଭଳି ଇମ୍ୟୁନ୍ ଚିକିତ୍ସା ପଦ୍ଧତିରେ ମଧ୍ୟ ପ୍ରକାଶ ପାଇପାରେ ଜଟିଳତା। ଏପରିକି କେତେକ କ୍ଷେତ୍ରରେ ରୋଗୀ ମୃତ୍ୟୁବରଣ କରିବାର ମଧ୍ୟ ଆଶଙ୍କା ରହିଛି।

ତେବେ ସିଟିଏଲ୍‌ଏ-୪ ଏବଂ ପିଡି-୧ ଚିକିତ୍ସା ପଦ୍ଧତି ଦୁଇଟି ମଧ୍ୟରୁ ପିଡି-୧ ବିରୋଧରେ ଅନୁସୃତ ଚେକ୍ ପଏଣ୍ଟ ଚିକିତ୍ସା ପଦ୍ଧତି ଅଧିକ ଫଳପ୍ରଦ ବୋଲି ପ୍ରମାଣିତ। ଫୁସ୍‌ଫୁସ୍ କ୍ୟାନ୍ସର, ବୃକକ୍ କ୍ୟାନସର, ମୂତ୍ରାଶୟ କ୍ୟାନ୍ସର, ମସ୍ତକ ଓ ଗଳା କ୍ୟାନ୍ସର, ମେଲାନୋମା ନାମକ ଚର୍ମ କ୍ୟାନସର ଓ ଲିମ୍ଫୋମାର ଚିକିତ୍ସାରେ ଏହି ପଦ୍ଧତି ବେଶ୍ ଅନୁକୂଳ ସାବ୍ୟସ୍ତ ହେଉଛି। ବରଂ ସିଟିଏଲ୍‌ଏ-୪ ଏବଂ ପିଡି ୧- ଏହି ଉଭୟ ବ୍ରେକକୁ କାର୍ଯ୍ୟରହିତ କରିପାରୁଥିବା ମିଶ୍ର ଚିକିତ୍ସା ପଦ୍ଧତି ଅଧିକ ଫଳପ୍ରଦ ହୋଇପାରୁଥିବା ପରିଲକ୍ଷିତ ହେଉଛି। ଆଲ୍ଲିସନ ଓ ହୋଞ୍ଜୋଙ୍କ ଦ୍ୱାରା ଅନୁସୃତ ଚେକ୍‌ପଏଣ୍ଟ ଚିକିତ୍ସା ପଦ୍ଧତି କ୍ୟାନସର ଚିକିତ୍ସା କ୍ଷେତ୍ରରେ ଆଣିପାରିଛି ଏକ ବୈପ୍ଳବିକ ପରିବର୍ତ୍ତନ ଏବଂ କ୍ୟାନସରର ଚିକିତ୍ସା ପ୍ରତି ଆମର ଦୃଷ୍ଟିକୋଣରେ ମଧ୍ୟ ଏକ ମୌଳିକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି।

ଏହି ଚେକ୍‌ପଏଣ୍ଟ ପଦ୍ଧତିରେ ସଂପ୍ରତି ବ୍ୟବହୃତ ହେଉଛି 'କିଟ୍ରୁଡା' 'ଓପଡିଭୋ' 'ୟେରଭୟ' ଏବଂ 'ଟେସେଣ୍ଟ୍ରିକ୍' ଭଳି ଔଷଧ, ଏପରିକି କିଟ୍ରୁଡା ଚିକିତ୍ସାରେ ରହି ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟର ଭୟାବହ ମେଲାନୋମା କବଳରୁ ଯଥେଷ୍ଟ ଉପଶମ ଯାଇ ପାରିଛନ୍ତି। ଏହି ମେଲାନୋମାର କୋଷିକାଗୁଡିକ ଜିମି କାର୍ଟରଙ୍କ ମସ୍ତିଷ୍କ ଓ ଯକୃତକୁ ମଧ୍ୟ ପ୍ରସରି ଯାଇଥିଲା।

-ଅଭୀପ୍‌ସା,ସେକ୍ଟର-୬,
ପ୍ଲଟ ନଂ. ୧୧୩୧
ଅଭିନବ ବିଡ଼ାନାସୀ, କଟକ
ମୋ: ୯୪୩୭୭୬୬୧୧୭

# ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଶାରୀରିକ ସମସ୍ୟା

ଆମେ ପ୍ରତିଦିନ ସାବୁନ, ଶାମ୍ପୋ, ଟୁଥ୍‌ପେଷ୍ଟ ଆଦି ସାମଗ୍ରୀ ବ୍ୟବହାର କରିଥାଉ। ହେଲେ ଏଭଳି କେତେକ ଦୈନନ୍ଦିନ ସାମଗ୍ରୀର ଆବଶ୍ୟକତାଠାରୁ ଅଧିକ ବ୍ୟବହାର ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଡାକିଆଣି ଥାଏ। ଆମେରିକାସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟି ବିଜ୍ଞାନୀ ମାନେ ଏଭଳି ଏକ ରୋଚକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। 'ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ଶାରୀରିକ ସମସ୍ୟା' ଶୀର୍ଷକ ବିଷୟବସ୍ତୁକୁ ନେଇ ସେମାନେ ଦୀର୍ଘ ୪ବର୍ଷ ପର୍ଯ୍ୟନ୍ତ ଗବେଷଣା କରିଥିଲେ। ପରିଶେଷରେ ସେମାନେ ଜାଣିବାକୁ ପାଇଲେ ଯେ, ଏଗୁଡିକରେ ଏଭଳି କେତେକ ତତ୍ତ୍ୱ ରହିଛି ଯାହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ତେଣୁ ଆବଶ୍ୟକତା ଅନୁସାରେ ହିଁ ଏଗୁଡ଼ିକୁ ବ୍ୟବହାର କରାଯିବା ଉଚିତ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



# ସ୍ମାର୍ଟ ଘଣ୍ଟା

ସମୟର ସୂଚକ ହେଉଛି ଘଣ୍ଟା। ଏହା ଆମକୁ ସମୟ ସମ୍ପର୍କରେ ଅବଗତ କରାଇଥାଏ। ଆଜିକାଲି ତ ହାଇଟେକ ଯୁଗ। ନିର୍ଦ୍ଦିଷ୍ଟ ସମୟ ବିଷୟରେ ଜଣାଇ ଦେବା ପାଇଁ ଘଣ୍ଟାରେ ଆମେ ଆଲାରାମ ଅନ୍ ରଖିଥାଉ। ସକାଳୁ ଉଠିବା,କୌଣସି କାମ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟରେ ପ୍ରସ୍ତୁତ ହେବାକୁ ଆମେ ସାଧାରଣତଃ ଆଲାରାମ ଉପରେ ନିର୍ଭର କରୁ। କେତେକ ବ୍ୟକ୍ତି ଆଲାରାମ ବାଜିଲେ ମଧ୍ୟ ସେଥିପ୍ରତି ଧ୍ୟାନ ନ ଦେଇ ଶୋଇ ରହନ୍ତି। କାରଣ ଉଭୟ ନିଦ ଏବଂ ଆଳସ୍ୟତା ଭାଙ୍ଗି ନ ଥାଏ। ହେଲେ ଏଭଳି ଏକ ଘଣ୍ଟା ରହିଛି ଯେଉଁଥିରେ ଥରେ ଆଲାରାମ ବାଜିଲେ ତାହା ସହଜରେ ବନ୍ଦ ହୋଇ ନ ଥାଏ। ଏଭଳି ଏକ ହାଇଟେକ ଘଣ୍ଟା ପ୍ରସ୍ତୁତ କରିଛନ୍ତି ଆମେରିକୀୟ ବିଶେଷଜ୍ଞମାନେ। ତାରବିହୀନ ଏହି ଘଣ୍ଟାରେ ନଅ ଭୋଲ୍ଟବିଶିଷ୍ଟ ବ୍ୟାଟେରି ସଂଯୋଗ କରିବାକୁ ପଡେ। ଯେତେବେଳେ ଏଥିରେ ଆଲାରାମ ବାଜେ ତାହାକୁ କାଟିଦେଲେ ମଧ୍ୟ କିଛି ସମୟ ପରେ ତାହା ପୁଣି ଥରେ ବାଜିଥାଏ। ତେବେ ଏହା କିପରି ବନ୍ଦ ହେବ ତାହାର ସହଜ ଉପାୟ ରହିଛି। ସେଥିପାଇଁ ପ୍ରସ୍ତୁତକାରୀ ଘଣ୍ଟା କମ୍ପାନୀ ପକ୍ଷରୁ ଆପଣଙ୍କୁ ଏକ କୋଡ ନମ୍ବର ଦିଆଯାଏ। ତାହାକୁ ଘଣ୍ଟାର ପ୍ୟାଡ୍‌ରେ ଟାଇପ କଲେ ଆଲାରାମ ବନ୍ଦ ହୁଏ। ପୁଣି ଆଲାରାମ ଏପରି ବାଜେ ଯେ ଜଣେ ବ୍ୟକ୍ତି ତାହାକୁ ଧ୍ୟାନ ନ ଦେଇ ଶୋଇବାକୁ ଚେଷ୍ଟା କଲେ ମଧ୍ୟ ଶୋଇପାରି ନ ଥାଏ। ବିଶେଷଭାବରେ ଅଳସୁଆ ବ୍ୟକ୍ତିଙ୍କ ପାଇଁ ଏହି ଘଣ୍ଟା କାମରେ ଆସିଥାଏ।




# ବିଶୁଦ୍ଧ ରକ୍ତ : ଚାରୋଟି କଥା

**କୌଣସି ରକ୍ତଜନିତ ସମସ୍ୟା ଦେଖାଦେଲେ ତାହା ପରବର୍ତ୍ତୀ ସମୟରେ ଗୁରୁତର ପରିସ୍ଥିତି ସୃଷ୍ଟି କରିଥାଏ। ତେଣୁ ରକ୍ତକୁ କିପରି ବିଶୁଦ୍ଧ ରଖିବେ ସେଥିପାଇଁ ନିମ୍ନଲିଖିତ ଚାରୋଟି କଥା ମନେରଖନ୍ତୁ।**

**ପ୍ରଥମ :** ପ୍ରତିଦିନ ସକାଳୁ ଉଷୁମ ପାଣିରେ ଲେମ୍ବୁ ଚିପୁଡି ପିଅନ୍ତୁ। ଏହାଦ୍ୱାରା ରକ୍ତ ବିଶୁଦ୍ଧ ରହିଥାଏ। ଲଗାତର ଗୋଟିଏ ସପ୍ତାହ ଏହାକୁ ପିଇଲେ ତାହାର ପ୍ରଭାବ ଜଣାପଡେ। ତା'ସହ ଏହାଦ୍ୱାରା ଓଜନ ମଧ୍ୟ ସନ୍ତୁଳିତ ରହେ।

**ଦ୍ୱିତୀୟ :** ଦୈନନ୍ଦିନ ଖାଦ୍ୟରେ ଲଙ୍କା ସାମିଲ କରନ୍ତୁ। ଏହା ରକ୍ତକୁ ପରିଷ୍କାର ରଖିବାରେ ସାହାଯ୍ୟ କରିଥାଏ। ଲଙ୍କାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ରକ୍ତକୁ ସଫା ରଖେ।

**ତୃତୀୟ :** ସବୁଜ ପନିପରିବାରେ ଭିଟାମିନ୍ ଭରିରହିଛି। ଆମ ଶରୀରକୁ ସୁସ୍ଥ ରଖିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଥିରେ ଆଉ ଏକ ଉପକାରୀ ଗୁଣ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତେବେ ସେଥିରୁ ଆଉ ଏକ ଉପକାର ମିଳିଥାଏ। ଏହା ରକ୍ତକୁ ବିଶୁଦ୍ଧ ରଖିଥାଏ।

**ଚତୁର୍ଥ :** ପ୍ରତିଦିନ ଗାଜର ଖାଆନ୍ତୁ। ଏହାଦ୍ୱାରା ରକ୍ତ ଅପରିଷ୍କାର ହୋଇ ନ ଥାଏ। ଗାଜର ବ୍ୟତୀତ ମୂଳା ଖାଇଲେ ମଧ୍ୟ ରକ୍ତ ବିଶୁଦ୍ଧ ରହିଥାଏ।

# ସୁନିଦ୍ରା ପାଇଁ

ଦିନ ତମାମ କିଏ ଶାରୀରିକ ତ କିଏ ମାନସିକ ପରିଶ୍ରମ କରୁଛି। ତେବେ ଶରୀରକୁ ସୁସ୍ଥ ରଖିବା ଲାଗି ଆମକୁ ରାତିରେ ଶୋଇବା ନିହାତି ଦରକାର। ଜଣେ ବ୍ୟକ୍ତି ପ୍ରତିଦିନ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ନିଦ୍ରା ଯିବା ଆବଶ୍ୟକ। ହେଲେ ସମସ୍ତଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। ତେବେ ସୁନିଦ୍ରା ପାଇଁ କେତୋଟି ବିଷୟ ପ୍ରତି ନଜର ଦେଇପାରନ୍ତି। ଶୋଇବା ସମୟରେ ଆଖି ସାମ୍ନାରେ ଘଣ୍ଟା ରଖନ୍ତୁ ନାହିଁ, କିମ୍ବା ଘଣ୍ଟାକୁ ବାରମ୍ବାର ଚାହାନ୍ତୁ ନାହିଁ। ଏହାଦ୍ୱାରା ସ୍ନାୟୁ ପ୍ରଭାବିତ ହୋଇଥାଏ, ଯାହାଫଳରେ ସହଜରେ ନିଦ ଆସି ନ ଥାଏ। ବିଛଣା ଉପରକୁ ଯିବା ପୂର୍ବରୁ ଘରର ପରିବେଶ ଶାନ୍ତ ହେବା ଆବଶ୍ୟକ। କଥାବାର୍ତ୍ତା, ଟିଭି ନିଦ୍ରାରେ ବ୍ୟାଘାତ ସୃଷ୍ଟି କରେ। ତେଣୁ ବେଡ୍ ରୁମ୍‌ରେ ଟିଭି ରଖନ୍ତୁ ନାହିଁ। ସୁନିଦ୍ରା ପାଇଁ ଆଉ ଏକ ଉପାୟ ଆପଣ ଅନୁସରଣ କରିପାରନ୍ତି। ଶୋଇବା ପୂର୍ବରୁ ଉଷୁମ ପାଣିରେ ସ୍ନାନ କଲେ ଭଲ ନିଦ ହୋଇଥାଏ। ନିଦ୍ରା ଯିବା ପୂର୍ବରୁ ମାନସିକ ଅବସ୍ଥାକୁ ଶାନ୍ତ ରଖନ୍ତୁ। ଏଣୁ ତେଣୁ ଚିନ୍ତା କଲେ ତାହାର ଖରାପ ପ୍ରଭାବ ନିଦ ଉପରେ ପଡିଥାଏ।





# ଗ୍ୟାଷ୍ଟ୍ରିକ୍ ସମସ୍ୟାରୁ ଉପଶମ ଦେବ ଖଜୁରି

ଖଜୁରି କୋଳିରେ ଅନେକ ଉପକାରୀ ଗୁଣ ରହିଛି। ବିଶେଷ ଭାବରେ ଗ୍ୟାଷ୍ଟ୍ରିକ୍‌ଜନିତ ସମସ୍ୟା ଦୂର ପାଇଁ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ଲଣ୍ଡନ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି। କେବଳ ଗ୍ୟାଷ୍ଟ୍ରିକ୍ ନୁହେଁ କୋଷ୍ଠକାଠିନ୍ୟରୁ ଉପଶମ ପାଇବା ପାଇଁ ଏହାକୁ ଖାଇପାରନ୍ତି।
ଏଥିପାଇଁ ସକାଳେ ଏବଂ ସନ୍ଧ୍ୟାରେ ତିନୋଟି ଲେଖାଏ ଖଜୁରି କୋଳି ଖାଇ ଉଷୁମ ପାଣି ପିଇଲେ ଏଭଳି ସମସ୍ୟାରୁ ଆରାମ ମିଳିଥାଏ। ହିମୋଗ୍ଲୋବିନ୍ ପରିମାଣକୁ ସନ୍ତୁଳିତ ରଖିବାରେ ଏହା ସାହାଯ୍ୟ କରେ। ନିମ୍ନ ରକ୍ତଚାପ ରୋଗୀଙ୍କ ପାଇଁ ଖଜୁରି ବେଶ୍ ଉପକାରୀ।

## ସଂକ୍ଷେପରେ

### ବ୍ୟାଙ୍କ, ପୋଷ୍ଟ ଅଫିସରେ ଜାରି ରହିବ ଆଧାର ପଞ୍ଜୀକରଣ



**ନୂଆଦିଲ୍ଲୀ,୭-୧୦:** ଆଧାର ବ୍ୟବହାର ଉପରେ ସୁପ୍ରିମକୋର୍ଟ କଟକଣା ଜାରି କରିଛନ୍ତି। କିନ୍ତୁ ବ୍ୟାଙ୍କ, ପୋଷ୍ଟ ଅଫିସ ଏବଂ ସରକାରୀ କାର୍ଯ୍ୟାଳୟ ପରିସରରେ ଆଧାର ପଞ୍ଜୀକରଣ ଓ ସଂଶୋଧନ କାର୍ଯ୍ୟ ଜାରି ରହିବ ବୋଲି ଭାରତୀୟ ଏକକ ପରିଚୟ କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ସିଇଓ ଅଜୟ ଭୂଷଣ ପାଣ୍ଡେ ସ୍ପଷ୍ଟ କରିଛନ୍ତି। ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଏବଂ ଅନ୍ୟାନ୍ୟ ସେବା ପାଇବା ପାଇଁ ଆଧାରକୁ ଅଫ୍‌ଲାଇନରେ ବ୍ୟବହାର କରାଯାଇପାରିବ। ଏହାଛଡା ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର, ପାନ୍ କାର୍ଡ-ଆଇଟିଆର୍‌ରେ ଆଧାର ସଂଯୋଗକୁ ସୁପ୍ରିମକୋର୍ଟ ବୈଧ ଦର୍ଶାଇଥିବାରୁ ଏ କ୍ଷେତ୍ରରେ ବ୍ୟାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଯାଉଛି। ଏଣୁ ପୂର୍ବ ଭଳି ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ଆଧାର ପଞ୍ଜୀକରଣ ଓ ସଂଶୋଧନ ଜାରି ରହିବ ବୋଲି ସେ କହିଛନ୍ତି। ପାଣ୍ଡେ କହିଛନ୍ତି ଯେ, ଆଧାର ପଞ୍ଜୀକରଣ ଓ ସଂଶୋଧନ ସତ୍ୟତା ଯାଞ୍ଚ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ୟୁଆଇଡିଏଆଇ ଆଧାର ଉଠାଣ କେନ୍ଦ୍ର ସମ୍ପର୍କରେ ପୁନର୍ବିଚାର କରିବ।

### ଆୟୁଷ୍ମାନ ଭାରତରେ ଦ୍ୱିତୀୟ ଥର ଚିକିତ୍ସା ପାଇଁ ଆଧାର ବାଧ୍ୟତାମୂଳକ

ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଆୟୁଷ୍ମାନ ଭାରତ) କାର୍ଯ୍ୟକ୍ରମରେ ପ୍ରଥମଥର ଚିକିତ୍ସିତ ହେବା ପାଇଁ ଆଧାର ଆବଶ୍ୟକ ନ ଥିବା ବେଳେ ଦ୍ୱିତୀୟଥର ଚିକିତ୍ସା ଲାଗି ଏହା ବାଧ୍ୟତାମୂଳକ ହେବ। ରୋଗୀଙ୍କ ନିକଟରେ ଆଧାର ନମ୍ବର ନ ଥିଲେ, ସେ କ୍ଷେତ୍ରରେ ଆଧାର ପଞ୍ଜୀକରଣ ପାଇଁ ପଦକ୍ଷେପ ନିଆଯାଇଛି, ଏହା ପ୍ରମାଣିତ କରିବାକୁ ହେବ ବୋଲି ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରୁଥିବା ନ୍ୟାଶନାଲ ହେଲ୍‌ଥ ଏଜେନ୍ସି ସିଇଓ ଇନ୍ଦୁ ଭୂଷଣ କହିଛନ୍ତି। ପ୍ରଥମଥର ଚିକିତ୍ସା ପାଇଁ ରୋଗୀ ଆଧାର ଅଥବା ଅନ୍ୟ ଯେକୌଣସି ଦସ୍ତାବେଜ ଦେଖାଇ ପାରିବେ।

### ବୀମା ସେକ୍ଟରରେ ପ୍ରବେଶ କଲା ଫ୍ଲିପକାର୍ଟ

**ନୂଆଦିଲ୍ଲୀ,୭-୧୦:** ଦେଶର ସର୍ବବୃହତ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟ ଖୁବଶୀଘ୍ର ବୀମା କ୍ଷେତ୍ରରେ ପ୍ରବେଶ କରିବାକୁ ଯାଉଛି। ଏହାକୁ କର୍ପୋରେଟ ଏଜେଣ୍ଟ ଲାଇସେନ୍ସ ମିଳିଛି। ଏହି କ୍ରମରେ କମ୍ପାନୀ ନିଜ ୱେବସାଇଟରେ ବିକ୍ରି ହେଉଥିବା ଦାମୀ ମୋବାଇଲ ଫୋନର ବୀମା ସୁରକ୍ଷା ପାଇଁ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସ ସହ ଚୁକ୍ତି ସ୍ୱାକ୍ଷର କରିଛି। କମ୍ପାନୀର ବିଗ୍ ବିଲିୟନ ଡେଜ୍ ଅର୍ଥାତ ଆସନ୍ତା ୧୦ରୁ ଫ୍ଲିପକାର୍ଟ ଗ୍ରାହକଙ୍କୁ ବୀମା ସେବା ଯୋଗାଇବ। ଏହାଦ୍ୱାରା କମ୍ପାନୀ ଏହାର ଗ୍ରାହକଙ୍କୁ ବିକ୍ରି ପର ସେବା ଯୋଗାଇ ପାରିବ ବୋଲି ଜାରି ବିବୃତିରେ କୁହାଯାଇଛି।

> ସାଇବର ନିରାପତ୍ତା ବାଣିଜ୍ୟରେ ଆମର ସ୍ଥିତି ଉନ୍ନତ ରହିଛି। ବାର୍ଷିକ ୩୦ରୁ ୪୦% ଅଭିବୃଦ୍ଧି ନେଇ ଆଶା ରଖିଛୁ।
> – ରାଜୀବ ସିଂ, ସାଇବର ନିରାପତ୍ତା ବରିଷ୍ଠ ଉପସଭାପତି, ଟେକ୍ ମହିନ୍ଦ୍ର



> ପାର୍ବଣକୁ ଧ୍ୟାନରେ ରଖି ୫୦ ଫୁଲ୍‌ଫିଲ୍ ସେଣ୍ଟର, ୧୫୦ ଡେଲିଭରି ସେଣ୍ଟରରେ ୫୦,୦୦୦ ସାମୟିକ ଆସୋସିଏଟ୍ ନିଯୁକ୍ତ କରାଯିବ।
> – ଅଖିଲ୍ ସକ୍‌ସେନା, ଉପସଭାପତି, ଆମାଜନ ଇଣ୍ଡିଆ



# ବରଗଡ଼ରେ ହେବ ବିପିସିଏଲର ବାୟୋଇଥାନଲ୍ ରିଫାଇନେରି

ଭୁବନେଶ୍ୱର,୭-୧୦




- ୧୦ରେ ଭିତ୍ତିପ୍ରସ୍ତର ସ୍ଥାପନ
- ରାଜ୍ୟପାଳ ଗଣେଶି ଲାଲ, ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ
- ବାର୍ଷିକ ଉତ୍ପାଦନ କ୍ଷମତା ୩ କୋଟି ଲିଟର
- ପ୍ରକଳ୍ପରେ ବିନିଯୋଗ ହେବ ୧୦୦୦ କୋଟି
- ୧୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ
- ଜୈବିକ ଇନ୍ଧନ ବ୍ୟବହାରକୁ ଗୁରୁତ୍ୱ

ରାଜ୍ୟର ବରଗଡ ଜିଲା ଭଟ୍‌ଲୀ ତହସିଲ୍‌ର ବଉଳସିଂହା ଗ୍ରାମରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ଦ୍ୱିତୀୟ ପୀଢ଼ିର ବାୟୋ ରିଫାଇନେରି ସ୍ଥାପନ ହେବାକୁ ଯାଉଛି। ୧୦ ଅକ୍ଟୋବର ଦିନ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ ହେବ। ରାଜ୍ୟପାଳ ଗଣେଶି ଲାଲ, କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ରହି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସ୍ଥାନୀୟ ଏକ ହୋଟେଲରେ ବିପିସିଏଲ୍ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଏହାର ବାୟୋଫୁଏଲ ସିଜିଏମ୍, ସଞ୍ଜୀବ ପଲ୍ ଏହି ସୂଚନା ଦେଇଛନ୍ତି। ନଡାକୁ ବ୍ୟବହାର କରି ଉକ୍ତ ପ୍ଲାଣ୍ଟରେ ଇଥାନଲ୍ ପ୍ରସ୍ତୁତ କରାଯିବାକୁ ଲକ୍ଷ୍ୟ ରହିଛି। ପ୍ରଥମ ରାଜ୍ୟ ଭାବେ ଓଡିଶାରେ ଏଭଳି ପ୍ଲାଣ୍ଟ ସ୍ଥାପନ ନେଇ କମ୍ପାନୀର ଯୋଜନା ରହିଛି। ଉକ୍ତ ୟୁନିଟରେ ବାର୍ଷିକ ୩ କୋଟି ଲିଟରର ଗ୍ରେଡ୍ ଇଥାନଲ୍ ଉତ୍ପାଦନ ହେବ। ଏହାକୁ ପେଟ୍ରୋଲ ସହ ମିଶ୍ରଣ ନେଇ ମଧ୍ୟ ଯୋଜନା ଧାର୍ଯ୍ୟ ହୋଇଛି।

ରିଫାଇନେରୀ ସ୍ଥାପନ ଲାଗି ୧୦୦୦ କୋଟି ଟଙ୍କାର ନିବେଶ ହେଉଛି। ଏଥିରେ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ୧୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୧୨ ରାଜ୍ୟରେ ଏଭଳି ୟୁନିଟ୍ ସ୍ଥାପନ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ୟୁନିଟ୍ ଗୁଡିକ ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ସ୍ଥାପନ କରିବେ। ଏହା ମଧ୍ୟରେ ବିପିସିଏଲ୍ ୩ ୟୁନିଟ୍ ସ୍ଥାପନ କରିବ, ଯାହାର ପ୍ରଥମ ୟୁନିଟ ବରଗଡରେ ସ୍ଥାପନ ହେଉଛି। ୟୁନିଟ୍ ଲାଗି କଞ୍ଚାମାଲ ଭାବେ ବ୍ୟବହୃତ ଧାନର ନଡା ବରଗଡ ଜିଲାର ଭଟଲୀ, ସୋହେଲା, ଅତାବିରା, ବୁର୍ଲା, ଅମ୍ବାଭୋନା, ଲକ୍ଷନପୁର ଭଳି ସ୍ଥାନଗୁଡିକରୁ ସଂଗ୍ରହ କରିବାକୁ ଯୋଜନା ରହିଛି।

ପେଟ୍ରୋଲ ଉପରେ ନିର୍ଭରଶୀଳତା କମାଇବା ଲକ୍ଷ୍ୟରେ ସରକାର ଏଭଳି ପଦକ୍ଷେପ ହାତକୁ ନେଉଛନ୍ତି। ଜାତୀୟ ବାୟୋଫୁଏଲ୍ ନୀତି ମୁତାବକ ୨୦୩୦ ସୁଦ୍ଧା ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ହାରକୁ ୨୦%କୁ ନେବାକୁ ଲକ୍ଷ୍ୟ ରହିଛି। ବର୍ତ୍ତମାନ ଏହାର ପରିମାଣ ୩ରୁ୪% ରହିଛି। ବରଗଡରେ ହେବାକୁ ଥିବା ୟୁନିଟ ଲାଗି ପ୍ରାଜ୍ ଇଣ୍ଡଷ୍ଟ୍ରିଜ ଟେକ୍ନୋଲୋଜି ଯୋଗାଇବ। ଏଭଳି କ୍ଷେତ୍ରରେ ବିପିସିଏଲ୍ ମୁମ୍ବାଇସ୍ଥିତ ଆଇସିଟି ସହ ମିଳିତ ହୋଇ କାର୍ଯ୍ୟପନ୍ଥା ଗ୍ରହଣ କରୁଥିବା ବିପିସିଏଲ୍‌ର ଓଡିଶା, ଝାଡଖଣ୍ଡ ରିଟେଲ ହେଡ୍ ଦେବାଶିଷ ପାଲିତ ସୂଚନା ଦେଇଛନ୍ତି। କମ୍ପାନୀର ରାଜ୍ୟରେ ବର୍ତ୍ତମାନ ୪୩୨ ପେଟ୍ରୋଲ ପମ୍ପ ରହିଛି। ସିଏନ୍‌ଜିର ଚାହିଦା ବଢୁଥିବାରୁ ରାଜ୍ୟରୁ ଅଧିକ ସିଏନ୍‌ଜି ଷ୍ଟେଶନ ସ୍ଥାପନ ଲାଗି ଲକ୍ଷ୍ୟ ରହିଥିବା ସେ ସୂଚନା ଦେଇଛନ୍ତି। କମ୍ପାନୀ ଭୁବନେଶ୍ୱରରେ ୨ ଏବଂ କଟକ-ଭୁବନେଶ୍ୱର ମଧ୍ୟବର୍ତ୍ତୀ ସ୍ଥାନରେ ଗୋଟିଏ ସିଏନ୍‌ଜି ଷ୍ଟେଶନ ସ୍ଥାପନ କରିଛି। ଆଗାମୀ ଦିନରେ ପ୍ରାୟ ୮ ଷ୍ଟେଶନ ସ୍ଥାପନ ଲାଗି ଗେଲ୍‌କୁ ସର୍ଭେ ଲାଗି କୁହାଯାଇଛି। ରାଜ୍ୟରେ ମାସିକ ପ୍ରାୟ ୪୮ ହଜାର ଲିଟରର ସିଏନ୍‌ଜି ବ୍ୟବହାର ହେଉଥିବା ସେ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଡିଜିଏମ୍ ଏସ୍. ଏସ୍. ସୁନ୍ଦରରାଜନ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ପାଦନ କ୍ଷମତା ବଢାଇବ ହୋଣ୍ଡା ଟୁ‌ହ୍ୱିଲର୍ସ ଇଣ୍ଡିଆ

ଭୁବନେଶ୍ୱର,୭-୧୦

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଏସ୍‌ଆଇ) ଏହାର ଚତୁର୍ଥ କାରଖାନାର ଉତ୍ପାଦନ କ୍ଷମତା ବୃଦ୍ଧି କରିବା ସମ୍ପର୍କରେ ଘୋଷଣା କରିଛି। ଗୁଜରାଟର ଅହମ୍ମଦାବାଦସ୍ଥିତ ଭିଠଲପୁର ଅଞ୍ଚଳରେ ଥିବା କାରଖାନାକୁ ୨୦୧୬ ଫେବୃୟାରୀରେ ଶୁଭାରମ୍ଭ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଉକ୍ତ ପ୍ଲାଣ୍ଟର ଉତ୍ପାଦନ କ୍ଷମତା ୦.୬ ନିୟୁତ ରହିଥିଲା। ୨୦୧୬ ଜୁନରେ ଏହାର କ୍ଷମତାକୁ ବୃଦ୍ଧି କରି ୧.୨ ନିୟୁତ କରାଯାଇଥିଲା। ଏହି ୟୁନିଟରେ କମ୍ପାନୀ ୬୩୦ କୋଟି ଟଙ୍କା ବିନିଯୋଗରେ ଏକ ନୂଆ ଉତ୍ପାଦନ ଲାଇନ ସ୍ଥାପନ କରିଛି। ଉକ୍ତ ପଦକ୍ଷେପ ଦ୍ୱାରା ୟୁନିଟର ଉତ୍ପାଦନ କ୍ଷମତା ୦.୬ ନିୟୁତ ବୃଦ୍ଧି ଘଟିବ। ୨୦୨୦ ସୁଦ୍ଧା ଉକ୍ତ ୟୁନିଟର ମୋଟ ଉତ୍ପାଦନ କ୍ଷମତା ୧.୮ ନିୟୁତରେ ପହଞ୍ଚିବ। ଏହି ସମ୍ପ୍ରସାରଣ ଦ୍ୱାରା ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆର କ୍ଷମତା ୭ ନିୟୁତରେ ପହଞ୍ଚିବ। ବିଗତ ବର୍ଷଗୁଡିକରେ କମ୍ପାନୀ ପକ୍ଷରୁ ନିବେଶ ଏବଂ ସମ୍ପ୍ରସାରଣ ଧାରା ଜାରି ରହିଛି। ନୂଆ ପଦକ୍ଷେପ ଦ୍ୱାରା ସେବା ଯୋଗାଣ ଧାରା ଆହୁରି ତ୍ୱରାନ୍ୱିତ ହେବ ବୋଲି ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ସଭାପତି ଓ ସିଇଓ ମିନୋରା କାଟୋ ସୂଚନା ଦେଇଛନ୍ତି।

## ଆସିଲା ଅଲ୍ ନ୍ୟୁ ରେନୋ ଆପ୍

ଭୁବନେଶ୍ୱର,୭-୧୦

ପ୍ରମୁଖ ଅଟୋମୋବାଇଲ ବ୍ରାଣ୍ଡ ରେନୋ ପକ୍ଷରୁ ଅତ୍ୟାଧୁନିକ ରେନୋ ଆପ୍‌ର ଉନ୍ମୋଚନ ହୋଇଛି। ଏହା ଗ୍ରାହକଙ୍କୁ ନୂଆ ପ୍ଲାଟଫର୍ମ ପ୍ରଦାନ କରିବା ସହ ବ୍ରାଣ୍ଡ ସହ ଯୋଡି ରଖିବାକୁ ବିଶେଷ ଭାବେ ସହାୟକ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ଏହା ଉପଲବ୍ଧ ହେଉଛି। ଉକ୍ତ ଆପ୍‌ରେ ୯୦ରୁ ଅଧିକ ଆକର୍ଷଣୀୟ ଏବଂ ଅଭିନବ ବୈଶିଷ୍ଟ୍ୟ ଗ୍ରାହକ ଲାଭ କରିପାରିବେ। ଏହା ଦ୍ୱାରା ରେନୋର ଆକର୍ଷଣୀୟ ରେଞ୍ଜର ଡଷ୍ଟର, କ୍ୱିଡ୍, ଲଜି, କ୍ୟାପଚରକୁ ଅନ୍ୱେଷଣ ତଥା ସେଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ଜାଣିବା ଲାଗି ବିଶେଷ ଭାବେ ସହାୟକ ହେବ। ନୂଆ କାର ଅନୁସନ୍ଧାନ ଦାଖଲ ଓ ଅଗ୍ରାଧିକାର ରେନଲ୍ଟ ଡିଲରଙ୍କ ସହ କାର ବୁକିଂ ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ସାମ୍‌ସଙ୍ଗର ଗାଲାକ୍ସି ଏସ୍୯ ପ୍ଲସ୍, ନୋଟ୍ ୯

ଗୁରୁଗ୍ରାମ,୭-୧୦




ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ସାମ୍‌ସଙ୍ଗ ବଜାରକୁ ଆଣିଛି ନୂଆ ଗାଲାକ୍ସି ଏସ୍ ୯ ଏବଂ ଗାଲାକ୍ସି ନୋଟ୍ ୯। ପାର୍ବଣକୁ ଧ୍ୟାନରେ ରଖି କମ୍ପାନୀ ଏହି ପଦକ୍ଷେପ ଗ୍ରହଣ କରିଛି। ଗାଲାକ୍ସି ଏ୯ ବରଗଣ୍ଡି ଲୋହିତ ଏବଂ ଗାଲାକ୍ସି ନୋଟ୍ କ୍ଲାସି ଲାଭେଣ୍ଡର ପର୍‌ପଲ ରଙ୍ଗରେ ଉପଲବ୍ଧ। ଏହା ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ପାର୍ବଣ ସମୟରେ ଏହା ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ ସହାୟକ ହେବ ବୋଲି ସାମ୍‌ସଙ୍ଗ ଇଣ୍ଡିଆ ମୋବାଇଲ ବ୍ୟବସାୟ ଜେନେରାଲ ମ୍ୟାନେଜର ଆଦିତ୍ୟ ବବର କହିଛନ୍ତି। ଗାଲାକ୍ସି ଗ୍ରାହକ ମାନେ ଗାଲାକ୍ସି ଘଡି କ୍ରୟରେ ଅଫର ପ୍ରାଇସ୍ ଦ୍ୱାରା ଏହା ୯୯୯୯ ଟଙ୍କାରେ ଉପଲବ୍ଧ ହେବ। ଯାହାର ପ୍ରକୃତ ମୂଲ୍ୟ ୨୪,୯୯୯ ଟଙ୍କା। ଏହି ପ୍ରଡକ୍ଟଗୁଡିକୁ ଗ୍ରାହକ ଏଚ୍‌ଡିଏଫ୍‌ସି କାର୍ଡ ଓ ପେଟିଏମ୍ ମଲ୍‌ରେ କ୍ରୟ କଲେ ୬,୦୦୦ ଟଙ୍କା ଫେରିପାଇବେ। ଏହା ଅପ୍‌ଗ୍ରେଡେଶନ୍ ଅଫରରେ ମଧ୍ୟ ବଜାରରେ ଉପଲବ୍ଧ।

## ନ୍ୟୁଟ୍ରିଲାଇଟର ପ୍ରୋଟିନ୍ ଫର୍ ଚିଲଡ୍ରେନ ଅଭିଯାନ

ଭୁବନେଶ୍ୱର,୭-୧୦

ଆମୱେ ଇଣ୍ଡିଆ ପକ୍ଷରୁ ପ୍ରୋଟିନ୍ ଫର୍ ଚିଲ୍‌ଡ୍ରେନ୍ ଅଭିଯାନ ଆରମ୍ଭ ହୋଇଛି। ଭାରତରେ ଅପପୁଷ୍ଟି ଏକ ବଡ ସମସ୍ୟା ହୋଇଥିବା ବେଳେ ୮୦% ଭାରତୀୟଙ୍କ ଖାଦ୍ୟରେ ପ୍ରୋଟିନ୍ ଅଭାବ ରହୁଥିବା ଭାରତୀୟ ମେଡିକାଲ ଗେଜେଟ୍‌ର ଏକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ୫୦% ଶିଶୁଙ୍କ ନିକଟରେ ପ୍ରୋଟିନ୍ ଅଭାବ ରହୁଥିବା ଜର୍ନାଲ ଅଫ୍ ଫ୍ୟାମିଲି ମେଡିଶିନ ଆଣ୍ଡ ପ୍ରାଇମେରି କେୟାର ପକ୍ଷରୁ ଏକ ନିବନ୍ଧରେ ପ୍ରକାଶ ପାଇଛି। ଶାରୀରିକ ବିକାଶକୁ ସହାୟତା କରିବା ଲାଗି ୫-୧୨ ବର୍ଷ ବୟସ୍କଙ୍କ ନିକଟରେ ପ୍ରୋଟିନର ଆବଶ୍ୟକତା ପାଖାପାଖି ଦୁଇଗୁଣ ବଢି ଯାଇଥାଏ। ପ୍ରୋଟିନ୍ ଫର୍ ଚିଲଡ୍ରେନ ଅଭିଯାନରେ କମ୍ପାନୀ ଏଭଳି ପ୍ରମୁଖ ପ୍ରସଙ୍ଗ ଉପରେ ଧ୍ୟାନ ଦେବ ବୋଲି ଆମୱେ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ ସୁଦୀପ ଶାହ ସୂଚନା ଦେଇଛନ୍ତି।

**ପ୍ରଫେସର ଡ. ସଞ୍ଜୟ କୁମାର ନାୟକ**

**ବିଶିଷ୍ଟ ଓଡ଼ିଆ ବୈଜ୍ଞାନିକ ପ୍ରଫେସର ଡ.ସଞ୍ଜୟ କୁମାର ନାୟକ ପ୍ଲାଷ୍ଟିକ୍ ଶିଳ୍ପରେ ସ୍ୱତନ୍ତ୍ର ଅବଦାନ ଲାଗି ନିକଟରେ ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ପାଇଛନ୍ତି। ବାୟୋଡିଗ୍ରେଡବଲ୍(ପରିବେଶରେ ନଷ୍ଟ ହୋଇପାରୁଥିବା) ପ୍ଲାଷ୍ଟିକ୍ କ୍ଷେତ୍ରରେ ଉଚ୍ଚମାନର ଗବେଷଣା ଅନ୍ତର୍ଜାତୀୟ ସ୍ତରରେ ତାଙ୍କୁ ଖ୍ୟାତି ଆଣିଦେଇଛି। ଏଣୁ ତାଙ୍କୁ ବାୟୋଡିଗ୍ରେଡବଲ୍ ପ୍ଲାଷ୍ଟିକର ଦିଗ୍‌ଦର୍ଶକ ବୋଲି କୁହାଯାଉଛି।**



# ବାୟୋଡିଗ୍ରେଡବଲ୍ ପ୍ଲାଷ୍ଟିକ୍‌ର ଦିଗ୍‌ଦର୍ଶକ

ପ୍ରଫେସର ନାୟକ ଦେଶ ବିଦେଶର ବିଭିନ୍ନ ପତ୍ରପତ୍ରିକାରେ ଗବେଷଣାତ୍ମକ ସନ୍ଦର୍ଭ ଲେଖି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। କେବଳ ସେତିକି ନୁହେଁ, ସେ ବହୁ ପୁସ୍ତକ ରଚନା କରିଛନ୍ତି, ଯାହାକୁ ଅନ୍ତର୍ଜାତୀୟ ସ୍ତରରେ ଛପାଯାଇଛି ଏବଂ ତାଙ୍କ ନାମରେ ବହୁ ପେଟେଣ୍ଟ ରହିଛି। ଜଣେ ଗବେଷକ ଭାବେ ପଲିମର ସାଇନ୍ସ ଏବଂ ଇଞ୍ଜିନିୟରିଂରେ ସେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। କମ୍ପୋଜିଟ୍ ମାଟେରିଆଲ, ବାୟୋଡିଗ୍ରେଡବଲ୍ ପ୍ଲାଷ୍ଟିକ୍, ସେଲ୍ୟୁଲାର ପ୍ଲାଷ୍ଟିକ୍, ଆଡେସିଭ୍ସ ଆଦି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଗବେଷଣା ଶିଳ୍ପ ପ୍ରତିଷ୍ଠା ଓ ଏହାର ବ୍ୟବସାୟୀକରଣ ଦିଗରେ ନୂଆ ଦିଗ ଆଣିଛି। ବାୟୋଡିଗ୍ରେଡବଲ୍ ପ୍ଲାଷ୍ଟିକ୍ ଦିଗରେ ତାଙ୍କର ଗଭୀର ଅନୁଧ୍ୟାନ ଶିକ୍ଷା ଓ ଶିଳ୍ପ କ୍ଷେତ୍ରରେ ଏକ ଅଭୂତପୂର୍ବ ସମନ୍ୱୟ ସ୍ଥାପନ କରିପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଗବେଷଣାର ଫଳସ୍ୱରୂପ ଏକ୍ଷେତ୍ରରେ ବିଭିନ୍ନ ପ୍ରୋଟୋଟାଇପକୁ ଜନ୍ମ ଦେଇଛି ଓ ସ୍ୱଦେଶୀ ଉଦ୍ଭାବନକୁ ବାଟ କଢ଼ାଇଛି। ବାୟୋଡିଗ୍ରେଡବଲ୍ ପ୍ଲାଷ୍ଟିକ୍ କ୍ଷେତ୍ରରେ ତାଙ୍କର ଗବେଷଣା ବିଶ୍ୱର ବହୁ ବୈଜ୍ଞାନିକଙ୍କୁ ଅଧ୍ୟୟନ ଲାଗି ପଥ ଦେଖାଇଛି। ତାଙ୍କ ଅଧୀନରେ ୫୦ ଜଣ ଗବେଷକ ପିଏଚ.ଡି. ହାସଲ କରିଛନ୍ତି ଓ ୮୦ ଜଣ ଛାତ୍ରୀଛାତ୍ର ଏମ୍.ଟେକ୍/ଏମ୍.ଇ ସନ୍ଦର୍ଭ ସଂପୂର୍ଣ୍ଣ କରିପାରିଛନ୍ତି। ପ୍ରଫେସର ନାୟକ ବିଶ୍ୱର ବହୁ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟ ସହିତ ଜଡିତ ରହି ଫାକଲ୍ଟି/ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବବିନିମୟ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଆସିଛନ୍ତି।

ପ୍ଲାଷ୍ଟିକ୍ ଇଞ୍ଜିନିୟରିଂ ଏବଂ ଟେକ୍‌ନୋଲୋଜି କ୍ଷେତ୍ରରେ ପାଠ ପଢ଼ାଇବାରେ ପ୍ରଫେସର ନାୟକଙ୍କ ଦୀର୍ଘ ୩୩ ବର୍ଷର ଅଭିଜ୍ଞତା ରହିଛି। ଭାରତ ସରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରଣାଳୟ ଅଧୀନରେ ଏନ୍‌ଏସ୍‌ଡିଏ ଢାଞ୍ଚାରେ ସେ ବହୁ ଟେକ୍‌ନିକାଲ, ଭୋକେଶନାଲ ଏବଂ ଦକ୍ଷତା ବିକାଶ ପାଠ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ଏହାକୁ ପଢ଼ି ବହୁ ଛାତ୍ରୀଛାତ୍ର କେମିକାଲ ଏବଂ ପେଟ୍ରୋକେମିକାଲ୍ କ୍ଷେତ୍ରରେ ନିଜର କ୍ୟାରିୟର ଗଢ଼ିଛନ୍ତି। ଜଣେ ଶିକ୍ଷାବିତ୍ ଭାବେ ସିପେଟ୍‌ରେ ପାଠ୍ୟକ୍ରମ ବ୍ୟବସ୍ଥାକୁ ସେ ସୁସଂଗଠିତ କରିପାରିଛନ୍ତି।

ମାଟେରିଆଲ ସାଇନ୍ସ,ସ୍କିଲ୍ ଟ୍ରେନିଂ ଆଣ୍ଡ୍ ପ୍ଲେସମେଣ୍ଟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତାଙ୍କୁ ବହୁ ପୁରସ୍କାର ଆଣିଦେଇଛି। ଭାରତ ସରକାରଙ୍କ ପକ୍ଷରୁ ସେ ବହୁ ଥର ପୁରସ୍କୃତ ହୋଇଥିବା ବେଳେ ଜିଏନ୍‌ଏମ୍ ଫାଉଣ୍ଡେଶନ ତାଙ୍କୁ 'ଜିଏନ୍‌ଏମ୍ ଓରେଶନ ଆୱାର୍ଡ' ଦେଇଛି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ଦେଶ ଗଠନରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନରିସ୍ କଜା ବା ସମ୍ମାନଜନକ ଡକ୍ଟରେଟ ଉପାଧିରେ ବିଭୂଷିତ ହୋଇଛନ୍ତି। ସେହିପରି ପଲିମର ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି କ୍ଷେତ୍ରରେ ଅବଦାନ ପାଇଁ ଏସିଆନ୍ ପଲିମର ଆସୋସିଏଶନ ତାଙ୍କୁ ସାଇନ୍ସ ଆୱାର୍ଡରେ ସମ୍ମାନିତ କରିଛି। ୧୦ମ ବିଶ୍ୱ ଶିକ୍ଷା ସମ୍ମିଳନୀରେ ତାଙ୍କୁ ମଧ୍ୟ ଭାରତର ଶୀର୍ଷ ଉଚ୍ଚଶିକ୍ଷା ନେତୃତ୍ୱ ପୁରସ୍କାର ପ୍ରଦାନ କରାଯାଇଛି।

ପ୍ରଫେସର ନାୟକ ୧୬ଟି ବହି ଓ ୪୦୦ ଗବେଷଣାତ୍ମକ ସନ୍ଦର୍ଭ ଲେଖିଛନ୍ତି। ଏହି ଓଡ଼ିଆ ବୈଜ୍ଞାନିକ ୩୦ ବର୍ଷ ଧରି ସିପେଟ୍‌ରେ ୪୦ ପ୍ରକାର ପାଠ୍ୟକ୍ରମ ପ୍ରଚଳନ କରାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ୫୧ଟି ପେଟେଣ୍ଟ ପାଇଁ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ୨୨ଟିକୁ ଅନୁମୋଦନ ମିଳିସାରିଛି। ୩୦ ପ୍ରକାର ପଲିମର ସାମଗ୍ରୀ ଡିଜାଇନ ପଞ୍ଜୀକରଣ ପାଇଁ ସାର୍ଟିଫାଏ କରାଯାଇଛି। ଏହାଛଡା ସେ ଇଣ୍ଟରନ୍ୟାଶନାଲ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେଶନ(ଆଇଏସ୍‌ଓ)ର ସଦସ୍ୟ ରହିଛନ୍ତି। ପ୍ରଫେସର ନାୟକ ବର୍ତ୍ତମାନ ସିପେଟ୍‌ର ମହାନିର୍ଦ୍ଦେଶକ ତଥା ସିଇଓ ଭାବେ କାର୍ଯ୍ୟରତ।




ଛତିଶଗଡ଼ର ରାୟପୁରଠାରେ ମିନେରାଲ ରିସର୍ଜେନ୍ସ ସମିଟ ଅନୁଷ୍ଠିତ ହୋଇଯାଇଛି। ନାଲକୋ ଅଧ୍ୟକ୍ଷ ତଥା ସିଆଇଆଇ ମାଇନିଂ ଆଣ୍ଡ ମିନେରାଲ୍‌ସ କମିଟି (ପୂର୍ବାଞ୍ଚଳ) ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ ଏଠାରେ ଅନୁଗୋଳ ଆଲୁମିନିୟମ୍ ପାର୍କ ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ଏସ୍‌ବିଆଇ-ଆପୋଲୋ କାର୍ଡ ଉନ୍ମୋଚିତ

ଭୁବନେଶ୍ୱର,୭-୧୦




ଆପୋଲୋ ହସ୍ପିଟାଲ ଗ୍ରୁପ ଏବଂ ଏସ୍‌ବିଆଇ କାର୍ଡ ପକ୍ଷରୁ ଏସ୍‌ବିଆଇ-ଆପୋଲୋ କାର୍ଡ ଉନ୍ମୋଚିତ ହୋଇଛି। ଦୁଇ ସଂସ୍ଥାର ମିଳିତ ପ୍ରୟାସରେ ଏହି କାର୍ଡକୁ ଆରମ୍ଭ କରାଯାଇଛି। ହେଲଥ୍‌କେୟାର ସେଗ୍‌ମେଣ୍ଟରେ ପ୍ରଥମଥର ଲାଗି ଏହାକୁ ଆରମ୍ଭ କରାଯାଇଛି। ପରିବାରର ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ଲାଗି ଏଭଳି ଏକ ପ୍ରଡକ୍ଟକୁ ଡିଜାଇନ୍ କରାଯାଇଛି। ଏହି ଚୁକ୍ତି ଦ୍ୱାରା କାର୍ଡଧାରୀମାନେ ଆପୋଲୋ ହେଲ୍‌ଥ କେୟାର ସିଷ୍ଟମରେ ବିଭିନ୍ନ ସେବା ଲାଭ ସମୟରେ ଉକ୍ତ କାର୍ଡର ବ୍ୟବହାର କରିପାରିବେ। ଉକ୍ତ କାର୍ଡ ଦ୍ୱାରା ଗ୍ରାହକଙ୍କୁ ବିଭିନ୍ନ ରିହାତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ୱେଲ୍‌ନେସ୍ ଏବଂ ହେଲଥକେୟାର ସେଗ୍‌ମେଣ୍ଟରେ ଗ୍ରାହକଙ୍କୁ ମୂଲ୍ୟଯୁକ୍ତ ସେବା ପ୍ରଦାନ ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି। ଏହି ଚୁକ୍ତି ଦ୍ୱାରା ଆମେ ଆନନ୍ଦିତ ବୋଲି ଆପୋଲୋ ହସ୍ପିଟାଲ୍ସ ଏଣ୍ଟରପ୍ରାଇଜେସ ଲିମିଟେଡର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ସୋବାନା କାମିନେନି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଉତ୍ତରାଖଣ୍ଡ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ ବିଜୟୀ

**ଭୁବନେଶ୍ୱର, ୭।୧୦(କ୍ରୀଡ଼ା ପ୍ରତିନିଧି):** ଏଠାରେ ଚାଲିଥିବା ରାଉଣ୍ଡ-୧ ପ୍ଲେଟ ୧୯ ବର୍ଷରୁ କମ୍ ଭିନୁ ମଙ୍କଡ଼ ଟ୍ରଫି କ୍ରିକେଟ ଜୋନାଲ ଲିଗ୍‌ରେ ରବିବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଉତ୍ତରାଖଣ୍ଡ, ନାଗାଲାଣ୍ଡ ଓ ଅରୁଣାଚଳ ପ୍ରଦେଶ ବିଜୟୀ ହୋଇଛି। କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଉତ୍ତରାଖଣ୍ଡ ୮ ଉଇକେଟରେ ପୁଡୁଚେରୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପୁଡୁଚେରୀ ୩୯ ଓଭରରେ ୯୪ ରନ କରି ଅଲଆଉଟ ହୋଇ ଯାଇଥିଲା। ଜବାବରେ ଉତ୍ତରାଖଣ୍ଡ ୧୯.୧ ଓଭରରେ ୨ ଉଇକେଟ ହରାଇ ୯୭ ରନ ସଂଗ୍ରହ କରି ନେଇଥିଲା। ରେଲୱେ ଷ୍ଟାଡିୟମରେ ନାଗାଲାଣ୍ଡ ୩୦ ରନରେ ମେଘାଳୟକୁ ପରାସ୍ତ କରିଛି। ନାଗାଲାଣ୍ଡ ୪୦ ଓଭରରେ ୧୮୯ ରନ କରି ଅଲଆଉଟ ହୋଇଥିବାବେଳେ ମେଘାଳୟ ଇନିଂସ ୪୭.୧ ଓଭରରେ ୧୫୯ ରନରେ ସୀମିତ ରହିଥିଲା। ବିକାଶ ଗ୍ରାଉଣ୍ଡରେ ଅରୁଣାଚଳ ପ୍ରଦେଶ ୬୮ ରନରେ ସିକିମକୁ ହରାଇ ଦେଇଛି। ଅରୁଣାଚଳ ପ୍ରଦେଶ ୩୮.୪ ଓଭରରେ ୧୩୬ ରନ କରିବାକୁ ସକ୍ଷମ ହୋଇଥିବାବେଳେ ସିକିମ ୩୨.୨ ଓଭରରେ ୬୮ ରନ କରି ଅଲଆଉଟ ହୋଇ ଯାଇଥିଲା।

### ଜାମସେଦପୁର-ବେଙ୍ଗାଲୁରୁ ମ୍ୟାଚ ଡ୍ର

**ବେଙ୍ଗାଲୁରୁ, ୭।୧୦(ପି.ଟି.):** ସର୍ଗିଓ ସିଡୋଞ୍ଚାଙ୍କ ଇଞ୍ଜୁରି ଟାଇମ୍ ଗୋଲ ବଳରେ ଜାମସେଦପୁର ଏଫସି ଇଣ୍ଡିଆନ ସୁପରଲିଗ୍‌ର ରବିବାର ଅନୁଷ୍ଠିତ ବେଙ୍ଗାଲୁରୁ ଏଫସି ବିପକ୍ଷ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଛି। ନିଶୁ କୁମାରଙ୍କ ଗୋଲ ବଳରେ ବେଙ୍ଗାଲୁରୁ ଏଫସି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଗ୍ରଣୀ ରହିଥିଲା। ମାତ୍ର ବଦଳ ଖେଳାଳିଭାବେ ପଡ଼ିଆକୁ ଆସିଥିବା ଗୌରବ ମୁଖିଙ୍କ ଗୋଲ ବଳରେ ଜାମସେଦପୁର ଏଫସି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲା। ସୁନୀଲ ଛେତ୍ରୀଙ୍କ ୮୮ତମ ମିନିଟ ଗୋଲ ବଳରେ ବେଙ୍ଗାଲୁରୁ ପୁଣି ଅଗ୍ରଣୀ ନେଇଥିବାବେଳେ ୯୦+୪ତମ ମିନିଟରେ ସିଡୋଞ୍ଚା ଗୋଲ ପରିଶୋଧ କରି ମ୍ୟାଚକୁ ବରାବର କରି ଦେଇଥିଲେ।

### ଖେଳି ନ ପାରନ୍ତି ବ୍ରାଭୋ, ପୋଲାର୍ଡ, ନାରିନ୍

କିଙ୍ଗ୍‌ସ୍ଟନ, ୭।୧୦ (ପି.ଟି.)-ଆସନ୍ତା ଭାରତ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ୱେଷ୍ଟଇଣ୍ଡିଜ ଦଳରେ ଟି୨୦ ସ୍ପେଶାଲିଷ୍ଟ ଡ୍ୱେନ ବ୍ରାଭୋ, କିରନ ପୋଲାର୍ଡ ଓ ସୁନୀଲ ନାରିନଙ୍କୁ ସ୍ଥାନ ନ ମିଳିପାରେ। କାରଣ ଭାରତୀୟ ଭିଜା ପାଇଁ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ଯେଉଁ ୨୫ ଜଣିଆ ଖେଳାଳି ତାଲିକା ପ୍ରସ୍ତୁତ କରିଛି, ସେଥିରେ ଏମାନଙ୍କ ନାମ ନାହିଁ। ୱେଷ୍ଟଇଣ୍ଡିଜ-ଭାରତ ଦିନିକିଆ ସିରିଜ ଅକ୍ଟୋବର ୨୧ରୁ ଆରମ୍ଭ ହେବ। ତେବେ ଏଥିଲାଗି ୱେଷ୍ଟଇଣ୍ଡିଜ ଦଳ ଘୋଷଣା ହୋଇ ନାହିଁ।



> ଗତ କେତୋଟି ମ୍ୟାଚରେ ରିୟଲ ମାଡ୍ରିଡର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲେ ମଧ୍ୟ ମୋ ସ୍ଥିତି ପ୍ରତି ବିପଦ ରହିଛି ବୋଲି ମୁଁ ମନେ କରୁନି ।
> **–ଜୁଲେନ ଲୋପେଟ୍‌ଗୁଇ, ରିୟଲ ମାଡ୍ରିଡ ଟିମ୍ ମ୍ୟାନେଜର**



> ସଂଯୁକ୍ତ ଆରବ ଏମିରେଟ୍ସରେ ରବିବାରଠାରୁ ଆରମ୍ଭ ହୋଇଥିବା ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜରେ ସ୍ପିନରମାନଙ୍କ ବିଶେଷ ଭୂମିକା ରହିବ ।
> **–ମିଚେଲ ଷ୍ଟାର୍କ, ଅଷ୍ଟ୍ରେଲୀୟ ପେସ୍ ବୋଲର**

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

## ସୁଲତାନ ଜୋହର କପ୍ ଜୁନିୟର ହକି

ଜୋହର ବାହରୁ(ମାଲେସିଆ), ୭।୧୦

ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରାଙ୍କ ଡବଲ ଗୋଲ ବଳରେ ଭାରତ ରବିବାର ଅନୁଷ୍ଠିତ ସୁଲତାନ ଜୋହର କପ୍ ଜୁନିୟର ହକି ଟୁର୍ନାମେଣ୍ଟରେ ନ୍ୟୁଜିଲାଣ୍ଡକୁ ୭-୧ ଗୋଲରେ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଏହା ହେଉଛି ଭାରତର କ୍ରମାଗତ ଦ୍ୱିତୀୟ ବିଜୟ। ପ୍ରଥମ ଦିବସରେ ଦଳ ଆୟୋଜକ ମାଲେସିଆକୁ ୨-୧ ଗୋଲରେ ହରାଇ ଦେଇଥିଲା।

ଗତଥର ବ୍ରୋଞ୍ଜ ପଦକ ଜିତିଥିବା ଭାରତ ରବିବାର ଏଠାରେ ପ୍ରଭଜୋତ ସିଂଙ୍କ ୬ଷ୍ଠ ମିନିଟ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲା। ଶୃଙ୍ଖଳିତ ପ୍ରଦର୍ଶନ କରି ଭାରତୀୟ ଯୁବ ଖେଳାଳିମାନେ ଅଧିକାଂଶ ସମୟ ନ୍ୟୁଜିଲାଣ୍ଡ ସର୍କଲ ଭିତରେ ବଲ୍ ରଖିବାକୁ ସକ୍ଷମ ହୋଇଥିଲେ। ଚଳିତବର୍ଷ ପ୍ରାରମ୍ଭରେ ସୁଲତାନ ଆଜଲାନଶାହ କପ୍ ଖେଳି ସିନିୟର କ୍ୟାରିୟର ଆରମ୍ଭ କରିଥିବା ଓଡ଼ିଶାର ଶିଳାନନ୍ଦ ଏଠାରେ ୧୫ତମ ମିନିଟରେ ଗୋଟିଏ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ନ୍ୟୁଜିଲାଣ୍ଡ ଗୋଲ ପରିଶୋଧ ପାଇଁ ଉଦ୍ୟମ କରିଥିଲେ ହେଁ ଭାରତୀୟ ଯୁବ ଡିଫେଣ୍ଡରମାନେ ତାହା ହେବାକୁ ଦେଇ ନ ଥିଲେ। ଅନ୍ୟତମ ଓଡ଼ିଶା ଖେଳାଳି ତଥା ଗୋଲକିପର ପଙ୍କଜ ରଜାକ ମଧ୍ୟ ଚମତ୍କାର ସେଭ୍ କରି ନ୍ୟୁଜିଲାଣ୍ଡର ପ୍ରତ୍ୟାବର୍ତ୍ତନ ଆଶାରେ ପାଣି ଭରିଥିଲେ। ୨୧ତମ ମିନିଟରେ ହିମରନଜିତ ସିଂଙ୍କ ଫିଲ୍ଡ ଗୋଲ ଏବଂ ୨୩ତମ ମିନିଟରେ ମହମ୍ମଦ ଫରାଜଙ୍କ ପେନାଲ୍ଟିଗୋଲ ବଳରେ ଭାରତ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୪-୦ରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧରେ ନ୍ୟୁଜିଲାଣ୍ଡ ଭିନ୍ନ ରଣନୀତି ସହ ପଡ଼ିଆକୁ ଓହ୍ଲାଇବ ବୋଲି ଆଶା କରାଯାଉଥିଲା। ମାତ୍ର ତୃତୀୟ କ୍ୱାର୍ଟରରେ ଶିଳାନନ୍ଦ ୪୩ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୫ମ ଗୋଲ ଦେଇ ନ୍ୟୁଜିଲାଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ୫୦ତମ ମିନିଟରେ ଅଭିଷେକ ଆଉ ଏକ ଗୋଲ ଦେଇଥିବାବେଳେ ନ୍ୟୁଜିଲାଣ୍ଡ ପକ୍ଷରୁ ସାମ୍ ହିହା ୫୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ। ଭାରତୀୟ ଅଧିନାୟକ ମନଦୀପ ମୋର ୬୦ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ଦେଇ ମ୍ୟାଚର ପରିସମାପ୍ତି ଘଟାଇଥିଲେ। ବିଶାଲ ଆଣ୍ଟିଲ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୯ ତାରିଖରେ ଜାପାନ ସହିତ ଖେଳିବ।



ଗୋଲ ଦେବା ପରେ ଖୁସି ମନାଉଛନ୍ତି ଶିଳାନନ୍ଦ ଲାକ୍ରା।

### ହାଫିଜଙ୍କ ଶତକ: ପାକିସ୍ତାନ ୨୫୫/୩

ଦୁବାଇ, ୭।୧୦ (ଏଏଫପି)

ଦୁବାଇଠାରେ ରବିବାର ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ଆରମ୍ଭ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଓପନର ମହମ୍ମଦ ହାଫିଜଙ୍କ ଶତକ ସହାୟତାରେ ୩ ଉଇକେଟ ବିନିମୟରେ ୨୫୫ ରନ କରିଛି। ହାରିସ ସୋହେଲ ୧୫ ଏବଂ ନାଇଟ୍ ୱାଚମ୍ୟାନ ମହମ୍ମଦ ଆବାସ ୧ ରନ କରି ଅପରାଜିତ ଅଛନ୍ତି। ଦୁବାଇ ଷ୍ଟାଡିୟମର ଫ୍ଲାଟ୍ ପିଚ୍‌ରେ ଅଷ୍ଟ୍ରେଲିଆ ବୋଲର ପ୍ରଭାବ ବିସ୍ତାର କରିବାରେ ସମର୍ଥ ହୋଇ ନ ଥିଲେ। ଏକ ଘରୋଇ ମ୍ୟାଚରେ ଦ୍ୱିଶତକ ହାସଲ କରିବା ପରେ ଦଳକୁ ବିଳମ୍ବରେ ପ୍ରତ୍ୟାବର୍ତ୍ତନ କରିଥିବା ହାଫିଜ୍ ୧୨୬ ରନ କରିଥିଲେ। ଏହା ତାଙ୍କ ୧୦ମ ଟେଷ୍ଟ ଶତକ। ସେ ଇମାମ୍ ଉଲ ହକ୍‌ଙ୍କ ସହ ଓପନିଂ ପାର୍ଟନରଶିପରେ ୨୦୫ ରନ ଯୋଗ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ପାକିସ୍ତାନ ପ୍ରଥମ ଇନିଂସ:** ୨୫୫/୩ (ମହମ୍ମଦ ହାଫିଜ-୧୨୬, ଇମାମ୍ ଉଲ ହକ୍-୭୬, ପିଟର ସିଡଲ-୧/୨୩, ନାଥାନ ଲିଅନ୍-୧/୬୩, ଜନ୍ ହଲାଣ୍ଡ-୧/୭୨)।

# ପ୍ରଥମ ଦିବସରେ ଭାରତକୁ ୬ ପଦକ



ବ୍ରୋଞ୍ଜ ବିଜୟୀ ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଦଳ।

## ଏସିଆନ ପାରା ଗେମ୍ସ

ଭୁବନେଶ୍ୱର, ୭।୧୦

ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ପ୍ରଥମ ଦିବସରେ ରବିବାର ଭାରତକୁ ୨ଟି ରୌପ୍ୟ, ୪ଟି ବ୍ରୋଞ୍ଜ ସହ ମୋଟ ୬ଟି ପଦକ ମିଳିଛି। ମହିଳା ସନ୍ତରଣ ୧୦୦ ମିଟର ବଟରଫ୍ଲାଏ ଏସ-୧୦ କାଟେଗୋରିରେ ସତୀଜା ଦେବାଂଶି ଦେଶପାଇଁ ପ୍ରଥମ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ପୁରୁଷ ୨୦୦ ମିଟର ଇଣ୍ଡିଭିଜୁଆଲ ମିଡ୍‌ଲେ ଏସଏମ-୭ କାଟେଗୋରିରେ ସୁୟାଶ ଯାଦବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୫୦ମିଟର ଫ୍ରି ଷ୍ଟାଇଲରେ ମଧ୍ୟ ବ୍ରୋଞ୍ଜ ଜିତିଛନ୍ତି। ଦ୍ୱିତୀୟ ରୌପ୍ୟ ଜିତିଛନ୍ତି ଫରମାନ ବାସା। ସେ ୪୯ କେଜି ପୁରୁଷ ଶକ୍ତିଉତ୍ତୋଳନ ଇଭେଣ୍ଟରେ ୧୨୮ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ଏହି କାଟେଗୋରିରେ ଅନ୍ୟତମ ଭାରତୀୟ ପରମଜିତ କୁମାରଙ୍କୁ ବ୍ରୋଞ୍ଜ (୧୨୭ କେଜି) ପଦକ ମିଳିଛି। ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଦଳ ମାଲେସିଆଠାରୁ ୧-୨ରେ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛି। ଅନ୍ୟପକ୍ଷରେ ବ୍ୟାଡ୍‌ମିଣ୍ଟନର ସିଙ୍ଗଲ୍ସ ଇଭେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ସେ ଭିଏତନାମର ଡୁକ୍ ଡୁଙ୍ଗ ଫାମ୍‌ଙ୍କୁ ୨୧-୧୧, ୨୧-୭ରେ ହରାଇ ଦେଇଛନ୍ତି। ଓଡ଼ିଶା ସ୍ପ୍ରିଣ୍ଟର ଜୟନ୍ତୀ ବେହେରା ସୋମବାର ୨୦୦ ମିଟର ରେସ୍‌ରେ ଭାଗ୍ୟପରୀକ୍ଷା କରିବେ। ତେବେ ଓଡ଼ିଶାର ଦୁଇ ହୁଇଲ୍ ଚେୟାର ଫେନ୍‌ସିଂ ଖେଳାଳି ଭି.ରମେଶ ରାଓ ଓ ରାଖାଲ କୁମାର ସେଠୀ ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ଦୃଷ୍ଟିହୀନ ଚେସ୍‌ରେ ଭାରତର ସମସ୍ତ ପ୍ରତିଯୋଗୀ ବିଜୟୀ ହୋଇଛନ୍ତି। ଓଡ଼ିଶାର ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ଡୋମିନିଗୋର ସାଭିଓ ଫର୍ନାଣ୍ଡିଜ୍‌ଙ୍କୁ ୧୫ ମିନିଟରୁ କମ୍ ସମୟ ମଧ୍ୟରେ ହରାଇ ଦେଇଛନ୍ତି। ଶନିବାର ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୨୦୧୬ ରିଓ ପାରା ଅଲିମ୍ପିକ୍ସର ହାଇଜମ୍ପ ଏଫ-୪୨ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଥେଙ୍ଗାଭେଲୁ ମାରିଆରପ୍ପା ଉଦ୍‌ଘାଟନୀ ଉତ୍ସବରେ ଜାତୀୟ ପତାକାଧାରୀ ହୋଇଥିଲେ। ପୁରୁଷ ହକିରେ ଭାରତ ୧୦-୦ରେ ବାଂଲାଦେଶକୁ ହରାଇଥିବାବେଳେ ମହିଳା ଦଳ ୪-୨ ଗୋଲରେ ଅଷ୍ଟ୍ରିଆକୁ ପରାସ୍ତ କରିଛି।



ଫରମାନ ବାସା

### ଭୁଟାନକୁ ହରାଇ ଭାରତ ତୃତୀୟ

ଥିମ୍ପୁ, ୭।୧୦ (ପି.ଟି.)

୧୮ବର୍ଷରୁ କମ୍ ମହିଳା ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ରବିବାର ଭାରତ ୧-୦ ଗୋଲ୍‌ରେ ଭୁଟାନକୁ ହରାଇ ତୃତୀୟ ସ୍ଥାନ ହାସଲ କରିଛି। ଦେବନୀତା ରୟ ଖେଳର ୭୩ତମ ମିନିଟ୍‌ରେ ବିଜୟ ସୂଚକ ଗୋଲଟିକୁ ସ୍କୋର କରିଥିଲେ।

### ଦକ୍ଷିଣ ଆଫ୍ରିକାର କ୍ଲିନ୍ ସୁଇପ୍

**ପାର୍ଲ, ୭।୧୦(ଏଏଫପି)**

ଜିମ୍ବାୱେ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଦକ୍ଷିଣ ଆଫ୍ରିକା କ୍ଲିନ୍ ସୁଇପ୍ କରିଛି। ଏଠାରେ ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୪ ଉଇକେଟରେ ଜିମ୍ବାୱେକୁ ହରାଇଦେଇଛି। ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ୪୯.୩ ଓଭରରେ ୨୨୮ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୪୫.୫ ଓଭରରେ ୬ ଉଇକେଟ ହରାଇ ୨୩୧ ରନ କରି ବିଜୟ ହାସଲ କରିଛି।

### ■ ୧୯ ବର୍ଷରୁ କମ୍ ଏସିଆ କପ୍

# ଭାରତ ଚାମ୍ପିୟନ

ମୀରପୁର, ୭।୧୦ (ପି.ଟି.)

ଭାରତ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ୧୪୪ ରନରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଦିଲ୍ଲୀ ବାଳକ ଆୟୁଷ ବାଦୋନୀ ଏବଂ ହର୍ଷ ତ୍ୟାଗୀ ଦଳକୁ ବିଜୟୀ କରାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଶେର୍-ଇ-ବାଂଲା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭାରତ ଅଧିନାୟକ ପ୍ରଭ ସିମରନ ସିଂ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦଳି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୩୦୩ ରନ କରିଥିଲା। ଦଳର ଇନିଂସରେ ସମସ୍ତ ବ୍ୟାଟ୍ସମ୍ୟାନଙ୍କ ଅବଦାନ ଥିଲା। ଓପନର ଯଶସ୍ୱୀ ଜୟସ୍ୱାଲ (୧୧୩ ବଲ୍‌ରୁ ୮୫ରନ) ଓ ଅନୁଜ ରାୱତ (୭୯ ବଲ୍‌ରୁ ୫୭) ପାର୍ଟନରଶିପ୍‌ରେ ୧୨୧ ରନ ଯୋଗ କରି ଦଳର ମୂଳଦୁଆ ସୁଦୃଢ଼ କରିଥିଲେ। ଭାରତୀୟ ଇନିଂସରେ ବାଦୋନୀଙ୍କ ୨୮ ବଲ୍‌ରୁ ଅପରାଜିତ ୫୨ ରନ ଉଲ୍ଲେଖନୀୟ ଥିଲା। ସେ ୫ ଛକା ଓ ୨ ଚୌକା ଲଗାଇଥିଲେ। ଅଧିନାୟକ ପ୍ରଭ ସିମରନ (୩୭ ବଲ୍‌ରୁ ଅପରାଜିତ ୬୫) ଓ ବାଦୋନୀ ୯.୧ ଓଭରରେ ୧୧୦ ରନ ଯୋଗ କରି ଶ୍ରୀଲଙ୍କାଠାରୁ ମ୍ୟାଚ ଛଡ଼ାଇ ନେଇଥିଲେ। ୩୦୪ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଶ୍ରୀଲଙ୍କା ୩୮.୪ ଓଭରରେ ୧୬୦ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ନିୟମିତ ଭାବେ ଉଇକେଟମାନ ହରାଇଥିଲା। ଭାରତୀୟ ବୋଲରମାନଙ୍କ ମଧ୍ୟରେ ସଫଳ ବୋଲର ଭାବେ ହର୍ଷ ତ୍ୟାଗୀ ତାଙ୍କ ୧୦ ଓଭର ବୋଲିଂରେ ୩୮ ରନ ଦେଇ ୬ଟି ଉଇକେଟ ଅକ୍ତିଆର କରିଥିଲେ। ସେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟରେ ସ୍ଥିର ପ୍ରଦର୍ଶନ ସହ ୩୧୮ ରନ ସଂଗ୍ରହ କରିଥିବା ଜୟସ୍ୱାଲ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତୀୟ ୧୯ ବର୍ଷୟରୁ କମ୍ ଦଳ:** ୩୦୩/୬ (ଯଶସ୍ୱୀ ଜୟସ୍ୱାଲ-୧୧୩ ବଲ୍‌ରୁ ୮୫, ଅନୁଜ ରାୱତ ୭୯ ବଲ୍‌ରୁ ୫୭, ପ୍ରଭ ସିମରନ ୩୭ ବଲ୍‌ରୁ ୬୫*, ଆୟୁଷ ବାଦୋନୀ ୨୮ ବଲ୍‌ରୁ ୫୨*)।

**ଶ୍ରୀଲଙ୍କା ୧୯ବର୍ଷରୁ କମ୍ ଦଳ:** ୩୮.୪ ଓଭରରେ ୧୬୦/ଅଲଆଉଟ (ହର୍ଷ ତ୍ୟାଗୀ ୧୦ ଓଭରରେ ୬/୩୮)।

# ୟୁଥ୍ ଅଲିମ୍ପିକ ଗେମ୍ସ ଉଦ୍‌ଘାଟିତ

ବୁଏନ୍ସ ଏରିଜ୍, ୭।୧୦ (ପି.ଟି.)

ୟୁଥ୍ ଅଲିମ୍ପିକ ଗେମ୍ସ ଶନିବାର ଆରମ୍ଭ ହୋଇଛି। ପ୍ରଥମ ଥର ଏହାର ଉଦ୍‌ଘାଟନୀ ଉତ୍ସବ ସହରର ମୁଖ୍ୟ ରାସ୍ତାରେ ଆୟୋଜିତ ହୋଇଥିଲା। ପ୍ରାୟ ୨ ଲକ୍ଷ ଲୋକ ଏହାକୁ ଉପଭୋଗ କରିଥିଲେ। ମାର୍ଚ୍ଚ ପାଷ୍ଟ ବେଳେ ଶୁଟର ଜାତୀୟ ପତାକା ସହ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଆୟୋଜିତ ଆତସବାଜି କାର୍ଯ୍ୟକ୍ରମ ବେଶ୍ ମନୋମୁଗ୍ଧକର ହୋଇଥିଲା। ଉଦ୍‌ଘାଟନୀ ଉତ୍ସବକୁ ଥାଇଲାଣ୍ଡର 'ୱାଇଲ୍ଡ ବୋର୍ସ' ଟିମ୍‌କୁ ଆମନ୍ତ୍ରଣ କରାଯାଇଥିବାରୁ ଅଲିମ୍ପିକ କମିଟି ସଭାପତି ଥୋମାସ ବ୍ୟାକ୍ ତାହାର ଉଚ୍ଚ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, 'ୱାଇଲ୍ଡ ବୋର୍ସ' ଫୁଟ୍‌ବଲ ଟିମ୍ ଜୁନ୍‌ରେ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ଟିମ୍‌ର ଖେଳାଳିମାନେ ଥାଇଲାଣ୍ଡ ଅନ୍ତର୍ଗତ ଚାଙ୍ଗ୍ ରାଇ ପ୍ରଦେଶର ଏକ ବନ୍ୟ ପ୍ଲାବିତ ଗୁମ୍ଫାରେ ଦୁଇ ସପ୍ତାହ ଧରି ଫସି ରହିଥିଲେ। ଗେମ୍ସରେ ୨୦୬ଟି ଟିମ୍‌ର ୧୫ରୁ ୧୮ ବୟସ ବର୍ଗର ୪,୦୦୦ ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି। ଏଥିରେ ଭାଗ ନେବାଲାଗି ଭାରତରୁ ଏକ ୬୮ଜଣିଆ ପ୍ରତିନିଧି ଦଳ ଆର୍ଜେଣ୍ଟିନାରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରେ ୪୬ଜଣ ଆଥଲେଟ୍ ଅଛନ୍ତି। ସେମାନେ ୧୩ଟି ବିଭିନ୍ନ ଖେଳରେ ଭାଗ ନେବେ। ୟୁଥ୍ ଅଲିମ୍ପିକ୍ସକୁ ଭାରତ ଏଥର ସର୍ବବୃହତ୍ ଦଳ ପଠାଇଛି। ହକି-୫ଏସ୍‌ରେ ସବୁଠାରୁ ଅଧିକ ୧୮ (ମହିଳା ଓ ପୁରୁଷ ବିଭାଗରେ ୯ଜଣ ଲେଖାଏଁ) ଜଣ ଭାଗ ନେଉଥିବା ବେଳେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ୭ଜଣ ଆଥଲେଟ ପ୍ରତିନିଧିତ୍ୱ କରିବେ। ଭାରତ ଅନ୍ୟ ଯେଉଁ କେତୋଟି ବିଭାଗରେ ଅଂଶଗ୍ରହଣ କରିବ ସେଗୁଡ଼ିକ ହେଲା ଶୁଟିଂ(୪), ରିକର୍ଭ ଆର୍ଚେରୀ (୨), ବ୍ୟାଡ୍‌ମିଣ୍ଟନ(୨), ସୁଇମିଂ (୨), ଟେବୁଲ ଟେନିସ (୨), ୱେଟ୍‌ଲିଫ୍ଟିଂ(୨), ରେସ୍‌ଲିଂ(୨), ରୋଇଂ(୨), ବକ୍ସିଂ(୧), ଜୁଡୋ(୧) ଏବଂ ସ୍ପୋର୍ଟ କ୍ଲାଇମ୍ବିଂ (୧)। ୧୬ ବର୍ଷୀୟା ଶୁଟର ମନୁ ଭାକର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଗଡାଲାଜାରା ୱାର୍ଲ୍ଡ କପ୍ ଏବଂ ରାଜ୍ୟ ଗୋଷ୍ଠୀ କ୍ରୀଡ଼ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୟୁଥ୍ ଅଲିମ୍ପିକ୍ସ ପଦକ ଆଶାୟୀ ଭାରତୀୟଙ୍କ ମଧ୍ୟରେ ସେ ଅନ୍ୟତମ।

### ଭାରତ ପାଇଁ ପ୍ରଥମ ପଦକ ଜିତିଲେ ତୁଷାର

ବୁଏନସ ଏରିଜ, ୭।୧୦ (ପି.ଟି.)

ୟୁଥ୍ ଅଲିମ୍ପିକ୍ସ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ଭାରତର ତୁଷାର ମାନେ ଦେଶ ପାଇଁ ପ୍ରଥମ ପଦକ ଜିତିଛନ୍ତି। ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସେ ୨୪୭.୫ ପଏଣ୍ଟ ସହ ରୌପ୍ୟ ପଦକ ଲାଭ କରିଛନ୍ତି। ଗ୍ରିଗୋରି ଶାମକୋଭ (୨୪୯.୨) ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ସର୍ବିୟାର ଆଲେକ୍ସା ମିଟ୍ରୋଭିଚ୍ (୨୨୭.୯) ବ୍ରୋଞ୍ଜ ଜିତିଛନ୍ତି। ୨୦୧୪ରେ ଚାଇନାର ନାନ୍‌ଜିଙ୍ଗଠାରେ ଅନୁଷ୍ଠିତ ୟୁଥ୍ ଅଲିମ୍ପିକ୍ସର ଗତ ସଂସ୍କରଣରେ ଭାରତ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ୨ଟି ପଦକ ଜିତିପାରିଥିଲା।

ଜିଏସ୍‌ଟି ଅଧୀନରେ ରପ୍ତାନି ଓ ଆମଦାନୀ

1 NATION TAX MARKET GST

» ରପ୍ତାନି ଏବଂ ଏସ୍‌ଇଜେଡ୍ ୟୁନିଟ୍ / ଏସ୍‌ଇଜେଡ୍ ଡେଭଲପରକୁ କରାଯାଉଥିବା ଯୋଗାଣ ଜିରୋ-ରେଟେଡ୍ ଯୋଗାଣ ଭାବେ ବିବେଚିତ ହୋଇଥାଏ ।
» ରପ୍ତାନିକାରୀମାନେ ବହିର୍ଗାମୀ ଯୋଗାଣ ଉପରେ ଆଇଜିଏସ୍‌ଟି ପୈଠର ବିକଳ୍ପ ବାଛିପାରିବେ ଓ ତାହାର ରିଫଣ୍ଡ ଦାବି କରିପାରିବେ ।
» ବୈକଳ୍ପିକ ଭାବେ, ରପ୍ତାନିକାରୀମାନେ ବଣ୍ଡ କିମ୍ବା ଏଲ୍‌ୟୁଟି (ଟିକସ ପୈଠ ନ କରି) ଅଧୀନରେ ରପ୍ତାନି କରିପାରିବେ ଏବଂ ସଂଗୃହୀତ ଇନ୍‌ପୁଟ୍ ଟିକସ କ୍ରେଡିଟ୍ (ଆଇଟିସି)ର ରିଫଣ୍ଡ ଦାବି କରିପାରିବେ।
» ସାମଗ୍ରୀ ଓ ସେବାର ଆମଦାନୀ ଆନ୍ତଃ ରାଜ୍ୟ ଯୋଗାଣ ଭାବେ ବିବେଚିତ ହୋଇଥାଏ ଏବଂ ଏହା ଆଇଜିଏସ୍‌ଟି (ସୀମା ଶୁଳ୍କରୁ ଅତିରିକ୍ତ) ଅଧୀନସ୍ଥ ରହିବ।
» ଆମଦାନୀ ଉପରେ ପୈଠ କରାଯାଇଥିବା ଆଇଜିଏସ୍‌ଟି ଆଇଟିସି ଭାବେ ଉପଲବ୍ଧ ହେବ।

ଜିଏସ୍‌ଟି ସୂଚନା ସିରିଜ
ଆପଣ ଜାଣନ୍ତି କି?

150 YEARS OF CELEBRATING THE MAHATMA

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ
ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ବାଣିଜ୍ୟ କର ବିଭାଗ
www.cbic.gov.in, www.cbec-gst.gov.in

ଜିଏସ୍‌ଟି - ଏକ ଉତ୍ତମ ଓ ସରଳ ଟିକସ
ଏକ ରାଷ୍ଟ୍ର ନିର୍ମାଣ ହୁଏ, ଯେବେ ଟିକସ ପୈଠ ହୁଏ
davp 15502/13/0051/1819




## ସଂକ୍ଷେପରେ

### ଡିଏଭି ଚାମ୍ପିୟନ

ଭୁବନେଶ୍ୱର,୭।୧୦(ସ୍ପୋର୍ଟ୍ସ ବ୍ୟୁରୋ): ଆସାମର ଗୁଆହାଟୀସ୍ଥିତ ରୟାଲ ଗ୍ଲୋବାଲ ସ୍କୁଲରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ସ୍କୁଲ ଚେସ୍ ଦଳଗତ ବିଭାଗରେ ଓଡ଼ିଶାର କଟକ ସ୍ଥିତ ସି.ଡି.ଏ. ପବ୍ଲିକ ସ୍କୁଲ ଓ ଡି.ଏ. ଭି. ପବ୍ଲିକ୍ ସ୍କୁଲ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ସି.ଡି.ଏ. ୧୧ ବର୍ଷରୁ କମ୍ ବିଭାଗରେ ଚାମ୍ପିୟନ, ଡି.ଏ. ଭି. ରନର୍ସଅପ୍ ହୋଇଛନ୍ତି। ତିନି ରାଉଣ୍ଡ ଭିତ୍ତିକ ୧୧ ବର୍ଷରୁ କମ୍‌ରେ ଅମୃଷା ମହାଣ୍ତ (୩ ପଏଣ୍ଟ), ଋତୁପର୍ଣ୍ଣା ତ୍ରିପାଠୀ (୨) ଅଂଶିତା ପଟ୍ଟନାୟକ ଓ ନିହାରିକା ଦାସ (୩) ସି.ଡି.ଏ. ପବ୍ଲିକ ସ୍କୁଲକୁ ଚାମ୍ପିୟନ କରାଇଛନ୍ତି। ୧୪ ବର୍ଷରୁ କମ୍ ବୟସ ବର୍ଗରେ ପି. ସାଇ ରୂପା (୪), ଆଦିଶା ଦାସ (୨), ଆୟୁଷ ଅଭିଜ୍ଞାନ (୩), ଅଙ୍କିତା ସାହୁ (୩) ୪ ରାଉଣ୍ଡ ବିଶିଷ୍ଟ ଖେଳରେ୧୨ ମ୍ୟାଚ୍ ପଏଣ୍ଟ ହାସଲ କରି ରନର୍ସଅପ୍ ହୋଇଛନ୍ତି। ସେହିଭଳି ୧୪ ବର୍ଷରୁ କମ୍ ବ୍ୟକ୍ତିଗତ ବିଭାଗରେ ପି. ସାଇରୂପା ୪ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଦଳ ସହ ଡି.ଏ.ଭି.ର ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଦୀପକ କୁମାର ମାଇତି ଯୋଗ ଦେଇଥିଲେ।

■ ଓସିଏ ସମ୍ବିଧାନ ସଂଶୋଧନ ପ୍ରସଙ୍ଗ

# ସଦସ୍ୟତା ଦାବିରେ ସାମିଲ ହେଲେ ଅନ୍ୟ କ୍ଲବ

କଟକ ଅଫିସ, ୭।୧୦

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ବିଧାନ ସଂଶୋଧନରେ କ୍ଲବଗୁଡ଼ିକୁ ପୂର୍ଣ୍ଣ ସଦସ୍ୟତା ପଦରୁ ବାଦ୍ ଦିଆଯିବା ଘଟଣାକୁ ନେଇ ଉଠିଥିବା ପ୍ରତିବାଦରେ ଏବେ ନୂତନ ଫର୍ଦ୍ଦ ଯୋଡ଼ି ହେବାରେ ଲାଗିଛି। ପୂର୍ବରୁ କଟକର କ୍ଲବ ଗୁଡ଼ିକ ସଦସ୍ୟତା କାଟିବା ନେଇ ତୀବ୍ର ପ୍ରତିବାଦ କରିଥିଲେ। ଓସିଏ କାର୍ଯ୍ୟାଳୟରେ ପଶି ଏହାର ଜବାବ ମାଗିବା ସହ ସମ୍ବିଧାନ ସଂଶୋଧନକୁ ବିରୋଧ କରି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋଡ (ବିସିସିଆଇ), କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ), ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଥିଲେ। ଏହି ପ୍ରତିବାଦରେ ଏବେ ଭୁବନେଶ୍ୱରର କେତୋଟି କ୍ଲବ୍ ଓ ଜଗତ୍‌ସିଂହପୁରର ହିନ୍ଦୁସ୍ଥାନ ସ୍ପୋର୍ଟିଂ ସାମିଲ ହୋଇଛନ୍ତି। ଏହି କ୍ଲବ ଗୁଡ଼ିକ ସଦସ୍ୟତା ପାଇବାକୁ ଦାବି କରିବା ସହ ବିସିସିଆଇ, ସିଓଏକୁ ଚିଠି ଲେଖିଥିବା ଜଣାପଡ଼ିଛି। ୧୯୮୬ ମସିହାରେ ପ୍ରତିଷ୍ଠା ହୋଇଥିବା ରାମେଶ୍ୱର ସ୍ପୋର୍ଟିଂ ରାଜ୍ୟ କ୍ରିକେଟରେ ଏକ ପ୍ରମୁଖ ଅଂଶୀଦାର ଭାବେ ନିଜକୁ ପ୍ରମାଣିତ କରିଛି। ଏହି କ୍ଲବରେ ଦୀପକ କୁମାର ମଙ୍ଗରାଜ, ପରେଶ ପଟେଲ, ଆଲୋକ ମଙ୍ଗରାଜ, ପ୍ରିୟବ୍ରତ ପ୍ରଧାନଙ୍କ ଭଳି ରଣ୍‌ଜୀ ତାରକା ସୃଷ୍ଟି ହୋଇଛନ୍ତି। ଏହାଛଡ଼ା ୧୯ବର୍ଷରୁ କମ୍ ଏସିଆ କପ୍‌ରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିବା ଏକମାତ୍ର ଓଡ଼ିଆ ଖେଳାଳି ରାଜେଶ ମହାନ୍ତି ମଧ୍ୟ ଏହି କ୍ଲବର ଅଟନ୍ତି। ଏହି କ୍ଲବର ବିଶ୍ୱଜିତ ଭୂୟାଁ, କୁନାଲ ମଲ୍ଲିକ, ବିଶ୍ୱଜିତ ମଲ୍ଲିକ, ପାର୍ଥସାରଥି ପଟ୍ଟନାୟକ, ନିହାର ପଟ୍ଟନାୟକଙ୍କ ଭଳି ଜୁନିୟର ବର୍ଗର ଖେଳାଳି ରାଜ୍ୟ ଦଳରେ ସାମିଲ ହୋଇଛନ୍ତି। ଏଣୁ ଓସିଏର ସଦସ୍ୟ ଭାବେ ଗ୍ରହଣ କରିବାକୁ କ୍ଲବ ପକ୍ଷରୁ ଦାବି ହୋଇଛି। ବିସିସିଆଇର ସିଇଓ ରାହୁଲ ଜୋହରି, ସିଓଏର ଅଧ୍ୟକ୍ଷ ବିନୋଦ ରାୟଙ୍କୁ ଏ ସମ୍ପର୍କିତ ଏକ ଚିଠି ମଧ୍ୟ କ୍ଲବ ପକ୍ଷରୁ ଲେଖାଯାଇଛି। ଜଗତସିଂପୁର ଜିଲାରେ ଅଗ୍ରଣୀ କ୍ରିକେଟ କ୍ଲବ ଭାବେ ପରିଚିତ ହିନ୍ଦୁସ୍ଥାନ ସ୍ପୋର୍ଟିଂ ମଧ୍ୟ ସଦସ୍ୟତା ଦାବିରେ ନିଜକୁ ସାମିଲ କରିଛି। ଏହି କ୍ଲବ ୨୦୦୩ରେ ପ୍ରତିଷ୍ଠା ହୋଇଥିବା ବେଳେ ୧୬ବର୍ଷ ଧରି ଆନେକ୍ସ କପ୍ ନାମରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରୁଛି। ୨୦୧୧ ମସିହାରୁ ଆନେକ୍ସ କପ୍‌କୁ ଜାତୀୟ ସ୍ତରୀୟ କରାଯାଉଥିବାବେଳେ ପ୍ରତିଯୋଗିତାରେ ରାଜ୍ୟ ସମେତ ରାଜ୍ୟ ବାହାରର ଅନେକ କ୍ଲବ ମଧ୍ୟ ସାମିଲ ହୋଇଥିଲେ। ଏହାଛଡ଼ା ଏହି କ୍ଲବରୁ ୪ଜଣ ଜୁନିୟର ବର୍ଗର ଖେଳାଳି ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। କ୍ଲବର ସମ୍ପାଦକ ଅମରେନ୍ଦ୍ର ଦାସଙ୍କ କହିବା ଅନୁଯାୟୀ, କ୍ରିକେଟର ବିକାଶ ଦେଖିବାକୁ ହେଲେ କେବଳ କଟକ କ୍ଲବ ନୁହେଁ ରାଜ୍ୟର ଅନ୍ୟ କ୍ଲବଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ ହେବ। ଅନ୍ୟ ଜିଲାରେ ମଧ୍ୟ କ୍ରିକେଟ ଖେଳାଳି ସୃଷ୍ଟି ହେଉଛନ୍ତି। ଏଣୁ ଏଥିପ୍ରତି ବିସିସିଆଇ ଦୃଷ୍ଟି ଦେବାକୁ ସମ୍ପାଦକ ଦାସ ଦାବି କରିଛନ୍ତି। କ୍ଲବ ପକ୍ଷରୁ ଗତ ୨୪ ତାରିଖରେ ବିସିସିଆଇକୁ ଏ ସମ୍ପର୍କିତ ଚିଠି ଲେଖାଯାଇଛି। ସୂଚନାଥାଉକି, ଓସିଏ ଅନୁବନ୍ଧିତ ୟୁନିଟ ଭାବେ ୨୦ଟି କ୍ଲବ ରହିଥିଲା। ଏଗୁଡ଼ିକ ହେଲା, ଟାଉନ କ୍ଲବ, ରୋଭର୍ସ କ୍ଲବ, ଜୟଦୁର୍ଗା କ୍ଲବ, ସନରାଇଜ କ୍ଲବ, ସନସାଇନ କ୍ଲବ, କିଶୋର କ୍ଲବ, ରୟାଲ କ୍ଲବ, ବିସିୟୁ କ୍ଲବ, ମଙ୍ଗଳା କ୍ଲବ, ସହୀଦ ସ୍ପୋର୍ଟିଂ କ୍ଲବ, ଏଲଆଇସି ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟାର କ୍ଲବ, ଓଜିପି କ୍ଲବ, ଜଗତ୍‌ପୁର ଆଥ୍‌ଲେଟିକ ଆସୋସିଏଶନ, ଏସିସି, ଏସ୍‌ବିଆଇ ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ୟୁନିୟନ ସ୍ପୋର୍ଟିଂ କ୍ଲବ, ବିଶ୍ୱଭାରତୀ କ୍ଲବ ଓ ଜୁଭେନାଇଲ କ୍ଲବ। ଉପରୋକ୍ତ କ୍ଲବ ଗୁଡ଼ିକ ପୂର୍ଣ୍ଣ ସଦସ୍ୟତା ଭାବେ ରହିଥିଲେ ମଧ୍ୟ ସମ୍ବିଧାନ ସଂଶୋଧନ ରିପୋର୍ଟରେ କ୍ଲବ ଗୁଡ଼ିକୁ ଆସୋସିଏଟ ସଦସ୍ୟ ଭାବେ ଗ୍ରହଣ କରିବାକୁ ଦର୍ଶାଯାଇଛି।

# ସନ୍‌ରାଇଜ ଜିତିଲା ଫାଓ ସୁପରକପ୍



କଟକ: ଫାଓ ସୁପରକପ୍ ଟାଇଟଲ ବିଜୟୀ ସନ୍‌ରାଇଜ୍ କ୍ଲବ ଟ୍ରଫି ସହ ।

କଟକ ଅଫିସ,୭।୧୦

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଓ ସୁପରକପ୍ ପ୍ରଥମ ସଂସ୍କରଣର ଟାଇଟଲ ବିଜୟୀ ହୋଇଛି ସନ୍‌ରାଇଜ୍ କ୍ଲବ। ରବିବାର ସଂଘର୍ଷପୂର୍ଣ୍ଣ ଫାଇନାଲରେ ୨-୧ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇ ସନ୍‌ରାଇଜ୍ ଏହି ସଫଳତା ପାଇଛି। ପ୍ରଥମାର୍ଦ୍ଧର ୧୧ତମ ମିନିଟରେ ଖାତା ଖୋଲିଥିଲା ସନ୍‌ରାଇଜ୍ କ୍ଲବ। ଗୁରୁପ୍ରୀତ ସିଂ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୧ ମିନିଟ ପରେ ଅର୍ଥାତ୍ ୧୨ତମ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଲାଖାଇ ମୁର୍ମୁ ଏକ ଗୋଲସ୍କୋର କରି ଖେଳକୁ ସମାନ ସ୍ଥିତିରେ ପହଞ୍ଚାଇଥିଲେ। ପ୍ରଥମାର୍ଦ୍ଧର ଖେଳ ୧-୧ ଗୋଲରେ ଶେଷ ହୋଇଥିଲା। ୭୦ତମ ମିନିଟରେ ମହମ୍ମଦ ଫାୟାସ ଉକ୍ତ ଗୋଲ ସ୍କୋର କରି ସନ୍‌ରାଇଜ କ୍ଲବକୁ ୨-୧ରେ ଅଗ୍ରଣୀ କରିଥିଲେ। ଚାମ୍ପିୟନ ସନ୍‌ରାଇଜ୍ ଦଳକୁ ଟ୍ରଫି ସହ ୧ଲକ୍ଷ ଟଙ୍କା ଓ ରନର୍ସଅପ ରାଇଜିଂ ଷ୍ଟୁଡେଣ୍ଟ ଦଳକୁ ଟ୍ରଫି ସହ ୫୦ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଏହାଛଡ଼ା ପ୍ରତିଯୋଗିତାର ସିଲଭର, ଗୋଲ୍ଡ, ଡାଇମଣ୍ଡ ଲିଗ୍‌ର ଚାମ୍ପିୟନ ଓ ରନର୍ସଅପ ଦଳଗୁଡ଼ିକୁ ମଧ୍ୟ ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ବିଭିନ୍ନ ଜାତୀୟ ସ୍ତରର ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ରାଜ୍ୟ ସିନିୟର ମହିଳା ଫୁଟବଲ ଦଳ, ରାଜ୍ୟ ସବ୍‌ଜୁନିୟର ବାଳିକା ଫୁଟବଲ ଦଳକୁ ମଧ୍ୟ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏଏଫ୍‌ସି ୧୬ବର୍ଷରୁ କମ୍ ବାଳକ ଚାମ୍ପିୟନଶିପ୍‌ରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିବା ୨ ଓଡ଼ିଆ ଖେଳାଳି, ସାଫ ଚାମ୍ପିୟନଶିପ୍‌ରେ ୧୫ବର୍ଷରୁ କମ୍ ବାଳିକା ଜାତୀୟ ଦଳରେ ପ୍ରତିନିଧିତ୍ୱ କରୁଥିବା ୪ ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ରାଶି ଦିଆଯାଇଛି। ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳି ଓ ଏହି ପ୍ରତିଯୋଗିତାର ଆୟୋଜକ କମିଟିକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ଓ ଯୁବ ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଫାଓ ସଭାପତି ତଥା ବିଧାୟକ ଦେବାଶିଷ ସାମନ୍ତରାୟ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଫାଓ ଉପସଭାପତି ଭକ୍ତବଲ୍ଲଭ ଦାସ, ବିଜୟ ଦାସ, ତଡ଼ିତ କୁମାର ରାଉତ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ବିଜୟ କୁମାର ଦାସ, ସଙ୍ଗୀତା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଉଷୁରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର,୭।୧୦

ଚଳିତ ମାସ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ମେଘାଳୟର ଶିଲଂଠାରେ ୨୭ତମ ଜାତୀୟ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ସାମରିକ କଳାର ଖେଳ ତୌଲୁ (ବେୟାର ହାଣ୍ଡ ଓ ୱିପନ୍‌ସ)ଏବଂ ସାନସୋଉ (ଫାଇଟ୍) ଇଭେଣ୍ଟରେ ୨୯ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରିବେ। ୨୦ ପୁରୁଷ ଓ ୯ ମହିଳାଙ୍କ ସହ କୋଚ୍ ଭାବେ ଅନୁରାଧା ଦୌରା, ନଟବର ସେଠୀ, ପୃଥ୍ୱୀରାଜ ହରିଚନ୍ଦନ ଏବଂ ମ୍ୟାନେଜର ଭାବେ ସୁଧାଂଶୁ ପଣ୍ଡା ଓ ପ୍ରଦ୍ୟୁମ୍ନ ବେହେରା ଶିଲଂ ଯାତ୍ରା କରିଛନ୍ତି। ସ୍ଥାନୀୟ ୟୁନିଟ୍ ୬ ସ୍ଥିତ ପୁମାସ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରୁ ଖେଳାଳିଙ୍କୁ ଚୟନ କରାଯାଇଛି। ଏହି ଦଳକୁ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଓ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସୁଧାଂଶୁ ଶେଖର ହରିଚନ୍ଦନ ଶୁଭକାମନା ଜଣାଇଛନ୍ତି। ଗତ ଡିସେମ୍ବରରେ ପୁମାସ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ରାଜ୍ୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଓଡ଼ିଆ ଖେଳାଳିଙ୍କୁ ଦଳରେ ଚୟନ କରାଯାଇଛି।

**ପୁରୁଷ ଦଳ:** ସାନ୍‌ସୋଉ ବର୍ଗରେ ରାଜାପ୍ରଭୁ ପ୍ରଧାନ (୪୮ କିଗ୍ରା), କରୁଣାକର ମଲ୍ଲିକ (୫୨ କିଗ୍ରା), ସୋନୁ ପ୍ରମୋଦ ସୋନାର (୬୦ କିଗ୍ରା), ଦୀପ୍ତିମୟ ମହାପାତ୍ର (୬୦ କିଗ୍ରା), ଆକାଶ ପୁରନ (୬୫ କିଗ୍ରା), ପ୍ରଦୀପ ସାହୁ (୭୦ କିଗ୍ରା), ସୋମନାଥ ଦଳାଇ (୭୫ କିଗ୍ରା), ସନ୍ଦୀପ ମହାପାତ୍ର (୮୦ କିଗ୍ରା), ଅଂଶୁମାନ ବେହେରା (୮୫ କିଗ୍ରା), ସଂଗ୍ରାମ ବେହେରା (୯୦ କିଗ୍ରା) ଓ ପ୍ରିୟବ୍ରତ ମିଶ୍ର (୯୦ କିଗ୍ରାରୁ ଊର୍ଦ୍ଧ୍ୱ)। ସାନ୍‌ସୋଉ ମହିଳା ଦଳ: ତମନ୍ନା ମିଶ୍ର, ପ୍ରିୟଙ୍କା ମିଉଲ (୪୮ କିଗ୍ରା), ସଙ୍ଗୀତା ପ୍ରଧାନ (୫୨ କିଗ୍ରା), ସୌଭାଗୀନ ପାର୍ଟଶିନୀ (୫୬ କିଗ୍ରା), ଜ୍ୟୋତ୍ସ୍ନା ରୟ (୬୦ କିଗ୍ରା), ଅନୁସୟା ବାରିକ (୬୫ କିଗ୍ରା) ଓ ସ୍ୱର୍ଣ୍ଣସନ୍ଧ୍ୟା ନାୟକ (୭୦ କିଗ୍ରା)। **ତୌଲୁ ବିଭାଗ:** ଦିବ୍ୟ ମୋହନ ପ୍ରଧାନ, ସୁମିତ୍ରା ବରାଳ, ଅଙ୍କିତା ପ୍ରିୟଦର୍ଶିନୀ, ରତିକାନ୍ତ ମହାପାତ୍ର, ଓମ ଶ୍ରୀବାସ୍ତବ ମିଶ୍ର, ଜିତେନ୍ଦ୍ର ଦାସ, ସୁଜନ ରଥ, ବସନ୍ତ ମହାପାତ୍ର, ନିରଞ୍ଜନ ବରାଳ, ସୁନୀଲ ମଲ୍ଲିକ ଓ ଜୟଚନ୍ଦ୍ର ଶତ୍ରୁସାଲ।

# ହାମିଲଟନ ବିଶ୍ୱ ଟାଇଟଲର ନିକଟତର

ଟୋକିଓ, ୭।୧୦(ଏଏଫପି)

ବ୍ରିଟେନ ଫର୍ମୁଲା-୧ ଡ୍ରାଇଭର ଲୁଇସ୍ ହାମିଲଟନ ଜାପାନିଜ୍ ଗ୍ରାଁପ୍ରି ଟାଇଟଲ ଜିତିଛନ୍ତି। ପୂର୍ବରୁ ୪ଥର ଫର୍ମୁଲା-୧ ବିଶ୍ୱ ଚାମ୍ପିୟନଶିପ ହାସଲ କରିଥିବା ମର୍ସିଡିଜ ଡ୍ରାଇଭର ହାମିଲଟନ ରବିବାର ଜାପାନିଜ ଗ୍ରାଁ ପ୍ରିରେ ପ୍ରଥମସ୍ଥାନ ହାସଲ କରିବା ସହିତ ପଞ୍ଚମ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲର ନିକଟତର ହୋଇଛନ୍ତି। ଅନ୍ୟପଟେ ହାମିଲଟନଙ୍କ ପ୍ରତିଦ୍ୱନ୍ଦ୍ୱୀ ସେବାଷ୍ଟିଆନ ଭେଟେଲ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏହି ବିଜୟ ସହ ହାମିଲଟନ ୬୭ ପଏଣ୍ଟର ଅଗ୍ରଣୀ ହାସଲ କରି ପଞ୍ଚମ ବିଶ୍ୱ ଟାଇଟଲର ନିକଟବର୍ତ୍ତୀ ହୋଇଛନ୍ତି। ଫିନ୍‌ଲାଣ୍ଡର ମର୍ସିଡିଜ୍ ଡ୍ରାଇଭର ଭାଲଟେରୀ ବୋଟାସ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରେଡ୍ ବୁଲର ମାକ୍ସ ଭର୍ଷ୍ଟାପେନ ତୃତୀୟ ସ୍ଥାନରେ ରହିଥିଲେ। ହାମିଲଟନ ୧: ୨୭: ୧୭.୦୬୨ ସେକେଣ୍ଡ ସମୟ ନେଇ ଶୀର୍ଷ ରହିଥିଲେ। ସେହିପରି ବୋଟାସ ହାମିଲଟନଙ୍କଠାରୁ ୦: ୧୨.୯୧୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ଓ ଭର୍ଷ୍ଟାପେନ ୦.୧୪.୨୯୫ ସେକେଣ୍ଡ ସମୟ ଅଧିକ ନେଇ ତୃତୀୟ ସ୍ଥାନରେ ରହିଥିଲେ। ରେସ୍‌ରେ ରେଡ୍ ବୁଲର ଅନ୍ୟତମ ଡ୍ରାଇଭର ଡାନିଏଲ ରିକିଆର୍ଡୋ ଚତୁର୍ଥ, ଫେରାରିର କିମି ରାଇକୋନେନ ପଞ୍ଚମ, ଭେଟେଲ ଷଷ୍ଠ, ଫୋର୍ସ ଇଣ୍ଡିଆର ସର୍ଗିଓ ପେରେଜ ସପ୍ତମ, ହାସର ରୋମେନ ଗ୍ରୋସେଜିନ ଅଷ୍ଟମ, ଫୋର୍ସ ଇଣ୍ଡିଆର ଅନ୍ୟତମ ଡ୍ରାଇଭର ଏଷ୍ଟିବାନ ଓକନ ନବମ ଓ ରିନଲ୍ଟର କାର୍ଲୋସ ସେଞ୍ଜ୍ ଜୁନିୟର ଦଶମସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଏହି ରେସ୍‌ରେ ଫୋର୍ସ ଇଣ୍ଡିଆ ଡବଲ ପଏଣ୍ଟ ଫିନିଶ୍ କରିଛି। ପେରେଜ ୭ମ ସ୍ଥାନ ହାସଲ କରିଥିବାରୁ ୬ ଏବଂ ୯ମ ସ୍ଥାନ ପାଇଥିବା ଓକନ ୨ ପଏଣ୍ଟ ପାଇଛନ୍ତି। ହାମିଲଟନ ୯ ଗ୍ରାଁ ପ୍ରି ବିଜୟ ସହ ୩୩୧ ପଏଣ୍ଟ ପାଇ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଶୀର୍ଷସ୍ଥାନ ବଜାୟ ରଖିଛନ୍ତି। ଫେରାରୀ ଡ୍ରାଇଭର ଭେଟେଲ ୫ ବିଜୟ ସହ ୨୬୪ ହାସଲ କରି ଦ୍ୱିତୀୟରେ ରହିଥିବାବେଳେ ମର୍ସିଡିଜ୍‌ର ଅନ୍ୟତମ ଡ୍ରାଇଭର ବୋଟାସ କୌଣସି ଗ୍ରାଁ ପ୍ରି ଜିତି ନ ଥିଲେ ହେଁ ୨୦୭ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛନ୍ତି। କନ୍‌ଷ୍ଟ୍ରକ୍ଟର ଷ୍ଟାଣ୍ଡିଂରେ ସ୍ୱାଭାବିକଭାବେ ମର୍ସିଡିଜ୍ ୫୩୮ ପଏଣ୍ଟ ସହିତ ଶୀର୍ଷରେ ରହିଛି। ଫେରାରୀ ୪୬୦ ଓ ରେଡ୍‌ବୁଲ୍ ୩୧୯ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି।



ଟ୍ରଫି ସହ ଲୁଇସ୍ ହାମିଲଟନ।

# ପ୍ରୋ କବାଡ଼ି ଲିଗ୍ ଆରମ୍ଭ

ଚେନ୍ନାଇ, ୭।୧୦(ପି.ଟି.)

ପ୍ରୋ କବାଡ଼ି ଲିଗ୍-୨୦୧୮ ରବିବାର ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ଗତଥରର ଚାମ୍ପିୟନ ପାଟନା ପାଇରେଟ୍ସକୁ ୪୨-୨୬ ପଏଣ୍ଟରେ ହରାଇ ତାମିଲ ଥଲାଇଭାସ ଏହାର ଅଭିଯାନ ଆରମ୍ଭ କରିଛି। ଅଧିନାୟକ ଅଜୟ ଠାକୁର ଏକାକୀ ୧୪ ପଏଣ୍ଟ ହାସଲ କରି ଦଳର ବିଜୟରେ ମୁଖ୍ୟ ଭୂମିକା ତୁଲାଇଥିଲେ। ୟୁ ମୁମ୍ବା ଓ ପୁନେରି ପଲଟନ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ୩୨-୩୨ ପଏଣ୍ଟରେ ଟାଇ ରହିଛି। ପୁନେରି ପଲଟନ ବିଳମ୍ବରେ ଚମତ୍କାର ପ୍ରଦର୍ଶନ କରି ମ୍ୟାଚ ପଏଣ୍ଟକୁ ସମାନ କରିବାକୁ ସକ୍ଷମ ହୋଇଥିଲା। ସୋମବାର ତାମିଲ ଥଲାଇଭାସ ପରବର୍ତ୍ତୀ ମ୍ୟାଚରେ ୟୁପି ଯୋଦ୍ଧାକୁ ଭେଟିବ।



**ଭୋଜିଭାତର ଆସର ମହଙ୍ଗା ପଡ଼ିଲା**

# ଚୁଆରେ ବୁଡ଼ି ବ୍ୟାଙ୍କ କର୍ମଚାରୀଙ୍କ ମୃତ୍ୟୁ

ବେଗୁନିଆ,୭।୧୦ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା କୋଲୁହାପାଟଣା ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଯାଇଛି। ଜଣେ ଯୁବକ ଗାଧୋଇବା ପାଇଁ ଯାଇ ଚୁଆରେ ବୁଡି ଯିବାରୁ ମୃତ୍ୟୁ ଘଟିଛି। ସାଙ୍ଗମାନଙ୍କ ସହ ଭୋଜିଭାତର ଆସର ସମୟରେ ଏଭଳି ଅଘଟଣ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ନିଶାନ୍ତ ବେହେରା(୨୮)। ମିଳିଥିବା ଖବର ମୁତାବକ, ଖୋର୍ଦ୍ଧା ଷ୍ଟେଟ୍ ବ୍ୟାଙ୍କ (ବଜାର ଶାଖା)ର ସହକାରୀ ପରିଚାଳକ ଭାବେ କାର୍ଯ୍ୟରତ ଥିବା ନିଶାନ୍ତ ତାଙ୍କ ସାଙ୍ଗମାନଙ୍କ ସହ କୋଲୁହାପାଟଣା ଗ୍ରାମକୁ ଜଣେ ବନ୍ଧୁଙ୍କ ଭୋଜିଭାତରେ ଯୋଗ ଦେବାକୁ ଆସିଥିଲେ। ମାତ୍ର କିଛି ସମୟ ପରେ ନିଶାନ୍ତ ତାଙ୍କ ବନ୍ଧୁମାନଙ୍କ ସହ ନିକଟସ୍ଥ ଏକ ଚୁଆକୁ ଗାଧୋଇବାକୁ ଯାଇଥିଲେ। ହେଲେ ଅକସ୍ମାତ ଗୋଡ ଖସିଯିବାରୁ ନିଶାନ୍ତ ଗଭୀର ଜଳକୁ ଚାଲି ଯାଇଥିଲେ। ଘଟଣାସ୍ଥଳରେ ସାଙ୍ଗମାନେ ନିଶାନ୍ତଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ବେଗୁନିଆ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗଭୀର ଜଳରୁ ତାଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଶାନ୍ତଙ୍କୁ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେଗୁନିଆ ପୋଲିସ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସବୁଠାରୁ ଭଲକାମ କରିବାକୁ ଯାଉଥିବାବେଳେ ଧୀରେ ପଦକ୍ଷେପ ନେବା ଉଚିତ।
- ସିସେରୋ



## ସଂକ୍ଷେପରେ

### ଟ୍ରଲିରେ ବୁହାହେଲା ମୃତଦେହ

**ନରସିଂହପୁର,୭।୧୦(ସ୍ୱ.ପ୍ର.):** କଟକ ଜିଲା ନରସିଂହପୁର ବ୍ଲକ ଜିଲିଣ୍ଡା ମେଡିକାଲରେ ଆମ୍ବୁଲାନ୍ସ ନ ଆସିବାରୁ ଟ୍ରଲିରେ ପରିବାର ଲୋକ ମୃତଦେହକୁ ଘରକୁ ନେଉଥିବା ଦେଖିବାକୁ ମିଳିଛି। ଜିଲିଣ୍ଡା ଗ୍ରାମର ଶ୍ରୀନିବାସ ନାଏକ(୪୫) ଦୁଇ ବର୍ଷ ହେଲା ପାରାଲିସିସ୍ ରୋଗରେ ଆକ୍ରାନ୍ତ ହୋଇ ଘରେ ରହିଥିଲେ। ରବିବାର ଅପରାହ୍ନ ୩ଟା ବେଳକୁ ହଠାତ ରକ୍ତ ବାନ୍ତି କରିବାରୁ ପରିବାର ଲୋକେ ତାଙ୍କୁ ଜିଲିଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ କିଛି ସମୟ ପ୍ରାଥମିକ ଚିକିତ୍ସା କରାଯିବା ପରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପରିବାର ଲୋକେ ମୃତଦେହକୁ ଘରକୁ ନେବା ପାଇଁ ଆମ୍ବୁଲାନ୍ସ ଡାକିଥିଲେ। ତେବେ ଏଠାରେ ମୃତଦେହ ନେବାକୁ ଆମ୍ବୁଲାନ୍ସ ନ ଥିବାରୁ କୌଣସି ଆମ୍ବୁଲାନ୍ସ ଆସି ନ ଥିଲା। ମୃତ ଶ୍ରୀନିବାସଙ୍କ ପରିବାର ଅତିଶୟ ଗରିବ ହୋଇଥିବାରୁ ଘରୋଇ ଗାଡ଼ି ଭଡ଼ା କରି ନ ପାରି ଏକ ଟ୍ରଲିରେ ମୃତଦେହକୁ ନେଇଥିଲେ। ତେବେ ମୃତଦେହ ନେବାକୁ ସରକାରଙ୍କ ବିଭିନ୍ନ ଯୋଜନା ଥିଲା ବେଳେ କଟକ ଜିଲା ଭଳି ଏକ ଉନ୍ନତ ଜିଲାରେ ଏଭଳି ଅଭାବନୀୟ ଦୃଶ୍ୟ ଅଞ୍ଚଳବାସୀଙ୍କୁ ଚକିତ କରିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ମତାମତ ମିଳି ପାରିନାହିଁ।

### ମା'ଚର୍ଚ୍ଚିକାଙ୍କ ପୀଠରେ ଦଶହରା ପ୍ରସ୍ତୁତି ବୈଠକ

**ବାଙ୍କୀ,୭।୧୦(ସ୍ୱ.ପ୍ର.):** ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ମୂଳାଷ୍ଟମୀଠାରୁ ଶାରଦୀୟ ଷୋଳପୂଜା ଆରମ୍ଭ ହୋଇଛି। ଶାନ୍ତି ଶୃଙ୍ଖଳାରେ ପୂଜାବିଧି ଓ ଦଶହରା ଉତ୍ସବ ପାଳନ କରିବା ଲାଗି ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ମା' ଚର୍ଚ୍ଚିକାଙ୍କ ପୀଠରେ ପୂର୍ବବର୍ଷ ବଳି ପ୍ରଥା ବନ୍ଦ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଇନ ଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ପରିସରରେ ପୋଲିସ ମୁତୟନ, ୨୪ ଘଣ୍ଟା ଜଳ ଓ ବିଦ୍ୟୁତ୍ ଯୋଗାଣ, ଏନ୍ଏସି. ପକ୍ଷରୁ ମନ୍ଦିରରେ ଆଲୋକ ବ୍ୟବସ୍ଥା, ଯାତ୍ରା ସମୟରେ ବିଦ୍ୟୁତ୍‌କାଟ ବନ୍ଦ ରଖିବା, ମନ୍ଦିର ପରିସର ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମନ୍ଦିର ମୁଖ୍ୟରାସ୍ତା ସହ ବାଙ୍କୀ ଟାଉନ ଉପରୁ ଅବରୋଧ ଉଚ୍ଛେଦ କରିବା, ଯାତ୍ରା ସମୟରେ ଚୋରା ମଦ ବିକ୍ରୟ ବନ୍ଦ କରିବା ଓ ରାସ୍ତା ଉପରୁ ମାଛ ମାଂସ କଟା ବନ୍ଦ କରିବା ଲାଗି ଆଲୋଚନା କରାଯାଇଥିଲା। ବୈଠକରେ ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ, ଚର୍ଚ୍ଚିକା ମନ୍ଦିର ଟ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ର, ଉପଖଣ୍ଡ ପୋଲିସ୍ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଥାନା ଅଧିକାରୀ ସମୀର କୁମାର ପଣ୍ଡା, ସେସୁ ସହକାରୀ ଯନ୍ତ୍ରୀ ସୌମ୍ୟରଞ୍ଜନ ମହାପାତ୍ର, ସେବାୟତ ଶରତ ଚନ୍ଦ୍ର ମହାପାତ୍ର, ନୀଳମଣି ମହାପାତ୍ର ଓ ଋଷି କୁମାର ରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ବ୍ଲକସ୍ତରୀୟ ସୁରଭି ଉଦ୍‌ଯାପିତ

**ଆଠଗଡ଼,୭।୧୦(ସ୍ୱ.ପ୍ର.):** ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ବିଶ୍ୱନାଥ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଶିକ୍ଷା ମଣ୍ଡଳ ଅଧିକାରୀ ରୁଦ୍ର ନାରାୟଣ ସାମଲ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧମିକ ବିଦ୍ୟାଳୟର ୨ଟି ବର୍ଗରେ ୩୫୦ଜଣ ଛାତ୍ରୀଛାତ୍ର ୧୭ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆଠଗଡ ଆରକ୍ଷୀ ଉପାଧକ୍ଷ ପ୍ରକାଶ ଚନ୍ଦ୍ର ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସହକାରୀ ଶିକ୍ଷା ମଣ୍ଡଳ ଅଧିକାରୀ ବିଦ୍ୟାଧର ମହାପାତ୍ର ଓ ନିରଞ୍ଜନ ବେହେରାଙ୍କ ଦ୍ୱାରା ସଂଯୋଜିତ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅର୍ଜନ କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ସୁରଭିକୁ ଉନ୍ନୀତ ହେବା ସହିତ ଏଥିରେ ସଫଳ ହୋଇ ମା'ମାଟିର ସୁନାମ ରଖିବା ପାଇଁ ଶିକ୍ଷାମଣ୍ଡଳ ଅଧିକାରୀ ସାମଲ ଉପଦେଶ ଦେଇଥିଲେ। ଶିକ୍ଷକ ଶଶଧର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ଗୁରୁତର

# ହମ୍ପସ ନିର୍ମାଣ ଦାବିରେ ରାସ୍ତାରୋକୋ

**ବଡ଼ମ୍ବା,୭।୧୦(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଅଧୀନ ସାନବାରସିଂହଠାରେ ରବିବାର ସଡ଼କ ଦୁର୍ଘଟଣାକୁ କେନ୍ଦ୍ରକରି ଅଚାନକ ଉତ୍ୟକ୍ତ ଲୋକେ ହମ୍ପସ ନିର୍ମାଣ ଦାବିରେ ରାସ୍ତାରୋକୋ କରିଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ହମ୍ପସ ନିର୍ମାଣ ନେଇ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ପ୍ରକାଶଯୋଗ୍ୟ, ସାନବାରସିଂହ ପଞ୍ଚାୟତ ଛକ ଏକ ଚାରିଛକ। ଯାନବାହନ ଚଳାଚଳ ଦୃଷ୍ଟିରୁ ଏହା ଏକ ସମ୍ବେଦନଶୀଳ ସ୍ଥାନ। ବର୍ତ୍ତମାନ ବଡ଼ମ୍ବା-ନରସିଂହପୁର ମୁଖ୍ୟ ସଡ଼କପଥ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ଏହି କାରଣରୁ ସମ୍ପୃକ୍ତ ସ୍ଥାନରେ ଦ୍ରୁତ ଗାଡ଼ିଚାଳନା ଓ ଅସାବଧନତା କାରଣରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ରବିବାର

**ହମ୍ପସ ନ ଥିବାରୁ ବଢ଼ୁଛି ଦୁର୍ଘଟଣା**



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ସକାଳ ପ୍ରାୟ ସାଢେ ୧୦ଟାରେ ଉକ୍ତ ସ୍ଥାନରେ ଏକ ଦ୍ରୁତଗାମୀ ଟ୍ରାକ୍ଟର ଜଣେ ବାଇକ୍ ଆରୋହୀକୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ସ୍ଥାନୀୟ ଖୁଣ୍ଟକଟା ଗ୍ରାମର କାଳିଆ ବେହେରା ଗୁରୁତର ହୋଇଥିଲେ। ଦୁର୍ଘଟଣାରେ ତାଙ୍କର ଗୋଡ଼ ଭାଙ୍ଗିଯାଇଥିଲା। ଏହି ଘଟଣା ପରେ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ କେନ୍ଦ୍ରକରି ସୁରକ୍ଷା ଦୃଷ୍ଟିରୁ ଲୋକମାନେ ଟାୟାରଜାଳି ଉକ୍ତ ଛକରେ ହମ୍ପସ ନିର୍ମାଣ କରିବାକୁ ଦାବିକରି ରାସ୍ତାରୋକୋ କରିଥିଲେ। ପ୍ରାୟ ଅଢ଼େଇ ଘଣ୍ଟା ଧରି ରାସ୍ତାରୋକୋ କରାଯାଇଥିଲା। ଖବରପାଇ ବଡ଼ମ୍ବା ଥାନା ଆଇଆଇସି ଶସ୍ମିତା ରଣା, ଅତିରିକ୍ତ ତହସିଲଦାର ସୁରଥଚନ୍ଦ୍ର ରାଉତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିବାପରେ ରାସ୍ତାରୋକୋ ହଟିଥିଲା। ତେବେ ଆଗାମୀ ଦିନରେ ହମ୍ପସ ନିର୍ମାଣ କରା ନ ଗଲେ ଜନ ଆନ୍ଦୋଳନ ଗଢ଼ି ଉଠିବ ବୋଲି ଚେତାବନୀ ଦିଆଯାଇଛି।



ବିଏଲଓ କେନ୍ଦ୍ରରେ ଜିଲାପାଳ ଓ ରାଜ୍ୟ ନିର୍ବାଚନ ଯୁଗ୍ମ କମିଶନର।

## ନିର୍ବାଚନ ଯୁଗ୍ମ କମିଶନରଙ୍କ ବିଏଲ୍ଓ କେନ୍ଦ୍ର ପରିଦର୍ଶନ

**ମାହାଙ୍ଗା,୭।୧୦(ସ୍ୱ.ପ୍ର.)**

ରାଜ୍ୟ ନିର୍ବାଚନ ଯୁଗ୍ମ କମିଶନର ଓ କଟକ ଜିଲାପାଳ ରବିବାର ମାହାଙ୍ଗା ଗସ୍ତରେ ଆସି ବିଭିନ୍ନ ବିଏଲଓ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏଥିସହ ଭୋଟର ସଂଶୋଧନ କାର୍ଯ୍ୟକ୍ରମ ତଦାରଖ କରିଛନ୍ତି। ସେପ୍ଟେମ୍ବର ୨୩, ଅକ୍ଟୋବର ୭ ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ପାଳନ କରାଯାଇଛି। ମାହାଙ୍ଗା ବ୍ଲକ୍‌ର ରାଣୀଗୋଡା ବିଦ୍ୟାଳୟ, ଧାରୋଶ୍ୟାମସୁନ୍ଦରପୁର ବିଦ୍ୟାଳୟ ଆଦି ୧୨ଟି ବିଏଲଓ କେନ୍ଦ୍ରକୁ ନିର୍ବାଚନ ଯୁଗ୍ମ କମିଶନର ସଚିନ ଯାଦବ, ଜିଲାପାଳ ଅରବିନ୍ଦ ଅଗ୍ରୱାଲ, କଟକ ସଦର ସହକାରୀ ଜିଲାପାଳ କ୍ଷେତ୍ରମୋହନ ସ୍ୱାଇଁ, କଟକ ଜିଲା ଉପ ନିର୍ବାଚନ ଅଧିକାରୀ ରଞ୍ଜିତା ସାହୁ ପ୍ରମୁଖ ପରିଦର୍ଶନ କରିବା ସହ ଏହି ଭୋଟର ସଂଶୋଧନ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। କାର୍ଯ୍ୟକ୍ରମରେ ମାହାଙ୍ଗା ତହସିଲଦାର ଦିଲୀପ ମହାରଣା, ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଅତିରିକ୍ତ ବିଡିଓ ମହେଶ୍ୱରର ସେଠୀ, ତହସିଲ ରାଜସ୍ୱ ପରିଦର୍ଶକ ଜଗବନ୍ଧୁ ଜେନା, ଗ୍ରାମ ପଞ୍ଚାୟତ ନିର୍ବାଚନ ଅଧିକାରିଣୀ ସବିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଅଚ୍ୟୁତାନନ୍ଦ ବିଦ୍ୟାପୀଠରେ ସୁରଭି କାର୍ଯ୍ୟକ୍ରମ

**ନେମାଳ,୭।୧୦(ଡି.ଏନ୍.ଏ.)**

ନେମାଳସ୍ଥିତ ଅଚ୍ୟୁତାନନ୍ଦ ବିଦ୍ୟାପୀଠରେ ସୁରଭିକାର୍ଯ୍ୟକ୍ରମଅନୁଷ୍ଠିତହୋଇଯାଇଛି। ସିଆରସିସି ସୁବାସ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଏବିଇଓ ଲକ୍ଷ୍ମଣ କୁମାର ଲେଙ୍କା, ପ୍ରାକ୍ତନ ସିଆରସିସି ଶାନ୍ତନୁ କୁମାର କର ଓ ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଅମୂଲ୍ୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେବ ପ୍ରସାଦ କର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ୧୫ଟି ସ୍କୁଲର ବହୁ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବକ୍ତୃତା, ସଂଗୀତ, ସାଧାରଣ ଜ୍ଞାନ, ସୁନ୍ଦର ହସ୍ତାକ୍ଷର, ନୃତ୍ୟ, ପ୍ରବନ୍ଧ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ପରମାନନ୍ଦ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବଜ୍ୟୋତି କ୍ଲବ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**ବାଙ୍କୀ,୭।୧୦(ବି.ପ୍ର.):** ବାଙ୍କୀ ଏନଏସି ଅଧୀନ ରଣପୁର ଗ୍ରାମର ଯୁବଜ୍ୟୋତି କ୍ଲବ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଜଗନ୍ନାଥ ଦଳେଇଙ୍କ ନେତୃତ୍ୱରେ କ୍ଲବର ଯୁବକମାନେ ଏକାଠି ହୋଇ ସ୍ଥାନୀୟ ଜଳେଶ୍ୱର ମନ୍ଦିର ପରିସର ସହିତ ଗ୍ରାମ ସଫେଇ କରିଥିଲେ। ରମାକାନ୍ତ ଦଳାଇ, ଜିତେନ ପ୍ରଧାନ, ସନ୍ତୋଷ ମଙ୍ଗୁଆଳ, ହାଡିବନ୍ଧୁ ଦଳେଇ, ପ୍ରଦୀପ ମଙ୍ଗୁଆଳ, ଚନ୍ଦନ ପ୍ରଧାନ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ■ ରାଜ୍ୟ ଘରୋଇ ବିଦ୍ୟାଳୟ ମହାସଂଘ ଅଧିବେଶନ

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ସରକାର

**କୁଜଙ୍ଗ,(ସ୍ୱ.ପ୍ର.)/କଟକ ଅଫିସ, ୭।୧୦**

ରାଜ୍ୟର ଲକ୍ଷାଧିକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଛି ରାଜ୍ୟ ଗଣଶିକ୍ଷା ବିଭାଗ। ୨୦୧୭ ପର୍ଯ୍ୟନ୍ତ ରାଜ୍ୟର ୮୦ ପ୍ରତିଶତ ଘରୋଇ ବିଦ୍ୟାଳୟକୁ ଏନ୍ଓସି ପ୍ରଦାନ କରାଯାଇଥିବାବେଳେ ୨୦୧୮ରେ କୌଣସି କାରଣ ନ ଥାଇ ଏନ୍ଓସି ପ୍ରଦାନ କ୍ଷେତ୍ରରେ ଅବହେଳା କରାଯାଉଛି। ଏଥିସହ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ଅଣଦେଖା କରାଯାଉଛି। ରାଜ୍ୟରେ ସରକାରୀ ଭାବେ ଅନୁଷ୍ଠିତ ହେଉଥିବା ବିଜ୍ଞାନ ମେଳା, ସୁରଭି, ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରୁ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବଞ୍ଚିତ କରାଯାଉଛି। ରବିବାର ପୂର୍ବାହ୍ନ ୧୧ଟାରେ କଟକସ୍ଥିତ ଗାନ୍ଧୀ ଭବନ ପରିସରରେ ଅନୁଷ୍ଠିତ ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ ଓ କର୍ତ୍ତୃପକ୍ଷ ମହାସଂଘର ସାଧାରଣ ଅଧିବେଶନରେ ଏଭଳି ଅଭିଯୋଗ କରାଯାଇଛି। ଏଥିରେ ମହାସଂଘର ରାଜ୍ୟ ସଭାପତି ରଘୁନାଥ ସାହୁ ଅଧ୍ୟକ୍ଷତା କରି କହିଲେ ଯେ ୨୦୧୮ରେ ୫ ବର୍ଷିଆ ଏନ୍ଓସି ନିମନ୍ତେ ସରକାର ଘରୋଇ ବିଦ୍ୟାଳୟକୁ ଆବେଦନର ସୁଯୋଗ ପ୍ରଦାନ କରିଥିଲେ। କିନ୍ତୁ ଜିଲା ଶିକ୍ଷା ଅଧିକାରୀମାନେ ଏଥିପାଇଁ ତତ୍ପରତା ପ୍ରକାଶ କରୁନାହାନ୍ତି। କେତକ ଜିଲାରେ ହାତଗଣତି ଘରୋଇ ବିଦ୍ୟାଳୟକୁ ଏନ୍ଓସି ପ୍ରଦାନ କରାଯାଇଛି। ରାଜ୍ୟର ୨୦ରୁ ଊର୍ଦ୍ଧ୍ୱ ଜିଲାରେ ଅଦ୍ୟାବଧି ଏନ୍ଓସି ପାଇଁ ଜିଲା ଶିକ୍ଷା ଅଧିକାରୀମାନେ ଆବେଦନପତ୍ର ଯାଞ୍ଚ ପାଇଁ ରାଜ୍ୟସ୍ତରକୁ ପଠାଇ ନାହାନ୍ତି। ୨୦୧୯ ପାଇଁ ଗଣଶିକ୍ଷା ବିଭାଗ ସାନି ଆବେଦନ କରିବାକୁ ନିର୍ଦ୍ଦେଶନାମା ଜାରି କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଥିରେ ମହାସଂଘ ଉପସଭାପତି ପ୍ରଶାନ୍ତ ମହାପାତ୍ର, ଅଜିତ ରାଣା, ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ଘରୋଇ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପ୍ରତି ସରକାର ପାତରଅନ୍ତର ନୀତି ଅବଲମ୍ବନ କରିବା ଅନ୍ୟାୟ ବୋଲି କହିଥିଲେ। ସାଧାରଣ ସମ୍ପାଦକ ଅମ୍ବରିଶ ମିଶ୍ର, ସମ୍ପାଦକ ଚୌଧୁରୀ ଲକ୍ଷ୍ମଣ ରାଓ, ହରିହର ସାହୁ, ରାଜକିଶୋର ପାଢୀ, ଅରୁଣ ଷଡଙ୍ଗୀ, ସମ୍ପାଦକ ସୁରେନ୍ଦ୍ର ସାହୁ ଓ ଶରତ ସାମନ୍ତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟର ୨୨ ଜିଲାରୁ ମହାସଂଘର ଜିଲା ସଭାପତିମାନେ ଅଧିବେଶନରେ ଯୋଗ ଦେଇଥିଲେ। ଆସନ୍ତା ନଭେମ୍ବରରେ ମହାସଂଘର ଦୁଇ ଦିନିଆ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ଏକ ୧୫ ଜଣିଆ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ରାଜ୍ୟ ସରକାରଙ୍କ ବିଭିନ୍ନ ଅଧିକାରୀଙ୍କୁ ଭେଟି ଘରୋଇ ବିଦ୍ୟାଳୟର ସୁରକ୍ଷା ନିମନ୍ତେ ଆଲୋଚନା କରିବ ବୋଲି ନିଷ୍ପତ୍ତି ହୋଇଛି।

## ■ ପଞ୍ଚାୟତସ୍ତରରୁ କଂଗ୍ରେସର ଘରସଜଡ଼ା ଆରମ୍ଭ

# ବୈଠକରେ ବର୍ଷିଲେ ନାରୀନେତ୍ରୀ

**ରଘୁନାଥପୁର, ୭।୧୦( ଡି.ଏନ.ଏ.)**

ଆଗାମୀ ବିଧାନସଭା ନିର୍ବାଚନକୁ ଲକ୍ଷ୍ୟ ରଖି କଂଗ୍ରେସ ପକ୍ଷରୁ ଘର ସଜଡ଼ା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ପଞ୍ଚାୟତସ୍ତରରେ ଥିବା କର୍ମୀଙ୍କୁ ଏକଜୁଟ କରି ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ ମାରଣ ନୀତି ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅବଗତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ କରାଯାଇଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ରଘୁନାଥପୁର ବ୍ଲକ ଅଢେଇକୂଳ ପଞ୍ଚାୟତରେ କର୍ମୀ ବୈଠକ କରି କଂଗ୍ରେସ ତା'ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ପ୍ରଦେଶ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରତୀମା ମଲ୍ଲିକଙ୍କ ନେତୃତ୍ୱରେ ସ୍ଥାନୀୟ ଦଧିବାମନ ମଠ ପରିସରରେ ଆୟୋଜିତ କର୍ମୀ ସମ୍ମିଳନୀରେ ବ୍ଲକ କଂଗ୍ରେସ ଜୋନ-୨ର ସଭାପତି ସର୍ବେଶ୍ୱର ପଣ୍ଡା ସଭାପତିତ୍ୱ କରିଥିଲେ। ନାରୀନେତ୍ରୀ ମଲ୍ଲିକ ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବାର ପ୍ରତିପୋଷଣ ପାଇଁ ସମାଜରେ ରାହା ଖୋଜୁଥିବା ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କ ଶ୍ରମ ତଥା କର୍ମ ସଂସ୍ଥାନ ଯୋଗାଇବା ପରିବର୍ତ୍ତେ ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାର ଆଗାମୀ ନିର୍ବାଚନରେ ଶାସନ ଗାଦି ଦଖଲ ପାଇଁ



ବୈଠକରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମକର୍ତ୍ତା।

ଲଲିପପ୍ ଧରାଉଛନ୍ତି ବୋଲି କହିଥିଲେ। ଯାହାକି ଏହାର ବାସ୍ତବତା ସମ୍ପର୍କରେ ଜନସାଧାରଣ ମର୍ମେ ମର୍ମେ ଅନୁଭବ କରି ସାରିଲେଣି। ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ନାରୀ ଅତ୍ୟାଚାର ଘଟଣାବାଳୀ ସମ୍ପର୍କରେ ଖବରକାଗଜରୁ ଦେଖିବାକୁ ମିଳିଛି। ଯୋଗ୍ୟ ହିତାଧିକାରୀଙ୍କ ପରିବର୍ତ୍ତେ ଥିଲାବାଲା ରାଶନ କାର୍ଡ, ଭତ୍ତା ସରକାରୀ ଗୃହରେ ଚଞ୍ଚକତା କରି ହାତଉଛନ୍ତି। ଆଗାମୀଦିନରେ ସରକାରଙ୍କ ଏ ବିଫଳତା ଓ ପକ୍ଷପାତିତା ନୀତି ବିରୋଧରେ ଜନସାଧାରଣ ଉଚିତ ଜବାବ ଦେବେ ବୋଲି ନାରୀନେତ୍ରୀ ମଲ୍ଲିକ, ପ୍ରଭାକର ଜେନା, ପଞ୍ଚାୟତ ସଭାପତି ବିଷ୍ଣୁଚରଣ ଖଟୁଆ, ସମ୍ପାଦକ ବିଜୟ କୁମାର ସ୍ୱାଇଁ, ମୁରଲୀଧର ମହାନ୍ତି, ସୁଧାଂଶୁ ବିଶ୍ୱାଳ, ପୂର୍ବତନ ସରପଞ୍ଚ ସ୍ମିତାରାଣୀ ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ସେମାନେ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପରେ ଯୋଜନା କରି ଚାଲିଥିଲେ ସୁଦ୍ଧା କେତେକାଂଶରେ ଗରିବୀ ହଟିଛି ଏବଂ ଏହାର ତୃଣମୂଳସ୍ତରରେ ବାସ୍ତବତା କ'ଣ ଏ ସମ୍ପର୍କରେ ଆଉ କାହାକୁ ବୁଝେଇବାର ଆବଶ୍ୟକତା ନାହିଁ ବୋଲି ବକ୍ତବ୍ୟ ରଖିଥିଲେ। ଆଗାମୀ ନିର୍ବାଚନ ପାଇଁ ଉକ୍ତ ବୈଠକ କଂଗ୍ରେସ କର୍ମୀଙ୍କ ମହଲରେ ଉତ୍ସାହ ସୃଷ୍ଟି କରିଥିବାବେଳେ ଦୀର୍ଘଦିନ ବ୍ୟବଧାନରେ ଅନୁଷ୍ଠିତ ବୈଠକକୁ ସ୍ୱାଗତ କରାଯାଇଛି। ଦୁର୍ଯ୍ୟୋଧନ ସାହୁ, ହିମାଂଶୁ ବିଶ୍ୱାଳ ଅଭୟ କୁମାର ପାଣିଙ୍କ ସମେତ ଛାମୁଆ କର୍ମୀ ଓ ମହିଳାପୁରୁଷ ବୈଠକରେ ଉପସ୍ଥିତ ଥିଲେ।

## ଦେବୀ ଚର୍ଚ୍ଚିକାଙ୍କ ଷଷ୍ଠପର୍ବ

**ବାଙ୍କୀ,୭।୧୦(ସ୍ୱ.ପ୍ର.)**

ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ରବିବାର ଶାରଦୀୟ ଦୁର୍ଗାପୂଜାର ଷଷ୍ଠ ପର୍ବ ପାଳିତ ହୋଇଛି। ଭୋର ୪ଟାରେ ମା'ଙ୍କ ପହଡ଼ ଖୋଲାଯାଇ ମଙ୍ଗଳ ଆଳତି, ପଞ୍ଚଅବକାଶ ଓ ସହସ୍ର କୁମ୍ଭାଭିଷେକ ଆଦି ରୀତିନୀତି ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହୋଇଥିଲା। ସଂକଳ୍ପ ନବଶକ୍ତି କଳସ ନିକଟରେ ଛାମୁ ଚଣ୍ଡୀ ଓ ରାମାୟଣ ପାଠ କରାଯାଇଥିଲା। ମଧ୍ୟାହ୍ନରେ ଆମିଷ ଭୋଗ ହେବାପରେ ମା'ଙ୍କ ବିଶ୍ରାମ ପାଇଁ ପହଡ଼ ବନ୍ଦ ରହିଥିଲା। ସନ୍ଧ୍ୟା ପୂର୍ବରୁ ପହଡ଼ ଖୋଲାଯାଇ ସନ୍ଧ୍ୟାଆଳତି କରାଯିବା ପରେ ଟେରାଅନ୍ନ ଭୋଗ କରାଯାଇ ଭକ୍ତଙ୍କ ଦର୍ଶନ ନିମନ୍ତେ ପହଡ ଉନ୍ମୁକ୍ତ ରହିଥିଲା। ରାତ୍ର ୮ଟାରେ ମହାନଦୀର ରେଣୁକା ତୁଠରୁ ଜଳ ଅଣାଯାଇ ସହସ୍ର କୁମ୍ଭାଭିଷେକ, ମାଜଣା, ବିଶେଷ ବେଶ, ରାତ୍ରି ବେଶ ଏବଂ ରାତ୍ରି ଭୋଗ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା।

## ଆୟୁଷ୍ମାନ ଭାରତ ସଚେତନତା ଶୋଭାଯାତ୍ରା



ଭାଜପା କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

**ମାହାଙ୍ଗା,୭।୧୦(ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବା ନିମନ୍ତେ ମାହାଙ୍ଗା ଭାଜପା ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶୋଭଯାତ୍ରା ମାହାଙ୍ଗା ବ୍ଲକ କୁଣ୍ଡିଠାରୁ ଆରମ୍ଭ ହୋଇ କୁହୁଣ୍ଡା, ଶ୍ରୀକୃଷ୍ଣପୁର, କୁସୁପୁର, ପଣସପୁର, ଲଳିତଗିରି, ରାହାଣିଆ, ଉଷୁମା, ପୋଡ଼ାମରାଇ, ହଳଦିଆ ଓ ଗୋକନ ଆଦି ପଞ୍ଚାୟତ ପରିକ୍ରମା କରିଥିଲା। ଏଥିସହ ବିଭିନ୍ନ ସ୍ଥାନରେ ପ୍ରଥପ୍ରାନ୍ତ ସଭା କରାଯାଇଥିଲା। ଏଥିରେ ଭାଜପାର ବହୁ ନେତା ଯୋଗଦେଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିବା ସହ ଲକ୍ଷ୍ମୀନାରାୟଣପୁରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ଯାଜ୍ଞସେନୀ ଜେନା, ଆଇନଜୀବୀ ଅମରେନ୍ଦ୍ର ଦାଶ, ୪୧ନଂ ଜୋନ ଭାଜପା ସଭାପତି ନିର୍ମଳ ରାଉତ, ଯୁବମୋର୍ଚ୍ଚା ସଭାପତି ପ୍ରଦୀପ୍ତ ମହାରଣା, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତିର୍ମୟୀ ନାୟକ, ସମର ବରାଳ, ସନ୍ତୋଷ ଜେନା, ମନୋଜ ପୃଷ୍ଟି ଓ ଚିନ୍ମୟ ସିଂହଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ସ୍ୱାମୀ ନିଗମାନନ୍ଦ ପରମହଂସଙ୍କ ଭକ୍ତ ସମ୍ମିଳନୀ

**ବଡ଼ମ୍ବା,୭।୧୦(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଗୋପପୁରଠାରେ ଚାଲିଥିବା ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସ ଦେବଙ୍କ ଦୁଇଦିନିଆ ଭକ୍ତ ସମ୍ମିଳନୀ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ବିକଚ ସାହିତ୍ୟ ସଂସଦ ସଭାପତି କବି ଦୁର୍ଯ୍ୟୋଧନ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧର୍ମ ସଭାରେ ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଭୂଷଣ ଗୌର ଶ୍ୟାମାନନ୍ଦ ମହାରାଜ(ଉତ୍ତରପ୍ରାନ୍ତ) କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ପ୍ରଫେସର ଡ.ବଳରାମ ସାହୁ, ମହେଶ୍ୱର ଜେନା, ସାମାଜିକ କର୍ମୀ କାଳନ୍ଦିଚନ୍ଦ୍ର ମିଶ୍ର, ଆସାମ-ବଙ୍ଗୀୟ ସାରସ୍ୱତ ମଠ କୋକିଳାମୁଖର ପୂଜ୍ୟପାଦ ମହନ୍ତ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅବିଭକ୍ତ କଟକ ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଭକ୍ତଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଶାସକ ସୁରେଶଚନ୍ଦ୍ର ମହାପାତ୍ର ସଂଯୋଜନା କରିଥିବାବେଳେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ରବୀନ୍ଦ୍ର କୁମାର ସାହୁ, ସର୍ବେଶ୍ୱର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଭକ୍ତଙ୍କ ଗହଣରେ ନିଗମାନନ୍ଦଙ୍କ ଫଟୋଚିତ୍ରକୁ ଭଜନ କୀର୍ତ୍ତନ ସହିତ ନଗର ପରିକ୍ରମା କରାଯାଇଥିଲା।

# ଆଠଗଡ଼ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଆଠଗଡ଼,୭।୧୦(ସ୍ୱ.ପ୍ର.)**

ଆଠଗଡ଼ ବିଜେଡି ପକ୍ଷରୁ ଆଠଗଡ ବ୍ଲକର ଜୋନ୍ ନଂ-୧ ସଠିଲୋ ପଞ୍ଚାୟତ, ଜୋନ ନଂ-୨ ଗୁରୁଡିଝାଟିଆ ପଞ୍ଚାୟତ ଓ ଜୋନ ନଂ-୩ ମହାକାଳବସ୍ତ ପଞ୍ଚାୟତରେ ରବିବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଠିଲୋଠାରେ ଅନୁଷ୍ଠିତ ପଦଯାତ୍ରା ପଞ୍ଚାୟତର ସଠିଲୋ ଗ୍ରାମ ଶିବମନ୍ଦିରଠାରୁ ଆରମ୍ଭ ହୋଇ ସଠିଲୋ, ବାସୁଦେବପୁର, କୁଆଁଳ, କୋରଙ୍ଗା ଓ ବାଇଧରୀପାଟଣା ଦେଇ ତାଳବସ୍ତ ଗ୍ରାମରେ ସମାପ୍ତ ହୋଇଥିଲା। କଟକ ଜିଲା ବିଜୁ ଜନତା ଦଳର ଉପସଭାପତି ନୃସିଂହ ଚରଣ ମହାପାତ୍ର ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। କଟକ ଜିଲା ପରିଷଦ ଉପାଧ୍ୟକ୍ଷ ସୁନିଲ ପରିଡା, ସରପଞ୍ଚ ମିଥୁନ ସ୍ୱାଇଁ, ସମିତିସଭ୍ୟା ଜାନକୀଲତା ପରିଡା, କଟକ ଜିଲା ବିଜେଡି ମହିଳା ଉପସଭାନେତ୍ରୀ ଅଶାନ୍ତି ବେହେରା, ଆଠଗଡ ବିଜେଡି କୃଷକ ଜନତା ଦଳ



ବିଜେଡିର ଜନ ସମ୍ପର୍କ ପଦଯାତ୍ରାରେ ନେତା ଓ କର୍ମୀ।

ସଭାପତି ସୁବାସ ପାଳ, ନାରୀନେତ୍ରୀ ଅବନ୍ତି ଜେନାଙ୍କ ସମେତ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସେହିପରି ଜୋନ ନଂ-୨ଠାରେ ଅନୁଷ୍ଠିତ ପଦଯାତ୍ରା ଗୁରୁଡିଝାଟିଆ ଗ୍ରାମଠାରୁ ଆରମ୍ଭ ହୋଇ ପଞ୍ଚାୟତର କୋତର, ଛୋଟିଆମ୍ବ, କୋଳଥପଙ୍ଗି ଆଦି ଗ୍ରାମ ପରିକ୍ରମା କରିଥିଲା। ଉକ୍ତ ପଦଯାତ୍ରାରେ ଆଠଗଡ ବ୍ଲକର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପଦଯାତ୍ରାରେ ଆଠଗଡ଼ ବ୍ଲକ ଉପାଧ୍ୟକ୍ଷା ଚିନ୍ମୟୀ ପାଢୀ, କୁମାରପୁର ସରପଞ୍ଚ ଦୀପକ ଆଚାର୍ଯ୍ୟ, ଓରନ୍ଦା ସରପଞ୍ଚ ନମିତା ବେହେରା, ସ୍ଥାନୀୟ ସମିତିସଭ୍ୟ ବିପିନି ବିହାରୀ ଜେନା, ନୃସିଂହ ସାହୁ, ଯୁବନେତା ଜ୍ଞାନ ରଞ୍ଜନ ଦାଶ, ବିନୋଦ ମାଝି, ନାରୀନେତ୍ରୀ ମିତା ରାଉତ, ପ୍ରଣତି ନାୟକ, ବର୍ଷା ରଣା, ରିମଝିମା ରାଉତ ସ୍ଥାନୀୟ ଯୁବନେତା ହୃଦାନନ୍ଦ ସାହାଣୀ, ଗୁରୁଡିଝାଟିଆ ପଞ୍ଚାୟତ ବିଜେଡି ସଭାପତି ସନାତନ ରାଉତ, ଶୁକଦେବ ବେହେରା, ଅକ୍ଷୟ ନାୟକ ପ୍ରମୁଖ ସମେତ ଶତାଧିକ କର୍ମୀ ଯୋଗଦାନ କରିଥିଲେ। ସେହିପରି ୩ନଂ ଜୋନ୍-ମହାକାଳବସ୍ତଠାରେ ଅନୁଷ୍ଠିତ ପଦଯାତ୍ରା ପଞ୍ଚାୟତର ପର୍ଶୁରାମପୁରଗ୍ରାମଠାରୁ ଆରମ୍ଭ ହୋଇ ପଞ୍ଚାୟତର ହରିପୁର, ଦହିସରା, ଚମ୍ପାପୁର, ମାଧପୁର ମହାକାଳ ବସ୍ତ ଦେଇ ସୁବର୍ଣ୍ଣମଞ୍ଜରୀପୁରଠାରେ ଶେଷ ହୋଇଥିଲା। ଉକ୍ତ ପଦଯାତ୍ରାରେ ଆଠଗଡ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପଦଯାତ୍ରାରେ ଆଠଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳେଇ, ଜିଲାପରିଷଦ ସଭ୍ୟା ଜାନକୀଲତା ନାଏକଙ୍କ ସମେତ ସ୍ଥାନୀୟ ସରପଞ୍ଚ ସାବିତ୍ରୀ ରାଉତ, ସମିତିସଭ୍ୟା ବଚନି ପାଢୀ, ପୂର୍ବତନ ଜିଲାପରିଷଦ ସଭ୍ୟ ବଳଭଦ୍ର ବାଘ, ସ୍ଥାନୀୟ ବିଜେଡି ସଭାପତି କୁମୁଦ ବେହେରାଙ୍କ ସମେତ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।



ସବୁଠାରୁ ଭଲକାମ କରିବାକୁ ଯାଉଥିବାବେଳେ ଧୀରେ ପଦକ୍ଷେପ ନେବା ଉଚିତ।
- ସିସେରୋ



## ସଂକ୍ଷେପରେ

### ଟ୍ରଲିରେ ବୁହାହେଲା ମୃତଦେହ

**ନରସିଂହପୁର,୭।୧୦(ସ୍ୱ.ପ୍ର.):** କଟକ ଜିଲା ନରସିଂହପୁର ବ୍ଲକ ଜିଲିଣ୍ଡା ମେଡିକାଲରେ ଆମ୍ବୁଲାନ୍ସ ନ ଆସିବାରୁ ଟ୍ରଲିରେ ପରିବାର ଲୋକ ମୃତଦେହକୁ ଘରକୁ ନେଉଥିବା ଦେଖିବାକୁ ମିଳିଛି। ଜିଲିଣ୍ଡା ଗ୍ରାମର ଶ୍ରୀନିବାସ ନାଏକ(୪୫) ଦୁଇ ବର୍ଷ ହେଲା ପାରାଲିସିସ୍ ରୋଗରେ ଆକ୍ରାନ୍ତ ହୋଇ ଘରେ ରହିଥିଲେ। ରବିବାର ଅପରାହ୍ନ ୩ଟା ବେଳକୁ ହଠାତ ରକ୍ତ ବାନ୍ତି କରିବାରୁ ପରିବାର ଲୋକେ ତାଙ୍କୁ ଜିଲିଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ କିଛି ସମୟ ପ୍ରାଥମିକ ଚିକିତ୍ସା କରାଯିବା ପରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପରିବାର ଲୋକେ ମୃତଦେହକୁ ଘରକୁ ନେବା ପାଇଁ ଆମ୍ବୁଲାନ୍ସ ଡାକିଥିଲେ। ତେବେ ଏଠାରେ ମୃତଦେହ ନେବାକୁ ଆମ୍ବୁଲାନ୍ସ ନ ଥିବାରୁ କୌଣସି ଆମ୍ବୁଲାନ୍ସ ଆସି ନ ଥିଲା। ମୃତ ଶ୍ରୀନିବାସଙ୍କ ପରିବାର ଅତିଶୟ ଗରିବ ହୋଇଥିବାରୁ ଘରୋଇ ଗାଡ଼ି ଭଡ଼ା କରି ନ ପାରି ଏକ ଟ୍ରଲିରେ ମୃତଦେହକୁ ନେଇଥିଲେ। ତେବେ ମୃତଦେହ ନେବାକୁ ସରକାରଙ୍କ ବିଭିନ୍ନ ଯୋଜନା ଥିଲା ବେଳେ କଟକ ଜିଲା ଭଳି ଏକ ଉନ୍ନତ ଜିଲାରେ ଏଭଳି ଅଭାବନୀୟ ଦୃଶ୍ୟ ଅଞ୍ଚଳବାସୀଙ୍କୁ ଚକିତ କରିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ମତାମତ ମିଳି ପାରିନାହିଁ।

### ରେଭେନ୍ସା ବିଶ୍ୱବିଦ୍ୟାଳୟରେ କନ୍‌ଭେନ୍‌ସନ୍

**କଟକ ଅଫିସ, ୭।୧୦:** ରେଭେନ୍ସାରେ ପ୍ରତ୍ୟକ୍ଷ ଛାତ୍ରସଂସଦ ନିର୍ବାଚନ ଓ ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବନ୍ଦ ଦାବିରେ ଛାତ୍ର, ପୂର୍ବତନ ଛାତ୍ର ଓ ଛାତ୍ରନେତା, ବିଭିନ୍ନ ଶ୍ରମିକ ସଙ୍ଗଠନର ନେତା, ବୁଦ୍ଧିଜୀବୀ, ଆଇନଜୀବୀ, ବସ୍ତିନେତା, ନାଗରିକ ସମାଜ, ସାମାଜିକ କର୍ମୀଙ୍କୁ ନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ୍‌ପିଲାର ଅଫ ୱିଜଡମ୍ ସମ୍ମୁଖରେ ଏକ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି। ଛାତ୍ରସଂସଦ ନିର୍ବାଚନ ବାତିଲ୍ ଓ ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ କାରଣଦର୍ଶାଅ ନୋଟିସ୍ ପଠାଇବା ନିନ୍ଦନୀୟ ବୋଲି କନ୍‌ଭେନ୍‌ସନ୍‌ରେ ଆଲୋଚନା ହୋଇଛି। ଏଥିସହିତ ପ୍ରତ୍ୟକ୍ଷ ଛାତ୍ରସଂସଦ ନିର୍ବାଚନ ଦାବି କରାଯାଇ ଏକ ଚିଠା ପ୍ରସ୍ତାବ ଗୃହୀତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ ଆଗାମୀ ଦିନରେ ଛାତ୍ରୀଛାତ୍ର ତଥା ନାଗରିକ ସମାଜ ଆନ୍ଦୋଳନକୁ ଶକ୍ତିଶାଳୀ କରିବ ବୋଲି ଏହି କନ୍‌ଭେନ୍‌ସନ୍‌ରେ ନିଷ୍ପତ୍ତି ହୋଇଛି। ଏହି କନ୍‌ଭେନ୍‌ସନ୍‌ରେ ରେଭେନ୍ସା ବିକାଶ ଅଭିଯାନର ସଭାପତି ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାସ, ହାଇକୋର୍ଟର ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ, ଧରଣୀଧର ନାୟକ, ବସ୍ତିନେତା ଖଗେଶ୍ୱର ସେଠୀ, ରେଭେନ୍ସା ଛାତ୍ରସଂସଦର ପୂର୍ବତନ ସମ୍ପାଦକ ପାଭେଲ ପ୍ରିୟଦର୍ଶନ, ଏଆଇଡିଏସ୍‌ଓର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ବିଜୁ ଯୁବ ସଂଗଠନ ମହାସଚିବ ଶିଶିର ପରିଜା ଓ ବିଜୁ ଛାତ୍ର ଜନତା ଦଳର ମହାସଚିବ ହରିଶଙ୍କର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରେଭେନ୍ସାର ଛାତ୍ରନେତା ଅଶୋକ ତାଣ୍ଡି, ଆରତୀ ମେହେର, ରାଜେଶ ଦାସ, ରଞ୍ଜନ ସାମଲ, ହେମନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିଏମ୍‌ସିର ମାର୍କେଟ କମ୍ପ୍ଲେକ୍ସ ଭଡ଼ା ଭେଳିକି

**କଟକ ଅଫିସ, ୭।୧୦**

- ମାସିକ ଦୋକାନ ଭଡ଼ା ୫୬ରୁ ୮୦ଟଙ୍କା
- ହାତଗୁଞ୍ଜା ନେଇ ବଢ଼ାଯାଉନି ଭଡ଼ା
- ରାଜସ୍ୱ ବୃଦ୍ଧି ପାଇଁ ଚିନ୍ତା କରୁନାହାନ୍ତି ଅଧିକାରୀ

ଦିନକୁ ଦିନ ସହରରେ ଜନସଂଖ୍ୟା ବଢିବା ସହ କଟକ ମହାନଗର ନିଗମ (ସିଏମ୍‌ସି)ର ଖର୍ଚ୍ଚ ମଧ୍ୟ ବଢ଼ି ଚାଲିଛି। ହେଲେ ସେହି ଅନୁପାତରେ ରାଜସ୍ୱ ବୃଦ୍ଧି ପାଇଁ ଚିନ୍ତା କରୁନାହାନ୍ତି ଅଧିକାରୀ। ସିଏମ୍‌ସିର ନିଜସ୍ୱ ଆୟ ବୃଦ୍ଧି ପାଇଁ ବହୁ ବିକଳ୍ପ ରହିଥିଲେ ମଧ୍ୟ ତାହା କରାଯାଉନି। ବିଶେଷକରି ସହରରେ ବ୍ୟବସାୟିକ କ୍ଷେତ୍ର ବ୍ୟାପକ ହେଉଥିବାରୁ ସିଏମ୍‌ସି ମାର୍କେଟ କମ୍ପ୍ଲେକ୍ସରୁ ଭଲ ରାଜସ୍ୱ ସଂଗ୍ରହ କରିପାରନ୍ତା। ଏଥିପାଇଁ ପୁରୁଣା ଦୋକାନଗୃହର ନବୀକରଣ ଓ ନୂଆ ନୂଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ରାଜସ୍ୱକୁ ବୃଦ୍ଧି କରାଯାଇପାରନ୍ତା। କିନ୍ତୁ ଏଥିପ୍ରତି ସିଏମ୍‌ସି ଗୁରୁତ୍ୱ ଦେଉନାହିଁ। ପୁଣି ଯେଉଁସବୁ ମାର୍କେଟ କମ୍ପ୍ଲେକ୍ସ ରହିଛି, ସେଥିରୁ ଭଡ଼ା ବାବଦକୁ ଅତି ନଗଣ୍ୟ ରାଜସ୍ୱ ମିଳୁଛି। ପୁଣି ସତୁରି ଦଶକରେ ଧାର୍ଯ୍ୟ କରାଯାଇଥିବା ଭଡ଼ା ଆଜିଯାଏ ଚାଲିଛି। ଅନ୍ୟପକ୍ଷରେ ଦୋକାନ ନେଇଥିବା ବ୍ୟକ୍ତି ନିଜେ ସେଠାରେ ବ୍ୟବସାୟ ନ କରି ଢ଼େର୍ ଅଧିକ ଟଙ୍କାରେ ଭଡ଼ା ଲଗାଇଛନ୍ତି। ସିଏମ୍‌ସିର ଏହି ମାର୍କେଟ କମ୍ପ୍ଲେକ୍ସ ଭଡ଼ାକୁ ନେଇ ହାତଗୁଞ୍ଜା କାରବାର ହେଉଥିବା ମଧ୍ୟ ଅଭିଯୋଗ ଉଠୁଛି। ହାତଗୁଞ୍ଜା ନେଇ ଅଧିକାରୀମାନେ ଭଡ଼ା ବୃଦ୍ଧି କରୁ ନ ଥିବା ଓ ଏହି ବେଆଇନ କାରବାରକୁ ଭିତିରି ସୁଯୋଗ ଦେଉଥିବା ଜଣାପଡିଛି।

ମିଳିଥିବା ସୂଚନା ମୁତାବକ, ସହରର ଝୋଲାସାହି, ବକ୍ସି ବଜାର, କଲେଜ ଛକ, ଚୌଧୁରୀ ବଜାର ଆଦି ଅନେକ ସ୍ଥାନରେ ସିଏମ୍‌ସିର ମାର୍କେଟ କମ୍ପ୍ଲେକ୍ସ ରହିଛି। ମାତ୍ର କେତେକ ମାର୍କେଟ କମ୍ପ୍ଲେକ୍ସରୁ ୧୯୭୦, ୧୯୮୪ ଏବଂ ୧୯୮୫ ମସିହାରେ ସ୍ଥିରୀକୃତ ଭଡ଼ା ମୂଲ୍ୟ ଆଜି ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି। କେତେ ଦୋକାନର ଭଡ଼ା ମାସିକ ୫୬ ଟଙ୍କା ରହିଥିବା ବେଳେ ଆଉ କେତେକ ଦୋକାନ ୭୦ ଓ ୮୦ ଟଙ୍କା ଭଡ଼ାରେ ଦିଆଯାଇଛି। ନିୟମ ଅନୁଯାୟୀ ସିଏମ୍‌ସି ଦ୍ୱାରା ନିର୍ମିତ ମାର୍କେଟ କମ୍ପ୍ଲେକ୍ସର ଦୋକାନ ଭଡା ୩ ବର୍ଷ କିମ୍ବା ୫ ବର୍ଷରେ ଥରେ ବୃଦ୍ଧି ପାଇବା କଥା। ହେଲେ ତାହା ହେଉ ନ ଥିବାରୁ ସିଏମ୍‌ସି ବିପୁଳ ରାଜସ୍ୱ ହରାଉଛି। ପୁଣି ବହୁ ପୂର୍ବରୁ ଜଣେ ବ୍ୟକ୍ତିଙ୍କ ନାଁରେ ଏକାଧିକ ଦୋକାନ ଘର ରହିଛି। ନିଜେ ବ୍ୟବସାୟ ନ କରି ଅନ୍ୟମାନଙ୍କୁ ଆଜିର ବଜାର ଦର ହିସାବରେ ଦୋକାନ ଭଡ଼ା ଦେଇ ଏ ବାବଦକୁ ବିପୁଳ ରୋଜଗାର କରୁଛନ୍ତି। ଏପରିକି ସିଏମ୍‌ସିଠାରୁ ଦୋକାନ ଘର ପାଇଥିବା ବ୍ୟକ୍ତି ଅନ୍ୟ ଜଣଙ୍କୁ ଭଡ଼ା ସୂତ୍ରରେ ଦେଉଥିବାବେଳେ ସେ ମଧ୍ୟ ଆଉଜଣଙ୍କୁ ଦେଇ ଅଧିକ ଭଡ଼ା ଆଣୁଛି। ଏହା ବେଆଇନ ହୋଇଥିବାରୁ ସିଏମ୍‌ସି ଅଧିକାରୀ ଓ କର୍ମଚାରୀମାନଙ୍କୁ ହାତଗୁଞ୍ଜା ଦିଆଯାଇ ପାଟିଚୁପ୍ କରାଯାଉଛି। ଚୁକ୍ତି ଖିଲାପ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି। ବିଭିନ୍ନ କାରଣକୁ ନେଇ ମାର୍କେଟ କମ୍ପ୍ଲେକ୍ସରୁ ଭଡା ଆଦାୟରେ ସିଏମସି କ୍ଷତି ସହୁଛି ବୋଲି କହିଛନ୍ତି ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ବିକାଶ ବେହେରା। ତେଣୁ ଖୁବଶୀଘ୍ର ସହରର ସିଏମ୍‌ସି ମାର୍କେଟ କମ୍ପ୍ଲେକ୍ସରେ ଥିବା ୮୪୦ଟି ଦୋକାନ ଘର ଭଡା ରାଶି ବୃଦ୍ଧିପାଇବ ଏବଂ ଆବଶ୍ୟକ ସ୍ଥଳେ ଯେଉଁମାନେ ପୂର୍ବ ଚୁକ୍ତିନାମାରେ ଖିଲାପ କରିଥିବେ ସେ କ୍ଷେତ୍ରରେ ପୁରୁଣା ଚୁକ୍ତିକୁ ଅବୈଧ ଘୋଷଣା କରାଯିବ। ସେଠାରେ ଯେଉଁମାନେ ଦୋକାନ କରି ବ୍ୟବସାୟ କରୁଛନ୍ତି, ସେମାନଙ୍କ ସହ ନୂଆ ଚୁକ୍ତି ହେବ। ସିଏମ୍‌ସିର ଖାମଖିଆଲ ନୀତି ଓ କେତେଜଣ ଅଧିକାରୀଙ୍କ ହୀନ ଉଦ୍ଦେଶ୍ୟ ଯୋଗୁ କେତେଜଣ ଦଲାଲ ଏଥିରୁ ଭଲ ରୋଜଗାର କରୁଥିବା କହିଛନ୍ତି ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ସଦସ୍ୟ ତଥା କର୍ପୋରେଟର ନୀରୋଦ ପଣ୍ଡା।

ଏ ସମ୍ପର୍କରେ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି, ଲାଇସେନ୍ସ ଷ୍ଟାଣ୍ଡିଂ କମିଟିଠାରୁ ଏ ବିଷୟରେ ସବିଶେଷ ତଥ୍ୟ ମଗାଯାଇ ରାଜସ୍ୱ ହାନି ରୋକିବାକୁ ଶୀଘ୍ର ପଦକ୍ଷେପ ନିଆଯିବ। ଆବଶ୍ୟକ ପଡିଲେ ଯେଉଁ ଦୋକାନ ଘର ମାଲିକମାନେ ଚୁକ୍ତିନାମା ଖିଲାପ କରି ସିଏମ୍‌ସିରେ ପୁରୁଣା ଦର ଦେଉଛନ୍ତି କିମ୍ବା ବାକି ରଖିଛନ୍ତି ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ଆମେ ଚିନ୍ତା କରିବୁ।

# ସାଇନାପ୍ସ କୁଇଜ୍ ପ୍ରତିଯୋଗିତା: ଡିଏଭି ଚନ୍ଦ୍ରଶେଖରପୁର ପ୍ରଥମ




**କଟକ ଅଫିସ,୭।୧୦**

ଟିମ୍ କ୍ୱିଜାର୍ଡ ଓ ରୋଟାରୀ କ୍ଲବ କଟକ ଇଷ୍ଟର ମିଳିତ ଆନୁକୂଲ୍ୟରେ 'ସାଇନାପ୍ସ' କୁଇଜ୍ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଶହୀଦ ଭବନଠାରେ ଅନୁଷ୍ଠିତ ହୋଇଛି। କଟକ ଓ ଭୁବନେଶ୍ୱରର ପ୍ରାୟ ୨୦ଟି ସ୍କୁଲ ଏବଂ କନିଷ୍ଠ ମହାବିଦ୍ୟାଳୟରୁ ପ୍ରାୟ ୨୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରୁ ୬ଟି ଟିମ୍ ଫାଇନାଲ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଟିମ୍ ମଧ୍ୟରେ ଥିବା ଡିଏଭି ଚନ୍ଦ୍ରଶେଖରପୁରର ପ୍ରଜ୍ଞକଳ୍ପ ମିଶ୍ର ଏବଂ ପ୍ରତ୍ୟୟଦୀପ୍ତ ପରିଡ଼ା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡିଏଭି ସିଡିଏ ସେକ୍ଟର-୬ ଦ୍ୱିତୀୟ ଏବଂ ଷ୍ଟୁଆର୍ଟ ସ୍କୁଲ କଟକ ତୃତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ସମାରୋହରେ ରୋଟାରୀ ଜିଲା ସାକ୍ଷରତା ମିଶନର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରୋଟାରିଆନ ଶିବବ୍ରତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଡିଜିଟାଲ ସ୍କ୍ରିନ ତଥା ଏକ ନୂତନ ପଦ୍ଧତିରେ ଆୟୋଜିତ ଏହି କୁଇଜ୍‌କୁ କୁଇଜ୍‌ମାଷ୍ଟର ପ୍ରୀତିମାନ ମିଶ୍ର ପରିଚାଳନା କରିଥିବାବେଳେ ଟିମ୍ କ୍ୱିଜାର୍ଡର ସୌରଭ ମିଶ୍ର, ମନଶ୍ରେତା ମିଶ୍ର, ଅଭିଷେକ କୌଶିକ, ସିଦ୍ଧାର୍ଥ ରାଉତ ଏବଂ ଅୟଂଶୁ ଦେବବ୍ରତ ସାଂଗଠନିକ କାର୍ଯ୍ୟର ତଦାରଖ କରିଥିଲେ। ଏହି ଅବସରରେ ରୋଟାରୀ କ୍ଲବ କଟକ ଇଷ୍ଟ ତରଫରୁ ସମସ୍ତ ପ୍ରତିଯୋଗୀଙ୍କୁ ମହାତ୍ମା ଗାନ୍ଧୀଙ୍କ ଆତ୍ମଜୀବନୀ ପୁସ୍ତକ ପ୍ରଦାନ କରାଯାଇଥିଲା।




କଟକ ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୭୫ତମ ଜନ୍ମ ସମ୍ବତ୍ସର ଏବଂ ୧୦୦ତମ ଶ୍ରାଦ୍ଧ ସମ୍ବତ୍ସର ସମାରୋହରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ସନ୍ତରଣ ପ୍ରଶିକ୍ଷଣ ପାଇଁ ପ୍ରୋତ୍ସାହନ ଦିଆଯିବ

**କଟକ ଅଫିସ, ୭।୧୦**

**ସଚେତନତା କାର୍ଯ୍ୟକ୍ରମ**

ପ୍ରୀତମ ଶୁଭମ୍ ଫାଉଣ୍ଡେଶନ ପକ୍ଷରୁ ନଦୀଜଳରେ ଜୀବନ ହରାଉଥିବା ଘଟଣାକୁ ରୋକିବା ପାଇଁ ୪ଦିନିଆ ସଚେତନତା କାର୍ଯ୍ୟକ୍ରମ ରବିବାର ଉଦ୍‌ଘାଟିତ ହୋଇଛି। ସିଡିଏ ସେକ୍ଟର-୬ସ୍ଥିତ ରାମମନ୍ଦିର ପରିସରରେ ଆଡଭୋକେଟ ପ୍ରସନ୍ନ କୁମାର ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ ଏ.ଏସ୍. ନାଇଡୁ କହିଲେ, କଟକର କିଶୋରୀକିଶୋରମାନଙ୍କୁ ସନ୍ତରଣ ଶିକ୍ଷା ଦିଆଯିବା ସହ ସେମାନଙ୍କୁ ନଦୀପାଣିର ସ୍ୱତନ୍ତ୍ର ଗତିବିଧି ଓ ଭୟାବହତା ସମ୍ପର୍କରେ ବିଶେଷ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ। ଏହା ହୋଇପାରିଲେ ଦୁର୍ଘଟଣାକୁ ରୋକାଯାଇ ପାରିବ। ଏ ଦିଗରେ କମିଶନରେଟ ପୋଲିସ ଓ ଜିଲା ପ୍ରଶାସନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରୀତମ ଶୁଭମ୍ ଫାଉଣ୍ଡେଶନ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ଏ ଦିଗରେ ଏକ ମାଇଲଖୁଣ୍ଟ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଗ୍ମୀ ରଜତ କୁମାର କର ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବ ସମାଜ ମଧ୍ୟରେ ସଚେତନତା ଦ୍ୱାରା ବହୁମୂଲ୍ୟ ଜୀବନକୁ ବଞ୍ଚାଯାଇପାରିବ ବୋଲି କହିଥିଲେ। ଶୁଭମ୍‌ର ଆଖି ପ୍ରତ୍ୟାରୋପଣ କରିଥିବା ରୋଟାରି ଚକ୍ଷୁ ଚିକିତ୍ସାଳୟର ଆଡମିନିଷ୍ଟ୍ରେଟର ଆଲୋକ କୁମାର ସାହୁ ଚକ୍ଷୁଦାନ ମହତ ଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, ବିଶ୍ୱାସ ଅନୁଷ୍ଠାନର ମୁଖ୍ୟ ଇଂ. ପ୍ରଜ୍ଞାନ ରଞ୍ଜନ ଘଡେଇ, ଇଂ. ରଘୁନାଥ ପ୍ରସାଦ ଦାସ, ଦୟାନିଧି ଲେଙ୍କା, ଅକ୍ଷୟ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ସମୀର ଦେ, ପଣ୍ଡିତ ନୃସିଂହ ଚରଣ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଉତ୍ସବରେ ଶୁଭମ୍ ଓ ପ୍ରୀତମ୍‌ଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ। ଉତ୍ସବରେ ପ୍ରୀତମ ଶୁଭମ୍ ଫାଉଣ୍ଡେଶନ ପକ୍ଷରୁ ପ୍ରତିବର୍ଷ ୧୭ ବର୍ଷରୁ କମ୍ ବୟସର ୧୦ ଜଣଙ୍କୁ ସନ୍ତରଣ ପ୍ରଶିକ୍ଷଣ ଦିଆଯିବା ପାଇଁ ଏକ ଯୋଜନାର ଶୁଭାରମ୍ଭ ଜଷ୍ଟିସ ନାଇଡୁଙ୍କ ଦ୍ୱାରା ହୋଇଛି। ଯୋଜନା ଅନୁସାରେ କ୍ରମାଗତ ଭାବେ ବର୍ଷବ୍ୟାପୀ ୧୦ ଜଣ କରି କଟକର ବିଭିନ୍ନ ଶିକ୍ଷାନୁଷ୍ଠାନର କିଶୋରୀକିଶୋରଙ୍କୁ ସନ୍ତରଣ ପ୍ରଶିକ୍ଷଣ ପାଇଁ ଆର୍ଥିକ ସାହାଯ୍ୟ ଦିଆଯିବ।

### ଶ୍ରୀଜଗନ୍ନାଥ ସାହିତ୍ୟ ସମାଜର ଉଦ୍‌ଘାଟନୀ ଉତ୍ସବ

**କଟକ ଅଫିସ, ୭।୧୦**

ମଧୁପାଟଣାସ୍ଥିତ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀ ସଂଘ ପରିସରରେ ସାଧକ, ସଂସ୍କୃତି ପ୍ରେମୀ, ବୁଦ୍ଧିଜୀବୀମାନଙ୍କୁ ନେଇ ରବିବାର ଶ୍ରୀଜଗନ୍ନାଥ ସାହିତ୍ୟ ସମାଜ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦଇଥିଲେ। ସାଧାରଣ ସମ୍ପାଦକ ଆଦିକନ୍ଦ ରାଉତ ବିବରଣୀ ପାଠ ଓ ଉପସଭାପତି ଅରୁଣ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**କଟକ ଅଫିସ/ଖୁଣ୍ଟୁଣୀ, ୭।୧୦(ଡି.ଏନ୍.ଏ.)**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୮, ୯ ଓ ୧୬ ନଂ.ୱାର୍ଡରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟ, ବିଜେଡି ନେତା ସୁଭାଷ ସିଂ, ପୂର୍ବତନ ମେୟର ଅନୀତା ବେହେରା, କର୍ପୋରେଟର ରମ୍‌ଜାନ ଖାନ୍, ବିକାଶ ବେହେରା ଏବଂ ନମିତା ବାରିକ ପ୍ରମୁଖ ଯୋଗଦେଇଥିଲେ। ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ କର୍ମୀ ଏଥିରେ ସାମିଲ ହୋଇଥିଲେ। ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ମାଲ୍ୟାର୍ପଣ କରିଥିଲେ। ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏହି ପଦଯାତ୍ରାର ଉଦ୍ଦେଶ୍ୟ ବୋଲି ବିଧାୟକ କହିଥିଲେ।

ରବିବାର ଆଠଗଡ଼ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଗୁରୁଡ଼ିଝାଟିଆସ୍ଥିତ ମା' ବାସନ୍ତୀ ଦୁର୍ଗାଙ୍କ ପୀଠସ୍ଥଳୀରୁ ଆରମ୍ଭ ହୋଇଥିଲା। ବ୍ଲକର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ବ୍ଲକ ଉପାଧ୍ୟକ୍ଷା ଚିନ୍ମୟୀ ପାଢୀ, ଜିଲା ପରିଷଦ ସଭ୍ୟ କେଶବ ଚନ୍ଦ୍ର ଦଳାଇ, ବିପିନି ବିହାରୀ ରାଉତ, ସନାତନ ଦଳେଇ, ରସାନନ୍ଦ ପାତ୍ର, ହୃଦାନନ୍ଦ ସାହାଣୀ, ରିମ୍‌ଝିମ୍ ରାଉତ, ଜ୍ଞାନ ଦାସ, ନୃସିଂହ ସାହୁ ଓ ଶୁକଦେବ ବେହେରାଙ୍କ ସମେତ ଶତାଧିକ ଜନସାଧାରଣ ଯୋଗଦେଇଥିଲେ। ଏହି ପଦଯାତ୍ରା କୋତର, ପୀଠାଖିଆ, ଛୋଟିଆମ୍ବ ଦେଇ କୋଳଥପଙ୍ଗୀଠାରେ ଶେଷ ହୋଇଥିଲା।




ବିଜେଡି କର୍ମୀମାନେ ପଦଯାତ୍ରାରେ ଯାଉଛନ୍ତି।

# ତୈଳଦର ହ୍ରାସ କରିବା ଦିଗରେ ସରକାର ପଦକ୍ଷେପ ନେଉନାହାନ୍ତି

**ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ**

**କଟକ ଅଫିସ, ୭।୧୦:** କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଅଢେଇ ଟଙ୍କା ଟିକସ କମେଇବା ପରେ ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଦର ହ୍ରାସ କରିବା ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଭାଜପା ପକ୍ଷରୁ ରବିବାର ଏହାକୁ ବିରୋଧ କରାଯାଇଛି। ଏ ନେଇ ବାରବାଟୀ-କଟକ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ କଟକ ଚଣ୍ଡିଛକଠାରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ରାଜ୍ୟ ସରକାର ଟିକସ ଛାଡ଼ କରିନାହିଁ, ବଡ଼ ବଡ଼ ଭାଷଣ ଦେଉଥିବା ଏହି ସରକାର ଏଥିପାଇଁ କେବଳ କେନ୍ଦ୍ର ସରକାରକୁ ଦାୟୀ କରି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବାରେ ଲାଗିଛି ବୋଲି ଭାଜପା କର୍ମୀମାନେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଦୟାନିଧି ଲେଙ୍କା, ବିଜୟ ଦଳେଇ, ରାଜେନ୍ଦ୍ର ସାମଲ, ଜିତେନ ବେହେରା, ଲଲାଟେନ୍ଦୁ ଦାସ, ସୟଦ ସହନୱାଜ ଅଲ୍ଲୀ, ପ୍ରଶାନ୍ତ ଦାସ, ସୂର୍ଯ୍ୟ ବିଶ୍ୱାଳ, ଦେବାଶିଷ ରାଉତ, ରାକେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ ବର୍ଜନ ସଚେତନତା ଶୋଭାଯାତ୍ରା

**କଟକ ଅଫିସ, ୭।୧୦**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୨୪ନଂ. ୱାର୍ଡର ସାଆନ୍ତସାହିସ୍ଥିତ ଅଙ୍ଗନୱାଡି କେନ୍ଦ୍ରଠାରେ ପ୍ଲାଷ୍ଟିକ ବର୍ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ କର୍ପୋରେଟର ରଞ୍ଜନ ବିଶ୍ୱାଳ, ବିଜୁ ଯୁବ ବାହିନୀର କର୍ମକର୍ତ୍ତାଙ୍କ ସମେତ ଶତାଧିକ ମହିଳା ଯୋଗଦେଇ ପ୍ଲାଷ୍ଟିକର ଭୟାବହତା ଓ ପରିବେଶ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଆଗାମୀ ଦିନରେ ବ୍ୟବହାର ପାଇଁ ଲୋକମାନଙ୍କୁ ପେପର ବ୍ୟାଗ ଯୋଗାଇ ଦେବାକୁ ଉଦ୍ୟମ କରାଯିବ। ଏଥିସହ ଆଗାମୀ ଦିନରେ ସିଏମ୍‌ସିର ପ୍ରତି ୱାର୍ଡରେ ଏଭଳି ଶୋଭାଯାତ୍ରା ଆୟୋଜନ କରାଗଲେ ଲୋକଙ୍କ ମଧ୍ୟରେ ସଚେତନତା ଆହୁରି ବୃଦ୍ଧି ପାଇବ ବୋଲି କର୍ପୋରେଟର ବିଶ୍ୱାଳ କହିଛନ୍ତି।




ଶୋଭାଯାତ୍ରାରେ ସାମିଲ ହୋଇଥିବା କର୍ପୋରେଟରଙ୍କ ସହ ବିଜୁ ଯୁବ ବାହିନୀର କର୍ମକର୍ତ୍ତାମାନେ।

■ ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ ଓ କର୍ତ୍ତୃପକ୍ଷ ମହାସଂଘର ସାଧାରଣ ଅଧିବେଶନ

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ସରକାର

**କଟକ ଅଫିସ/କୁଜଙ୍ଗ,୭।୧୦(ସ୍ୱ.ପ୍ର.)**

ରାଜ୍ୟର ଲକ୍ଷାଧିକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଛି ରାଜ୍ୟ ଗଣଶିକ୍ଷା ବିଭାଗ। ସରକାରୀ ବିଦ୍ୟାଳୟଗୁଡିକର ମୂଳଦୁଆ ଭୁଶୁଡି ପଡୁଥିବାବେଳେ ଏହାକୁ ସଜାଡିବା ପରିବର୍ତ୍ତେ ସରକାର ଘରୋଇ ବିଦ୍ୟାଳୟଗୁଡିକୁ ଅଯଥା ହଇରାଣ କରୁଛନ୍ତି। ୨୦୧୭ ପର୍ଯ୍ୟନ୍ତ ରାଜ୍ୟର ୮୦ ପ୍ରତିଶତ ଘରୋଇ ବିଦ୍ୟାଳୟକୁ ଏନ୍‌ଓସି ପ୍ରଦାନ କରାଯାଇଥିବାବେଳେ ୨୦୧୮ରେ କୌଣସି କାରଣ ନ ଥାଇ ଏନ୍‌ଓସି ପ୍ରଦାନ କ୍ଷେତ୍ରରେ ଜାଣିଶୁଣି ଅବହେଳା କରାଯାଉଛି। ଏଥିସହ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ଅଣଦେଖା କରାଯାଉଛି। ରାଜ୍ୟରେ ସରକାରୀ ଭାବେ ଅନୁଷ୍ଠିତ ହେଉଥିବା ବିଜ୍ଞାନ ମେଳା, ସୁରଭି, ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରୁ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବଞ୍ଚିତ କରାଯାଉଛି। ରବିବାର ପୂର୍ବାହ୍ନ ୧୧ଟାରେ କଟକସ୍ଥିତ ଗାନ୍ଧୀ ଭବନ ପରିସରରେ ଅନୁଷ୍ଠିତ ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ ଓ କର୍ତ୍ତୃପକ୍ଷ ମହାସଂଘର ସାଧାରଣ ଅଧିବେଶନରେ ଏଭଳି ଅଭିଯୋଗ କରାଯାଇଛି। ଏଥିରେ ମହାସଂଘର ରାଜ୍ୟ ସଭାପତି ରଘୁନାଥ ସାହୁ ଅଧ୍ୟକ୍ଷତା କରି ସରକାର ଘରୋଇ ବିଦ୍ୟାଳୟଗୁଡିକୁ ଏନ୍‌ଓସି ପ୍ରଦାନ ନ କରି ଚଞ୍ଚକତା କରୁଥିବା କହିଥିଲେ। ସେ କହିଲେ ଯେ ୨୦୧୮ରେ ୫ ବର୍ଷିଆ ଏନ୍‌ଓସି ନିମନ୍ତେ ସରକାର ଘରୋଇ ବିଦ୍ୟାଳୟକୁ ଆବେଦନ କରିବାର ସୁଯୋଗ ପ୍ରଦାନ କରିଥିଲେ। କିନ୍ତୁ ଜିଲା ଶିକ୍ଷା ଅଧିକାରୀମାନେ ଏଥିପାଇଁ ତତ୍ପରତା ପ୍ରକାଶ କରୁନାହାନ୍ତି। କେତକ ଜିଲାରେ ହାତଗଣତି ଘରୋଇ ବିଦ୍ୟାଳୟକୁ ଏନ୍‌ଓସି ପ୍ରଦାନ କରାଯାଇଛି। ରାଜ୍ୟର ୨୦ରୁ ଊର୍ଦ୍ଧ୍ୱ ଜିଲାରେ ଅଦ୍ୟାବଧି ଏନ୍‌ଓସି ପାଇଁ ଜିଲା ଶିକ୍ଷା ଅଧିକାରୀମାନେ ଆବେଦନପତ୍ର ଯାଞ୍ଚ ପାଇଁ ରାଜ୍ୟସ୍ତରକୁ ପଠାଇ ନାହାନ୍ତି। ଏଥିସହ ୨୦୧୯ ପାଇଁ ଗଣଶିକ୍ଷା ବିଭାଗ ସାନି ଆବେଦନ କରିବାକୁ ନିର୍ଦ୍ଦେଶନାମା ଜାରି କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଥିରେ ମହାସଂଘ ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ଅଜିତ ରାଣା, ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ଘରୋଇ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପ୍ରତି ସରକାର ପାତରଅନ୍ତର ନୀତି ଅବଲମ୍ବନ କରିବା ଅନ୍ୟାୟ ବୋଲି କହିଥିଲେ। ସାଧାଣ ସମ୍ପାଦକ ଅମ୍ବରିଶ ମିଶ୍ର, ସମ୍ପାଦକ ଚୌଧୁରୀ ଲକ୍ଷ୍ମଣ ରାଓ, ହରିହର ସାହୁ, ରାଜକିଶୋର ପାଢୀ, ଅରୁଣ କୁମାର ଷଡଙ୍ଗୀ, ସମ୍ପାଦକ ସୁରେନ୍ଦ୍ର କୁମାର ସାହୁ ଓ ଶରତ ସାମନ୍ତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟର ୨୨ ଜିଲାରୁ ମହାସଂଘର ଜିଲା ସଭାପତିମାନେ ଏହି ଅଧିବେଶନରେ ଯୋଗ ଦେଇଥିଲେ। ଆସନ୍ତା ନଭେମ୍ବର ମାସରେ ମହାସଂଘର ଦୁଇ ଦିନିଆ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ଏକ ୧୫ ଜଣିଆ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ରାଜ୍ୟ ସରକାରଙ୍କ ବିଭିନ୍ନ ଅଧିକାରୀଙ୍କୁ ଭେଟି ଘରୋଇ ବିଦ୍ୟାଳୟର ସୁରକ୍ଷା ନିମନ୍ତେ ଆଲୋଚନା କରିବ ବୋଲି ନିଷ୍ପତ୍ତି ହୋଇଛି। ଗଣଶିକ୍ଷା ବିଭାଗ ଯଦି ଆଗାମୀ ଦିନରେ କୋହଳ ମନୋଭାବ ପୋଷଣ କରେ, ତେବେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ସାଧାରଣ ସମ୍ପାଦକ ମିଶ୍ର ଚେତାବନୀ ଦେଇଛନ୍ତି।



ସକଳ ସଙ୍କଟରୁ ପରିତ୍ରାଣ ଲାଭ ପାଇଁ ଏକମାତ୍ର ପଥ ନାମ ଜପ। ତାହା କାତର ଭାବରେ ଅନ୍ତରର ଗଭୀର ପ୍ରଦେଶରୁ ଜାତ ହେବା ଦରକାର।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ

**କଟକ ସଦର, ୭।୧୦(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ଆୟତ୍ତପୁର ବଜାର ରାସ୍ତା ଆଲୋକୀକରଣ ପ୍ରକଳ୍ପ ଶନିବାର ଉଦ୍‌ଘାଟିତ ହୋଇଛି। ଏହାକୁ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଉଦ୍‌ଘାଟନ କରିଥିଲେ। ସମର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଜେଡି ବ୍ଲକ ସଭାପତି ପ୍ରମୋଦ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ସରପଞ୍ଚ କାନନ କୁମାରୀ ସାହୁ, ଜିଲା ପରିଷଦ ସଭ୍ୟ ବୀରବର ଲେଙ୍କା ଓ ଝିନୁ ବେହେରା ଯୋଗଦେଇଥିଲେ। ଦେବବ୍ରତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ନିମାଇଁ ମହାପାତ୍ର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନାଯୋଗ୍ୟ, ମହାନଦୀ ପାର୍ଶ୍ୱରେ ଥିବା ବଜାରରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ଏଲଇଡି ଲାଇଟ୍ ଲଗାଯିବା ପାଇଁ ଦାବି ହୋଇଆସୁଥିଲା।

### କଟକ ଜିଲା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ବୈଠକ

**କଟକ ସଦର, ୭।୧୦(ଡି.ଏନ୍.ଏ.):** କଟକ ଜିଲାସ୍ତରୀୟ ଗ୍ରାମ୍ୟ ମହିଳା ଓ ପୁରୁଷ କର୍ମଚାରୀମାନଙ୍କ ସାଧାରଣ ବୈଠକ କଟକ ସଦର ବ୍ଲକ କୃଷି ସୂଚନା, ପରାମର୍ଶ କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଟି ବ୍ଲକର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହ ରାଜ୍ୟ ସଂଘ ନେଇଥିବା ନିଷ୍ପତ୍ତିକୁ ଗ୍ରହଣ କରାଯାଇଥିଲା। ଏହି ଅବସରରେ କ୍ଷୀରୋଦ କୁମାର ବିଶୋୟୀ ଜିଲା ସଭାପତି, ଚିତ୍ତରଞ୍ଜନ ଓଝା ଉପସଭାପତି, ଏମ୍.ଆର. ରେହମାନ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ବୈଠକ ଆରମ୍ଭରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

### ଖାଦ୍ୟ ନିରାପତ୍ତା କାର୍ଡ ବଣ୍ଟନ ସମାବେଶ



**କଟକ ସଦର, ୭।୧୦(ଡି.ଏନ.ଏ.):** ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ ପାଇଁ ରବିବାର ଦଧିବାମନପୁର ପଞ୍ଚାୟତ ଅଧୀନ ଭୁଆଶୁଣୀ ପୀଠରେ କଟକ ସଦର ବ୍ଲକସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ୮୫୦ଟି କାର୍ଡ ହିତାଧିକାରୀମାନଙ୍କୁ ବଣ୍ଟନ କରିଥିଲେ। ଏହାଛଡ଼ା ବିଭିନ୍ନ କାରଣରୁ ବାଦ୍ ପଡ଼ିଥିବା ଆବେଦନକାରୀମାନଙ୍କୁ ଶୀଘ୍ର କାର୍ଡ ଦେବାର ବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ ବେହେରା ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଦେବାଶିଷ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ଅତିରିକ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା, ଏମ୍.ଆଇ. ପୁନମ୍ ଜେନା, ଅକ୍ଷୟ ପରିଡ଼ା, ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ପ୍ରମୋଦ ମହାପାତ୍ର, ବିପ୍ରଚରଣ ଭୋଳ, ଜିଲା ପରିଷଦ ସଭ୍ୟ ବୀରବର ଲେଙ୍କା, ସରପଞ୍ଚ ତ୍ରିଲୋଚନ ମଲ୍ଲିକ ଓ ଆମ୍ବାର ସଭାପତି ସମର ବେହେରାଙ୍କ ସମେତ ୨୩ଟି ପଞ୍ଚାୟତର ପ୍ରତିନିଧି ଯୋଗଦେଇଥିଲେ। ସ୍ୱାଧୀନ ଶେଖର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

### ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**କଣ୍ଟାପଡ଼ା, ୭।୧୦(ଡି.ଏନ୍.ଏ.):** ବିଜୁ ଯୁବ ବାହିନୀ ପକ୍ଷରୁ ଗୋବିନ୍ଦପୁର ମହାବିଦ୍ୟାଳୟ ପରିସରରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା କ୍ରୀଡ଼ା ଓ ସଂସ୍କୃତି ସଂଯୋଜକ ସରୋଜ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ନିଆଳି ବିଧାୟକ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ କଟକ ଜିଲା ବିଜୁ ଯୁବବାହିନୀ ସଂଯୋଜକ ସୁଜିତ ମହାନ୍ତି, ବାରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ ସାହୁ, ଗୋବିନ୍ଦପୁର ଜୁନିୟର ମହାବିଦ୍ୟାଳୟ ଅଧ୍ୟକ୍ଷ ଅଭିଳାଶ ଚନ୍ଦ୍ର ବେହେରା, କଣ୍ଟାପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ରାଉତରାୟ, ମହାବିଦ୍ୟାଳୟ ପରିଚାଳନା ବୋର୍ଡ ସଭାପତି କାଳନ୍ଦୀ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। କଣ୍ଟାପଡ଼ା ବ୍ଲକ ଯୁବବାହିନୀ ସଂଯୋଜକ ବିମାନ ବେହେରା ଅତିଥି ପରିଚୟ ଦେଇଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଯୁବବାହିନୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା।



ଷୋଳପୂଜା ଉପଲକ୍ଷେ ମା' କଟକଚଣ୍ଡୀଙ୍କ ଷୋଡ଼ଶୀ ବେଶ।



ମା' ଗଡ଼ଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ।



ମା'ଝାଞ୍ଜିରୀମଙ୍ଗଳାଙ୍କ କମଳାବେଶ।



ମା' ବାସନ୍ତୀ ଦୁର୍ଗାଙ୍କ ମାତଙ୍ଗୀ ବେଶ।



ମା' ଧାକୁଲେଇଙ୍କ କମଳା ବେଶ।

# ବ୍ୟୟବହୁଳ ଦୁର୍ଗାପୂଜା

## କଟକରେ ୧୬୦ ମଣ୍ଡପରେ ପୂଜା, ଖର୍ଚ୍ଚ ୩୦ କୋଟିରୁ ଊର୍ଦ୍ଧ୍ୱ

**ସୌମ୍ୟରଞ୍ଜନ ଚୌଧୁରୀ**
**କଟକ ଅଫିସ,୭।୧୦**

ଚଳିତବର୍ଷର ପୂଜାକୁ ସବୁଦିଗରୁ ଆକର୍ଷଣୀୟ କରିବା ପାଇଁ ସୁଉଚ୍ଚ ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକମାଳା ଏବଂ ଆଧୁନିକ ମେଲୋଡି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ କେତେକ ପୂଜା କମିଟି ପକ୍ଷରୁ ୨୫ ଲକ୍ଷ ଟଙ୍କା ଲେଖାଏ ବଜେଟ୍ କରାଯାଇଛି। ଏ ଦିଗରେ ଖାନନଗର, ଶିଖରପୁର, ରାଣୀହାଟ, ଚାନ୍ଦିନୀଚୌକ ଏବଂ ବାଦାମବାଡି ଆଦି ପୂଜା ମଣ୍ଡପ ଅନ୍ୟତମ। ଚଳିତବର୍ଷ ୧୬୦ ମଣ୍ଡପରେ ପୂଜା ଅନୁଷ୍ଠିତ ହେବ। ଛୋଟ ଓ ବଡ଼ ପୂଜା ମଣ୍ଡପର ବଜେଟ୍‌କୁ ଦେଖିଲେ ଏଥର ସମୁଦାୟ ଖର୍ଚ୍ଚ ୩୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ଏଭଳି ବ୍ୟୟବହୁଳ ପୂଜାକୁ ଅନେକେ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି।

" ୧୯୬୦ ମସିହାରୁ ସହରରେ ପୂଜା ଦେଖିଆସୁଥିବା ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡା କହିଛନ୍ତି, ଦିନ ଥିଲା ପ୍ରତି ପୂଜା ମଣ୍ଡପରେ କଦଳୀ ପତ୍ର ଏବଂ ଦେବଦାରୁ ପତ୍ରରେ ପାରମ୍ପରିକ ରୀତିନୀତିରେ ସାଜସଜ୍ଜା କରାଯାଇ ଖୁବ୍‌କମ୍ ଖର୍ଚ୍ଚରେ ଦୁର୍ଗାପୂଜା ହେଉଥିଲା। ସେତେବେଳେ ଅକ୍ଷୟ ମହାନ୍ତିଙ୍କ ଭଳି ସୁନାମଧନ୍ୟ କଣ୍ଠଶିଳ୍ପୀ ମଞ୍ଚରେ ଭଜନ ପରିବେଷଣ କରୁଥିଲେ। ଆଜିକାଲି ମେଲୋଡି ଷ୍ଟେଜରେ ଦ୍ୱିଅର୍ଥବୋଧକ ଗୀତ ବେଶି ଶୁଣିବାକୁ ମିଳୁଛି। ବର୍ତ୍ତମାନର ପୂଜାକୁ ଆଧୁନିକତା ସ୍ପର୍ଶ କରିଛି, ଯେଉଁଥିପାଇଁ ଅଧିକ ବ୍ୟୟ କରିବାକୁ ଏକ ପ୍ରତିଯୋଗିତାପୂର୍ଣ୍ଣ ଭାବନା ସୃଷ୍ଟିକରିଛି।



ଦଶହରା ପାଇଁ ଖାନନଗର ଠାରେ ତୋରଣ ନିର୍ମାଣ ଚାଲିଛି।

" ହେତୁବାଦୀ ସଂଗଠନର ଦେବେନ୍ଦ୍ର ସୁତାର କହିଛନ୍ତି, ଅସ୍ଥାୟୀ ଭାବେ ମାଟି ନିର୍ମିତ ମୂର୍ତ୍ତିରେ ମା'ଙ୍କୁ ଆରାଧନା କରି ଭକ୍ତି ଆଣିବାକୁ ଚେଷ୍ଟା କରିବା କେବଳ ମନର ଶାନ୍ତି। ହେଲେ ଏହାରି ଆଳରେ ବହୁ ଟଙ୍କା ଖର୍ଚ୍ଚ କରି ପୂଜା ଧୂମଧାମରେ ପାଳନ ହେଲା ବୋଲି କହିବା କେବଳ ଅହଂକାର। ଯେଉଁ ଅର୍ଥ ଆଡମ୍ବରରେ ଖର୍ଚ୍ଚ ହେଉଛି ସେହି ଅର୍ଥ ସେହି ପୂଜା ମଣ୍ଡପ ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଖର୍ଚ୍ଚ ହୋଇପାରନ୍ତା।

" ପରିବେଶବିତ୍ ବିଶ୍ୱଜିତ ମହାନ୍ତି କହିଛନ୍ତି ଯେ, ସୁଉଚ୍ଚ ତୋରଣ ପାଇଁ ପ୍ରତିବର୍ଷ ବିପୁଳ ବାଉଁଶ କଟାଯାଉଛି। ପୂଜା ସମୟରେ ହେଉଥିବା ମେଲୋଡି କାର୍ଯ୍ୟକ୍ରମରେ ଶବ୍ଦ ପ୍ରଦୂଷଣ ହେଉଛି। ବାରଣ ସତ୍ତ୍ୱେ ମା'ଙ୍କ ମୂର୍ତ୍ତିକୁ ଆକର୍ଷଣୀୟ କରିବା ପାଇଁ ରସାୟନିକ ରଙ୍ଗ ବ୍ୟବହାର ହେଉଛି, ଯାହା ପରବର୍ତ୍ତୀ ସମୟରେ ଜଳକୁ ପ୍ରଦୂଷିତ କରୁଛି।

" ଅର୍ଥନୀତିଜ୍ଞ ସନ୍ତୋଷ ମହାପାତ୍ର ପ୍ରଶ୍ନ କରିଛନ୍ତି ଯେ, ପୂଜା କମିଟିଗୁଡିକ ଏତେ ଆୟ ହେଉଛି କେଉଁଠୁ? ଯଦି ଦେଶରେ ବଡ଼ ବଡ଼ ମନ୍ଦିର ସମ୍ପତ୍ତି ଅଡିଟ୍ ହେଉଛି, ତେବେ ପୂଜାମଣ୍ଡପଗୁଡିକ ଯେଉଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି,ସେଗୁଡିକର ମଧ୍ୟ କାହିଁକି ଅଡିଟ କରାଯିବ ନାହିଁ।

" ଚାନ୍ଦିନୀଚୌକ ପୂଜା କମିଟି ସମ୍ପାଦକ ବିଜୟ କୁମାର ବେହେରା କହିଛନ୍ତି, ଆଜିକାଲି ପୂଜା କହିଲେ ମନ ଭିତରେ ଗୋଟେ ଅଲଗା ଭାବନା ଆସିଯାଏ। ବର୍ତ୍ତମାନ ସମୟରେ ବାଜା, ବାଣ, ନାଚ, ଗୀତ ପୂଜାର ପରିଭାଷା। ହେଲେ ପୂଜା କମିଟି ଆୟକୁ ଅଡିଟ କରିବାର ଆବଶ୍ୟକତା କ'ଣ, ଆମେ ତ ପୂଜା ପାଇଁ ସରକାରୀ ସହାୟତା ମାଗୁନାହୁଁ। ଏକ ମନ ବୁଝାମଣାରେ ଲୋକେ ଦାନ ଦେଉଛନ୍ତି। ଯେଉଁମାନେ ଏହି ବ୍ୟୟବହୁଳ କଥା ଉଠାଉଛନ୍ତି ସେମାନେ ଜିରାରୁ ଶିରା କାଢୁଛନ୍ତି। ଟଙ୍କା ଖର୍ଚ୍ଚ ହେଉ ପଛେ କଟକ ଦଶହରା ଆଡମ୍ବରପୂର୍ଣ୍ଣ ଓ ଜାକଜମକରେ ହେଲେ କ'ଣ ଆମର ଗର୍ବ ବଢାଉନାହିଁ କି ବୋଲି ସେ ପ୍ରଶ୍ନ କରିଛନ୍ତି।

" ରାଣୀହାଟ ପୂଜା କମିଟି ସଭାପତି ବିଜୟ କୁମାର ସାହୁ କହିଛନ୍ତି, ସବୁ ଜିନିଷର ଦରଦାମ ବଢିବା ସହିତ ମନ ଭିତରେ ପ୍ରତିଯୋଗିତାପୂର୍ଣ୍ଣ ମନୋଭାବ ଆସିଥିବା କଥା ସତ। ତେଣୁ ଏଭଳି ସ୍ଥିତି ମନ ଭିତରେ ଆପେ ଆସିଯାଏ ଯେ ଆମେ ମଧ୍ୟ ଏହି ଧାରାରେ ସାମିଲ ହେବୁ। କିନ୍ତୁ ଏହା ସତ ଯେ, ସ୍ୱଇଚ୍ଛା ଚାନ୍ଦା ଆଦାୟ ହୁଏ ଜୋରଜବରଦସ୍ତର ପ୍ରଶ୍ନ ଉଠୁନି। କଟକ ଦଶହରାକୁ ଅନ୍ୟ ରାଜ୍ୟର ବିଭିନ୍ନ ପୂଜାରେ ହେଉଥିବା ଜାକଜକମ ସହ ସମକକ୍ଷ ହେବା ପାଇଁ ଏକ ପ୍ରକାର ଟ୍ରେଣ୍ଡ ଆରମ୍ଭ ହୋଇସାରିଛି।

" ଖାନନଗର ପୂଜାକମିଟି ସମ୍ପାଦକ ପ୍ରଫୁଲ୍ଲ ବେହେରା କହିଛନ୍ତି, ଯୁଗ ବଦଳିବା ସହ ପୂଜାର ପରିବେଶ ମଧ୍ୟ କଟକ ସହରରେ ବଦଳିଛି। ତେଣୁ ଖର୍ଚ୍ଚ ବଢିଛି। ମନ ଭିତରେ ଏକ ଆଗ୍ରହ ରୁହେ କି ଆମ ପୂଜା ମଣ୍ଡପ କିଭଳି ସବୁ ପୂଜା ମଣ୍ଡପଠାରୁ ବେଶି ଆକର୍ଷଣୀୟ ହେବ। ତେଣୁ ଏଥିପାଇଁ ଟଙ୍କା ତ ଖର୍ଚ୍ଚ ହେବ। ତେବେ ଏଥିସହିତ କିଛି ସମାଜସେବା କାର୍ଯ୍ୟ ପାଇଁ ମଧ୍ୟ ଆମ ପୂଜା କମିଟି ଖର୍ଚ୍ଚ କରିଥାଏ।

### କିଭଳି ହେବ ଖର୍ଚ୍ଚ

- ଖାନନଗର ପୂଜା କମିଟି ଏଥର ଇଣ୍ଡିଆ-ଚାଇନା ବର୍ଡର ନାଥୁଲା ଆକୃତିର ତୋରଣ କରୁଛି। ଏଥିପାଇଁ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଅନ୍ୟାନ୍ୟ ସାଜସଜ୍ଜା ଏବଂ ତୋରଣ ବାବଦକୁ ୨୦ ଲକ୍ଷ ଟଙ୍କାର ବଜେଟ ରହିଥିବା କଥା କହିଛନ୍ତି ପୂଜାକମିଟି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ବେହେରା।
- ବାଦାମବାଡି ପୂଜା କମିଟି ପକ୍ଷରୁ ନେପାଳର ଏକ ବୌଦ୍ଧ ମନ୍ଦିର ଆକାରର ତୋରଣ କରାଯାଉଛି। ଏ ବାବଦକୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ଥିବାବେଳେ ଅନ୍ୟାନ୍ୟ ଖର୍ଚ୍ଚ ମିଶାଇ ୨୨ ଲକ୍ଷ ଟଙ୍କାର ବଜେଟ ରହିଛି ବୋଲି କହିଛନ୍ତି ସମ୍ପାଦକ ବିଭୂତି ଭୂଷଣ ଜେଠୀ।
- ଶିଖରପୁର ପୂଜା କମିଟି ଚଳିତବର୍ଷ ମିଲେନିୟମ ଟୁଇନ୍ ଗେଟ ଆକାରର ତୋରଣ କରୁଛି। ଏଥିପାଇଁ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଅନ୍ୟାନ୍ୟ ବାବଦ ଖର୍ଚ୍ଚ ମିଶାଇ ମୋଟ ୨୦ଲକ୍ଷ ଟଙ୍କାର ବଜେଟ ରହିଥିବା କହିଛନ୍ତି ସମ୍ପାଦକ ଜୟନ୍ତ କୁମାର ପ୍ରଧାନ।
- ଚାନ୍ଦିନୀଚୌକ ପୂଜା କମିଟିର ବିଦ୍ୟୁତ୍ ତୋରଣରେ ୯ଲକ୍ଷ ଟଙ୍କା ଖର୍ଚ୍ଚ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାଜସଜ୍ଜା ବାବଦକୁ ୨୩ ଲକ୍ଷ ଟଙ୍କାର ବଜେଟ ରହିଥିବା କହିଛନ୍ତି ସମ୍ପାଦକ ବିଜୟ କୁମାର ବେହେରା।
- ରାଣୀହାଟ ପୂଜା କମିଟି ଦୁଇଟି ବିଦ୍ୟୁତ୍ ତୋରଣ ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅନ୍ୟାନ୍ୟ ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ମିଶାଇ ସମୁଦାୟ ୨୫ଲକ୍ଷ ଟଙ୍କାର ବଜେଟ ରହିଛି ବୋଲି କହିଛନ୍ତି ସଭାପତି ବିଜୟ କୁମାର ସାହୁ।

### ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ସମ୍ମିଳନୀ




**କଟକ ଅଫିସ, ୭।୧୦**

ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ରବିବାର ସ୍ଥାନୀୟ ଶିଶୁଭବନ ପଚ୍ଛପଟ ପୀରବାବା ପଡ଼ିଆଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସହରର ସମସ୍ତ ଛୋଟବଡ଼ ସାହିବସ୍ତିର ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। ମଞ୍ଚର ସଭାପତି ସେଖ୍ ଅବ୍‌ଦୁଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ କ୍ଷୀରୋଦ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ଦେବେନ୍ଦ୍ର ସୁତାର, ମହିଳା ନେତ୍ରୀ ପୁଷ୍ପିତା ମହାନ୍ତି, ଆଇନଜୀବୀ ହେମେନ୍ଦ୍ର ସାମଲ, ପ୍ରତାପ ମହାପାତ୍ର, ମନମୋହନ ପତି, ନୟନା ନାୟକ, ବସ୍ତିନେତ୍ରୀ ସଜନୀ ଦାସ, ବିଷ୍ଣୁ ନାୟକ, ପଦ୍ମାବତୀ ନାୟକ, ଭିକାରୀ ଦାସ, ସୁକାନ୍ତ ଦାସ ପ୍ରମୁଖ କହିଥିଲେ, ଆଗାମୀ ଦିନରେ କଟକ ସହରର ବାସହୀନ ଲୋକଙ୍କ ପାଇଁ ବାସଗୃହ ସମସ୍ୟାର ସମାଧାନ କରା ନ ଗଲେ ରାଜ୍ୟ ସରକାରଙ୍କ ବିରୋଧରେ ବିରାଟ ଆନ୍ଦୋଳନ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଏ ନେଇ ଆସନ୍ତା ନଭେମ୍ବର ୨୨ ତାରିଖରେ ବିଧାନସଭା ଘେରାଉ ଡାକରା ଦିଆଯାଇଛି। ଏହି ଘେରାଉ ସଫଳ କରିବା ପାଇଁ ମଞ୍ଚର ସମସ୍ତ ସଭ୍ୟ ଓ ସମର୍ଥକମାନେ ସମର୍ଥନ କରିଥିଲେ। ରେଣୁବାଳା ଦାସ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ରାଇଜ ଛାଡ଼

ଐତିହ୍ୟରେ ଓଡ଼ିଶା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ପୂର୍ବ ସଂଖ୍ୟାରେ ବକ୍ସି ଜଗବନ୍ଧୁଙ୍କ ସମ୍ବନ୍ଧରେ ସରକାରୀ ନଥିପତ୍ରରେ ରହିଥିବା କେତେକ ରହସ୍ୟକୁ ଆମେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କଦ୍ୱାରା ଲୋକାର୍ପିତ 'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି କଲୋନିଆଲ ରେଜିଷ୍ଟାନ୍ସ ଇନ୍ ଖୁର୍ଦ୍ଧା' ପୁସ୍ତକ ସହାୟତାରେ ଲେଖିଥିଲୁ। କଥା ସରିନି। ସବୁ ରହସ୍ୟ ଆସିନି। ଆମେ କେବଳ ଉଡ଼ାଣିଆ କଥା କହୁଥିବା ବ୍ୟକ୍ତିବିଶେଷଙ୍କ ଜାଣିବା ପାଇଁ ଦୁଇ/ତିନୋଟି ଉଦାହରଣ ଦେଲୁ। ପୂର୍ବରୁ ସୂଚନା ଦେଇଥିଲୁ ଇଂରେଜ ସରକାରଙ୍କୁ ଗଜପତି ଲେଖିଥିବା ଚିଠିରେ ଦୁଇଟି ପ୍ରସଙ୍ଗ ଲକ୍ଷ୍ୟ କରିବା କଥା। ଗୋଟିଏ କଥା ଆମେ ଜାଣିଲେ ୧୮୦୪ ଯୁଦ୍ଧରେ ବକ୍ସି ଜଗବନ୍ଧୁଙ୍କର ବିଶେଷକ ଭୂମିକା ନଥିଲା। ଏହା ମଧ୍ୟ ମଧୁସୂଦନ ବିପ୍ରଙ୍କ ଲିଖିତ 'ଫିରିଙ୍ଗି କଳି ଭାରତ' ପୁସ୍ତକରୁ ଆମେ ଜାଣିଥିଲେ। କାଳେ ତାଳପତ୍ର ପୋଥିରୁ ଉତାରିବା ବେଳେ ଜଗବନ୍ଧୁଙ୍କ କଥା ଛାଡ଼ି ଯାଇଥିବେ ଭାବି ଫକୀର ହରିଚନ୍ଦନ ଯେଉଁ ଅନୁସନ୍ଧାନ କରିଥିଲେ ତାହା ପୂର୍ବ ଆଲୋଚନାରେ ଆମେ ସୂଚନା ଦେଇଥିଲୁ। ସେଇ ଚିଠିର ଦ୍ୱିତୀୟ ପ୍ରସଙ୍ଗଟି– ଗଜପତିଙ୍କ ଚିଠିର ବିଷୟବସ୍ତୁ ଓ ଗଜପତିଙ୍କ ତତ୍କାଳୀନ ଆଭିମୁଖ୍ୟ।

ଚିଠିରୁ ଜଣାପଡୁଛି ଦୁଇରୁ ତିନି ହଜାର ପାଇକଙ୍କୁ ସାଙ୍ଗରେ ନେଇ ଜଗବନ୍ଧୁ ପୁରୀରେ ଗଜପତିଙ୍କୁ ଭେଟିଥିଲେ। ମହାରାଣୀଙ୍କ ସହିତ ଗଜପତି ନିଜେ ଖୋର୍ଦ୍ଧା ଦୁର୍ଗରେ ପଦାର୍ପଣ କରନ୍ତୁ ବୋଲି ସେ ନିବେଦନ କରିଥିଲେ। ଗଜପତି ରୋକଠୋକ ମନା କରି ଦେଇଥିଲେ, କିନ୍ତୁ ଇଂରେଜ ସରକାରଙ୍କୁ ସୁରକ୍ଷା ଦେବା ପାଇଁ ଚିଠି ଲେଖିବା ପରେ ଗଜପତିଙ୍କୁ ଓଲଟା ଫଳ ମିଳିଲା। ଇଂରେଜ ସରକାର ସୁରକ୍ଷା ଦେବା ଆଳରେ କଟକ ନେଇ ବନ୍ଦୀ କରିଥିଲେ। ବକ୍ସି ଯେଉଁ ପାଇକ ବୀରମାନଙ୍କୁ ସାଙ୍ଗରେ ଧରି ଗଜପତିଙ୍କ ପାଖକୁ ଆସିଥିଲେ ସେମାନେ ସ୍ୱତଃ ବିପ୍ଲବ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଥିଲେ। ୧୮୧୭ରେ ରାତାରାତି ତାଙ୍କୁ ପ୍ରସ୍ତୁତ କରାଯାଇ ନଥିଲା। ଏହି ପ୍ରସ୍ତୁତି ବହୁ ପୂର୍ବର, ଅର୍ଥାତ୍ ରାଜଗୁରୁ ୧୮୦୬ ମସିହାରେ ଫାଶୀ ପାଇବା ପରଠାରୁ ଏହି ପ୍ରସ୍ତୁତି ସେମାନେ ଆରମ୍ଭ କରିଥିଲେ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ପଞ୍ଚମ ପ୍ରଭାବ।

୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ହୋଇଥିବା ଯୁଦ୍ଧବେଳେ ଗଜପତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିଲେ। ଜୟୀ ରାଜଗୁରୁଙ୍କ ବିଚାର ବେଳର ବିଡ଼ମ୍ବନା ବିଷୟରେ ସେ ଅବଗତ ଥିଲେ। ନିର୍ମମ ଭାବରେ ବରଗଛରେ ବୀରପୁରୁଷଙ୍କୁ ବଧ କରିବାର ଘନଘଟାକୁ ସେ ଅନୁଭବ କରିଥିଲେ, ତଥାପି କାହିଁକି ୧୮୧୭ ମସିହା ପାଇକ ବିଦ୍ରୋହରୁ ଦୂରେଇ ରହିଲେ ? ବିଦ୍ରୋହର ଅନ୍ତଃସ୍ୱର ତାଙ୍କୁ ଅଛପା ନଥିଲା। ନିର୍ଣ୍ଣାୟକ ଯୁଦ୍ଧବେଳେ ଉଦାସୀନ ବ୍ୟକ୍ତିତ୍ୱ ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର। ସେଥିପାଇଁ ଇତିହାସକାର ଧ୍ରୁବଚରଣ ଜୟସିଂହ ପାଇକରାୟ 'ଊନବିଂଶ ଶତାବ୍ଦୀର ବିସ୍ମୃତ ଅମର ଶହୀଦ ଜୟୀ ରାଜଗୁରୁ' ଶୀର୍ଷକ ପ୍ରବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ 'ଉପ-ଶୀର୍ଷକ' ରଖିଛନ୍ତି। ତାହା ହେଲା– ଖୋର୍ଦ୍ଧା ପାଇକ ବିଦ୍ରୋହର ପଥପ୍ରଦର୍ଶକ ଓ ଖୋର୍ଦ୍ଧା ରାଜବିଦ୍ରୋହର ସୂତ୍ରଧର ଜୟୀ ରାଜଗୁରୁ। ସେଇ ଉପ-ଶୀର୍ଷକରେ ପ୍ରଥମରୁ ସେ ଜୀ.ଟୟନବୀଙ୍କର 'ଏ.ସ୍କେଚ୍ ଅଫ ଦି ହିଷ୍ଟ୍ରୀ ଅଫ ଓରିସା' (୧୮୦୩-୧୮୨୩) ରେ ଲିଖିତ ମତକୁ ଉଦ୍ଧାର କରିଛନ୍ତି। ସେ ମତଟି ହେଉଛି– ପାଇକ ବିଦ୍ରୋହର ପଥପ୍ରଦର୍ଶକ ଜୟୀ ରାଜଗୁରୁ ବକ୍ସିଙ୍କ ବହୁ ପୂର୍ବରୁ ଓଡ଼ିଶାର ସାମନ୍ତ ରାଜାମାନଙ୍କୁ ଯୁଦ୍ଧ କରିବା ନିମନ୍ତେ ଏବଂ ଇଂରେଜମାନଙ୍କୁ ଓଡ଼ିଶା ରାଇଜରୁ ବିତାଡ଼ିତ କରିବା ପାଇଁ ସଙ୍ଗଠିତ କରି ଖୋର୍ଦ୍ଧା ପାଇକମାନଙ୍କୁ ପ୍ରୋତ୍ସାହିତ କରିଥିଲେ, ତେଣୁ ପାଇକ ବିଦ୍ରୋହ ବାସ୍ତବରେ ୧୮୦୪ ମସିହାରୁ ଆରମ୍ଭ ହୋଇଥିଲା ବୋଲି ଗ୍ରହଣ କରିବାରେ ଐତିହାସିକ ବିଭ୍ରାନ୍ତି ହେବ ନାହିଁ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ଷଷ୍ଠ ପ୍ରଭାବ।

ସପ୍ତମ ପ୍ରଭାବ ବିଚାର କରିବା ପୂର୍ବରୁ ଆମକୁ ସଚେତନ ହେବାକୁ ପଡ଼ିବ ଯେ ୧୮୦୪ ମସିହା ଯୁଦ୍ଧ ମୁଦ୍ରାର ଗୋଟିଏ ପାର୍ଶ୍ୱ ହେଲେ ୧୮୧୭ ପରର ସମସ୍ତ ବିଦ୍ରୋହ ଓ ଯୁଦ୍ଧ ମୁଦ୍ରାର ଅନ୍ୟ ପାର୍ଶ୍ୱ। ଓଡ଼ିଶାରେ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ ଗତି କରି ଚାଲିଥିଲା। ସେତିକି ନିଷ୍ଠା, ତ୍ୟାଗ ଓ ଦେଶାତ୍ମବୋଧ ନ ଥିଲେ ଯୁଦ୍ଧର ଭିତ୍ତିଭୂମି ସୁଦୃଢ଼ ହୋଇ ନଥାନ୍ତା। ତିଳେମାତ୍ର ସ୍ୱାର୍ଥ ଉଙ୍କି ମାରିଥିଲେ ନିଷ୍ଠା କଳୁଷିତ ହୋଇ ଯାଇଥାନ୍ତା। ଫିରିଙ୍ଗି ସରକାର ରାଜଗୁରୁଙ୍କୁ ଲୋଭ ଦେଖାଇ ନଥିଲେ, ତାହା ନୁହଁ। ରାଜଗୁରୁ ତାର ଦୃଢ଼ ଜବାବ ବି ଦେବାରେ ହେଳା କରି ନଥିଲେ। ବିପ୍ର ମଧୁସୂଦନ ବଡ଼ ସୁନ୍ଦର ଭାବରେ ଏହି ଘଟଣାକୁ ଲେଖିଛନ୍ତି–

ମିଳି ମିଳି କହେ ରାଜଗୁରୁଙ୍କୁ ବୁଝାଇ
କଟକ ଚଉରାସି ଲେଖିଦେବା ପାଇଁ
ଦୁଇଖଣ୍ଡି ପରଗନା ତୁମ୍ଭେ ଯେ ପାଇବ
ସମଗ୍ର ପୃଥିବୀ ଆମ୍ଭଙ୍କୁ ଲେଖିଦେବ ।।

ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ରାଜଗୁରୁ। ରାଜଗୁରୁଙ୍କ ନିଷ୍ପତ୍ତି କବି ମଧ୍ୟ ଉଲ୍ଲେଖ କରିଛନ୍ତି –

ଶୁଣିଣ ନାସ୍ତିବାକ୍ୟ ଗଲେ ଜୟମୁନି
ଆପଣା ଇଚ୍ଛାରେ ଭୋଗ କର ଯେ ମେଦିନୀ।
ଚାରି ପରଗଣା ଆମ୍ଭେ ଅବଶ୍ୟ ପାଇବୁ
ଭଲେ ନ ଛାଡ଼ିଲେ ନିଶ୍ଚେ ସମରରେ ନେବୁ ।।

କବି 'ସମର' ଶବ୍ଦ ପ୍ରୟୋଗ କରିଛନ୍ତି, ବିଦ୍ରୋହ ଶବ୍ଦ ନୁହେଁ। ତେଣୁ ସମର ପାଇଁ ରାଜଗୁରୁ କେବଳ ସାମନ୍ତ ରାଜାମାନଙ୍କୁ ସଙ୍ଗଠିତ କରିଥିଲେ ତାହା ନୁହେଁ, ସାମନ୍ତ ରାଜାଙ୍କ ଅଧୀନରେ ନଥିବା ଗଡ଼ଗୁଡ଼ିକୁ ନିଜେ ଯାଇ 'ଓଡ଼ିଶା ରାଇଜ ଛାଡ଼' ଡାକରାରେ ସାମିଲ କରାଇଥିଲେ। କୋଣାର୍କ ଅଂଚଳରେ ରହିଥିବା ୧୬ ପ୍ରାଚୀନ ଗଡ଼କୁ ଅନୁସନ୍ଧାନ ପାଇଁ ଆମେ ଏବେ ଯିବା ପରେ ବହୁ ନଥିପତ୍ର ମିଳୁଛି। ପ୍ରତ୍ୟେକ ଗଡ଼ ସହିତ ସିଧାସଳଖ ସମ୍ପର୍କ ରଖିଥିଲେ ରାଜଗୁରୁ। ଗଡ଼ରୂପାସ ଓ କିଲ୍ଲା ବୟାଳିଶିବାଟି ତାର ଗୋଟିଏ ଗୋଟିଏ ଉଦାହରଣ।



କିଲ୍ଲା ବୟାଳିଶବାଟିରେ ପୋଖରୀର ରୂପ ନେଇଥିବା ପଥରବୁହା ନଦୀ।





ଗଡ଼ରୂପାସର ମା' କନକଦୁର୍ଗା ଓ ତାଙ୍କ ମନ୍ଦିର।



ସବୁଠାରୁ ଭଲକାମ କରିବାକୁ ଯାଉଥିବାବେଳେ ଧୀରେ ପଦକ୍ଷେପ ନେବା ଉଚିତ୍।

- ସିସେରୋ



## ସଂକ୍ଷେପରେ

### ଭୋଇ ବଂଶର ପ୍ରତିଷ୍ଠା, ଖୁଦୁରୁକୁଣୀର ଐତିହାସିକତା ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ,୭।୧୦:** ଜିଲା ସଂସ୍କୃତି ଭବନ ପରିସରରେ ପ୍ରଥମ ପର୍ଯ୍ୟାୟରେ ଖୁଦୁରୁକୁଣୀର ଐତିହାସିକତା ଓ ୨ୟ ପର୍ଯ୍ୟାୟରେ ଭୋଇ ବଂଶର ପ୍ରତିଷ୍ଠା ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଖୁଦୁରୁକୁଣୀର ଐତିହାସିକତା ଉପରେ ଆଲୋଚନା କରି ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣ ପୂର୍ବ ଏସିଆ ପ୍ରତିଷ୍ଠାନର ଗବେଷକ ଡ. ବଳରାମ ତ୍ରିପାଠୀ ଓ ଗୋପାଳ ଚରଣ ପ୍ରଧାନ କହିଥିଲେ ଧର୍ମୀୟ ଭାବ ପ୍ରବଣତାକୁ ଅଲଗା କରି ଖୁଦୁରୁକୁଣୀ କିମ୍ବଦନ୍ତୀରେ ଐତିହାସିକ ଚରିତ୍ରମାନଙ୍କୁ ଖୋଜିଲେ ପୂର୍ବ ଗୌରବ ଅନୁଭବ କରିହେବ। ଖୁଦୁରୁକୁଣୀ ଓଷା ଯାହା ଉପକୂଳବର୍ତ୍ତୀ ଜିଲାମାନଙ୍କର ସହର, ସାହି, ବସ୍ତି, ପଡାରେ ଧାର୍ମିକ ଉତ୍ସବ ଭାବେ ପାଳନ କରାଯାଉଛି। ଏହି ଓଷା ଆମ ସଂସ୍କୃତି ସହ ଯୋଡି ହୋଇରହିଛି। ଯାହାକି ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ଇତିହାସର ପୃଷ୍ଠଭୂମିରେ ଘଟିଥିବା ଏକ ଐତିହାସିକ ଘଟଣାର ରୂପାନ୍ତରିତ ମାତ୍ର। ତଥପୋଇ କେବଳ ଏକ ପ୍ରତୀକାତ୍ମକ ଚରିତ୍ର ନୁହେଁ, ଆମ ସାଂସ୍କୃତିକ ଇତିହାସର ଏକ ବଳିଷ୍ଠ ଉପାଦାନ ବୋଲି ମତପ୍ରକାଶ ପାଇଛି। ସେହିଭଳି ଭୋଇ ବଂଶର ପ୍ରତିଷ୍ଠା ଉପରେ ଅନୁରୂପ ଆଲୋଚନାଚକ୍ରରେ ଭୋଇବଂଶର ପ୍ରତିଷ୍ଠାରେ କୋକଳଗଡ ଓ ଘୋରଡିଆଗଡର ଭୂମିକା ମୁଖ୍ୟ ବିଷୟବସ୍ତୁ ଥିଲା। ଏଥିରେ ଐତିହାସିକ ନାରାୟଣ ରାଓ, ପ୍ରାଧାପକ ଗୋପାଳକୃଷ୍ଣ ଦାସ, ବ୍ରହ୍ମଗିରି କୋକଳଗଡର ଗବେଷକ ରବୀନ୍ଦ୍ର ଜେନା, ଘୋରଡିଆଗଡର ଗବେଷକ ଅଜୟ ମାନ୍ଧତା ପ୍ରମୁଖ ଆଲୋଚକ ଭାବେ ଭାଗ ନେଇଥିଲେ। ଉଭୟ ଆଲୋଚନାଚକ୍ରରେ ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ପରେ ନୀଳାଦ୍ରି ଜଗଦେବଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

### ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ

**ଖୋର୍ଦ୍ଧା ଅଫିସ, ୭।୧୦:** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରଗତିଶୀଳ ସାହିତ୍ୟିକ, ବ୍ୟବସ୍ଥାପକ, ଶିକ୍ଷାବିତ୍ ଓ ସର୍ବୋପରି ଖୋର୍ଦ୍ଧା ମାଟିର ବରପୁତ୍ର ପ୍ରାଣନାଥ ପଟ୍ଟନାୟକଙ୍କ ୪୮ ତମ ଶ୍ରାଦ୍ଧୋତ୍ସବ ଖୋର୍ଦ୍ଧା ସହରର କେନ୍ଦ୍ର ସମବାୟ ଛକରେ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଣନାଥ ସ୍ମୃତି ସମିତି, ପି.ଏନ. କଲେଜ, ବିଶିଷ୍ଟ ନାଗରିକ, ଏନ୍‌ସିସି ଓ ରୋଭରସ୍ ରେଞ୍ଜର ପକ୍ଷରୁ ଆୟୋଜିତ ଶ୍ରାଦ୍ଧୋତ୍ସବରେ ସମିତିର ସଭାପତି ତଥା ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ମିତ୍ର ଅଧକ୍ଷତା କରି ପଟ୍ଟନାୟକଙ୍କ ସ୍ମୃତି ବଖାଣି ଥିଲେ। ଅନ୍ୟପକ୍ଷେ ସମବାୟ ଛକରେ ସ୍ଥାପିତ ପ୍ରାଣନାଥଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ବିଷୁଭ ମିଳନ ସମିତିର ସମ୍ପାଦକ ଜ୍ଞାନ ରଞ୍ଜନ ଦାଶ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଐତିହାସିକ ସତ୍ୟବାଦୀ ବଳିଆରସିଂ, ଅଧାପକ ଗୋପାଳକୃଷ୍ଣ ଦାସ, ରୋଟାରୀ କ୍ଲବ ସଭାପତି ଦେବ ପ୍ରସାଦ ମଜୁମଦାର, ବିମଳ ଷଡଙ୍ଗୀ, ଭୀମ ସାହୁ, ଉମା ପ୍ରସାଦ ପ୍ରମୁଖ ଶ୍ରଦ୍ଧା ନିବେଦନ କରିଛନ୍ତି। ସେହିଭଳି ପ୍ରାଣନାଥ କଲେଜ ପରିସରରେ ଅଧକ୍ଷ ବିଦ୍ୟାଧର ବେହେରା ପ୍ରାଣନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଛାତ୍ର ସଂସଦ ନିର୍ବାଚନ ଯୋଗୁ କଲେଜରେ ଉତ୍ସବ ପାଳନ ବନ୍ଦ ରହିଛି।

### କବିଙ୍କ ଶ୍ରାଦ୍ଧବାର୍ଷିକ

**ଖୋର୍ଦ୍ଧା ଅଫିସ, ୭।୧୦:** ବାଣପୁର ଅଞ୍ଚଳର ସାମାଜିକ କର୍ମୀ, ରାଜନେତା, ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଓ କବି ଲକ୍ଷ୍ମୀଧର ଭୋଳଙ୍କ ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ବାଣପୁର ବିଜ୍ଞାପିତ ଅଞ୍ଚଳର ଗ୍ରାମୀଣ ମହିଳା ମହାବିଦ୍ୟାଳୟଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ସ୍ୱର୍ଗତ ଭୋଳ ସ୍ମୃତି କମିଟିର ସଭାପତି କେଦାରେଶ୍ୱର ନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ବିଜୟ କୁମାର ନନ୍ଦ, ମୁଖ୍ୟବକ୍ତା ପ୍ରଫେସର ଚାନ୍ଦ କିଶୋର ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ନାଥ ପାତ୍ର ଓ ଓକିଲ ସଂଘର ସଭାପତି ଆଇନଜୀବୀ ଗୌରିଶଙ୍କର ଷଡଙ୍ଗୀ ଯୋଗଦେଇ ସ୍ୱର୍ଗତ ଭୋଳଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଗ୍ରାମୀଣ ମହିଳା ମହାବିଦ୍ୟାଳୟର ଅଧକ୍ଷା ରଶ୍ମିତା ମହାନ୍ତି ପରିଚୟ ପ୍ରଦାନ ଓ ଅଧାପକ ସର୍ବେଶ୍ୱର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। ସ୍ମୃତିସଭାରେ ଶିକ୍ଷାବିତ୍, ଆଇନଜୀବୀ, ମହାବିଦ୍ୟାଳୟର ଛାତ୍ର, ରାଜନୀତିଜ୍ଞ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

■ ବେଗୁନିଆ ଥାନା ଅଞ୍ଚଳରେ ମାଦକ ଦ୍ରବ୍ୟ କାରବାର ବୃଦ୍ଧି

# ଶୃଙ୍ଖଳା ରକ୍ଷା ପାଇଁ ଡିଜିପିଙ୍କୁ ପତ୍ର

**ବେଗୁନିଆ,୭।୧୦(ଡି.ଏନ.ଏ.)**

## ପାର୍ବଣରେ ପୂଜା ପେଣ୍ଡାଲ ଉପରେ ପୋଲିସ ରଖିବ ନଜର

ଗଣେଶ ପୂଜାଠାରୁ ଆରମ୍ଭ ହେଲାଣି ପାର୍ବଣ ଋତୁ। ଗାଁଠୁ ସହର ସବୁଠି ଉତ୍ସବର ମାହୋଲ ପାଇଁ ପ୍ରସ୍ତୁତି ପର୍ବ ଚାଲିଛି ଜୋରଦାର। ଅନେକ ସ୍ଥାନରେ ଆୟୋଜକ ପୂଜା କମିଟି ସଦସ୍ୟମାନେ ଲାଗି ପଡିଛନ୍ତି ନିଜନିଜର ପୂଜାକୁ କିଭଳି ସଫଳ ରୂପାୟନ ଦେବେ। ସେଥିପାଇଁ ଶ୍ରଦ୍ଧାଳୁମାନଙ୍କ ମନରେ ଦେଖାଦେଇଛି ଉତ୍ସାହ ଓ ଉତ୍କଣ୍ଠା। ତେବେ ବେଗୁନିଆ ଥାନା ଅଞ୍ଚଳରେ ଏବେ ବିଶୃଙ୍ଖଳା ପରିସ୍ଥିତି ଉପୁଜିଛି। ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ମାରପିଟ ସାଙ୍ଗକୁ ବୋମା ଫୁଟୁଛି। ଏଥିସହ ଥାନା ଅଞ୍ଚଳରେ ଦିନକୁଦିନ ଚୋରା ନିଶା ଦ୍ରବ୍ୟ କାରବାର ବୃଦ୍ଧି ପାଇବାରେ ଲାଗିଛି। ଆଇନଶୃଙ୍ଖଳା ରକ୍ଷା ପାଇଁ କିଭଳି ଭାବେ କଡା ସୁରକ୍ଷା ଯୋଗାଇ ଦିଆଯିବ ସେଥିପାଇଁ ପୋଲିସର ମୁଣ୍ଡ ବିନ୍ଧା ଆରମ୍ଭ ହୋଇଛି।

ବେଗୁନିଆ ସଦର ମହକୁମାରେ ଦଶହରା ପର୍ବ ପ୍ରତିବର୍ଷ ଭଳି ଚଳିତବର୍ଷ ଧୁମଧାମରେ ପାଳନ ହେବ। ଏଥିସହ ପରିଛଳ, ପିଟୁକୁଳି, ଗେଡିଆପଲୀ ବଜାରରେ ଏହି ପର୍ବ ମଧ୍ୟ ଆଡମ୍ବରରେ ପାଳନ ହେବ। ତେବେ କିଛିଦିନ ପୂର୍ବେ ପିଟୁକୁଳି ବଜାରରେ ଜଣେ ବ୍ୟବସାୟୀଙ୍କୁ ସର୍ବସାଧାରଣଙ୍କ ଉପସ୍ଥିତିରେ ଅତର୍କିତ ଆକ୍ରମଣ କରାଯାଇଥିଲା। ପୋଲିସ ଏହି ଘଟଣାରେ ଏଯାଏ କାହାରିକୁ ଗିରଫ କରି ପାରିନାହିଁ। ଫଳରେ ବଜାରରେ ଅସନ୍ତୋଷ ଲାଗି ରହିଛି। ସେହିପରି ଗେଡିଆପଲୀ ବଜାରରେ ସେପ୍ଟେମ୍ବରରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାର ପଦକ୍ଷେପ ଏଯାଏ ପୋଲିସ ନେଇ ପାରିନାହିଁ। ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ହେଉଥିବା ଜଣାପଡିଛି। ଏପରି କି ଆସନ୍ତା ପୂଜା ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ ବଡଧରଣର ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା କରାଯାଉଛି। ପୋଲିସ ଜାଣି ମଧ୍ୟ ନୀରବତା ଅବଲମ୍ବନ କରୁଛି। ସେହିପରି ବେଗୁନିଆ ବଜାରରେ ବ୍ଲକସ୍ତରୀୟ ପୂଜା ଉତ୍ସବ ମହାଆଡମ୍ବରରେ ପାଳନ ହେବ। କିଛିଦିନ ପୂର୍ବରୁ ଏହି ବଜାରରେ ଜଣେ ରାଜ୍ୟ ସଭା ସଦସ୍ୟଙ୍କ ପୁଅ କାର ଉପରକୁ ବୋମା ମାଡ ହୋଇଥିବା ଅଭିଯୋଗ ଉଠିଛି। ଏଭଳି କି ତାଙ୍କୁ ମାରି ଦେବାକୁ ଦୁଇ ରାଉଣ୍ଡ ଗୁଳି ଚାଳନା କରାଯାଇଥିଲା। ସର୍ବସାଧାରଣ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏଥିସହ ଗଞ୍ଜେଇ, ବ୍ରାଉନ ସୁଗାର କାରବାର କିଛି ବି କମ ନୁହେଁ। ବେଗୁନିଆ, କୁଶପଲା, ଗୋବିନ୍ଦପୁର, କଣ୍ଟାବାଡ, ବଡପଦର, ବଡବେରଣା, ପରିଛଳ, ପିଟୁକୁଳି, ଗେଡିଆପଲୀ, ଚଟୁଆ, ଦେଉଳୀ ଆଦି ଅଞ୍ଚଳରେ ଏହି ବେପାର ଖୁଲମଖୁଲା ଚାଲିଛି। ଏଥିଯୋଗୁ ଅସାମାଜିକଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ପରିବାର ତଥା ଗାଁ ଗହଳିରେ ସାମାଜିକ ବିଶୃଙ୍ଖଳା ବୃଦ୍ଧି ପାଉଛି। ବିଶେଷକରି ଏହି ବେପାରରେ ଛାତ୍ର ଏବଂ ଯୁବ ଗୋଷ୍ଠୀମାନେ ସାମିଲ ହୋଇଥିବା ଦେଖିବାକୁ ମିଳୁଛି। ଏହାକୁ ରୋକିବା ପାଇଁ ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ କୌଣସି ତତ୍ପରତା ନ ଥିବା ଦେଖାଯାଉଛି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଥାନା ଅଞ୍ଚଳକୁ କଡା ସୁରକ୍ଷା ଦେବା ନିହାତି ଜରୁରୀ ବୋଲି ବୁଦ୍ଧିଜୀବୀ ଓ ପୂଜା କମିଟି ସଦସ୍ୟମାନେ ମଧ୍ୟ ଏସ୍‌ପିଙ୍କ ପାଖରେ ଅଭିଯୋଗ ପତ୍ର ଦାଖଲ କରିବା ସହ ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ କୁମାର ରଥ ଓ ସମ୍ପାଦକ ଭିକାରୀ ସାହୁ ପୋଲିସ ମହାନିର୍ଦ୍ଦେଶକଙ୍କ ପାଖକୁ ଶୁକ୍ରବାର ଚିଠି ଲେଖିଛନ୍ତି। ଏ ସମ୍ପର୍କରେ ନୂତନ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ମୁଁ ଏବେ ନୂଆ କରି ଦାୟିତ୍ୱ ନେବା ପରେ ମାଦକ ଦ୍ରବ୍ୟ କାରବାର ରୋକିବାକୁ ଏକ ଟିମ୍ ଗଠନ କରିଛି। ପୂଜା ଋତୁରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପାଟ୍ରୋଲିଂକୁ କଡାକଡି କରିବା ସହ ପୋଲିସ ଫୋର୍ସ ମୁତୟନ କରାଯିବ। ତଥାପି ଜନସାଧାରଣ ସହଯୋଗର ହାତ ବଢାଇଲେ ଏହି ଅଞ୍ଚଳରେ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇପାରିବ।

# ୨୨୧୫ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ





ରାଶନ କାର୍ଡ ବଣ୍ଟନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଟାଙ୍ଗୀ(ଖୋର୍ଦ୍ଧା), ୭।୧୦(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା-୨୦୧୮ ପ୍ରଥମ ପର୍ଯ୍ୟାୟରେ ଟାଙ୍ଗୀ ବ୍ଲକ୍‌ର ୨୨୧୫ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି । ତେବେ ଅଧିକ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବା ଉପରେ ଖୋର୍ଦ୍ଧା ବିଧାୟକ ଗୁରୁତ୍ୱ ଦେଇଥିଲେ। ରବିବାର ଅପରାହ୍ନରେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବ୍ଲକ୍ ଉପାଧ୍ୟକ୍ଷା ତୃପ୍ତି ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟା ରୀଷ୍ମା ମାନଧାତା, ସଭ୍ୟ ସ୍ୱଦେଶ ରାଉତରାୟ, ବିଧାୟକଙ୍କ ପ୍ରତିନିଧି ପବିତ୍ର ପାଇକରାୟ ଓ ବିଡିଓ ଭାସ୍କର ରଇତ ପ୍ରମୁଖ ଅତିଥି ରୂପେ ଯୋଗଦେଇ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷିତ ନୀତି ଅନୁସାରେ ଜଣେ ହେଲେ ଭୋକିଲା ରହିବେ ନାହିଁ ବୋଲି ବିଧାୟକ କହିଥିଲେ। ବ୍ଲକ୍‌ର ୨୬ଟି ପଞ୍ଚାୟତ ମଧ୍ୟରୁ ରତନପୁର, ସାନରାଉତପଡା ଓ ଡିଆ ପଞ୍ଚାୟତରେ କମ୍ ସଂଖ୍ୟକ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିବା ହେତୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ । ବ୍ଲକ୍‌ରେ ଆଉ ୪ ହଜାର ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଗାଁ ସାଥୀଙ୍କ ଜିଲାସ୍ତରୀୟ ସମାବେଶ



ସମାବେଶରେ ଯୋଗ ଦେଇଥିବା ଗାଁ ସାଥୀମାନେ।

**ଖୋର୍ଦ୍ଧା ଅଫିସ,୭।୧୦**

ରାଜ୍ୟ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଗାଁ ସାଥୀମାନଙ୍କର ପ୍ରଦେଶ ସ୍ତରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଜିଲା ସଦର ମହକୁମାର ଗୀତା ଭବନ ପରିସରରେ ଜିଲାସ୍ତରୀୟ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମିଳିତ କ୍ରିୟାନୁଷ୍ଠାନ କମିଟି ଓଡ଼ିଶାର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ତତ୍ତ୍ୱାବଧାନ ଓ ଜିଲା ସଂଘର ଆବାହକ ସରୋଜ ରଥଙ୍କ ଅଧ୍ୟକ୍ଷତାରେ ସମାବେଶ ହୋଇଥିଲା। ସର୍ବନିମ୍ନ ମାସିକ ୬ ହଜାର ଟଙ୍କା ଦରମା, ୨୦୦୮ରୁ ଗାଁ ସାଥୀମାନେ କାମ କରୁଥିଲେ ମଧ ଡାଟାବେସ୍‌କୁ ଏ ଯାବତ ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତିରାଜ ବିଭାଗକୁ ଦିଆଯାଇନାହିଁ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ସଂଘର ଆଲୋଚନା ହୋଇଛି। ଅକ୍ଟୋବର ୨୪ ସୁଦ୍ଧା ଦାବି ପୂରଣ କରିବାକୁ ଅନୁରୋଧ କରାଯାଇଛି। ଏହି ଦୁଇ ଦାବି ପୂରଣ ନ ହେଲେ ୨୯ରେ ଆନ୍ଦୋଳନ କରିବାକୁ ସହମତି ପ୍ରକାଶ ପାଇଛି। ପ୍ରଥମ ଦିବସରେ ଖୋର୍ଦ୍ଧା ଜିଲାର ଗାଁ ସାଥୀ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଧାରଣାରେ ବସିବେ। ପରେ ପ୍ରତି ଜିଲାୱାରୀ ଧାରଣା ନଭେମ୍ବର ୧୧ ଯାଏଁ ଚାଲୁ ରହିବ। ନଭେମ୍ବର ୧୨ରେ ରାଜ୍ୟସ୍ତରୀୟ ସମାବେଶ ହେବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏଥିରେ ରାଜ୍ୟ ସଙ୍ଗଠକ ପ୍ରତାପ ମଲ୍ଲିକ, ପ୍ରଶାନ୍ତ ବାରିକ, ଯୀଶୁ ପ୍ରସନ୍ନ ମହାନ୍ତି ଓ ପବିତ୍ର ସୁନ୍ଦରାୟ, ସଂଘର ମିଡିଆ ସଂଯୋଜକ ଗୋପାଳ କୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ ଗାଁ ସାଥୀଙ୍କର ସମସ୍ୟା ଉପରେ ଟିପ୍ପଣି ଦେଇଥିଲେ।

## ଖୋର୍ଦ୍ଧା ଡିଏଚ୍‌ଏଚ୍‌କୁ ମିଳିପାରେ ଆଇଏସଓ ମାନ୍ୟତା

**ଖୋର୍ଦ୍ଧା ଅଫିସ, ୭।୧୦**

ସ୍ୱାସ୍ଥ୍ୟସେବାର ଅନୁଧ୍ୟାନ ପାଇଁ ଭାରତୀୟ ଜନସ୍ୱାସ୍ଥ୍ୟ ବିଭାଗର ଏକ ୫ ଜଣିଆ ଟିମ୍ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗୁରୁବାର ଆସିଥିଲେ। ଏହି ଦଳ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୦ ଶଯ୍ୟା, ଆଉଟ ଡୋର ଓ ଇନ୍‌ଡୋରର ୧୪୦ ଶଯ୍ୟା ବୁଲି ଦେଖିଥିଲେ। ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ଓଟି ବୁଲିଥିଲେ। ଶିଶୁଙ୍କର ଆଇସିୟୁ ସେଣ୍ଟର, ସର୍ଜରି ୱାର୍ଡ, ମେଡିସନ ୱାର୍ଡ, ମେଡିସିନ ସେଣ୍ଟ୍ରାଲ ଷ୍ଟୋର ବୁଲି ଦେଖିବା ସହ ସନ୍ତୋଷ ବ୍ୟକ୍ତ କରି ଫେରିଛନ୍ତି। ତେବେ ଫେରିବା ବେଳେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଆଇଏସଓ ମାର୍କ ଭୁକ୍ତ ହେବା ପାଇଁ ସବୁ ପ୍ରକାରର ସୁବିଧା ଉପଲବ୍ଧ ରହିଛି। ଏଣୁ ଏ ନେଇ କେନ୍ଦ୍ର ସରକାରଙ୍କୁ ସୁପାରିସ କରିବେ ବୋଲି କହିଛନ୍ତି। ଯଦି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଆଇଏସଓ ମାର୍କ ଭୁକ୍ତ ହୁଏ ଏହାର ଭିତ୍ତିଭୂମିର ବିକାଶ ସହ କେନ୍ଦ୍ରୀୟ ସହାୟତା ପାଇବ ବୋଲି ଅନୁଧ୍ୟାନକାରୀ ଦଳ ପ୍ରକାଶ କରିଛନ୍ତି।

# ବିଭିନ୍ନ ସ୍ଥାନରେ ଶିଶୁ ମହୋତ୍ସବ ସୁରଭି

**ଖୋର୍ଦ୍ଧା ଅଫିସ,୭।୧୦**

ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଓ ଶୁକ୍ରବାର ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବାଣପୁର ବ୍ଲକ ଭବାନୀ ଏମଇ ସ୍କୁଲ ନରେନ୍ଦ୍ରପୁରଠାରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବରେ ୧୨ଟି ବିଦ୍ୟାଳୟର ୧୩୫ ଜଣ ଛାତ୍ରୀଛାତ୍ର ୧୭ଟି ବିଭାଗରେ ଭାଗ ନେଇଥିଲେ। ଶିକ୍ଷାବିତ୍ ସରୋଜ କୁମାର ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟଅତିଥି ରୂପେ ଦିଲୀପ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ନୀଳାଦ୍ରିପ୍ରସାଦ ପଞ୍ଚାୟତ ଆଶ୍ରମ ସ୍କୁଲଠାରେ ଭାଲିଆପଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବରେ ୧୦ଟି ସ୍କୁଲର ୧୦୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ନାଚୁଣୀ ଦୀନବନ୍ଧୁପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବରେ ୧୫ଟି ସ୍କୁଲର ୬୫ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ ନାଚୁଣୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯଦୁମଣି ବେହେରା ଓ ପ୍ରଦୋଷ ଦାସ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କୁଲେଇ ମଧ ଇଂରାଜୀ ବିଦ୍ୟାଳୟରେ ଅନୁଷ୍ଠିତ ସୁରଭିରେ ସିଆରସିସି ବିକ୍ରମ କେଶରୀ ବାରିକ ଅଧ୍ୟକ୍ଷତା କରିଥିଲେ। ଏଠାରେ ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିପରି ଜଟଣୀ ବ୍ଲକ ପାଣିଓରା ସରକାରୀ ଉଚ୍ଚ ପ୍ରାଥମିକ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସରକାରୀ ଉଚ୍ଚ ବିଦ୍ୟାଳୟ ମହୁଲ ପରିସରରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ୧୧ ବିଦ୍ୟାଳୟର ପ୍ରତିଯୋଗୀ ଭାଗ ନେଇଥିଲେ। ଜୁନିଅର ବିଭାଗରେ ଡ୍ରଇଁ, ସୃଜନଶୀଳ ଲିଖନ, ସଙ୍ଗୀତ, କୁଇଜ, ମଧ୍ୟାହ୍ନଭୋଜନ ସମ୍ପର୍କିତ ଚିତ୍ରକଳା ଓ ହସ୍ତକଳା, ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ୬ ପ୍ରତିଯୋଗିତା ଓ ସିନିୟର ବିଭାଗରେ ୯ଟି ପ୍ରତିଯୋଗିତା ହୋଇଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ସିଆରସିସି ଦେବେନ୍ଦ୍ର କୁମାର ରଥ ଏହାକୁ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ଲୋକନାଥ ମିଶ୍ର, ମୁଖ୍ୟଅତିଥି ରୂପେ ଏବିଇଓ ପ୍ରେମାନନ୍ଦ ମହାନ୍ତି, ସମ୍ମାନିତ ଅତିଥିଭାବେ କବି ରମେଶ ଚନ୍ଦ୍ର ମଙ୍ଗରାଜ, ଅଙ୍ଗାରପଡା ସରପଞ୍ଚ ଅମିୟ ରଞ୍ଜନ ସ୍ୱାଇଁ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ବାରିକ ଯୋଗ ଦେଇଥିଲେ।

**ଯାଁଳା(ଡି.ଏନ.ଏ.):** ଯାଁଳା ପଞ୍ଚାୟତ କୃଷ୍ଣଚନ୍ଦ୍ର ବିଦ୍ୟାପୀଠ ପ୍ରାଙ୍ଗଣରେ ୧୧ଟି ସ୍କୁଲକୁ ନେଇ ଗୁରୁବାର ସୁରଭି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଭାଗ ନେଇଥିବା ସ୍କୁଲର ଛାତ୍ରୀଛାତ୍ର ଜୁନିୟର ଓ ସିନିୟର ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଏଥିରେ ୧୩ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଦୀପ୍ତି ମିଶ୍ର, ଅତିଥି ଭାବେ ପ୍ରଦୋଷ କୁମାର ଜେନା, ସମ୍ମାନିତ ଅତିଥି ଭାବେ ମଦନପୁର ସରପଞ୍ଚ ରଶ୍ମି ନାୟକ, ସାଧନା କେନ୍ଦ୍ରର ସଂଯୋଜକ ଝୁମୁରି ସାହୁ ଉପସ୍ଥିତ ଥିଲେ। କଳାକର ଦାସ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରିଥିଲେ।

# ଓଡ଼ିଶା ରାଇଜ ଛାଡ଼

**ଡ. ସୁରେନ୍ଦ୍ର କୁମାର ମିଶ୍ର**





ପୂର୍ବ ସଂଖ୍ୟାରେ ବକ୍ସି ଜଗବନ୍ଧୁଙ୍କ ସମ୍ପନ୍ଧରେ ସରକାରୀ ନଥିପତ୍ରରେ ରହିଥିବା କେତେକ ରହସ୍ୟକୁ ଆମେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କଦ୍ୱାରା ଲୋକାର୍ପିତ 'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି କଲୋନିଆଲ ରେଜିଷ୍ଟାନ୍ସ ଇନ୍ ଖୁର୍ଦ୍ଧା' ପୁସ୍ତକ ସହାୟତାରେ ଲେଖିଥିଲୁ। କଥା ସରିନି। ସବୁ ରହସ୍ୟ ଆସିନି। ଆମେ କେବଳ ଉଡ଼ାଣିଆ କଥା କହୁଥିବା ବ୍ୟକ୍ତିବିଶେଷଙ୍କ ଜାଣିବା ପାଇଁ ଦୁଇ/ତିନୋଟି ଉଦାହରଣ ଦେଲୁ। ପୂର୍ବରୁ ସୂଚନା ଦେଇଥିଲୁ ଇଂରେଜ ସରକାରଙ୍କୁ ଗଜପତି ଲେଖିଥିବା ଚିଠିରେ ଦୁଇଟି ପ୍ରସଙ୍ଗ ଲକ୍ଷ୍ୟ କରିବା କଥା। ଗୋଟିଏ କଥା ଆମେ ଜାଣିଲେ ୧୮୦୪ ଯୁଦ୍ଧରେ ବକ୍ସି ଜଗବନ୍ଧୁଙ୍କର ବିଶେଷକ ଭୂମିକା ନଥିଲା। ଏହା ମଧ ମଧୁସୂଦନ ବିପ୍ରଙ୍କ ଲିଖିତ 'ଫିରିଙ୍ଗି କଳି ଭାରତ' ପୁସ୍ତକରୁ ଆମେ ଜାଣିଥିଲେ। କାଳେ ତାଳପତ୍ର ପୋଥିରୁ ଉତାରିବା ବେଳେ ଜଗବନ୍ଧୁଙ୍କ କଥା ଛାଡ଼ି ଯାଇଥିବେ ଭାବି ଫକୀର ହରିଚନ୍ଦନ ଯେଉଁ ଅନୁସନ୍ଧାନ କରିଥିଲେ ତାହା ପୂର୍ବ ଆଲୋଚନାରେ ଆମେ ସୂଚନା ଦେଇଥିଲୁ। ସେଇ ଚିଠିର ଦ୍ୱିତୀୟ ପ୍ରସଙ୍ଗଟି– ଗଜପତିଙ୍କ ଚିଠିର ବିଷୟବସ୍ତୁ ଓ ଗଜପତିଙ୍କ ତତ୍କାଳୀନ ଆଭିମୁଖ୍ୟ।

ଚିଠିରୁ ଜଣାପଡୁଛି ଦୁଇରୁ ତିନି ହଜାର ପାଇକଙ୍କୁ ସାଙ୍ଗରେ ନେଇ ଜଗବନ୍ଧୁ ପୁରୀରେ ଗଜପତିଙ୍କୁ ଭେଟିଥିଲେ। ମହାରାଣୀଙ୍କ ସହିତ ଗଜପତି ନିଜେ ଖୋର୍ଦ୍ଧା ଦୁର୍ଗରେ ପଦାର୍ପଣ କରନ୍ତୁ ବୋଲି ସେ ନିବେଦନ କରିଥିଲେ। ଗଜପତି ରୋକଠୋକ ମନା କରି ଦେଇଥିଲେ, କିନ୍ତୁ ଇଂରେଜ ସରକାରଙ୍କୁ ସୁରକ୍ଷା ଦେବା ପାଇଁ ଚିଠି ଲେଖିବା ପରେ ଗଜପତିଙ୍କୁ ଓଲଟା ଫଳ ମିଳିଲା। ଇଂରେଜ ସରକାର ସୁରକ୍ଷା ଦେବା ଆଳରେ କଟକ ନେଇ ବନ୍ଦୀ କରିଥିଲେ। ବକ୍ସି ଯେଉଁ ପାଇକ ବୀରମାନଙ୍କୁ ସାଙ୍ଗରେ ଧରି ଗଜପତିଙ୍କ ପାଖକୁ ଆସିଥିଲେ ସେମାନେ ସ୍ୱତଃ ବିପ୍ଳବ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଥିଲେ। ୧୮୧୭ରେ ରାତାରାତି ତାଙ୍କୁ ପ୍ରସ୍ତୁତ କରାଯାଇ ନଥିଲା। ଏହି ପ୍ରସ୍ତୁତି ବହୁ ପୂର୍ବର, ଅର୍ଥାତ୍ ରାଜଗୁରୁ ୧୮୦୬ ମସିହାରେ ଫାଶୀ ପାଇବା ପରଠାରୁ ଏହି ପ୍ରସ୍ତୁତି ସେମାନେ ଆରମ୍ଭ କରିଥିଲେ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ପଞ୍ଚମ ପ୍ରଭାବ।

୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ହୋଇଥିବା



କିଲ୍ଲା ବୟାଳିଶବାଟିରେ ପୋଖରୀର ରୂପ ନେଇଥିବା ପଥରବୁହା ନଦୀ।

ଯୁଦ୍ଧବେଳେ ଗଜପତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିଲେ। ଜୟୀ ରାଜଗୁରୁଙ୍କ ବିଚାର ବେଳର ବିଡ଼ମ୍ବନା ବିଷୟରେ ସେ ଅବଗତ ଥିଲେ। ନିର୍ମମ ଭାବରେ ବରଗଛରେ ବୀରପୁରୁଷଙ୍କୁ ବଧ କରିବାର ଘନଘଟାକୁ ସେ ଅନୁଭବ କରିଥିଲେ, ତଥାପି କାହିଁକି ୧୮୧୭ ମସିହା ପାଇକ ବିଦ୍ରୋହରୁ ଦୂରେଇ ରହିଲେ ? ବିଦ୍ରୋହର ଅନ୍ତଃସ୍ୱର ତାଙ୍କୁ ଅଛପା ନଥିଲା। ନିର୍ଣ୍ଣାୟକ ଯୁଦ୍ଧବେଳେ ଉଦାସୀନ ବ୍ୟକ୍ତିତ୍ୱ ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର। ସେଥିପାଇଁ ଇତିହାସକାର ଧ୍ରୁବଚରଣ ଜୟସିଂହ ପାଇକରାୟ 'ଊନବିଂଶ ଶତାବ୍ଦୀର ବିସ୍ମୃତ ଅମର ଶହୀଦ ଜୟୀ ରାଜଗୁରୁ' ଶୀର୍ଷକ ପ୍ରବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ 'ଉପ-ଶୀର୍ଷକ' ରଖିଛନ୍ତି। ତାହା ହେଲା– ଖୋର୍ଦ୍ଧା ପାଇକ ବିଦ୍ରୋହର ପଥପ୍ରଦର୍ଶକ ଓ ଖୋର୍ଦ୍ଧା ରାଜବିଦ୍ରୋହର ସୂତ୍ରଧର ଜୟୀ ରାଜଗୁରୁ। ସେଇ ଉପ-ଶୀର୍ଷକରେ ପ୍ରଥମରୁ ସେ ଜୀ.ଟୟନବୀଙ୍କର 'ଏ.ସ୍କେଚ୍ ଅଫ ଦି ହିଷ୍ଟ୍ରୀ ଅଫ ଓରିସା' (୧୮୦୩-୧୮୨୩) ରେ ଲିଖିତ ମତକୁ ଉଦ୍ଧାର କରିଛନ୍ତି। ସେ ମତଟି ହେଉଛି– ପାଇକ ବିଦ୍ରୋହର ପଥପ୍ରଦର୍ଶକ ଜୟୀ ରାଜଗୁରୁ ବକ୍ସିଙ୍କ ବହୁ ପୂର୍ବରୁ ଓଡ଼ିଶାର ସାମନ୍ତ ରାଜାମାନଙ୍କୁ ଯୁଦ୍ଧ କରିବା ନିମନ୍ତେ ଏବଂ ଇଂରେଜମାନଙ୍କୁ ଓଡ଼ିଶା ରାଇଜରୁ ବିତାଡ଼ିତ କରିବା ପାଇଁ ସଙ୍ଗଠିତ କରି ଖୋର୍ଦ୍ଧା ପାଇକମାନଙ୍କୁ ପ୍ରୋତ୍ସାହିତ କରିଥିଲେ, ତେଣୁ ପାଇକ ବିଦ୍ରୋହ ବାସ୍ତବରେ ୧୮୦୪ ମସିହାରୁ ଆରମ୍ଭ ହୋଇଥିଲା ବୋଲି ଗ୍ରହଣ କରିବାରେ ଐତିହାସିକ ବିଭ୍ରାନ୍ତି ହେବ ନାହିଁ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ଷଷ୍ଠ ପ୍ରଭାବ।





ଗଡ଼ରୂପାସର ମା' କନକଦୁର୍ଗା ଓ ତାଙ୍କ ମନ୍ଦିର।

ସପ୍ତମ ପ୍ରଭାବ ବିଚାର କରିବା ପୂର୍ବରୁ ଆମକୁ ସଚେତନ ହେବାକୁ ପଡ଼ିବ ଯେ ୧୮୦୪ ମସିହା ଯୁଦ୍ଧ ମୁଦ୍ରାର ଗୋଟିଏ ପାର୍ଶ୍ୱ ହେଲେ ୧୮୧୭ ପରର ସମସ୍ତ ବିଦ୍ରୋହ ଓ ଯୁଦ୍ଧ ମୁଦ୍ରାର ଅନ୍ୟ ପାର୍ଶ୍ୱ। ଓଡ଼ିଶାରେ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ ଗତି କରି ଚାଲିଥିଲା। ସେତିକି ନିଷ୍ଠା, ତ୍ୟାଗ ଓ ଦେଶାତ୍ମବୋଧ ନ ଥିଲେ ଯୁଦ୍ଧର ଭିତ୍ତିଭୂମି ସୁଦୃଢ ହୋଇ ନଥାନ୍ତା। ତିଳେମାତ୍ର ସ୍ୱାର୍ଥ ଉଙ୍କି ମାରିଥିଲେ ନିଷ୍ଠା କଳୁଷିତ ହୋଇ ଯାଇଥାନ୍ତା। ଫିରିଙ୍ଗି ସରକାର ରାଜଗୁରୁଙ୍କୁ ଲୋଭ ଦେଖାଇ ନଥିଲେ, ତାହା ନୁହଁ। ରାଜଗୁରୁ ତାର ଦୃଢ଼ ଜବାବ ବି ଦେବାରେ ହେଳା କରି ନଥିଲେ। ବିପ୍ର ମଧୁସୂଦନ ବଡ଼ ସୁନ୍ଦର ଭାବରେ ଏହି ଘଟଣାକୁ ଲେଖିଛନ୍ତି–

ମିଳି ମିଳି କହେ ରାଜଗୁରୁଙ୍କୁ ବୁଝାଇ
କଟକ ଚଉରାସି ଲେଖିଦେବା ପାଇଁ
ଦୁଇଖଣ୍ଡି ପରଗନା ତୁମ୍ଭେ ଯେ ପାଇବ
ସମଗ୍ର ପୃଥିବୀ ଆମ୍ଭଙ୍କୁ ଲେଖିଦେବ ॥

ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ରାଜଗୁରୁ। ରାଜଗୁରୁଙ୍କ ନିଷ୍ପତ୍ତି କବି ମଧ ଉଲ୍ଲେଖ କରିଛନ୍ତି –

ଶୁଣିଣ ନାସ୍ତିବାକ୍ୟ ଗଲେ ଜୟମୁନି
ଆପଣା ଇଚ୍ଛାରେ ଭୋଗ କର ଯେ ମେଦିନୀ।
ଚାରି ପରଗଣା ଆମ୍ଭେ ଅବଶ୍ୟ ପାଇବୁ
ଭଲେ ନ ଛାଡ଼ିଲେ ନିଶ୍ଚେ ସମରରେ ନେବୁ।

କବି 'ସମର' ଶବ୍ଦ ପ୍ରୟୋଗ କରିଛନ୍ତି, ବିଦ୍ରୋହ ଶବ୍ଦ ନୁହେଁ। ତେଣୁ ସମର ପାଇଁ ରାଜଗୁରୁ କେବଳ ସାମନ୍ତ ରାଜାମାନଙ୍କୁ ସଙ୍ଗଠିତ କରିଥିଲେ ତାହା ନୁହେଁ, ସାମନ୍ତ ରାଜାଙ୍କ ଅଧୀନରେ ନଥିବା ଗଡ଼ଗୁଡ଼ିକୁ ନିଜେ ଯାଇ 'ଓଡ଼ିଶା ରାଇଜ ଛାଡ଼' ଡାକରାରେ ସାମିଲ କରାଇଥିଲେ। କୋଣାର୍କ ଅଂଚଳରେ ରହିଥିବା ୧୬ ପ୍ରାଚୀନ ଗଡ଼କୁ ଅନୁସନ୍ଧାନ ପାଇଁ ଆମେ ଏବେ ଯିବା ପରେ ବହୁ ନଥିପତ୍ର ମିଳୁଛି। ପ୍ରତ୍ୟେକ ଗଡ଼ ସହିତ ସିଧାସଳଖ ସମ୍ପର୍କ ରଖିଥିଲେ ରାଜଗୁରୁ। ଗଡ଼ରୂପାସ ଓ କିଲ୍ଲା ବୟାଳିଶିବାଟି ତାର ଗୋଟିଏ ଗୋଟିଏ ଉଦାହରଣ।

## ସଂକ୍ଷେପରେ

### ଜଟଣୀରେ ଅଧିକାଂଶ ଦିନ ଜଳଯୋଗାଣ ବନ୍ଦ

**ଜଟଣୀ, ୭।୧୦(ଡି.ଏନ.ଏ):** ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ୍‌ଲାଇନ ମାଧମରେ ହେଉଥିବା ଜଳଯୋଗାଣ ମାସକର ଅଧିକାଂଶ ଦିନ ବନ୍ଦ ରହୁଛି। ଫଳରେ ଜଟଣୀ ସହରାଞ୍ଚଳ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେହି ବିଭାଗୀୟ ଯନ୍ତ୍ରୀଙ୍କୁ ଏ ନେଇ ଯୋଗାଯୋଗ କଲେ ଠିକ୍ ଉତ୍ତର ମିଳୁ ନ ଥିବା ସାମାଜିକ କର୍ମୀ ଏସ୍.ଜନ. ଅଭିଯୋଗ କରିଛନ୍ତି। ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଏ.କେ. ସୁବୁଦ୍ଧି କୁହନ୍ତି, ବାରମ୍ବାର ବିଦ୍ୟୁତ୍ କାଟ ଓ ଲୋ-ଭୋଲଟେଜ୍ ଯୋଗୁ ଏପରି ପରିସ୍ଥିତି ଉପୁଜିଛି। ଅପରପକ୍ଷରେ ଏହି ସମସ୍ୟାର ସମାଧାନ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ଷ୍ଟାବିଲାଇଜର ଓ ଜେନେରେଟର ବ୍ୟବସ୍ଥା କାହିଁକି ସମ୍ପୃକ୍ତ ବିଭାଗ କରୁନାହିଁ ବୋଲି ପୂର୍ବତନ କାଉନ୍‌ସିଲର ଶୁଭେନ୍ଦୁ ପରିଜା ଓ ବିଷ୍ଣୁ ସାହୁ ପ୍ରଶ୍ନ ଉଠାଇଛନ୍ତି।

### ବିଦ୍ୟାଳୟସ୍ତରୀୟ କୃତୀ ସମ୍ବର୍ଦ୍ଧନା ଉତ୍ସବ

**ଖୋର୍ଦ୍ଧା ଅଫିସ,୭।୧୦:** ଖୋର୍ଦ୍ଧା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଦର୍ଶ କ୍ଲବ ପକ୍ଷରୁ ଶନିବାର ବିଦ୍ୟାଳୟସ୍ତରୀୟ କୃତୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଅଗାଧୁ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା ବିଇଓ ବୈଦ୍ୟନାଥ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ଯୁଜି ଯୁପି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ବ୍ଲକ କଲୋନୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ମିଶ୍ର, ଖୋର୍ଦ୍ଧା ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଦେଈ ପ୍ରମୁଖ ଯୋଗ ଦେଇଥିଲେ। ଚିତ୍ରାଙ୍କନ, ସାଧାରଣଜ୍ଞାନ, ସୁନ୍ଦର ହସ୍ତାକ୍ଷର ଓ ତର୍କ ପ୍ରତିଯୋଗିତାରେ ଭାଗ ନେଇଥିବା ବିଭିନ୍ନ ସ୍କୁଲର କୃତିତ୍ୱ ଅର୍ଜନ କରିଥିବା ୧୮ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ।

### ମେଧାବୃତ୍ତି ପୁରସ୍କାର

**ଖୋର୍ଦ୍ଧା ଅଫିସ,୭।୧୦:** ନରଣଗଡ ଚିନ୍ତାମଣି ବିଦ୍ୟା ନିକେତନର ପୁରାତନ ଛାତ୍ର ସଂସଦ ଦ୍ୱାରା ରବିବାର ଆୟୋଜିତ ମେଧାବୃତ୍ତି ପୁରସ୍କାର ୨୦୧୮ରେ ୨୩ ଜଣ ଛାତ୍ରୀଛାତ୍ର ପୁରସ୍କୃତ ହୋଇଛନ୍ତି। ହାଇସ୍କୁଲ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଏହି ପୁରସ୍କାର ପାଇଛନ୍ତି। ସଂସଦର ସଭାପତି କସ୍ତୁରୀ ଚରଣ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୀତାରାମ ମହାନ୍ତି, ସାମାଜିକ କର୍ମୀ ପଦ୍ମ ଚରଣ ରାୟ ଓ ଗୋଦାବରୀଶ ଗୁମାନସିଂହ, ସମିତିସଭ୍ୟ ଅମରେନ୍ଦ୍ର ବଳିଆରସିଂହ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

### ଭାଜପାର ସାଂଗଠନିକ ବୈଠକ

**ବୋଲଗଡ, ୭।୧୦ (ଡି.ଏନ.ଏ.):** ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ସ୍ଥିତ ଶୂନ୍ୟ ଆଶ୍ରମ ନିକଟରେ ଭାଜପା ପକ୍ଷରୁ ଏକ ରବିବାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଭାଜପା ନେତା ପ୍ରକାଶ ଚନ୍ଦ୍ର ବିଜୁଳିଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ୨୬ ନଂ ଜୋନ ଅଞ୍ଚଳରୁ ଦଳୀୟ କର୍ମୀ ଓ ନେତାମାନେ ଯୋଗଦେଇଥିଲେ। ସାଧାରଣ ନିର୍ବାଚନ ପାଇଁ କିପରି ଭାଜପା ଦଳର ସଂଗଠନକୁ ମଜଭୁତ କରିହେବ ସେ ବିଷୟରେ ଏହି ବେଠକରେ ଆଲୋଚନା ହୋଇଛି। ଆଗାମୀ ସପ୍ତାହ ମଧ୍ୟରେ ଏହି ଯୋନ ପାଇଁ ଦଳ ପକ୍ଷରୁ ଏକ ସାଧାରଣ ସଭା କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ସାଧାରଣସଭାରେ ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଯୋଗଦେଇ ସଭାକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଦଳୀୟ କର୍ମୀ ଅଶୋକ କୁମାର ରାଉତ, ସିଲୁ ବଳିୟାରସିଂହ, ବିଶ୍ୱ ନାଥ ରଣସିଂହ, ଭାସ୍କର ରାଉତରାୟ, ମାଧବ ଚନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ମାନସିଂହ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଡଙ୍ଗା ବୁଡି ଘଟଣାକୁ ୧୧୩ ଦିନ ବିତିଲା

# ଚିଲିକାରେ ଚଳାଚଳ କରିବ ଡଙ୍ଗା

**ଖୋର୍ଦ୍ଧା ଅଫିସ, ୭।୧୦**

ଚିଲିକାରେ ଡଙ୍ଗାବୁଡି ଘଟଣାକୁ ୧୧୩ ଦିନ ବିତିଯାଇଛି। ଏ ଯାବତ ଘରୋଇ ଡଙ୍ଗା ଚଳାଚଳ କରିପାରିନାହିଁ। ଏଭଳିସ୍ଥଳେ ବହୁ ବିଳମ୍ବରେ ପ୍ରଥମ ପର୍ଯ୍ୟାୟରେ ୪୭ ଘରୋଇ ଡଙ୍ଗା ଲାଇସେନ୍ସ ପାଇଛି। ଲାଇସେନ୍ସ ପାଇଥିବା ଡଙ୍ଗା ଜିଲାପାଳଙ୍କ ସ୍ୱୀକୃତି ପାଇବା ପରେ ଚିଲିକାରେ ଚଳାଚଳ କରିବ। ତେବେ ଡଙ୍ଗା ଚଳାଚଳ ପାଇଁ ଫିଟନେସ୍ ସାର୍ଟିଫିକେଟ ଦେବାରେ ଜିଲା ପ୍ରଶାସନ ସମୟ ଗଡାଇ ଚାଲିଥିବାରୁ ରବିବାର ଚିଲିକାରେ ଆଇନ ଅମାନ୍ୟ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଥିଲା। ରବିବାର ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ଜିଲା ପ୍ରଶାସନଠାରୁ ପ୍ରତିଶ୍ରୁତି ପାଇ ଆନ୍ଦୋଳନ ବନ୍ଦ ହୋଇଯାଇଛି। ଏ ନେଇ ମା' କାଳିଜାଇ ମୋଟର ବୋଟ ମାଲିକ ସଂଘ ବଡକୂଳ ଓ ମା' କାଳିଜାଈ ମୋଟର ବୋଟ କର୍ମଚାରୀ ସଂଘ ଅଶ୍ୱାରୀପାଟଣାର ଉପଦେଷ୍ଟା ବସନ୍ତ ନାୟକ କୁହନ୍ତି, ଜିଲା ଇମରଜେନ୍ସି ଅଫିସର ଆସି ୧୦ ତାରିଖରୁ ଡଙ୍ଗା ଚଳାଚଳ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ବନ୍ଦ ରହିଛି। ଅପରପକ୍ଷେ ବଡକୂଳ ମା' କାଳିଜାଇ ମୋଟର ବୋଟ ମାଲିକ ସଂଘର ୩୩ ଓ ବାଲୁଗାଁ କାଳିଜାଇ ମୋଟର ବୋଟ ମାଲିକ ସଂଘ ୪୭ଟା ଡଙ୍ଗା ପ୍ରାଥମିକ ପର୍ଯ୍ୟାୟରେ ଚିଲିକାରେ ଚଳାଚଳ କରିବ ବୋଲି ଜଣାପଡିଛି।



ଚିଲିକା କୂଳରେ ଥିବା ଡଙ୍ଗା।

ଇମରଜେନ୍ସି ଅଫିସର ସନ୍ଧ୍ୟାରାଣୀ ଗୁରୁ କୁହନ୍ତି, ୪୭ଟି ଡଙ୍ଗା ଲାଇସେନ୍ସ ପାଇଛି। ଚିଲିକାରେ ଚଳାଚଳ କରିବାକୁ ଜିଲାପାଳଙ୍କ ଅନୁମତି ମିଳିନାହିଁ। ତେବେ ଲାଇସେନ୍ସ ପାଇଥିବା ଡଙ୍ଗା ଚିଲିକାରେ ଚଳାଚଳ ପାଇଁ ରବିବାର ଜିଲାପାଳଙ୍କ ପାଖକୁ ଫାଇଲ ଯାଇଛି। ସ୍ୱୀକୃତି ମିଳିବା ପରେ ଡଙ୍ଗା ଖୁବ୍‌ଶୀଘ୍ର ଚାଲୁ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

**ପ୍ରଥମ ପର୍ଯ୍ୟାୟରେ ୪୭ ଘରୋଇ ଡଙ୍ଗା ପାଇଲେ ଲାଇସେନ୍ସ**

### ବର୍ଦ୍ଧିତ ଭଡାକୁ ନେଇ ଅସନ୍ତୋଷ

ଡଙ୍ଗାରେ ବାଲୁଗାଁ ଓ ଚନ୍ଦ୍ରାପୁଟଠାରୁ କାଳିଜାଇ ଦେଖିବାକୁ ଗଲେ ପୂର୍ବରୁ ଘରୋଇ ଡଙ୍ଗା ଜଣ ପିଛା ଭଡା ୭୦ ଟଙ୍କା ନେଉଥିଲେ। ଓଟିଡିସି ଓ ଅନ୍ତର୍ଜାତୀୟ ଜଳ ପରିବହନ ବିଭାଗ ୫୦ ଟଙ୍କା ନେଉଥିଲେ। ଏବେ ଅନ୍ତର୍ଜାତୀୟ ଜଳ ପରିବହନ ବିଭାଗ ଓ ଓଟିଡିସି ପକ୍ଷରୁ ୧୦୫ ଟଙ୍କା ଜଣପିଛା ଯାତ୍ରୀ ଭଡା ନିଆଯାଉଛି। ବର୍ତ୍ତମାନ ସ୍ଥିତିରେ ଯାତ୍ରୀଭଡା ବଢ଼ାଇବା ପାଇଁ ଘରୋଇ ଡଙ୍ଗା ମାଲିକ ଆଗ୍ରହୀ ନୁହନ୍ତି। ତେବେ ଅନ୍ତର୍ଜାତୀୟ ଜଳ ପରିବବହନ ବିଭାଗ ଓ ଓଟିଡିସି ପକ୍ଷରୁ ବର୍ଦ୍ଧିତ ଯାତ୍ରୀଭଡାକୁ ଘରୋଇ ଡଙ୍ଗା ମାଲିକମାନେ ବିରୋଧ କରୁଛନ୍ତି। ପର୍ଯ୍ୟଟକ ବି ବିରୋଧ କଲେଣି।

### ଲଗାମ ଲାଗୁଛି ନାଁ ପୁଣି ଢ଼ିଲା

ଡଙ୍ଗାବୁଡି ୬ଜଣଙ୍କ ମୃତ୍ୟୁ ପରେ ସରକାରଙ୍କ ପକ୍ଷରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏବଂ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ କିଛି ନିର୍ଦ୍ଦେଶନାମା ଲାଗୁ କରିଛନ୍ତି। ଚିଲିକା ଭିତରକୁ ବୁଲିଯିବାକୁ ହେଲେ ଲାଇଫ ଜ୍ୟାକେଟ୍ ପିନ୍ଧିବାକୁ ବାଧତାମୂଳକ। ପ୍ରତି ଡଙ୍ଗାରେ ଅଗ୍ନି ପ୍ରଶମନ ଯନ୍ତ୍ର ଓ ଲାଇଫ ବୟ ରହିବ। ଲାଇସେନ୍ସପ୍ରାପ୍ତ ଚାଳକ କେବଳ ଡଙ୍ଗା ଚଳାଇ ପାରିବେ। ପ୍ରତ୍ୟେକ ଡଙ୍ଗାରେ ରହିବ ଡଷ୍ଟବିନ୍। ପାଣି ଓ ଛାଇର ବ୍ୟବସ୍ଥା ରଖିବାକୁ ପଡିବ। ଡଙ୍ଗାଗୁଡିକ ସରକାରୀ ନୀତିନିୟମର ମାପରେ ହୋଇଛି କି ନାହିଁ ତା'ର ଅନୁଧ୍ୟାନ ହେବା ପରି ଅନୁରୂପ ନିର୍ଦ୍ଦେଶନାମା ରହିଛି। ଦେଖିବାକୁ ରହିଲା ଏହା କେତେଦୂର କାର୍ଯ୍ୟକାରୀ ହେବ।

### ଅଣପ୍ରଶିକ୍ଷକ ଚାଳକ ଚଳାଉଛନ୍ତି ଲଞ୍ଚ

ଅନ୍ତର୍ଜାତୀୟ ଜଳ ପରିବହନ ବିଭାଗ ଓ ଓଟିଡିସି ପକ୍ଷରୁ ଚିଲିକାରେ ଚାଲୁଥିବା ଅଧିକାଂଶ ଲଞ୍ଚକୁ ଅଣ ପ୍ରଶିକ୍ଷକ ଚାଳକ ଚଳାଉଥିବାର ଅଭିଯୋଗ ରହିଛି। ଏନେଇ ଉଭୟ ବିଭାଗକୁ ପର୍ଯ୍ୟଟକ ପଚାରିଲେ ଉତ୍ତର ମିଳୁଛି ଆର୍ଥିକ ସ୍ଥିତି ଖରାପ କାରଣରୁ ନିଯୁକ୍ତି ଦେବା ସମ୍ଭବ ହେଉନାହିଁ। ଯଦି କେତେବେଳେ କିଛି ଅଘଟଣ ଘଟେ ସେଥିପାଇଁ ଦାୟୀ କିଏ ରହିବେ। ପ୍ରଶାସନ ପକ୍ଷରୁ ଘରୋଇ ଯାତ୍ରୀବାହୀ ଡଙ୍ଗା ଉପରେ ଯଦି କଟକଣା ଲାଗି ପାରୁଛି ସରକାରୀ ଲଞ୍ଚ ଉପରେ କଟକଣା ଲଗାଇବାରେ ପ୍ରତିବନ୍ଧକ ରହୁଛି କେଉଁଠି। ଅଣ ପ୍ରଶିକ୍ଷକ ଲଞ୍ଚ ଚଳାଇବାକୁ ଅନୁମତି କିଏ ଦେଉଛି ତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଉଚିତ।

### ଅନୁମତି ନ ଥାଇ ଚାଲୁଛି ଡଙ୍ଗା

ପ୍ରଥମ ପର୍ଯ୍ୟାୟରେ ୪୭ଟି ଡଙ୍ଗା ଅନୁମତି ପାଇବା ପରେ ଖୁସିର ଲହରି ସୃଷ୍ଟି ହୋଇଛି। ତେବେ ଚିଲିକାରେ ଡଙ୍ଗା ଚଳାଚଳ ପାଇଁ ଜିଲାପାଳଙ୍କ ପର୍‌ମିଶନ ନ ଥିବାବେଳେ ଶୁକ୍ରବାର, ଶନିବାର, ରବିବାର ୫ରୁ ୧୦ ଭିତରେ ଡଙ୍ଗା ଚଳାଚଳ କରିଛି। ଅନୁମତି ନ ଥାଇ ଡଙ୍ଗା ଚଳାଚଳ ପରେ ଏହାର ଧରପଗଡ କରାଯାଇନାହିଁ।

## ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

### ବରବରାକୁ ଅଭୟାରଣ୍ୟର ମାନ୍ୟତା ପାଇଁ ପ୍ରସ୍ତାବ

**ଖୋର୍ଦ୍ଧା ଅଫିସ,୭।୧୦**

ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟାଳୟର ପ୍ରଶିକ୍ଷଣ କକ୍ଷରେ ୬୪ତମ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଶୁକ୍ରବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଡିଏଫ୍‌ଓ ବିକାଶ ରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ପରିବେଶ ସମିତିର ସମ୍ପାଦକ ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଭ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟି ପ୍ରକାଶ ଜେନା, ସହକାରୀ ବନସଂରକ୍ଷକ ଦିଲୀପ କୁମାର ରାଉତ ଓ ଆଲୋକ ହୋତା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବନ୍ୟଜନ୍ତୁ ସଂରକ୍ଷଣ ଉପରେ ଟିପ୍ପଣି ଦେଇଥିଲେ। ପରିବେଶ ପାଇଁ ବୃକ୍ଷ ଯେପରି ଜରୁରୀ ସେପରି ବନ୍ୟଜନ୍ତୁଙ୍କର ମଧ ଅନୁରୂପ ଭାବେ ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ଖୋର୍ଦ୍ଧା ବନଖଣ୍ଡର ବରବରା ସଂରକ୍ଷିତ ଜଙ୍ଗଲ ଅଭୟାରଣ୍ୟର ମାନ୍ୟତା ପାଇବାକୁ ସରକାରଙ୍କର ପ୍ରସ୍ତାବ ରହିଛି। ଏଥିରେ ରଣପୁର ରେଞ୍ଜ ଓ ବାଲୁଗାଁ ଅଞ୍ଚଳର ଜଙ୍ଗଲ ଅନ୍ତର୍ଭୁକ୍ତ ହେବାର ରହିଛି। ଏଥିପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ସେହିପରି ପରିବେଶ ସୁରକ୍ଷା କ୍ଷେତ୍ରରେ ଭୁବନେଶ୍ୱର ସବ୍‌ଡିଭିଜନ ଡୁମଡୁମା ଟେରା ଡୋନ୍ସି ପାର୍କର ପ୍ରସନ୍ନ ପତି ଓ ବାଙ୍କୀ ସବଡିଭିଜନର ବାଙ୍କୀ ମେଡିକାଲ ରୋଡର ଲଳିତ ମୋହନ ପଣ୍ଡାଙ୍କୁ ୫ ହଜାର ଟଙ୍କା ସହ ପ୍ରମାଣପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି।

## ହାତୀ ନଷ୍ଟକଲେ ୬ ଏକର ଫସଲ



ହାତୀ ଧାନଗଛ ଦଳି ଦେଇଛନ୍ତି।

**ଟାଙ୍ଗୀ (ଖୋର୍ଦ୍ଧା), ୭।୧୦ (ଡି.ଏନ.ଏ.)**

ଶନିବାର ସନ୍ଧ୍ୟା ସମୟରେ ରଣପୁର ବ୍ଲକ୍ ଅନ୍ତର୍ଗତ ରାଜଜଙ୍କିଆ ପଞ୍ଚାୟତରେ ହାତୀପଲ୍ଲ ପଶି ୬ ଏକର ଧାନ ଜମି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବା ଖବର ମିଳିଛି। ରାଜଜଙ୍କିଆ ଗ୍ରାମର ମଙ୍ଗୁଳି ବେହେରାଙ୍କ ୪ ଏକର, କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ପ୍ରାୟ ୧ ଏକର, ବିନୋଦ ବେହେରାଙ୍କ ଅଧ ଏକରରୁ କମ୍, ନକୁଳ ପଲେଇଙ୍କ ପ୍ରାୟ ୧ ଏକର ଜମିର ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ହାତୀପଲ୍ଲରେ ୧୨ ରୁ ୧୫ ହାତୀ ଆସି ଜମିରେ ପଶି ଦଳାଚକଟା କରିବା ସହିତ ଧାନ ଫସଲକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତୁରନ୍ତ ସରକାରୀ ସହାୟତା ପ୍ରଦାନ କରା ନ ଗଲେ ଋଣ କରି ଚାଷ କରିଥିବା ଚାଷୀମାନେ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି।

## ରୋଟାରୀ କ୍ଲବ ପକ୍ଷରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

**ବାଲୁଗାଁ,୭।୧୦(ଡ଼ି.ଏନ.ଏ.)**

ବାଲୁଗାଁ–ଚିଲିକା ରୋଟାରୀ କ୍ଲବ୍ ପକ୍ଷରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଶନିବାର ସଭାପତି ସତ୍ୟେନ୍ଦ୍ର କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ସଂଘ ପକ୍ଷରୁ ଚିଲିକା ବ୍ଲକ ଚନ୍ଦ୍ରାପୁଟ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଅଧ୍ୟାପିକା ଅନସୂୟା ମହାରଣାଙ୍କ ଦ୍ୱାରା ସ୍ୱାଭିମାନ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା। ଏହି କେନ୍ଦ୍ରରେ ୨୬ଜଣଙ୍କୁ ୩ମାସ ପର୍ଯ୍ୟନ୍ତ ପୌଢ଼ ଶିକ୍ଷା ଦିଆଯିବାର ବ୍ୟବସ୍ଥା ସଂଘ ତରଫରୁ ରଖାଯାଇଥିବା ସଭାପତି ସ୍ୱାଇଁ ଜଣାଇଛନ୍ତି। ସନ୍ଧ୍ୟାରେ ବାଲୁଗାଁ ପୋଲିସ ଓ ସଂଘ ପକ୍ଷରୁ ଗାନ୍ଧୀ ଛକଠାରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ରୋଟାରିଆନ୍ ନମିତା ଝା, ଆରତି ଦାଶ, ଗଜେନ୍ଦ୍ର ସେଠୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ଦୀପକ ସାହୁ, ଶ୍ରୀଧର ବେହେରା, ମିଶନ ସାହୁ ଓ ଯଦୁମଣି ତରାଇ ପ୍ରମୁଖ ଯୋଗଦେଇଥିଲେ।




ଶାନ୍ତି ଶୋଭାଯାତ୍ରାରେ ଯୋଗଦେଇଥିବା ବରିଷ୍ଠ ନାଗରିକମାନେ।

## ଜଟଣୀରେ ଶାନ୍ତି ଶୋଭାଯାତ୍ରା

**ଜଟଣୀ, ୭।୧୦(ଡି.ଏନ.ଏ)**

ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପରିପ୍ରେକ୍ଷୀରେ ଜଟଣୀରେ ରବିବାର ଶାନ୍ତି ପଦଯାତ୍ରା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଆନୁକୂଲ୍ୟରେ ପଦଯାତ୍ରାରେ ଗାନ୍ଧୀଙ୍କ ଶାନ୍ତି ଓ ଅହିଂସାର ବାର୍ତ୍ତା ଦେଇଥିଲେ। ସ୍ଥାନୀୟ ରେଳଷ୍ଟେଶନରୁ ବାହାରି ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଏହି ପଦଯାତ୍ରା ଯାଇଥିଲା। ଏଥିରେ ସାମିଲ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତାଙ୍କର ୧୫୦ତମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ବର୍ଷସାରା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଥିଲେ। ସେବା ସଂଘର ଅବନୀ କୁମାର ରାଉତରାୟ, ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ପ୍ରସନ୍ନ ମହାରଥୀ, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, ତ୍ରିନାଥ ସାମନ୍ତରାୟ, ସୁରେଶ ଚନ୍ଦ୍ର ରଥ, ଶ୍ୟାମସୁନ୍ଦର ତ୍ରିପାଠୀ, ଶ୍ରମିକ ନେତା ବି.ଆର୍ ମହାନ୍ତି, ଅନନ୍ତ ଶତପଥୀ, ସୁଶାନ୍ତ ରାଉତ ଓ ଅନ୍ୟମାନେ ଯୋଗଦେଇଥିଲେ।




ବୋଲଗଡଠାରେ ରବିବାର ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ୧୫୩୫ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ

**ବୋଲଗଡ଼,୭।୧୦(ଡି.ଏନ.ଏ.)**

ଓଡିଶା ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇ ରାଶନ କାର୍ଡ ପ୍ରଦାନ କରାଯାଇଛି। ରବିବାର ବୋଲଗଡ଼ଠାରେ ୧୫୩୫ ଜଣ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ବ୍ଲକ୍ କାର୍ଯ୍ୟାଳୟରେ ଆୟୋଜିତ ଏକ ସଭାରେ ମୁଖ୍ୟଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ନୂତନ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରିଥିଲେ। ବୋଲଗଡ଼ ବିଡିଓ ମଧୁସୂଦନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ ଉପାଧକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ପୂର୍ବତନ ଅଧକ୍ଷ ବାନାମ୍ବର ମାଝି, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ, ସରପଞ୍ଚ ବବିତା ସାହୁ, ଅର୍ଜ୍ଜୁନ ବେହେରା, ସୁଭାଷ ଚନ୍ଦ୍ର ରାୟଗୁରୁ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ ଓ ବୀର କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜଟଣୀ କଲେଜ ପରିସର ସରଗରମ

**ଜଟଣୀ, ୭।୧୦(ଡି.ଏନ.ଏ.)**

**ଛାତ୍ର ସଂସଦ ନିର୍ବାଚନ**
- ସଭାପତି ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା
- ଜମି ସମସ୍ୟା ମୁଖ୍ୟ ପ୍ରସଙ୍ଗ

ଛାତ୍ର ସଂସଦ ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଲା ପରେ ଜଟଣୀ କଲେଜ ପରିସର ସରଗରମ ହୋଇଉଠିଛି। ବିଭିନ୍ନ ପଦବୀ ପାଇଁ ହୋଇଥିବା ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ୍ ହାସଲ କରିବାକୁ ପ୍ରଚାର ଜୋରଦାର କରିଛନ୍ତି। ନିଜ ନିଜର ପ୍ରଚାର ପତ୍ର ବାଣ୍ଟିବା ସହ ଭୋଟ ଦେବାକୁ ନିବେଦନ କରୁଛନ୍ତି। ଘରକୁ ଘର ବୁଲି ପ୍ରଚାର ମଧ କରୁଛନ୍ତି। ଜଟଣୀ କଲେଜରେ ସଭାପତି ଓ ସମ୍ପାଦକ ପଦବୀ ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏଠାରେ ବିଜୁ ଛାତ୍ର ଜନତା ଦଳ, ଏବିଭିପି ସମର୍ଥିତ ପ୍ରାର୍ଥୀ ସହ ଛାତ୍ର ଶକ୍ତି ନାମରେ ଏକ ସଙ୍ଗଠନ ବ୍ୟାନରେ ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଦୀର୍ଘବର୍ଷର ବ୍ୟବଧାନ ପରେ ଏବିଭିପି ପକ୍ଷରୁ ଏଠାରେ ପ୍ରାର୍ଥୀ ଦିଆଯାଇଛି। କେବଳ ଛାତ୍ର ସଂସଦର ସଭାପତି, ଉପସଭାପତି, ସମ୍ପାଦକ ଓ ସହସମ୍ପାଦକ ପଦବୀରେ ପ୍ରାର୍ଥୀ ଛିଡ଼ା କରିଛନ୍ତି। ତେବେ ଅନ୍ୟମାନେ ସମସ୍ତ ପଦବୀ ପାଇଁ ପ୍ରାର୍ଥୀ ଦେଇଛନ୍ତି। ଏହି ନିର୍ବାଚନ ବୈତରଣୀ ପାର ହେବାକୁ ପ୍ରାର୍ଥୀମାନେ କଲେଜର ବିଭିନ୍ନ ସମସ୍ୟାକୁ ପ୍ରସଙ୍ଗ କରିଛନ୍ତି। ବିଶେଷକରି ରହିଥିବା ଜମି ସମସ୍ୟା ଦୂର ଉପରେ ସମସ୍ତ ପ୍ରାର୍ଥୀ ନିର୍ବାଚନ ପ୍ରଚାରରେ ପ୍ରାଧାନ୍ୟ ଦେଇଛନ୍ତି। ବିଜୟୀ ହେଲେ ରହିଥିବା ସମସ୍ୟା ଦୂର କରିବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ଭୋଟର କୁହାଯାଉଥିବା କଲେଜର ବିଦ୍ୟାର୍ଥୀମାନେ ପ୍ରାର୍ଥୀମାନଙ୍କ ସମସ୍ତ ପ୍ରତିଶ୍ରୁତିକୁ ପରଖୁଛନ୍ତି।



○ ଏହି କଲେଜରେ ଅନେକ ସମସ୍ୟା ରହିଛି। ଆବଶ୍ୟକ ଶ୍ରେଣୀ ଗୃହନାହିଁ, ଯାହାବି ରହିଛି ପଢ଼ିବା ପାଇଁ ତାହା ଅନୁପଯୁକ୍ତ। ଟିଚିଂ ଷ୍ଟାଫ୍ ଅଭାବଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅନେକ ସମସ୍ୟା ରହିଛି। ମୁଁ ବିଜୟୀ ହେଲେ ରହିଥିବା ଉପରୋକ୍ତ ସମସ୍ୟା ଦୂର କରିବା ସହିତ ଆଡମିଶନ ଫି ହ୍ରାସ କରିବା ଦିଗରେ ଉଦ୍ୟମ କରିବି।

*–ହିମାଂଶୁ ସୁବୁଦ୍ଧି, ସଭାପତି ପ୍ରାର୍ଥୀ*



○ ଜଟଣୀ କଲେଜରେ ଦୀର୍ଘଦିନ ହେବ ରହିଥିବା ଜମି ସମସ୍ୟା ଦୂର କରିବା ଦିଗରେ ଚେଷ୍ଟା କରିବି। କଲେଜ ନାମରେ ଜମି ରେକର୍ଡ ହୋଇ ନ ଥିବାରୁ ସରକାରଙ୍କର ଅନୁଦାନରୁ ଏହି ଶିକ୍ଷାନୁଷ୍ଠାନ ବଞ୍ଚିତ ହେଉଛି। ଏହାଛଡ଼ା ରହିଥିବା ପାଣି ସମସ୍ୟା ଦୂର କରିବା ସହ ସୁବ୍ୟବସ୍ଥିତ ଛାତ୍ରୀଛାତ୍ରଙ୍କ ପାଇଁ କମନ୍‌ରୁମ୍ ସୁବିଧା କରିବାକୁ ଉଦ୍ୟମ କରିବି।

*–ଆଦିତ୍ୟ ନାରାୟଣ ଦାସ, ସଭାପତି ପ୍ରାର୍ଥୀ*



○ ଏଠାରେ ପ୍ରମୁଖ ସମସ୍ୟା ହେଉଛି କଲେଜ ନାମରେ ଏଯାବତ୍ ଜମି ରେକର୍ଡ ହୋଇନାହିଁ। ଏହା କିପରି ହୋଇପାରିବ ଓ କଲେଜ ପାଇଁ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ସ୍ଥାପନ ସହ ଅଣ ଛାତ୍ର କିପରି ପ୍ରବେଶ କରି ନ ପାରିବେ ସେଥିପ୍ରତି ଗୁରୁତ୍ୱ ଦେବି।

*–ବିକ୍ରମ କୁମାର ନାୟକ, ସଭାପତି ପ୍ରାର୍ଥୀ*

## ଚିତ୍ରାଙ୍କନ ପ୍ରତିଯୋଗିତା



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

**ଖୋର୍ଦ୍ଧା ଅଫିସ,୭।୧୦**

ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲା ସଦର ମହକୁମାର ବିଜେବି ହାଇସ୍କୁଲରେ ରବିବାର ଜିଲାସ୍ତରୀୟ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ୨୦୧୮ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସାଧାରଣ ବିଭାଗରେ ୫ରୁ ୧୬ ବର୍ଷ ଓ ୫ରୁ ୧୮ ବର୍ଷ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଏଥିରେ ଭାଗ ନେବାର ଥିଲା। ତେବେ କେବଳ ସାଧାରଣ ବିଭାଗର ୧୫ ଜଣ ପିଲା ଏଥିରେ ଯୋଗ ଦେଇଥିଲେ। ବିକ୍ରମ ସେନାପତି, ଲଡୁ କିଶୋର ସିଂହ, ଦୀନକୃଷ୍ଣ ମହାପାତ୍ର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଏହାକୁ ସାମାଜିକ କର୍ମୀ ରଞ୍ଜନ ଗୋଚ୍ଛାୟତ ପରିଚାଳନା କରିଥିବାବେଳେ ସୌମେନ୍ଦ୍ର ନାୟକ, ସଚିନ୍ଦ୍ର ନାଥ ସାହୁ, ଅନୁପ ବେହେରା ଓ ମନସ୍ୱିନୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୮ ଅକ୍ଟୋବର, ୨୦୧୮



ସବୁଠାରୁ ଭଲକାମ କରିବାକୁ ଯାଉଥିବାବେଳେ ଧୀରେ ପଦକ୍ଷେପ ନେବା ଉଚିତ।

-ସିସେରୋ।



## ସଂକ୍ଷେପରେ

### ବାଳାଶ୍ରମରେ ଚିତ୍ରାଙ୍କନ ପ୍ରତିଯୋଗିତା

**ପୁରୀ ଅଫିସ, ୭।୧୦ :** ପୁରୀ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଉତ୍କଳ ବାଳାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୬୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୧୬ଜଣ ଦିବ୍ୟାଙ୍ଗ ଥିଲେ। ଓଡ଼ିଶା ଶିଶୁ କଲ୍ୟାଣ ପରିଷଦ ଦ୍ୱାରା ପ୍ରାୟୋଜିତ ଏହି ପ୍ରତିଯୋଗିତାକୁ ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ଓ ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପରିଚାଳନା, ବାଳାଶ୍ରମ ତତ୍ତ୍ୱାବଧାରକ ସାରଙ୍ଗ ମହାପାତ୍ର ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସଦସ୍ୟମାନେ ସହଯୋଗ କରିଥିଲେ। ସବୁଜ ବର୍ଗରେ ଆୟୁଷ ଆଦିତ୍ୟ ମହାନ୍ତି ପ୍ରଥମ, ଅନ୍ୱେଷା ପଟ୍ଟନାୟକ ୨ୟ ଓ ପ୍ରଦ୍ୟାଶା ତ୍ରିପାଠୀ ୩ୟ ସ୍ଥାନ ଅଧିକାର କରିଛନ୍ତି। ଧଳା ବର୍ଗରେ ଜ୍ୟୋତିରାଦିତ୍ୟ ମହାପାତ୍ର, ସୋହମ ପଣ୍ଡା ଓ ଅନ୍ୱେଷା ସୁନ୍ଦରାୟ, ହଳଦିଆ ବର୍ଗରେ କାନନ ଲୋଚନ ଖୋରା, ଜଗବନ୍ଧୁ ସିରା, ଦିଲୁ ସାହୁ ଏବଂ ଲାଲ ବର୍ଗରେ ସୌମ୍ୟଜିତ୍ ସାହୁ, ରୋହିତ ପଟେଲ, ଅଶୋକ ସାହୁ ପ୍ରମୁଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ହାସଲ କରିଛନ୍ତି।

### ତୈଳଦର ହ୍ରାସ କରିବା ଦିଗରେ ସରକାର ପଦକ୍ଷେପ ନେଉନାହାନ୍ତି

#### ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**କଟକ ଅଫିସ, ୭।୧୦:** କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଅଢେଇ ଟଙ୍କା ଟିକସ କମେଇବା ପରେ ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଦର ହ୍ରାସ କରିବା ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଭାଜପା ପକ୍ଷରୁ ରବିବାର ଏହାକୁ ବିରୋଧ କରାଯାଇଛି। ଏ ନେଇ ବାରବାଟୀ-କଟକ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ କଟକ ଚଣ୍ଡିଛକଠାରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ରାଜ୍ୟ ସରକାର ଟିକସ ଛାଡ଼ କରିନାହିଁ, ବଡ଼ ବଡ଼ ଭାଷଣ ଦେଉଥିବା ଏହି ସରକାର ଏଥିପାଇଁ କେବଳ କେନ୍ଦ୍ର ସରକାରଙ୍କୁ ଦାୟୀ କରି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବାରେ ଲାଗିଛି ବୋଲି ଭାଜପା କର୍ମୀମାନେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଦୟାନିଧି ଲେଙ୍କା, କର୍ପୋରେଟର ବିଜୟ ଦଳେଇ, ରାଜେନ୍ଦ୍ର ସାମଲ, ଜିତେନ ବେହେରା, ଲଲାଟେନ୍ଦୁ ଦାସ, ସୟଦ ସହନୱାଜ ଅଲ୍ଲୀ, ପ୍ରଶାନ୍ତ ଦାସ, ସୂର୍ଯ୍ୟ ବିଶ୍ୱାଳ, ଦେବାଶିଷ ରାଉତ, ରାକେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାହିତ୍ୟ ଉତ୍ସବରେ ପୁରୀ ହିଂସାକୁ ନିନ୍ଦା

**ପୁରୀ ଅଫିସ,୭।୧୦:**




କାର୍ଯ୍ୟକ୍ରମରେ ଅତିଥିମାନେ ଅନୁଷ୍ଠାନର ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି।

ପୁରୀ ହିଂସାକୁ ନେଇ ଏବେ ସବୁଠି ଚାଲିଛି ଆଲୋଚନା। ରବିବାର ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ଜାତୀୟସ୍ତରୀୟ ସାହିତ୍ୟ ଉତ୍ସବରେ ମଧ୍ୟ ଏହି ହିଂସାକୁ ନିନ୍ଦା କରାଯାଇଛି। ଓଡ଼ିଶାରୁ ପ୍ରକାଶିତ ଇଂଲିଶ ସାହିତ୍ୟ ପତ୍ରିକା ରକ୍ ପେବଲ୍ସର ୩୨ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ସାହିତ୍ୟ ଉତ୍ସବର ଆୟୋଜନ କରାଯାଇଥିଲା। ବରିଷ୍ଠ କଥାକାର ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡ. ହୃଷୀକେଶ ପଣ୍ଡା ଏହାକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀମନ୍ଦିରକୁ ନେଇ ପୁରୀରେ ଘଟିଥିବା ହିଂସାକାଣ୍ଡକୁ ତୀବ୍ର ନିନ୍ଦା କରିଥିଲେ। ଶ୍ରୀକ୍ଷେତ୍ର ଭଳି ଏକ ପବିତ୍ର ସ୍ଥାନରେ ହିଂସା ଗ୍ରହଣୀୟ ନୁହେଁ। ନିଜ ଅନୁଭୂତି ସମ୍ପର୍କରେ ଡ. ପଣ୍ଡା କହିଥିଲେ, ଶ୍ରୀମନ୍ଦିର ଭିତରକୁ ବେଲ୍ଟ ଉପରେ କଟକଣା ରହିଛି, କିନ୍ତୁ ମନିପର୍ସ ନିଆଯାଉଛି। ମୁଁ ପ୍ରଶାସନିକ ଅଧିକାରୀ ଥିବା ସମୟରେ ଥରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଯାଇଥିଲି। କିନ୍ତୁ କାହାକୁ ମୋ ପରିଚୟ ଦେଇ ନ ଥିଲି। ମୋତେ କେତେଜଣ ସେବକ ଗର୍ଭଗୃହ ଭିତରକୁ ନେଇ ରତ୍ନସିଂହାସନ ଚତୁଃପାର୍ଶ୍ୱ ବୁଲାଇବା ପରେ ଅର୍ଥ ମାଗିଥିଲେ। ମନିପର୍ସ କାଢିବା ମାତ୍ରେ ସେମାନେ ସେଥିରୁ ସବୁ ଟଙ୍କା ନେଇଯାଇଥିଲେ। ଏହିଭଳି ଅନେକ ପ୍ରକାର ଘଟଣା ଶ୍ରୀମନ୍ଦିରରେ ଘଟିବା ପରେ ସରକାରୀ ସ୍ତରରେ କିଛି କଟକଣା ଲାଗି ଉଦ୍ୟମ ହୋଇଥିଲା। ଯଦି ତାହା କାର୍ଯ୍ୟକାରୀ କରାଯାଇଥାନ୍ତା ତେବେ ଆଜି ଶ୍ରୀକ୍ଷେତ୍ରରେ ଏଭଳି ହିଂସା ଘଟି ନ ଥାନ୍ତା ବୋଲି ସେ କହିଥିଲେ।

ଡ. କୁଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବକ୍ତାଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ପଞ୍ଚାନନ ମିଶ୍ର, ମଣିପୁର ବିଶ୍ୱବିଦ୍ୟାଳୟର ପ୍ରଫେସର କଲିନ୍ ଓ ବ୍ରିୟେନ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରଫେସର ହରେକୃଷ୍ଣ ମେହେର ଯୋଗଦେଇ ମନୋଜ ଦାସ, ଜୟନ୍ତ ମହାପାତ୍ରଙ୍କ ସମେତ ବହୁ ଇଂଲିଶ ସାହିତ୍ୟିକଙ୍କ ସାହିତ୍ୟ କୃତି ଉପରେ କହିଥିଲେ। ଏହି ଅବସରରେ ରକ୍ ପେବଲ୍‌ସର ସେପ୍ଟେମ୍ବର ସଂଖ୍ୟା ଓ ଅଧ୍ୟାପିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାସଙ୍କ କବିତା ସଙ୍କଳନ 'ଝଡ଼' ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ପଞ୍ଜାବ, ଉତ୍ତର ପ୍ରଦେଶ ଆଦି ରାଜ୍ୟରୁ କବି ଓ ଲେଖକମାନେ ଯୋଗଦେଇ ସ୍ୱରଚିତ କ୍ଷୁଦ୍ରଗଳ୍ପ ଓ କବିତା ପାଠ କରିଥିଲେ। କୃଷ୍ଣ ଚନ୍ଦ୍ର ସାହୁ ଅତିଥି ପରିଚୟ, ଡ. ନିରଞ୍ଜନ ମହାନ୍ତି ମଞ୍ଚ ପରିଚାଳନା, ରକ୍ ପେବ୍‌ଲସ ସମ୍ପାଦକ ଡ. ଉଦୟ ମାଝି ବିବରଣୀ ପାଠ ଓ ସହ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

■ ଡଙ୍ଗା ବୁଡି ଘଟଣାକୁ ୧୧୩ ଦିନ ବିତିଲା

# ଚିଲିକାରେ ଚଳାଚଳ କରିବ ଡଙ୍ଗା



ଚିଲିକାରେ ଚଳାଚଳ ପାଇଁ ରହିଥିବା ଡଙ୍ଗା।

**ଖୋର୍ଦ୍ଧା ଅଫିସ,୭।୧୦:**

ଚିଲିକାରେ ଡଙ୍ଗାବୁଡି ଘଟଣାକୁ ୧୧୩ ଦିନ ବିତିଯାଇଛି। ଏ ଯାବତ ଘରୋଇ ଡଙ୍ଗା ଚଳାଚଳ କରିପାରିନାହିଁ। ଏଭଳିସ୍ଥଳେ ବହୁ ବିଳମ୍ବରେ ପ୍ରଥମ ପର୍ଯ୍ୟାୟରେ ୪୭ ଘରୋଇ ଡଙ୍ଗା ଲାଇସେନ୍ସ ପାଇଛି। ଲାଇସେନ୍ସ ପାଇଥିବା ଡଙ୍ଗା ଜିଲାପାଳଙ୍କ ସ୍ୱୀକୃତି ପାଇବା ପରେ ଚିଲିକାରେ ଚଳାଚଳ କରିବ। ତେବେ ଡଙ୍ଗା ଚଳାଚଳ ପାଇଁ ଫିଟନେସ୍ ସାର୍ଟିଫିକେଟ ଦେବାରେ ଜିଲା ପ୍ରଶାସନ ସମୟ ଗଡାଇ ଚାଲିଥିବାରୁ ରବିବାର ଚିଲିକାରେ ଆଇନ ଅମାନ୍ୟ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଥିଲା। ରବିବାର ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ଜିଲା ପ୍ରଶାସନଠାରୁ ପ୍ରତିଶ୍ରୁତି ପାଇ ଆନ୍ଦୋଳନ ବନ୍ଦ ହୋଇଯାଇଛି। ଏ ନେଇ ମା' କାଳିଜାଇ ମୋଟର ବୋଟ ମାଲିକ ସଂଘ ବଡକୂଳ ଓ ମା' କାଳିଜାଇ ମୋଟର ବୋଟ କର୍ମଚାରୀ ସଂଘ ଅଶ୍ୱାରୀପାଟଣାର ଉପଦେଷ୍ଟା ବସନ୍ତ ନାୟକ କୁହନ୍ତି, ଜିଲା ଇମରଜେନ୍ସି ଅଫିସର ଆସି ୧୦ ତାରିଖରୁ ଡଙ୍ଗା ଚଳାଚଳ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ବନ୍ଦ ରହିଛି। ଅପରପକ୍ଷେ ବଡକୂଳ ମା' କାଳିଜାଇ ମୋଟର ବୋଟ ମାଲିକ ସଂଘର ୩୩ ଓ ବାଲୁଗାଁ କାଳିଜାଇ ମୋଟର ବୋଟ ମାଲିକ ସଂଘ ୪୭ଟା ଡଙ୍ଗା ପ୍ରାଥମିକ ପର୍ଯ୍ୟାୟରେ ଚିଲିକାରେ ଚଳାଚଳ କରିବ ବୋଲି ଜଣାପଡିଛି। ଇମରଜେନ୍ସି ଅଫିସର ସନ୍ଧ୍ୟାରାଣୀ ଗୁରୁ କୁହନ୍ତି, ୪୭ଟି ଡଙ୍ଗା ଲାଇସେନ୍ସ ପାଇଛି। ଚିଲିକାରେ ଚଳାଚଳ କରିବାକୁ ଜିଲାପାଳଙ୍କ ଅନୁମତି ମିଳିନାହିଁ। ତେବେ ଲାଇସେନ୍ସ ପାଇଥିବା ଡଙ୍ଗା ଚିଲିକାରେ ଚଳାଚଳ ପାଇଁ ରବିବାର ଜିଲାପାଳଙ୍କ ପାଖକୁ ଫାଇଲ ଯାଇଛି। ସ୍ୱୀକୃତି ମିଳିବା ପରେ ଡଙ୍ଗା ଖୁବ୍‌ଶୀଘ୍ର ଚାଲୁ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

**ପ୍ରଥମ ପର୍ଯ୍ୟାୟରେ ୪୭ ଘରୋଇ ଡଙ୍ଗା ପାଇଲେ ଲାଇସେନ୍ସ**

### ଆନ୍ଦୋଳନ ଧମକ ଦେଲା ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ ସଂଘ

**ବ୍ରହ୍ମଗିରି, ୭।୧୦(ଡି.ଏନ୍.ଏ.)**

ବ୍ରହ୍ମଗିରି ବ୍ଲକରେ କାର୍ଯ୍ୟରତ ସେସୁର ମିଟର ରିଡିଂ ଓ ବିଲ୍ କଲେକ୍ସନ କର୍ମଚାରୀ ସଂଘ ଦ୍ୱାରା କେତେକ ଦାବି ନେଇ ଆନ୍ଦୋଳନ କରିବା ପାଇଁ ରବିବାର ବାଲିହରଚଣ୍ଡୀ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଶ୍ରମିକ ନେତା ଶ୍ରୀକାନ୍ତ ପରିଜାଙ୍କ ସଭାପତିତ୍ୱରେ ପୁରୀ ଜିଲା ଓ ବ୍ରହ୍ମଗିରି ବ୍ଲକରେ କାର୍ଯ୍ୟରତ ସମସ୍ତ ମିଟର ରିଡିଂ ଓ ବିଲ୍ କଲେକ୍ସନ କର୍ମଚାରୀମାନେ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା, ଚାକିରି ସର୍ତ୍ତାବଳୀ, ଠିକାଶ୍ରମିକ ନୀତି ଉଚ୍ଛେଦ କରାଯାଇ ସ୍ଥାୟୀ ନିଯୁକ୍ତି ଆଦି ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ଯଦି ସରକାର ଏହି ଦାବି ପ୍ରତି ଗୁରୁତ୍ୱ ନ ଦିଅନ୍ତି ତେବେ ଆସନ୍ତା ନଭେମ୍ବର ୧୦ତାରିଖରେ ମହାସଂଘ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ବୈଠକରେ ଇଇଏଫଆଇର ସର୍ବଭାରତୀୟ ସମ୍ପାଦକ ତଥା ରାଜ୍ୟ ସମ୍ପାଦକ ପ୍ରଣୟ କୁମାର ନାୟକ, ସିଟୁର ରାଜ୍ୟ ଉପସଭାପତି ନବକିଶୋର ମହାନ୍ତି, ସଂଘର ସଭାପତି ଏସ୍.କେ ଆଜାଦ୍, ସମ୍ପାଦକ ନୃସିଂହ ଚରଣ ଦାସ, ରାଜୀବ ଲୋଚନ ଖଣ୍ଡାୟତରାୟ, ଲିଟୁ ସ୍ୱାଇଁ, ଭୀମସେନ ସ୍ୱାଇଁ, ରାଜ୍ୟ କୃଷକ ସଭା ସମ୍ପାଦକ ଜନ୍ମେଶ୍ୱର ସାମନ୍ତରାୟ, ସୁଶାନ୍ତ ମିଶ୍ର, ସୁରେନ୍ଦ୍ର ଦଳାଇ ପ୍ରମୁଖ ଯୋଗଦାନ କରିଥିଲେ।

# ଶାରଦୀୟ ପୂଜା ପାଇଁ ଉତ୍ସବମୁଖର ପ୍ରାଚୀ ଉପତ୍ୟକା

**କାକଟପୁର, ୭।୧୦(ଡି.ଏନ୍.ଏ.)**

ପାରମ୍ପରିକ ପ୍ରଥାନୁସାରେ ଆଶ୍ୱିନ ମୂଳାଷ୍ଟମୀ ତିଥିଠାରୁ ଷୋଳପୂଜା ଆରମ୍ଭ ହୋଇଛି। ଏଥିପାଇଁ ସମଗ୍ର ପ୍ରାଚୀ ଉପତ୍ୟକା ଉତ୍ସବମୁଖର ହୋଇପଡ଼ିଛି। ବିଭିନ୍ନ ଗ୍ରାମରେ ଦେବୀଙ୍କ ନିକଟରେ ଶ୍ରଦ୍ଧାଳୁମାନେ ଆମିଷ ରୋଷେଇ କରି ଭୋଗ ଲାଗି କରୁଛନ୍ତି। ଦେବୀ ଦୁର୍ଗାଙ୍କୁ ଶାରଦୀୟ ପାର୍ବଣ ସମୟରେ ଆମିଷ ଭୋଗ ଲାଗିକଲେ ପରିବାର ଏବଂ ଗ୍ରାମର ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଷଷ୍ଠରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାଚୀ ଉପତ୍ୟକାରେ ଶକ୍ତି, ତନ୍ତ୍ର ଏବଂ ଦୁର୍ଗାମୂର୍ତ୍ତି ପୂଜା ପ୍ରସାର ଲାଭ କରିଥିଲା ବୋଲି ପ୍ରାଚୀ ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର କୁହନ୍ତି। ପ୍ରାଚୀ ଉପତ୍ୟକା ଷଷ୍ଠରୁ ନବମ ଶତାବ୍ଦୀ ପର୍ଯ୍ୟନ୍ତ ତନ୍ତ୍ର ଓ ମାତୃକା ପୂଜା ପାଇଁ ଶ୍ରେଷ୍ଠ ସ୍ଥାନ ଭାବେ ପ୍ରସିଦ୍ଧି ଲାଭ କରିଥିଲା ବୋଲି ଗବେଷକ ଡ.ହରେକୃଷ୍ଣ ମହତାବ ଓଡ଼ିଶା ଇତିହାସ ପୁସ୍ତକରେ ବର୍ଣ୍ଣନା କରିଛନ୍ତି। ପରବର୍ତ୍ତୀ କାଳରେ ବୈଷ୍ଣବ ଧର୍ମର ପ୍ରସାର ତଥା ତାନ୍ତ୍ରିକ ପ୍ରଥା ପ୍ରତି ଲୋକମାନଙ୍କ ଘୃଣାଭାବ ଫଳରେ ତନ୍ତ୍ରପୂଜା ପ୍ରତି ଅନାଗ୍ରହ ସୃଷ୍ଟି ହୋଇଥିଲା। କିନ୍ତୁ ଦୁର୍ଗାପୂଜାକୁ ଜନସାଧାରଣ ଆପଣାଇ ନେବା ସହିତ ଚାମୁଣ୍ଡା ମୂର୍ତ୍ତିଗୁଡ଼ିକୁ ଗ୍ରାମଦେବତୀ ଭାବେ ପୂଜା କରି ଆସିଲେ। ସେବେଠାରୁ ପ୍ରାଚୀ ଉପତ୍ୟକାରେ ଶାରଦୀୟ ପାର୍ବଣ ପୂଜା ପାଳିତ ହୋଇ ଆସୁଥିବା ଗବେଷକ ହଂସନାଥ ସାହୁ କୁହନ୍ତି। ଶାରଦୀୟ ପାର୍ବଣ ପୂଜା ପାଇଁ ସମସ୍ତ ଦେବୀ ପୀଠରେ ଷୋଳପୂଜା ଅନୁଷ୍ଠିତ ହେଉଥିବାରୁ ଗ୍ରାମଗୁଡ଼ିକରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।



ତୁଳସୀପୁର ଗ୍ରାମର କନକଦୁର୍ଗା ମନ୍ଦିରରେ ପୂଜା ପାଉଥିବା ଠାକୁରାଣୀ।

### କୁମାର ଉତ୍ସବ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା

**ପୁରୀ ଅଫିସ,୭।୧୦:**

କୁମାର ଉତ୍ସବ ସମିତିର କୁମାର ଉତ୍ସବ ପାଳନ ଉପଲକ୍ଷେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଚାଲିଛି ଜିଲାସ୍ତରୀୟ ପ୍ରତିଯୋଗିତା। ରବିବାର ଦ୍ୱିତୀୟ ଦିନରେ ଓଡ଼ିଆ ଭାଗବତ ଆବୃତ୍ତି, ହନୁମାନ ଚାଳିଶା ପାଠ, କୌତୁକ ପୋଷାକ, ଶ୍ରୀକ୍ଷେତ୍ର କୁମାର, ଶ୍ରୀକ୍ଷେତ୍ର କୁମାରୀ, ଭଜନ, ଆଧୁନିକ ଓ ଲୋକନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଭାମାନଙ୍କୁ ଆସନ୍ତା ୨୫,୨୬ ଓ ୨୭ ତାରିଖରେ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ହେବାକୁ ଥିବା ଅନୁଷ୍ଠାନର ୫୧ତମ କୁମାର ଉତ୍ସବ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ପ୍ରତିଯୋଗିତାରେ ଅନୁଷ୍ଠାନର ସଭାପତି ସତ୍ୟବ୍ରତ ପାତ୍ର ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସମିତିର ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଭରତ କୁମାର ନାୟକ, ଶ୍ୟାମପ୍ରକାଶ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ତିନିଦିନିଆ ପ୍ରତିଯୋଗିତାର ପ୍ରଥମ ଦିନରେ ଗୀତାପାଠ, ବେଦପାଠ, ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା।



କାର୍ଯ୍ୟକ୍ରମରେ ଜଣେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

# ୮ଗ୍ରାମପଞ୍ଚାୟତର ୯୦ ଗ୍ରାମରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ନିମାପଡ଼ା,୭।୧୦(ଡି.ଏନ୍.ଏ.):**

ବିଜେଡି ପକ୍ଷରୁ ଗତ ୨ରୁ ୭ତାରିଖ ମଧ୍ୟରେ ନିମାପଡ଼ା ବ୍ଲକର ଶାଇଁସ ଶାସନ, ଅଲଣ୍ଡା, ତମାଳୋ, ଛଣି ଦଙ୍ଗ, ଅରିଷଣ୍ଡ, ଡେଣୁଆଁ, ମିଟେଇପୁର ଓ ବାମନାଳ ଆଦି ୮ଟି ଗ୍ରାମପଞ୍ଚାୟତର ୯୦ଟି ଗ୍ରାମରେ ଓ ନିମାପଡ଼ା ଏନଏସିର ୧୦ଟି ୱାର୍ଡରେ ଜନସମ୍ପର୍କ ପଦଯାତ୍ରା, ପଥପ୍ରାନ୍ତ ସଭା ଏବଂ ବିଜୁ ଯୁବ ଜନତା ଦଳ ପକ୍ଷରୁ ଯୁବସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ସମୀର ରଞ୍ଜନ ଦାଶ, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇ, ଏମପି ପ୍ରତିନିଧି ସୁଧୀର ରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ସୁମନ୍ତ ଦାଶ ପ୍ରମୁଖଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶାସନ, ଦକ୍ଷ ପ୍ରଶାସନ, ବିଭିନ୍ନ ଜନକଲ୍ୟାଣ ଯୋଜନାର ନାରାକୁ ପ୍ରତ୍ୟେକ ଗ୍ରାମ, ବଜାରର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା, ଦଳର ନେତୃବୃନ୍ଦ ଓ କର୍ମୀମାନେ ସାଧାରଣ ଲୋକଙ୍କ ଆସ୍ଥାଭାଜନ ହେବା ଏହି ପଦଯାତ୍ରାର ମୂଳମନ୍ତ୍ର ବୋଲି ବିଧାୟକ ଦାଶ କହିଛନ୍ତି। ଯୁବଶକ୍ତିର ବିକାଶରେ ରାଜ୍ୟ ତଥା ଦେଶର ବିକାଶ, ତେଣୁ ମୁଖ୍ୟମନ୍ତ୍ରୀ ଯୁବକମାନଙ୍କ ପାଇଁ ବହୁ ବିକାଶମୁଖୀ ଯୋଜନା ପ୍ରଣୟନ କରୁଛନ୍ତି, ସେମାନେ ମଧ୍ୟ ଦୃଢ ସଂକଳ୍ପବଦ୍ଧ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବା ଆବଶ୍ୟକ ବୋଲି ପଦଯାତ୍ରାରେ ଆୟୋଜିତ ଯୁବ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଧାୟକ ଦାଶ ଯୋଗଦେଇ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ସଭା ତଥା ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ ଜନତା ଓ ଦଳୀୟ କର୍ମୀ ସମାଗମ ହୋଇଥିବା ଦେଖାଯାଇଛି ।



ଜନସମ୍ପର୍କ ପଦଯାତ୍ରାରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏବଂ ବିଜେଡି କର୍ମୀମାନେ।

■ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଆଲୋଚନାଚକ୍ର

# ଯାମଳ ଗ୍ରନ୍ଥର ପ୍ରାଚୀନତା ସ୍ୱୀକୃତ

**ପୁରୀ ଅଫିସ, ୭।୧୦:**



ଆଲୋଚନାଚକ୍ରରେ ଯୋଗଦେଇଥିବା ପରିଷଦର କର୍ମକର୍ତ୍ତାମାନେ।

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଅକ୍ଟୋବର ମାସ ଆଲୋଚନାଚକ୍ର ରବିବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ଉମେଶ ଚନ୍ଦ୍ର ଚିହ୍ନରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ସଞ୍ଚାଳନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ। ଆଲୋଚ୍ୟ ବିଷୟ ଥିଲା ଯାମଳ ଗ୍ରନ୍ଥରେ ଶ୍ରୀଜଗନ୍ନାଥ। ଯାମଳ ଗ୍ରନ୍ଥଗୁଡ଼ିକ ପ୍ରାଚୀନ ତନ୍ତ୍ର ସାହିତ୍ୟର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। କିନ୍ତୁ ସେଗୁଡ଼ିକ ଏବେ ଦୁଷ୍ପ୍ରାପ୍ୟ। ଶୈବ, ଶାକ୍ତ, ଯାମଳ ଭେଦରେ ତନ୍ତ୍ର ତ୍ରିବିଧ। ଶିବ ତତ୍ତ୍ୱ ଅର୍ଥ ସ୍ୱରୂପ, ଶକ୍ତି ତତ୍ତ୍ୱ ଶବ୍ଦ ସ୍ୱରୂପ ଏବଂ ଦୁଇତତ୍ତ୍ୱର ଅଭେଦ କଳ୍ପନା ଯାମଳରେ ନିହିତ। ଯାମଳ ଗ୍ରନ୍ଥର ପ୍ରାଚୀନତା ସ୍ୱୀକୃତ। ବିଦ୍ୱାନମାନଙ୍କ ମତରେ ନବମ ଶତକ ପୂର୍ବରୁ ହିଁ ଏହି ଗ୍ରନ୍ଥଗୁଡ଼ିକର ରଚନାକାଳ ସ୍ୱୀକାର କରାଯାଇପାରେ। ଯାମଳ ଗ୍ରନ୍ଥଗୁଡ଼ିକର ସଂଖ୍ୟା ବିଷୟରେ ଶାସ୍ତ୍ରକାରମାନଙ୍କ ମତରେ ବିଭିନ୍ନତା ପରିଲକ୍ଷିତ ହୁଏ। ବିଦ୍ୱାନମାନଙ୍କ ମତରେ ବିଜ୍ଞାନ ଭୈରବ ତନ୍ତ୍ର ରୁଦ୍ର ଯାମଳର ପରିଶିଷ୍ଟ ଅଟେ। ରୁଦ୍ର ଯାମଳ ଗ୍ରନ୍ଥ ଅନୁଯାୟୀ, ଆନନ୍ଦ ଭୈରବଙ୍କୁ ଆନନ୍ଦ ଭୈରବୀ ଷଟ୍‌ଚକ୍ର ପ୍ରକାଶରେ ଜଗନ୍ନାଥ ଏବଂ ପୁରୁଷୋତ୍ତମଙ୍କ ବିଷୟରେ କହିଛନ୍ତି। ୩୭ ପଟଳରେ ଶ୍ରୀଜଗନ୍ନାଥଙ୍କୁ ସ୍ତୁତି ବିଷୟରେ ଉଲ୍ଲେଖ ଅଛି। ପୁନଃ ୪୨ ପଟଳରେ ରାଧାଙ୍କ ସାଧନରେ ପୁରୁଷୋତ୍ତମଙ୍କ ନାମ ରହିଛି। କୃଷ୍ଣ ଯାମଳ ମହାତନ୍ତ୍ରରେ ଉଲ୍ଲେଖ ରହିଛି ଯେ, କୃଷ୍ଣଙ୍କର ହିଁ ପ୍ରତିମୂର୍ତ୍ତି ଶ୍ରୀମଦ୍ ପୁରୁଷୋତ୍ତମ ନାମରେ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପ୍ରତିଷ୍ଠିତ ଅଟନ୍ତି। ଦଶମ ଅଧ୍ୟାୟରେ ଗୋଲୋକନାଗ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ସମନ୍ୱୟ ରହିଛି। ଦୁଇଟି ଭୌମ ବୃନ୍ଦାବନ ମଧ୍ୟରେ ଗୋଟିଏ ମଥୁରା ଦେଶରେ ଅନ୍ୟଟି ପୁରୁଷୋତ୍ତମ କ୍ଷେତ୍ରରେ ଅବସ୍ଥିତ। ବ୍ରହ୍ମ ଯାମଳରେ ତନ୍ତ୍ରର ଦେବୀ ରୂପେ ପୁରୁଷୋତ୍ତମ କ୍ଷେତ୍ରରେ ବିମଳା ଓ ଉଡ୍ର ଦେଶରେ ଦେବୀ ବିରଜା ଉଭୟ ସ୍ୱୀକୃତ ଅଟନ୍ତି ବୋଲି ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା।

ଏହି ଆଲୋଚନାଚକ୍ରରେ ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୁରାଣ ବିଭାଗ ଅଧ୍ୟକ୍ଷ ପ୍ରଫେସର ଗଙ୍ଗାଧର ପଣ୍ଡା ରୁଦ୍ର ଯାମଳ ଗ୍ରନ୍ଥ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଅନାମ ଚନ୍ଦ୍ର ସାହୁ, ନାରାୟଣ ନନ୍ଦ, ଡ. କଲ୍ୟାଣୀ ନନ୍ଦୀ, ଅଧ୍ୟାପକ ସୁନୀଲ ରଥ, କୋଟେଶ ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଶ୍ୟାମପ୍ରକାଶ ସେନାପତି, କୃଷ୍ଣା ମହାପାତ୍ର, ଶଙ୍କର୍ଷଣ ମଙ୍ଗରାଜ, ଡ. ଚାରୁଭାଷିଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



> ସକଳ ସଙ୍କଟରୁ ପରିତ୍ରାଣ ଲାଭ ପାଇଁ ଏକମାତ୍ର ପଥ ନାମଜପ। ତାହା କାତର ଭାବରେ ଅନ୍ତରର ଗଭୀର ପ୍ରଦେଶରୁ ଜାତ ହେବା ଦରକାର।
> –ଶ୍ରୀଚୈତନ୍ୟ



## ସଂକ୍ଷେପରେ



### ମଙ୍ଗଳାଙ୍କ ତ୍ରିପୁରା ଭୈରବୀ ବେଶ

**ପୁରୀ ଅଫିସ,୭।୧୦:** ଶାରଦୀୟ ଦଶହରା ଅବସରରେ ଶ୍ରୀକ୍ଷେତ୍ରର ବିଭିନ୍ନ ଶକ୍ତିପୀଠରେ ଷୋଡ଼ଶ ଦିନାତ୍ମକ ପୂଜା ଚାଲିଛି। ଷୋଳପୂଜାର ଷଷ୍ଠ ଦିବସରେ ରବିବାର ବାସେଳି ସାହି ବନଦୁର୍ଗା ଛକସ୍ଥିତ ମା’ ମଙ୍ଗଳା ତ୍ରିପୁରା ଭୈରବୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ତ୍ରିପୁରା ବିଜୟୀ ଶଙ୍ଖାସୁର ବ୍ରହ୍ମାଙ୍କ ବେଦକୁ ନେଇଯିବା ଯୋଗୁ ତିନିପୁରରେ ହା ହା କାର ପଡିଥିଲା। କୌଣସି ଦେବୀଦେବ ଶଙ୍ଖାସୁର ସମ୍ମୁଖରେ ତିଷ୍ଠି ପାରିଲେ ନାହିଁ। ବ୍ରହ୍ମା ଆଦିଶକ୍ତିଙ୍କୁ ଧ୍ୟାନ କଲେ। ଧ୍ୟାନରେ ସନ୍ତୁଷ୍ଟ ହୋଇ ମା’ବେଦମାତା ଗାୟତ୍ରୀଙ୍କ ଶରୀରରୁ ଭୈରବୀଙ୍କୁ ସୃଷ୍ଟି କଲେ। ମା’ ଭୈରବୀ କାମାଚାର ରୂପରେ ଶଙ୍ଖାସୁରକୁ ମୋହିତ କରି ବେଦକୁ ହରଣ କରି ନାରାୟଣଙ୍କୁ ସ୍ମରଣ କଲେ। ନାରାୟଣ ମତ୍ସ୍ୟ ରୂପ ଧରି ଶଙ୍ଖାସୁରକୁ ବଧ କରିଥିଲେ। ତ୍ରିପୁରା ବିଜୟୀ ଶଙ୍ଖାସୁରର ମୃତ୍ୟୁର କାରଣ ହୋଇଥିବାରୁ ମା’ଙ୍କୁ ତ୍ରିପୁରା ଭୈରବୀ କୁହାଯାଏ। ତ୍ରିପୁରା ଭୈରବଙ୍କୁ ପୂଜା କଲେ ସର୍ବକାର୍ଯ୍ୟ ସିଦ୍ଧି ହୋଇଥାଏ। ତେଣୁ ତାଙ୍କୁ ସିଦ୍ଧ ଭୈରବୀ ମଧ କୁହାଯାଏ ବୋଲି ମନ୍ଦିର ପରିଚାଳନା କମିଟି ସଭ୍ୟ ସନ୍ତୋଷ ପଣ୍ଡା ସୂଚନା ଦେଇଛନ୍ତି।

### ପିକ୍‌ଅପ୍ ଭ୍ୟାନ-ବାଇକ୍ ଧକ୍କା, ୧ ଗୁରୁତର

**ନିମାପଡ଼ା,୭।୧୦(ଡି.ଏନ୍.ଏ.):** ନିମାପଡ଼ା- ବାଲିପାଟଣା ରାସ୍ତାର ଡିହବାରୀ ଛକ ନିକଟରେ ରବିବାର ଅପରାହ୍ଣରେ ଏକ ଚାଉଳ ବୋଝେଇ ପିକଅପ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ଆହତଙ୍କୁ ସ୍ଥାନୀୟ ଲୋକେ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ନାଉଗାଁ ଅଞ୍ଚଳର ଆଶିଷ କୁମାର ଲେଙ୍କା(୩୫)। ପ୍ରକାଶ ଯେ, ଆଶିଷ ତାଙ୍କର ସମ୍ପର୍କୀୟ ଭଉଣୀଙ୍କ ସହ ବାଇକରେ ଭୁବନେଶ୍ୱରରୁ କୋଣାର୍କ ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ପିକଭ୍ୟାନ ସହ ଧକ୍କା ହୋଇଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଓଡି୦୨ଏଇ୭୨୧୭ନଂ ବିଶିଷ୍ଟ ପିକଅପ ଭ୍ୟାନ ଓ ଓଡି୦୨ଏଏସ ୭୭୫୧ନଂ ବିଶିଷ୍ଟ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛନ୍ତି। ପୋଲିସ ପିକ୍‌ଅପ ଭ୍ୟାନ ଡ୍ରାଇଭର ଗୋପ ଥାନା ଅଞ୍ଚଳର ବୈରାଗୀ ସ୍ୱାଇଁଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି।

### ବଳଙ୍ଗା ଚାମ୍ପିୟନ

ନିମାପଡ଼ା, ୭।୧୦(ଡି.ଏନ.ଏ.)– ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଗତ ୨୩ ତାରିଖରୁ ଆୟୋଜିତ ନିମାପଡ଼ା ପ୍ରିମିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ନିମାପଡ଼ା ଆଥଲେଟିକ୍ ଆସୋସିଏଶନକୁ ୧–୦ ଗୋଲରେ ହରାଇ ବଳଙ୍ଗା ଲଙ୍କେଶ୍ୱରୀ କ୍ଲବ ଚାମ୍ପିୟନ ହୋଇଛି। ବିଜୟୀ ଦଳର ନରେନ୍ଦ୍ର ମୁର୍ମୁ ଏକମାତ୍ର ଗୋଲଟି ସ୍କୋର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ନିମାପଡ଼ାର ଦିବ୍ୟକାନ୍ତ ଘଡ଼େଇ ମ୍ୟାନ ଅଫ ଦି ସିରିଜ, ଜ୍ଞାନ ରଞ୍ଜନ ଭୋଇ ପ୍ଲେୟର ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ନିମାପଡ଼ା ଥାନା ଆଇଆଇସି ହରମୋହନ ନାୟକ, ନିମାପଡ଼ା ଆଥଲେଟିକ୍ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ମହାନ୍ତି, ଉପସଭାପତି ଦୋଳଗୋବିନ୍ଦ ସେଠୀ ଓ ସଧାରଣ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ପ୍ରଚାର ଜୋର୍‌ଦାର, ଚାଲିଛି ଗୁପ୍ତ ମନ୍ତ୍ରଣା

**ପୁରୀ ଅଫିସ, ୭।୧୦**

**ଛାତ୍ର ସଂସଦ ନିର୍ବାଚନ**
- ସୋସିଆଲ ମିଡିଆରେ ଚାଲିଛି ପ୍ରଚାର
- ପ୍ରସଙ୍ଗ ରହିଛି କଲେଜର ବିଭିନ୍ନ ସମସ୍ୟା

ଆଉ ତିନି ଦିନ ପରେ ଛାତ୍ର ସଂସଦ ନିର୍ବାଚନ। ଏନେଇ କ୍ୟାମ୍ପସ ରାଜନୀତି କ୍ରମଶଃ ଉଷ୍ମ ହେବାରେ ଲାଗିଛି। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ସାଇନ୍‌-ଏ-ଡାଏ ଘୋଷଣା କରାଯିବା ପରେ କେବଳ ସରକାରୀ ମହିଳା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ହାତରେ ସମୟ ସରିଆସୁଥିବାରୁ ପ୍ରାର୍ଥୀମାନେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। କଲେଜର ବିଭିନ୍ନ ପ୍ରସଙ୍ଗକୁ ଅସ୍ତ୍ର କରି ପିଲାଙ୍କୁ ଭେଟୁଛନ୍ତି। ଏପରିକି ଛାତ୍ରୀଛାତ୍ରଙ୍କ ଘରକୁ ଘର ବୁଲି ନାନା ପ୍ରତିଶ୍ରୁତି ଓ ଗୁପ୍ତ ମନ୍ତ୍ରଣା ଦେଉଛନ୍ତି। ଏଥିସହିତ ସୋସିଆଲ ମିଡିଆରେ ମଧ ପ୍ରାର୍ଥୀମାନେ ପ୍ରଚାର ଚଳାଇଛନ୍ତି। କ୍ୟାମ୍ପସରେ ପୋଷ୍ଟର ବ୍ୟାନର ଭର୍ତ୍ତି ହୋଇଯାଇଛି। ଚଳିତ ବର୍ଷ ସଭାପତି ଦୌଡରେ ଅର୍ପିତା ବେଉରା ଓ ସୋନାଲିନ୍ ସ୍ୱାଇଁ ରହିଛନ୍ତି। ସେହିପରି ସମ୍ପାଦକରେ ବର୍ଷା ସାହୁ ଓ ସୋନାଲିନ୍ ସାହୁଙ୍କ ମଧ୍ୟରେ ଲଢେଇ ହେବ। ଛାତ୍ର ସଂସଦର ଏହି ଦୁଇ ପଦବୀ ଲାଗି ରାଜନୈତିକ ଦଳଗୁଡିକ ମଧ୍ୟରେ ଛକାପଞ୍ଝା ଲାଗିରହିଛି। ଯେନତେନ ପ୍ରକାରେ ସଭାପତି ଓ ସମ୍ପାଦକ ପଦବୀକୁ ହାତେଇବା ଲାଗି ଦୁଇ ରାଜନୈତିକ ଦଳ ମୁହାଁମୁହିଁ ମଧ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନାନୁସାରେ, ଛାତ୍ର ସଂସଦ ନିର୍ବାଚନ ଘୋଷଣା ପରଠାରୁ ସରକାରୀ ମହିଳା ମହାବିଦ୍ୟାଳୟର ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଲାଗି ରହିଥିଲା। ନାମାଙ୍କନପତ୍ର ରଦ୍ଦକୁ ନେଇ ଗୋଟିଏ ଗୋଷ୍ଠୀ ରାଜରାସ୍ତାକୁ ଓହ୍ଲାଇବା ସହ ଟାୟାର ଜାଳି ପ୍ରତିବାଦ କରିଥିଲେ। ନିର୍ବାଚନ ବାତିଲ ଦାବିରେ ଶନିବାର କ୍ୟାମ୍ପସ ପରିସରରେ ଭଙ୍ଗାରୁଜା କରିଥିଲେ। ଗତ କିଛିବର୍ଷ ଧରି ଏହି ମହାବିଦ୍ୟାଳୟରେ ବିସିଜେଡି ପ୍ରାର୍ଥୀ ବିଜୟ ଲାଭ କରି ଆସୁଛନ୍ତି। ଚଳିତ ବର୍ଷ ସମସ୍ତ ପଦବୀରେ ଏବିଭିପିର ପ୍ରାର୍ଥୀ ରହିଛନ୍ତି। ଏଣୁ ଲଢେଇ ଜୋରଦାର ହେବା ସମ୍ଭାବନା ରହିଛି। ଅନ୍ୟପଟେ କ୍ୟାମ୍ପସରେ ଉତ୍ତେଜନା ମଧ ଲାଗି ରହିଥିବାରୁ ଶୃଙ୍ଖଳିତ ନିର୍ବାଚନ କରିବାକୁ କଲେଜ କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଥିବାବେଳେ ଏହାକୁ ନେଇ ମଧ ଉତ୍କଣ୍ଠା ପ୍ରକାଶ ପାଇଛି।



ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ସହ ଅନ୍ୟମାନେ।

# ପୁରୀ ହିଂସା: ବିଚାର ବିଭାଗୀୟ ତଦନ୍ତ ଦାବିକଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ

**ପୁରୀ ଅଫିସ,୭।୧୦**

ପୁରୀ ହିଂସା ଯୋଜନାବଦ୍ଧ। ଏହା ପଛରେ ଷଡ଼ଯନ୍ତ୍ର ରହିଛି ବୋଲି ପୋଲିସ ସ୍ପଷ୍ଟ କଲାଣି। ଏତେବଡ଼ ହିଂସା ପୁରୀରେ କେବେ ହୋଇ ନ ଥିଲା। ହିଂସାର ଷଡ଼ଯନ୍ତ୍ରକାରୀ କିଏ ଏବଂ କେଉଁମାନେ ଯୋଜନା ପ୍ରସ୍ତୁତ କରିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏହା ପୋଲିସ ତଦନ୍ତରେ ନିରପେକ୍ଷ ହୋଇପାରିବ ନାହିଁ। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି ସମତା କ୍ରାନ୍ତି ଦଳର ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ। ସ୍ଥାନୀୟ ସାଲବେଗ ପୀଠ ପରିସରରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଲେ, ନବକଳେବର ବେଳେ ଯେଉଁ ବ୍ରହ୍ମ ବିଭ୍ରାଟ ଘଟିଥିଲା ସେହି ରିପୋର୍ଟକୁ ଗୁପ୍ତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଜନସାଧାରଣଙ୍କ ଭାବାବେଗ ସହ ଏହା ଜଡ଼ିତ ଥିବାରୁ ସାର୍ବଜନୀନ କରିବା ଦରକାର। ସେହିପରି ରତ୍ନଭଣ୍ଡାର ଘଟଣାରେ ସରକାର କମିଶନ ବସାଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଛନ୍ତି। ଚାବି ହଜିବା ଏକ ଅପରାଧମୂଳକ ଘଟଣା ହୋଇଥିଲେ ବି ସରକାର ଏ ଦିଗରେ ପଦକ୍ଷେପ ନ ନେଇ ଚୁପ୍ ରହିଛନ୍ତି। ଶ୍ରୀମନ୍ଦିରକୁ ନେଇ ୬ଟି ବିଚାର ବିଭାଗୀୟ ତଦନ୍ତ ହୋଇଥିଲେ ହେଁ ଏସବୁର କାର୍ଯ୍ୟକାରୀ ହୋଇନାହିଁ। ସରକାର ଶ୍ରୀମନ୍ଦିରକୁ ନେଇ ବିଭ୍ରାଟ ସୃଷ୍ଟି କରୁଛନ୍ତି। ସେବାୟତଙ୍କଠାରୁ ଆରମ୍ଭ କରି କାହାକୁ ବିଶ୍ୱାସକୁ ନେଉନାହାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ସତେଯେମିତି ସରକାରୀ କଳର ବୋଲି ଭାବୁଛନ୍ତି। ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବନ୍ଦ ହେବା ଦରକାର। ଧର୍ମାନୁଷ୍ଠାନରେ ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ସମ୍ବିଧାନ ବିରୋଧୀ। ସରକାର ମଧ ବିଶେଷ ହସ୍ତକ୍ଷେପ କରିବା ଉଚିତ ନୁହଁ। ଗଜପତି, ଶଙ୍କରାଚାର୍ଯ୍ୟ, ମୁକ୍ତିମଣ୍ଡପ, ଛତିଶା ନିଯୋଗ ଓ ପରିଚାଳନା କମିଟିର ମାର୍ଗଦର୍ଶନରେ ଶ୍ରୀମନ୍ଦିର ପରିଚାଳନା ହେବା କଥା। ନବକଳେବରରେ ଦୁର୍ନୀତି ହୋଇଥିବା ସିଏଜି ସ୍ପଷ୍ଟ କରିଥିଲେ ମଧ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉ ନାହିଁ। ପୁରୀ ହିଂସା ଘଟଣାକୁ କେନ୍ଦ୍ରମନ୍ତ୍ରୀ ତ୍ରିପାଠୀ ତୀବ୍ର ନିନ୍ଦା କରିବା ସହ ଏହାର ନିରପେକ୍ଷ ତଦନ୍ତ ଲାଗି ଦାବି କରିଛନ୍ତି।

ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ଯୁବ ସମତା ସଭାପତି ଇଂ. ଶାରଦା ପ୍ରସନ୍ନ ସ୍ୱାଇଁ, ଚାଷୀ ସମତାର ସଭାପତି ପ୍ରଭାସ ସାମନ୍ତରାୟ, ଜିଲା ଯୁବ ସମତା ସଭାପତି ସବ୍ୟସାଚୀ ରଥ, ପୁରୀ ସହର ସମତା ସଭାପତି ଅଭିମନ୍ୟୁ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ମଦନ ନନ୍ଦ ଓ ଯୁବନେତା ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।





ପୁରୀ ବେଳାଭୂମିରେ ରବିବାର ଉଦ୍‌ଘାଟିତ ନୂତନ ଶ୍ରାଦ୍ଧମଣ୍ଡପ ଏବଂ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଅନ୍ୟମାନେ।

# ବେଳାଭୂମି ସଫେଇ କଲେ ସାମ୍ବାଦିକତା ଛାତ୍ରୀଛାତ୍ର

**ପୁରୀ ଅଫିସ, ୭।୧୦**

**ଡଷ୍ଟବିନ ବ୍ୟବହାର କରିବାକୁ ଆହ୍ୱାନ**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଶାଖାର ସାମ୍ବାଦିକତା ବିଭାଗର ଛାତ୍ରୀଛାତ୍ରମାନେ ରବିବାର ପୁରୀ ବେଳାଭୂମି ସଫେଇ କରିଥିଲେ। ସ୍ୱର୍ଗଦ୍ୱାରଠାରୁ ହୋଟେଲ କାମେଲିଆ ପର୍ଯ୍ୟନ୍ତ ବେଳାଭୂମିରେ ପଡିଥିବା ପଲିଥିନ, ପାଣି ପାଉଚ, ପ୍ଲାଷ୍ଟିକ ଜରି ଆଦି ଉଠାଇଥିଲେ। ଏହି ଅବସରରେ ସେମାନେ ସ୍ୱଚ୍ଛତା ହିଁ ସେବାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରି ବେଳାଭୂମିର ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିବେଶକୁ ସ୍ୱଚ୍ଛ ରଖିବାକୁ ଆହ୍ୱାନ ଦେଇ ଷଡ଼ଙ୍ଗୀ କହିଲେ, ବେଳାଭୂମିରେ ଡଷ୍ଟବିନ୍ ରହିଛି। ଏଣେତେଣେ ଅଳିଆ ନ ପକାଇ ଡଷ୍ଟବିନ୍‌ବ୍ୟବହାର ଲାଗି ପର୍ଯ୍ୟଟକମାନଙ୍କୁ ସେ ଅନୁରୋଧ କରିଥିଲେ। ଓସୁ ପୁରୀ ଶାଖା ସଂଯୋଜକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧାପକ ପ୍ରଦ୍ୟୁମ୍ନ ସାଥୁଆ, ପ୍ରୀତିଶ ମହାନ୍ତି, ଗଦାଧର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଛାତ୍ରୀ ଜ୍ୟୋତିର୍ମୟୀ ପଣ୍ଡା, ଦେବସ୍ମିତା ଚିହ୍ନାରା, ନନ୍ଦିତା ପ୍ରିୟଦର୍ଶିନୀ ମହାନ୍ତି, ମନସ୍ୱିନୀ ରଣା, ଛାତ୍ର ନାରାୟଣ ଦାଶ, ବିଜୟ କୁମାର ମିଶ୍ର, ଚନ୍ଦ୍ରକାନ୍ତ ପାଢୀ, ବିଜୟ କୁମାର ବେହେରା, ଅନିମେଶ ପଟ୍ଟନାୟକ, ପ୍ରେମଜିତ ମହାନ୍ତି, ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ।



ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାମ୍ବାଦିକତା ଛାତ୍ରୀଛାତ୍ରମାନେ।

## ସମୁଦ୍ର କୂଳରୁ ଆହତ ବୃଦ୍ଧା ଉଦ୍ଧାର

**କାକଟପୁର, ୭।୧୦(ଡି.ଏନ୍.ଏ.)**

ଅସ୍ତରଙ୍ଗ ଉପକୂଳର ଜାହାନିଆଁ ବେଳାଭୂମିରୁ ରବିବାର ସନ୍ଧ୍ୟାରେ ଜନୈକା ବୃଦ୍ଧାଙ୍କୁ ଅସ୍ତରଙ୍ଗ ପୋଲିସ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ସେ ହେଲେ କାକଟପୁର ଗ୍ରାମର ମାନସୀ ନାୟକ(୬୦)। ରବିବାର ଅନରାହ୍ଣରେ ଜାହାନିଆଁ ବୁଲିବାକୁ ଯାଇଥିବାବେଳେ ସମୁଦ୍ର କୂଳରେ କୌଣସି କାରଣରୁ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ଗୁଣ୍ଡଲବା ଗ୍ରାମର ଜଣେ ମତ୍ସ୍ୟଜୀବୀ ବୃଦ୍ଧାଙ୍କୁ ଉଦ୍ଧାର କରି ପୀର ପୀଠକୁ ଆଣି ପ୍ରାଥମିକ ଚିକିତ୍ସା କରିବା ସହିତ ପୋଲିସକୁ ଜଣାଇଥିଲେ। ଅସ୍ତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ଥାନାକୁ ଆଣି ତାଙ୍କ ପରିବାରକୁ ଖବର ଦେଇଥିଲେ। ବୃଦ୍ଧାଙ୍କ ପୁଅ ଥାନାରେ ପହଞ୍ଚି ତାଙ୍କୁ ଘରକୁ ନେଇଥିବା ଏସଆଇ ଧନେଶ୍ୱର ବାରିକ କହିଛନ୍ତି।

# ପୋଲିସ ସ୍କାନରରେ ୪୦ ଉଠା ଦୋକାନୀ

**ପୁରୀ ଅଫିସ,୭।୧୦**

ପୁରୀ ହିଂସା ଘଟଣାରେ ପୋଲିସ କଠୋର ଆଭିମୁଖ୍ୟ ଜାରି ରଖିଛି। ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରୁଛି। ରବିବାର ସିଂହଦ୍ୱାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ବସିଥିବା ପ୍ରାୟ ୪୦ ଜଣ ଉଠାଦୋକାନୀଙ୍କୁ ପୋଲିସ ଥାନାକୁ ନେଇଥିଲା। ସେମାନଙ୍କୁ ପଚରା ଉଚରା କରିବା ସହ ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା। ପ୍ରାଥମିକ ତଦନ୍ତରେ ଠୋସ୍ ପ୍ରମାଣ ମିଳି ନ ଥିବାରୁ ଅପରାହ୍ଣରେ ସେମାନଙ୍କୁ ଛାଡି ଦେଇଥିଲା। କିନ୍ତୁ ପୋଲିସ ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଛି। ବର୍ତ୍ତମାନ ସୁଦ୍ଧା ସବୁ ସିସିଟିଭି ଫୁଟେଜ, ଭିଡ଼ିଓ ଫୁଟେଜ ଓ ଫଟୋଗ୍ରାଫି ଯାଞ୍ଚ ସରି ନ ଥିବାରୁ ଏମାନେ ଏବେ ସ୍କାନରରେ ରହିଛନ୍ତି। ଯଦି ସିସିଟିଭି ଫୁଟେଜରେ ଏମାନଙ୍କ ସମ୍ପୃକ୍ତି ମିଳେ ତେବେ ଗିରଫ କରାଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

# ଓଡ଼ିଶା ରାଇଜ ଛାଡ଼




**ଡ. ସୁରେନ୍ଦ୍ର କୁମାର ମିଶ୍ର**

ପୂର୍ବ ସଂଖ୍ୟାରେ ବକ୍ସି ଜଗବନ୍ଧୁଙ୍କ ସମ୍ବନ୍ଧରେ ସରକାରୀ ନଥିପତ୍ରରେ ରହିଥିବା କେତେକ ରହସ୍ୟକୁ ଆମେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କଦ୍ୱାରା ଲୋକାର୍ପିତ ‘ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି କଲୋନିଆଲ ରେଜିଷ୍ଟାନ୍ସ ଇନ୍ ଖୁର୍ଦ୍ଧା’ ପୁସ୍ତକ ସହାୟତାରେ ଲେଖିଥିଲୁ। କଥା ସରିନି। ସବୁ ରହସ୍ୟ ଆସିନି। ଆମେ କେବଳ ଉଡ଼ାଣିଆ କଥା କହୁଥିବା ବ୍ୟକ୍ତିବିଶେଷଙ୍କ ଜାଣିବା ପାଇଁ ଦୁଇ/ତିନୋଟି ଉଦାହରଣ ଦେଲୁ। ପୂର୍ବରୁ ସୂଚନା ଦେଇଥିଲୁ ଇଂରେଜ ସରକାରଙ୍କୁ ଗଜପତି ଲେଖିଥିବା ଚିଠିରେ ଦୁଇଟି ପ୍ରସଙ୍ଗ ଲକ୍ଷ୍ୟ କରିବା କଥା। ଗୋଟିଏ କଥା ଆମେ ଜାଣିଲେ ୧୮୦୪ ଯୁଦ୍ଧରେ ବକ୍ସି ଜଗବନ୍ଧୁଙ୍କର ବିଶେଷକ ଭୂମିକା ନଥିଲା। ଏହା ମଧ ମଧୁସୂଦନ ବିପ୍ରଙ୍କ ଲିଖିତ ‘ଫିରିଙ୍ଗି କଳି ଭାରତ’ ପୁସ୍ତକରୁ ଆମେ ଜାଣିଥିଲେ। କାଳେ ତାଳପତ୍ର ପୋଥିରୁ ଉତାରିବା ବେଳେ ଜଗବନ୍ଧୁଙ୍କ କଥା ଛାଡ଼ି ଯାଇଥିବେ ଭାବି ଫକୀର ହରିଚନ୍ଦନ ଯେଉଁ ଅନୁସନ୍ଧାନ କରିଥିଲେ ତାହା ପୂର୍ବ ଆଲୋଚନାରେ ଆମେ ସୂଚନା ଦେଇଥିଲୁ। ସେଇ ଚିଠିର ଦ୍ୱିତୀୟ ପ୍ରସଙ୍ଗଟି– ଗଜପତିଙ୍କ ଚିଠିର ବିଷୟବସ୍ତୁ ଓ ଗଜପତିଙ୍କ ତତ୍କାଳୀନ ଆଭିମୁଖ୍ୟ।

ଚିଠିରୁ ଜଣାପଡୁଛି ଦୁଇରୁ ତିନି ହଜାର ପାଇକଙ୍କୁ ସାଙ୍ଗରେ ନେଇ ଜଗବନ୍ଧୁ ପୁରୀରେ ଗଜପତିଙ୍କୁ ଭେଟିଥିଲେ। ମହାରାଣୀଙ୍କ ସହିତ ଗଜପତି ନିଜେ ଖୋର୍ଦ୍ଧା ଦୁର୍ଗରେ ପଦାର୍ପଣ କରନ୍ତୁ ବୋଲି ସେ ନିବେଦନ କରିଥିଲେ। ଗଜପତି ରୋକଠୋକ ମନା କରି ଦେଇଥିଲେ, କିନ୍ତୁ ଇଂରେଜ ସରକାରଙ୍କୁ ସୁରକ୍ଷା ଦେବା ପାଇଁ ଚିଠି ଲେଖିବା ପରେ ଗଜପତିଙ୍କୁ ଓଲଟା ଫଳ ମିଳିଲା। ଇଂରେଜ ସରକାର ସୁରକ୍ଷା ଦେବା ଆଳରେ କଟକ ନେଇ ବନ୍ଦୀ କରିଥିଲେ। ବକ୍ସି ଯେଉଁ ପାଇକ ବୀରମାନଙ୍କୁ ସାଙ୍ଗରେ ଧରି ଗଜପତିଙ୍କ ପାଖକୁ ଆସିଥିଲେ ସେମାନେ ସ୍ୱତଃ ବିପ୍ଳବ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଥିଲେ। ୧୮୧୭ରେ ରାତାରାତି ତାଙ୍କୁ ପ୍ରସ୍ତୁତ କରାଯାଇ ନଥିଲା। ଏହି ପ୍ରସ୍ତୁତି ବହୁ ପୂର୍ବର, ଅର୍ଥାତ୍ ରାଜଗୁରୁ ୧୮୦୬ ମସିହାରେ ଫାଶୀ ପାଇବା ପରଠାରୁ ଏହି ପ୍ରସ୍ତୁତି ସେମାନେ ଆରମ୍ଭ କରିଥିଲେ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ପଞ୍ଚମ ପ୍ରଭାବ।


କିଲ୍ଲା ବୟାଳିଶିବାଟିରେ ପୋଖରୀର ରୂପ ନେଇଥିବା ପଥରବୁହା ନଦୀ।

୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ହୋଇଥିବା ଯୁଦ୍ଧବେଳେ ଗଜପତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିଲେ। ଜୟୀ ରାଜଗୁରୁଙ୍କ ବିଚାର ବେଳର ବିଡ଼ମ୍ବନା ବିଷୟରେ ସେ ଅବଗତ ଥିଲେ। ନିର୍ମମ ଭାବରେ ବରଗଛରେ ବୀରପୁରୁଷଙ୍କୁ ବଧ କରିବାର ଘନଘଟାକୁ ସେ ଅନୁଭବ କରିଥିଲେ, ତଥାପି କାହିଁକି ୧୮୧୭ ମସିହା ପାଇକ ବିଦ୍ରୋହରୁ ଦୂରେଇ ରହିଲେ ? ବିଦ୍ରୋହର ଅନ୍ତଃସ୍ୱର ତାଙ୍କୁ ଅଛପା ନଥିଲା। ନିର୍ଣ୍ଣାୟକ ଯୁଦ୍ଧବେଳେ ଉଦାସୀନ ବ୍ୟକ୍ତିତ୍ୱ ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର। ସେଥିପାଇଁ ଇତିହାସକାର ଧ୍ରୁବଚରଣ ଜୟସିଂହ ପାଇକରାୟ ‘ଉନବିଂଶ ଶତାବ୍ଦୀର ବିସ୍ମୃତ ଅମର ଶହୀଦ ଜୟୀ ରାଜଗୁରୁ’ ଶୀର୍ଷକ ପ୍ରବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ‘ଉପ-ଶୀର୍ଷକ’ ରଖିଛନ୍ତି। ତାହା ହେଲା– ଖୋର୍ଦ୍ଧା ପାଇକ ବିଦ୍ରୋହର ପଥପ୍ରଦର୍ଶକ ଓ ଖୋର୍ଦ୍ଧା ରାଜବିଦ୍ରୋହର ସୂତ୍ରଧର ଜୟୀ ରାଜଗୁରୁ। ସେଇ ଉପ-ଶୀର୍ଷକରେ ପ୍ରଥମରୁ ସେ ଜୀ.ଟୟନବୀଙ୍କର ‘ଏ.ସ୍କେଚ୍ ଅଫ ଦି ହିଷ୍ଟ୍ରୀ ଅଫ ଓରିସା’ (୧୮୦୩–୧୮୨୩) ରେ ଲିଖିତ ମତକୁ ଉଦ୍ଧାର କରିଛନ୍ତି। ସେ ମତଟି ହେଉଛି– ପାଇକ ବିଦ୍ରୋହର ପଥପ୍ରଦର୍ଶକ ଜୟୀ ରାଜଗୁରୁ ବକ୍ସିଙ୍କ ବହୁ ପୂର୍ବରୁ ଓଡ଼ିଶାର ସାମନ୍ତ ରାଜାମାନଙ୍କୁ ଯୁଦ୍ଧ କରିବା ନିମନ୍ତେ ଏବଂ ଇଂରେଜମାନଙ୍କୁ ଓଡ଼ିଶା ରାଇଜରୁ ବିତାଡ଼ିତ କରିବା ପାଇଁ ସଙ୍ଗଠିତ କରି ଖୋର୍ଦ୍ଧା ପାଇକମାନଙ୍କୁ ପ୍ରୋତ୍ସାହିତ କରିଥିଲେ, ତେଣୁ ପାଇକ ବିଦ୍ରୋହ ବାସ୍ତବରେ ୧୮୦୪ ମସିହାରୁ ଆରମ୍ଭ ହୋଇଥିଲା ବୋଲି ଗ୍ରହଣ କରିବାରେ ଐତିହାସିକ ବିଭ୍ରାନ୍ତି ହେବ ନାହିଁ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ଷଷ୍ଠ ପ୍ରଭାବ।


ଗଡ଼ରୂପାସର ମା’ କନକଦୁର୍ଗା ଓ ତାଙ୍କ ମନ୍ଦିର।

ସପ୍ତମ ପ୍ରଭାବ ବିଚାର କରିବା ପୂର୍ବରୁ ଆମକୁ ସଚେତନ ହେବାକୁ ପଡ଼ିବ ଯେ ୧୮୦୪ ମସିହା ଯୁଦ୍ଧ ମୁଦ୍ରାର ଗୋଟିଏ ପାର୍ଶ୍ୱ ହେଲେ ୧୮୧୭ ପରର ସମସ୍ତ ବିଦ୍ରୋହ ଓ ଯୁଦ୍ଧ ମୁଦ୍ରାର ଅନ୍ୟ ପାର୍ଶ୍ୱ। ଓଡ଼ିଶାରେ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ ଗତି କରି ଚାଲିଥିଲା। ସେତିକି ନିଷ୍ଠା, ତ୍ୟାଗ ଓ ଦେଶାତ୍ମବୋଧ ନ ଥିଲେ ଯୁଦ୍ଧର ଭିତ୍ତିଭୂମି ସୁଦୃଢ ହୋଇ ନଥାନ୍ତା। ତିଳେମାତ୍ର ସ୍ୱାର୍ଥ ଉଙ୍କି ମାରିଥିଲେ ନିଷ୍ଠା କଳୁଷିତ ହୋଇ ଯାଇଥାନ୍ତା। ଫିରିଙ୍ଗି ସରକାର ରାଜଗୁରୁଙ୍କୁ ଲୋଭ ଦେଖାଇ ନଥିଲେ, ତାହା ନୁହଁ। ରାଜଗୁରୁ ତାର ଦୃଢ଼ ଜବାବ ବି ଦେବାରେ ହେଳା କରି ନଥିଲେ। ବିପ୍ର ମଧୁସୂଦନ ବଡ଼ ସୁନ୍ଦର ଭାବରେ ଏହି ଘଟଣାକୁ ଲେଖିଛନ୍ତି–

ମିଳି ମିଳି କହେ ରାଜଗୁରୁଙ୍କୁ ବୁଝାଇ
କଟକ ଚଉରାସି ଲେଖିଦେବା ପାଇଁ
ଦୁଇଖଣ୍ଡି ପରଗନା ତୁମ୍ଭେ ଯେ ପାଇବ
ସମଗ୍ର ପୃଥିବୀ ଆମ୍ଭଙ୍କୁ ଲେଖିଦେବ ॥

ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ରାଜଗୁରୁ। ରାଜଗୁରୁଙ୍କ ନିଷ୍ପତ୍ତି କବି ମଧ ଉଲ୍ଲେଖ କରିଛନ୍ତି –

ଶୁଣିଣ ନାସ୍ତିବାକ୍ୟ ଗଲେ ଜୟମୁନି
ଆପଣା ଇଚ୍ଛାରେ ଭୋଗ କର ଯେ ମେଦିନୀ।
ଚାରି ପରଗଣା ଆମ୍ଭେ ଅବଶ୍ୟ ପାଇବୁ
ଭଲେ ନ ଛାଡ଼ିଲେ ନିଶ୍ଚେ ସମରରେ ନେବୁ ॥

କବି ‘ସମର’ ଶବ୍ଦ ପ୍ରୟୋଗ କରିଛନ୍ତି, ବିଦ୍ରୋହ ଶବ୍ଦ ନୁହେଁ। ତେଣୁ ସମର ପାଇଁ ରାଜଗୁରୁ କେବଳ ସାମନ୍ତ ରାଜାମାନଙ୍କୁ ସଙ୍ଗଠିତ କରିଥିଲେ ତାହା ନୁହେଁ, ସାମନ୍ତ ରାଜାଙ୍କ ଅଧୀନରେ ନଥିବା ଗଡ଼ଗୁଡ଼ିକୁ ନିଜେ ଯାଇ ‘ଓଡ଼ିଶା ରାଇଜ ଛାଡ଼’ ଡାକରାରେ ସାମିଲ କରାଇଥିଲେ। କୋଣାର୍କ ଅଂଚଳରେ ରହିଥିବା ୧୬ ପ୍ରାଚୀନ ଗଡ଼କୁ ଅନୁସନ୍ଧାନ ପାଇଁ ଆମେ ଏବେ ଯିବା ପରେ ବହୁ ନଥିପତ୍ର ମିଳୁଛି। ପ୍ରତ୍ୟେକ ଗଡ଼ ସହିତ ସିଧାସଳଖ ସମ୍ପର୍କ ରଖିଥିଲେ ରାଜଗୁରୁ। ଗଡ଼ରୂପାସ ଓ କିଲ୍ଲା ବୟାଳିଶିବାଟି ତାର ଗୋଟିଏ ଗୋଟିଏ ଉଦାହରଣ।